# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ସେପ୍ଟେମ୍ବର ୨୬/୨୦୧୮ (୧୬ ପୃଷ୍ଠା) Sambalpur, Wednesday, September 26/ 2018 ★★

୧୪ଶ ଭାଗ ୨୮୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-




## 'ଅର୍ଜୁନ ରେଡ୍ଡୀ'ର ରିମେକ୍ ପାଇଁ ଉତ୍ସାହିତ କାଇରା

'ଅର୍ଜୁନ ରେଡ୍ଡୀ'ର ହିନ୍ଦୀ ରିମେକ୍‌ରେ ଶାହିଦ୍ କପୁରଙ୍କ ସହିତ କାର୍ଯ୍ୟ କରିବାକୁ ଅଭିନେତ୍ରୀ କାଇରା ଆଡଭାନୀ ଉତ୍ସାହିତ ଥିବା କହିଛନ୍ତି।

୦୨

୧୫

## ଶର୍ମିଳା କୁମାରୀଙ୍କୁ ପ୍ରଥମ ସ୍ୱର୍ଣ୍ଣ

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଜାଭେଲିନ୍ ଥ୍ରୋରୁ ପ୍ରଥମ ସ୍ୱର୍ଣ୍ଣପଦକ ଜିତିଛନ୍ତି ରେଲୱେର ଶର୍ମିଳା କୁମାରୀ।



### ଆଧାରର ସାମ୍ବିଧାନିକ ବୈଧତା

## ସୁପ୍ରିମକୋର୍ଟ ରାୟ ଆଜି

**ନୂଆଦିଲ୍ଲୀ,୨୫।୯:** ଆଧାରର ସାମ୍ବିଧାନିକ ବୈଧତା ସମ୍ପର୍କରେ ସୁପ୍ରିମକୋର୍ଟ ବୁଧବାର ରାୟ ପ୍ରକାଶ କରିବେ। ସରକାରଙ୍କ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ସହ ୧୨ ସଂଖ୍ୟାବିଶିଷ୍ଟ ବାୟୋମେଟ୍ରିକକୁ ଯୋଡାଯିବାକୁ ଗତବର୍ଷ ବିରୋଧ କରାଯାଇଥିଲା। ରାୟ ପ୍ରକାଶ ପର୍ଯ୍ୟନ୍ତ ବାଧ୍ୟତାମୂଳକ ଭାବେ ବ୍ୟାଙ୍କ ଓ ମୋବାଇଲ ନମ୍ବରକୁ ଆଧାର ସହିତ ଯୋଡାଯିବା ଚାଲୁ ରହିବ ବୋଲି ଗତ ମାର୍ଚ୍ଚରେ ସୁପ୍ରିମକୋର୍ଟ ଅନ୍ତରୀଣ ରାୟରେ ସ୍ପଷ୍ଟ କରିଥିଲେ। ଆଧାର ସଂଯୋଗ ଦ୍ୱାରା ନାଗରିକଙ୍କ ଗୋପନୀୟତା ଭଙ୍ଗ ହେଉଛି ବୋଲି ଅଭିଯୋଗ କରାଯାଇ ସୁପ୍ରିମକୋର୍ଟରେ ଆଧାର ସଂଯୋଗ ବିରୋଧରେ ଏକାଧିକ ମାମଲା ଦାଏର କରାଯାଇଛି।



ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ରାଜୀବଗାନ୍ଧୀ ଖେଳ ରତ୍ନ ପୁରସ୍କାର ଗ୍ରହଣ କରୁଛନ୍ତି ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି। **(ରିପୋର୍ଟ ଖେଳ ପୃଷ୍ଠାରେ)**

### ■ ରାଜନୀତିରେ ଅପରାଧୀକରଣ: ସୁପ୍ରିମକୋର୍ଟଙ୍କ ରାୟ

# ନିର୍ବାଚନ ଲଢ଼ିପାରିବେ ଦାଗୀ ନେତା

ନୂଆଦିଲ୍ଲୀ,୨୫।୯(ପି.ଟି.)

ଦାଗୀ ନେତା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ଏପରି କି ଯେଉଁମାନଙ୍କ ବିରୋଧରେ କୋର୍ଟରେ ଚାର୍ଜଶିଟ୍ ଦାଖଲ କରାଯାଇଥିବ ସେମାନେ ମଧ୍ୟ ପ୍ରାର୍ଥୀ ହୋଇପାରିବେ। ଏଭଳି ନେତାଙ୍କୁ ନିର୍ବାଚନ ଲଢ଼ିବାକୁ ଅଯୋଗ୍ୟ ଘୋଷଣା କରିବାକୁ ମଙ୍ଗଳବାର ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ତେବେ ରାଜନୀତିକୁ ଅପରାଧମୁକ୍ତ କରିବା ପାଇଁ ଏ ସଂକ୍ରାନ୍ତ ଆଇନ ପ୍ରଣୟନ ଲାଗି ପାର୍ଲାମେଣ୍ଟ ଉପରେ ନିଷ୍ପତ୍ତି ଛାଡ଼ି ଦେଇଛନ୍ତି ସର୍ବୋଚ୍ଚ ଅଦାଲତ। ଏହାସହ ପ୍ରାର୍ଥୀଙ୍କ ବିରୋଧରେ ଥିବା ଆପରାଧିକ ମାମଲାଗୁଡ଼ିକ ସମ୍ପର୍କରେ ବିସ୍ତୃତ ତଥ୍ୟ ଭୋଟରଙ୍କ ଅବଗତି ନିମନ୍ତେ ନିଜ ୱେବ୍‌ସାଇଟ୍ ତଥା ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ୍ସ ଗଣମାଧ୍ୟମରେ ସ୍ପଷ୍ଟ ଭାବେ ପ୍ରକାଶ କରିବା ପାଇଁ ରାଜନୈତିକ ଦଳଗୁଡ଼ିକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ରାଜନୀତିରେ ବଢ଼ିଚାଲିଥିବା ଅପରାଧୀକରଣକୁ ନେଇ ସୁପ୍ରିମକୋର୍ଟ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ମଙ୍ଗଳବାର ଏ ସଂକ୍ରାନ୍ତ ଏକାଧିକ ପିଟିଶନର ଶୁଣାଣି କରି ରାୟ ଶୁଣାଇଛନ୍ତି। ଜଷ୍ଟିସ୍ ଆର୍.ଏଫ୍. ନରିମାନ୍, ଏ.ଏମ୍. ଖାନ୍‌ୱିଲକର, ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଇନ୍ଦୁ ମାଲହୋତ୍ରାଙ୍କୁ ନେଇ ଗଠିତ ପୀଠ ୧୦୦ ପୃଷ୍ଠାର ରାୟରେ କହିଛନ୍ତି, ରାଜନୀତିର ଅପରାଧୀକରଣ ଅତ୍ୟନ୍ତ ବିପର୍ଯ୍ୟୟ ଓ ଶୋଚନୀୟ ସ୍ଥିତି ସୃଷ୍ଟି କରିଛି। ଏହା ଆମର ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଦୋହଲାଇ ଦେଇଛି। ଦେଶରେ ଏହି ଧାରା ବଢ଼ିବାରେ ଲାଗିଛି। ଭ୍ରଷ୍ଟାଚାର ହେଉଛି ଏକ ଜାତୀୟ ଅର୍ଥନୈତିକ ଆତଙ୍କ। ଗଣତନ୍ତ୍ରରେ ନାଗରିକମାନେ ଅନ୍ଧ, ମୂକ ଓ ବଧିର ଭାବେ ଅସହାୟ ହୋଇ ରହିବା ଅନୁଚିତ। ତେଣୁ ରାଜନୀତିରେ ବଢ଼ିଚାଲିଥିବା ଅପରାଧ ଗଣତନ୍ତ୍ର ପାଇଁ ଘାତକ ସାଜିବା ପୂର୍ବରୁ ଏହାକୁ ରୋକାଯିବା ଅପରିହାର୍ଯ୍ୟ ହୋଇପଡ଼ିଛି। ଏଥିସକାଶେ ରାଜନୈତିକ ସ୍ରୋତକୁ ଯେପରି ଆପରାଧିକ ପୃଷ୍ଠଭୂମିର ନେତା ନ ଆସନ୍ତି ତାହା ସୁନିଶ୍ଚିତ କରିବା ପାର୍ଲାମେଣ୍ଟର ଦାୟିତ୍ୱ। ପାର୍ଲାମେଣ୍ଟରେ ଏ ସଂକ୍ରାନ୍ତରେ କଠୋର ଆଇନ ପ୍ରଣୟନ କରାଯାଉ। ଏହାଦ୍ୱାରା ଯେଉଁ ନେତାଙ୍କ ବିରୋଧରେ ଘୃଣ୍ୟ ଓ ସଙ୍ଗିନ ଅପରାଧ ମାମଲାରେ ଚାର୍ଜଶିଟ ହୋଇଥିବ, ତାଙ୍କ ସଦସ୍ୟତା ରଦ୍ଦ ☞ପୃଷ୍ଠା-୪



### ସ୍ପଷ୍ଟ କଲେ ସାମ୍ବିଧାନିକ ପୀଠ

- ■ ରାଜନୀତିକୁ ଅପରାଧମୁକ୍ତ କରାଯିବା ଜରୁରୀ
- ■ ପାର୍ଲାମେଣ୍ଟରେ ଏ ସଂକ୍ରାନ୍ତ ଆଇନ ପ୍ରଣୟନ କରାଯାଉ
- ■ ଚାର୍ଜଶିଟ୍ ଆଧାରରେ ନିର୍ବାଚନ ଲଢ଼ିବାକୁ ଅଯୋଗ୍ୟ ଘୋଷଣା କରାଯାଇ ପାରିବ ନାହିଁ
- ■ ନିଜ ବିରୋଧରେ ଥିବା ମାମଲା ସମ୍ପର୍କରେ ବିସ୍ତୃତ ତଥ୍ୟ ଦେବେ ପ୍ରାର୍ଥୀ
- ■ ରାଜନୈତିକ ଦଳ ନିଜ ୱେବ୍‌ସାଇଟ୍, ମୁଦ୍ରଣ ଓ ବୈଦ୍ୟୁତିକ ଗଣମାଧ୍ୟମରେ ତାହା ଦର୍ଶାଇବେ



ଆଇନପ୍ରଣେତାଙ୍କୁ ମନା ନୁହେଁ ଓକିଲାତି | ପୃଷ୍ଠା ୨

# ଖାତକୁ ଖସିଲା ଗାଡ଼ି, ଗୋଟିଏ ପରିବାରର ୫ମୃତ

ପୁରୀ ଅଫିସ/ପାତ୍ରପୁର, ୨୫।୯ (ଡି.ଏନ୍.ଏ.)



### ଅସ୍ଥି ବିସର୍ଜନ ପାଇଁ ଆସିବା ବେଳେ ଦୁର୍ଘଟଣା

ପୁରୀ ଜିଲାରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ମହୋଦଧିରେ ଅସ୍ଥି ବିସର୍ଜନ କରିବାକୁ ଆସୁଥିବା ଗୋଟିଏ ପରିବାରର ୫ଜଣ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଅନ୍ୟ ୬ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଚନ୍ଦନପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିବା ଡାକ୍ତର ପୁଣ୍ୟଶ୍ଳୋକ ଦାଶ କହିଛନ୍ତି। ମଙ୍ଗଳବାର ଭୋର ୫ଟାରେ ପୁରୀ ନୂଆ ଜଗନ୍ନାଥ ସଡ଼କ ଭାଇଲିପୁର ଓ ରୁଆ ଛକ ମଝିରେ ଘଟିଛି ଏହି ଦୁର୍ଘଟଣା। ଡ୍ରାଇଭରର ଆଖି ଲାଗିଯିବାରୁ ଟାଟା ମ୍ୟାଜିକ ରାସ୍ତାକଡ଼ ଖାତରେ ଖସିପଡ଼ିଥିଲା। ମୃତକମାନେ ହେଲେ ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଖମ୍ବାରିଙ୍ଗା ପଞ୍ଚାୟତ ଲାଲ କମାଗାଁ ଗ୍ରାମର କେ. ଜଗଦୀଶ, କେ. କ୍ରିଷ୍ଣା, କେ. ହେମାବତୀ, କେ. ଅଭିମନ୍ୟୁ (୧୦) ଓ କେ. ସାଇଲୁ (୫)। ଚନ୍ଦନପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇ ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରିଛି।

ସୂଚନା ମୁତାବକ, ଗତ ୧୫ ଦିନ ତଳେ ପରିବାରର ମୁଖ୍ୟ କେ. ମୁରଲୀଙ୍କର ୭୫ ବର୍ଷ ବୟସରେ ମୃତ୍ୟୁ ଘଟିଥିଲା। ☞ପୃଷ୍ଠା-୪

### ■ ସହରୀ ଲୋକଙ୍କୁ ଧୋକା ଦେବାକୁ ଷଡ଼ଯନ୍ତ୍ର

# ସବୁ ସହର ପାଣି ପରଖିବ ଘରୋଇ ସଂସ୍ଥା

ଅନୀଲ ଦାସ

ଭୁବନେଶ୍ୱର,୨୫।୯(ବ୍ୟୁରୋ)

ସରକାରୀ ସଂସ୍ଥା ଉପରୁ ଭରସା ତୁଟୁଛି। ଘରୋଇ ସଂସ୍ଥା ହେବେ ସର୍ବେସର୍ବା। ସହରାଞ୍ଚଳକୁ ଯୋଗାଇ ଦିଆଯାଉଥିବା ପାଣିର ନମୁନା ଆଉ ସରକାରଙ୍କ ଦ୍ୱାରା ସ୍ଥାପନ କରାଯାଇଥିବା ବିଜ୍ଞାନାଗାର ଦ୍ୱାରା ଯାଞ୍ଚ ହେବ ନାହିଁ। ସରକାରୀ ଘରୋଇ ସହଭାଗିତା (ପିପିପି) ମୋଡ୍‌ରେ ଘରୋଇ ସଂସ୍ଥା ହାତରେ ଏହି ବ୍ୟବସ୍ଥାକୁ ଟେକି ଦିଆଯିବ। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଭଳି ଉଦ୍ୟମ ଆରମ୍ଭ ହୋଇଛି।

ପ୍ରଥମ ପର୍ଯ୍ୟାୟରେ ୯ଟି ଅମୃତ ସହରକୁ ଘରୋଇ ସଂସ୍ଥା ହାତରେ ଟେକିଦେବା ପରେ ଏବେ ରାଜ୍ୟର ୧୦୨ଟି ସହରାଞ୍ଚଳର ପାନୀୟ ଜଳ ପରୀକ୍ଷା ଦାୟିତ୍ୱ ଘରୋଇ ସଂସ୍ଥା ହାତକୁ ଚାଲିଯିବ। ଏନେଇ ଯୁଦ୍ଧକାଳୀନଭିତ୍ତିରେ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଯାଇଛି। ଖୁବ୍‌ଶୀଘ୍ର ଏ ନେଇ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ ବୋଲି ସୂଚନା ମିଳିଛି।

ସହରାଞ୍ଚଳରେ ବାସ କରୁଥିବା ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପୂର୍ବରୁ ପାଣିର ନମୁନା ପରୀକ୍ଷା କରିବା ଅପରିହାର୍ଯ୍ୟ। ☞ପୃଷ୍ଠା-୪

### ■ ସରକାରୀ ବ୍ୟବସ୍ଥାକୁ ବୁଡ଼ାଇବାକୁ ଚକ୍ରାନ୍ତ



ବଲାଙ୍ଗୀରରେ ଚକଡ଼ା ପୋକ ପ୍ରାଦୁର୍ଭାବ | ପୃଷ୍ଠା ୫

### ଆଜିର ସମ୍ପାଦକୀୟ

ଉତ୍ତମ ରାୟ


BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in : Gold, Diamond & Silver
Gold 24 CT - ₹ 31,900/- 10gm.
Gold 22 CT - ₹ 30,800/- 10gm.
Silver Rate - ₹ 370/- /10gm.
Making Charge - ₹100/- onwards / 1gm.
Condition Apply
Lowest gold Rate & Making Charges



NECC NATIONAL EGG CO-ORDINATION COMMITTEE 25.09.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 58 | 103 | 113 |
| CTC | 59 | 105 | 115 |
| DKL | 59 | 105 | 115 |
| BDK | 61 | 107 | 117 |
| BLS | 61 | 107 | 117 |
| ANG | 60 | 106 | 116 |

*Conditions Apply
Eggs Retail Price- 47/-Dozen
Issued in the Interest of Consumers


### ଆଜିର ମନ୍ତବ୍ୟ

" ନ୍ୟାୟପାଳିକା ସମ୍ବିଧାନର ଧର୍ମନିରପେକ୍ଷ ମୂଲ୍ୟବୋଧକୁ ସୁରକ୍ଷିତ ରଖିବା ଉଚିତ।

-ମନମୋହନ ସିଂ, ପୂର୍ବତନ ପ୍ରଧାନମନ୍ତ୍ରୀ

### କିଛି ତଥ୍ୟ

କେନ୍ଦ୍ର ସରକାରଙ୍କ ଭାରତ ନେଟ୍ ପ୍ରକଳ୍ପ ଅନ୍ତର୍ଗତ ପ୍ରାୟ ୩୦ କୋଟି ଜନସାଧାରଣ ବର୍ତ୍ତମାନ ନିୟମିତ ଇଣ୍ଟରନେଟ୍ ସୁବିଧା ପାଉଛନ୍ତି। ୨୦୨୨ ବେଳକୁ ଏହାକୁ ୭୦ କୋଟିରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଛି।

-ଦୂରସଞ୍ଚାର ବିଭାଗ




କ୍ରୋଧ ଏ ସଂସାରରେ ସୁଖରୂପୀ ବୃକ୍ଷର ମୂଳକୁ ସମୟେ ସମୟେ ଦୋହଲାଇ ଦୁର୍ବଳ କରିଦିଏ।

- ପ୍ରଜାପିତା ବ୍ରହ୍ମାକୁମାରୀ









# ‘ସତ୍ୟ ଓ ଅହିଂସାର ପ୍ରାସଙ୍ଗିକତା ବହୁ ଅଧିକ’

ଭୁବନେଶ୍ୱର,୨୫।୯(ବ୍ୟୁରୋ)

ଚଳିତ ବର୍ଷ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ସମଗ୍ର ଦେଶରେ ପାଳନ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ସରକାର ମଧ୍ୟ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀକୁ ଆସନ୍ତା ୨ ବର୍ଷ ପର୍ଯ୍ୟନ୍ତ ପାଳନ କରିବେ। ମଙ୍ଗଳବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଆସନ୍ତା ଅକ୍ଟୋବର ୨ ତାରିଖରୁ ୨୦୨୦ ଅକ୍ଟୋବର ୨ ତାରିଖ ଯାଏ ଏହା ପାଳନ କରାଯିବ। ସବୁ ବର୍ଗର ଲୋକଙ୍କୁ ନେଇ ଜୟନ୍ତୀ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳନ ପାଇଁ ସଂସ୍କୃତି ବିଭାଗ ପକ୍ଷରୁ ୫ଟି ସବ୍ କମିଟି ଗଠନ କରାଯାଇଛି। ଅନେକ କାର୍ଯ୍ୟକ୍ରମ ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଏଥିସହିତ ଜୟନ୍ତୀ କମିଟିର ସଦସ୍ୟମାନଙ୍କ ମତାମତ ଗ୍ରହଣ କରାଯାଇଛି।

ବୈଠକ ଶେଷରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାତ୍ମା ଗାନ୍ଧୀ ଥିଲେ ଯୁଗପୁରୁଷ। ଭାରତର ଆତ୍ମାର ପୁନଃ ଜାଗରଣ ପାଇଁ ସେ ଉଦ୍ୟମ କରିଥିଲେ। ଦେଶର ସ୍ୱାଧୀନତା ତାଙ୍କର ଏକମାତ୍ର ଲକ୍ଷ୍ୟ ଥିଲା। ସମାଜର ମୌଳିକ ମୂଲ୍ୟବୋଧର ବିକାଶ ଥିଲା ତାଙ୍କର ପ୍ରକୃତ ଉଦ୍ଦେଶ୍ୟ। ସେଥିପାଇଁ ସେ ସତ୍ୟ ଓ ଅହିଂସା ଉପରେ ଗୁରୁତ୍ୱ ଦେଉଥିଲେ। ଆଜିର ଯୁଗରେ ଏହି ଦୁଇଟି ମନ୍ତ୍ରର ଗୁରୁତ୍ୱ ଅନେକ ବଢ଼ିଯାଇଛି। ସେଥିପାଇଁ ସମ୍ବିଧାନର ମୁଖବନ୍ଧରେ ଅହିଂସାକୁ ସାମିଲ କରିବା ପାଇଁ ସେ ପ୍ରସ୍ତାବ ଦେଉଛନ୍ତି। ସାମାଜିକ ଅନ୍ୟାୟ ଓ ଦାରିଦ୍ର୍ୟ ବିରୋଧରେ ଅହିଂସା ହେଉଛି ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମହାତ୍ମା ଗାନ୍ଧୀ ସମୁଦାୟ ୮ଥର ଓଡ଼ିଶା ଆସି ବହୁ ଅଞ୍ଚଳ ବୁଲି ଓଡ଼ିଶାର ବାସ୍ତବ ସ୍ଥିତି ଅନୁଭବ କରିଥିଲେ। ଖଦି କାର୍ଯ୍ୟକ୍ରମର ପ୍ରସାର ପାଇଁ ସେ ଓଡ଼ିଶାରୁ ହିଁ ପ୍ରେରଣା ପାଇଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ବୈଠକରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧାରୀ ଗମାଙ୍ଗ, ବିରୋଧୀ ଦଳ ନେତା ନରସିଂହ ମିଶ୍ର, ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସ୍ୱାଧୀନତା ସଂଗ୍ରାମୀ ତଥା ଗାନ୍ଧିବାଦୀ ନେତା ଭବାନୀ ଚରଣ ପଟ୍ଟନାୟକ, ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, ମନ୍ତ୍ରୀ, ଏମ୍‌ପି, ବିଧାୟକ ଏବଂ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଉପସ୍ଥିତ ଥିଲେ।



**ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ**

- ୨ ବର୍ଷ ପାଳନ କରିବେ ରାଜ୍ୟ ସରକାର
- ଗଠନ ହେଲା ୫ ସବ୍ କମିଟି

# ଏୟାର ଓଡ଼ିଶାର ଉଡ଼ାଣ ବାତିଲ୍

■ ଗୋଟିଏ ଦିନ ଚାଲିଲା, ତା’ ପରେ ବନ୍ଦ

ଝାରସୁଗୁଡ଼ା ଅଫିସ,୨୫।୯

ଉଡାନ୍ ଯୋଜନାରେ ସୋମବାର ବିମାନ ସେବା ଆରମ୍ଭ ହୋଇଥିବା ବେଳେ ମଙ୍ଗଳବାର ବନ୍ଦ ହୋଇଯାଇଛି। ମେଣ୍ଟେନାନ୍ସ କାରଣରୁ ମଙ୍ଗଳବାର ବିମାନ ଚଳାଚଳ ବନ୍ଦ ରଖାଯାଇଥିବା ନେଇ ଏୟାର ଓଡ଼ିଶାଠାରୁ ସୂଚନା ପାଇଥିବା କହିଛନ୍ତି ଭିଏସ୍‌ଏସ୍ ବିମାନବନ୍ଦର ନିର୍ଦ୍ଦେଶକ ଏସ୍.କେ. ଚୌହାନ। ତେବେ କେବେ ସୁଦ୍ଧା ବିମାନ ଚଳାଚଳ ପୁନଶ୍ଚ ଆରମ୍ଭ ହେବ ସେ ସମ୍ପର୍କରେ ଏୟାର ଓଡ଼ିଶା ପକ୍ଷରୁ କୌଣସି ନିଶ୍ଚିତ କରାଯାଇ ନ ଥିବା ନିର୍ଦ୍ଦେଶକ ଚୌହାନ କହିଛନ୍ତି। ସେପ୍ଟେମ୍ବର ୨୨ରେ ବିମାନବନ୍ଦର ଉଦ୍‌ଘାଟନ ହୋଇଥିଲା। ୨୪ ତାରିଖରେ ଏୟାର ଓଡ଼ିଶାର ଏକ ବିମାନ ୪ ଜଣ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱରରୁ ଝାରସୁଗୁଡ଼ା ଏବଂ ସମାନ ଯାତ୍ରୀଙ୍କୁ ନେଇ ଝାରସୁଗୁଡ଼ାରୁ ରାୟପୁର ଅଭିମୁଖେ ଯାଇଥିଲା। କିନ୍ତୁ ୨୪ ତାରିଖରେ ବିମାନଟି ରାୟପୁରରୁ ଫେରି ନ ଥିଲା। ୨୫ ତାରିଖରେ ଫେରିବା ଯୋଜନା ରହିଥିଲେ ମଧ୍ୟ ମେଣ୍ଟେନାନ୍ସ ପାଇଁ କୋଲକାତା ପଠାଇ ଦିଆଯାଇଥିବା ସୂଚନା ମିଳିଛି। ଅପରପକ୍ଷରେ ଅଫ୍‌ଲାଇନରେ ଟିକଟ ବୁକିଂ ହେଉଥିବାରୁ ଯାତ୍ରୀମାନେ ବିମାନଯାତ୍ରା ସମ୍ପର୍କରେ ସୂଚନା ପାଇପାରୁ ନାହାନ୍ତି। ଅନ୍‌ଲାଇନ୍ ବୁକିଂ ପାଇଁ ଏୟାର ଓଡ଼ିଶା ପକ୍ଷରୁ ବୈଷୟିକ କାମ ଚାଲିଛି। ଖୁବ୍‌ଶୀଘ୍ର ଅନ୍‌ଲାଇନ୍ ବୁକିଂ ହୋଇପାରିବ ବୋଲି କୁହାଯାଉଛି।








Regd Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. For more information, contact nearest Hero MotoCorp's authorised outlet or call Toll Free No.: 1800-266-0018 or visit heromotocorp.com. Always wear a helmet while riding a two-wheeler. Accessories and features shown may not be part of standard fitment. #Finance available at the sole discretion of the financiers. For more details please contact the nearest Hero MotoCorp dealership. *Terms and Condition apply. Offers valid in select states only. Limited period offers.

FINANCE PARTNER HeroFinCorp. HDFC BANK We understand your world IndusInd Bank TWO WHEELER LOANS

HeroMotoCorpIndia HeroMotoCorpLimited TheHeroMotoCorp HeroMotoCorp.com HeroMotoCorp

For Institutional and Bulk Sales please write to Kolkata@heromotocorp.com



ଅତିଟା ସବୁ କ୍ଷେତ୍ରରେ ଖରାପ, ଯେପରି ଅତିମାତ୍ରାରେ ଆଲୋକ ଆମକୁ ଅନ୍ଧ କରିଦିଏ।

- ଭଲଟାୟାର




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................



ଶ୍ୱେତା
ପରିବାରବର୍ଗ



ଜଗତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପଠାନ୍ତୁ ଆବଶ୍ୟକ।


## ତୃତୀୟ ଜନ୍ମଦିନ ଶୁଭେଚ୍ଛା



**ଜଗତ୍ ଜ୍ୟୋତି ବେହେରା**
ପଟିଆ

ଆଜି ତୋର ତୃତୀୟ ଜନ୍ମଦିନ ଅବସରରେ ଆମ୍ଭେ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଅଛୁ କି ତୋତେ ଦୀର୍ଘାୟୁ କରନ୍ତୁ ଓ ତୋର ଚଲାପଥ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: **କେଜୀ, ବଡବାପା, ବଡମା, ବାବା, ମାମା ଓ ପରିବାରବର୍ଗ।** ଧ-୮୪୮୬

## ଜନ୍ମଦିନ ଶୁଭେଚ୍ଛା



**ଗୁଡୁଲ (ଶ୍ୱେତା)**
**Unit-IX, Road- 3, Bhubaneswar**

ଆଜି ତୋର ଜନ୍ମଦିନରେ ମା' ମଙ୍ଗଳାଙ୍କ ନିକଟରେ ଆମର ଏତିକି ଗୁହାରି, ମା' ତୋତେ ପଣତକାନି ତଳେ ଘଣ୍ଟ ଘୋଡାଇ ରଖନ୍ତୁ। ନୀରୋଗ ରଖନ୍ତୁ, ବିଦ୍ୟା, ବୁଦ୍ଧି ଦିଅନ୍ତୁ ଓ ଭଲମଣିଷଟିଏ କରନ୍ତୁ। ଶୁଭେଚ୍ଛା ସହ: ତୋର ଅଜା-ଧଡୁ, ଆଇ-ଅର୍ଚ୍ଚନା, ମାଆ-ରୀତା, ବାପା, ବାବା, ମାମା, ମାଉସୀ-କୁନୁ, ଗେହ୍ଲୁ, ସାନଭାଇ-ଆଶୁ। ଧ-୮୫୪୯





**BRIDE WANTED**

Widower groom Manager 42, Bank Officer 35 (Caste-no-bar). Contact: 7873374269. D-8523

Wanted bride divorcee Karan boy age 48+ job at Birla Sunlife & doing business. Contact: 7008201045. D-8547

**GROOM WANTED**

Asst. Professor 7th Pay Scaleରେ ଚାକିରି କରୁଥିବା ବଣିଆ ପାତ୍ରୀ (31)ଙ୍କ ପାଇଁ ଯେକୌଣସି ଜାତିର ବର ଖୋଜା ଚାଲୁଅଛି। ଯୋଗାଯୋଗ: 7381460016. D-60815

Beautiful Karan girl 1991, 5'3" MBA serving HDFC Bank 'Sunasansar'. 9937512659. D-8498

Very beautiful Brahmin girl, 30, 5'5", MBBS MD Doctor. 9437555525. D-63373

Wanted B.Tech/ MBA groom Khandayat/ Karan working in repuled company for a fair and beautiful Khandayat girl B.Tech, MBA, working in an MNC at Bangalore, 5'4", 27 yrs. Contact: 9619485527, 9167149844. D-8528

Wanted only Karan groom for B.Tech girl 36/5'2" (Rasi 11/5) working in MNC at Hyderabad as Business Analyst. Contact No.: 8093545435 for early marriage. D-63848

Khandayat girl 5'6, DOB-1985, working in MNC, Noida. 9337019409. D-8562

Agriculture Department ରେ ଚାକିରି 43 ବର୍ଷ ଝିଅ ପାଇଁ ଯେ କୌଣସି ଜାତିର ଚାକିରିଆ କିମ୍ବା ବ୍ୟବସାୟିକ ବରପାତ୍ର ଆବଶ୍ୟକ। 8658204685. D-8567

Now Matrimonial ads. only on Wednesday & Sunday
Book 1 Get 1 FREE

# classified







**SALE**

Book duplex (ready to move) Tankapani road, near BJEM-2 school, Ranga bazar. Cost-55 lakhs with bank finance. 8917360040, 7077074156. D-64176

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64325

1600 sqft. land private property with a 3 storied building with 3750 sqft. builtup is for sale near Dhauli OTDC Tourist Centre, Bhubaneswar. Suitable for guesthouse. Contact: 8249185093. D-63376

ଭୁବନେଶ୍ୱର KEC, ଗୁଡିଆ-ପୋଖରୀ ଠାରେ 30ft road ଥାଇକି ଅଗ୍ରିମ boundary wall electry , gharabari patta, Temple, ନାମଫଳକ ସହ sqft. Rs. 600ରେ ଦିଆଯାଉଅଛି। 7008045582, 9078967488. D-8550

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

2650 sqft. gharabari plot at Pokhariput, Bhubaneswar. Price- 45 lakhs. 7504392698. D-64180

Book 3BHK duplex house Jagamara, Bhubaneswar having land area 1260 sqft. and 1900 sqft. construction area. Price- 77 lakh. Bank finance available. 9078151122. D-64181

ଜଟଣୀଗେଟ୍ ପାଖରେ NHକୁ ଲାଗି ଘରବାରି ପାଚେରି ପ୍ଲଟ୍ ମିଳୁଅଛି। 9439864322. D-64329

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Family accommodation having 2 rooms, 2 bathrooms, modular kitchen and car parking space at Madhusudan Nagar, Bhubaneswar very close to main road Sachibalayamarg near Akash Medical Coaching Centre and Appolo Pharmacy. Rent-12,000/-. Contact: 9861023510. D-63375




Opening newly ayurvedic full body massage ladies, gents. 7609923705, 7438851534. D-38532

All type of massage and good therapy full body massage Sai herbal spa. 7609005923. D-64205

Madam Monalisa massage club-50% discount full body massage by hiprofile smart lady therapist. 9708545108. D-8565

**LOST**

Notice is hereby given to all concerned that, Binod Kumar Rout, S/o.- Kanhu Charan Rout, At-W.No.11, Mohantypada, Bargarh has lost the original Regd. Sale Deed No. 499 Dt.- 17.2.1995 of D.S.R. Bargarh. For which the reported the same in Town P.S. Bargarh vide S.D.E. No. 27 Dt.- 24.8.2018. If anybody find the document please return to Binod Kumar Rout. Mob No.: 9777890191. I am not responsible for any misuse of the particular document. D-62449


## ଖାତକୁ ଖସିଲା ଗାଡ଼ି...

ବାପା କେ. ମୁରଲୀଙ୍କ ଅସ୍ଥିବିସର୍ଜନ ଲାଗି ପୁଅ କେ. ଜଗଦୀଶ ପରିବାର ଓ ସମ୍ପର୍କୀୟଙ୍କୁ ନେଇ ଦୁଇଟି ଟାଟା ମ୍ୟାଜିକରେ ପୁରୀ ଆସୁଥିଲେ। ପ୍ରଥମ ଗାଡ଼ିରେ ୧୧ ଜଣ ଓ ଅନ୍ୟ ଗାଡ଼ିରେ ୧୨ଜଣ ଥିଲେ। ଆଗ ପଛ ହୋଇ ଟାଟା ମ୍ୟାଜିକ ଦୁଇଟି ପୁରୀ ଯାଉଥିଲେ। ଭୋର ପ୍ରାୟ ସାଢେ ୪ଟା ସମୟରେ ଭାଇଲିପୁର ଛକ ନିକଟରେ ଆଗରେ ଯାଉଥିବା ଟାଟା ମ୍ୟାଜିକଟି ଭାରସାମ୍ୟ ହରାଇ ରାସ୍ତା କଡ଼ ଖାତକୁ ଖସିପଡିଥିଲା। ସେଠାରେ ଅଣ୍ଟାଏ ଉଚ୍ଚର ବର୍ଷାପାଣି ଜମି ରହିଥିଲା। ଗାଡ଼ିରେ ଥିବା ଯାତ୍ରୀମାନେ ଚାପି ହୋଇ ଅଣନିଃଶ୍ୱାସୀ ହୋଇପଡିଥିଲେ। କିଛି ସମୟରେ ପଛରେ ଆସୁଥିବା ଅନ୍ୟ ଟାଟା ମ୍ୟାଜିକ ସେଠାରେ ପହଞ୍ଚିଥିଲା। ସେହିଗାଡ଼ିରେ ଥିବା ଯାତ୍ରୀମାନେ ଦୁର୍ଘଟଣାଗ୍ରସ୍ତ ଗାଡ଼ିର ଲୋକମାନଙ୍କୁ ଉଦ୍ଧାର କରିଥିଲେ। ଟାଟା ମ୍ୟାଜିକରେ ଆହତମାନଙ୍କୁ ଚନ୍ଦନପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ୫ଜଣଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୨ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ଘୋଷଣା କରିଛନ୍ତି। ଅପରପକ୍ଷରେ ମୃତ୍ୟୁ ଖବର ପାଇ ସ୍ଥାନୀୟ ବିଧାୟିକା ତଥା ମନ୍ତ୍ରୀ ଉଷା ଦେବୀ ଏବଂ ଭାଜପା ଯୁବ ନେତା ମନୋରଞ୍ଜନ ଦ୍ୟାନ ସାମନ୍ତରା ମଧ ଗ୍ରାମରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ଏ ପଜିଟିଭ୍ ବଦଳରେ ଦିଆଗଲା ବି ପଜିଟିଭ୍ ରକ୍ତ

କଟକ ଅଫିସ,୨୫।୯: ଅସ୍ତ୍ରୋପଚାର ହୋଇଥିବା ଜଣେ ରୋଗୀଙ୍କୁ ଏ ପଜିଟିଭ୍ ବଦଳରେ ଦିଆଯାଇଛି ବି ପଜିଟିଭ୍ ରକ୍ତ। ମାଲଗୋଦାମ ଥାନା ଅନ୍ତର୍ଗତ ଛତ୍ର ବଜାର ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ଘଟିଛି ଏହି ସ୍ପର୍ଶକାତର ଘଟଣା। ଏନେଇ ରୋଗୀଙ୍କ ପରିବାର ଲୋକେ ମଙ୍ଗଳବାର ଥାନାରେ ଅଭଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ଭଦ୍ରକ ଜିଲା ଚରମ୍ପା ଅଞ୍ଚଳର ସରୋଜିନୀ ଦାସ ନାମ୍ନୀ ଜଣେ ମହିଳା ପେଟ ରୋଗରେ ପୀଡିତ ଥିଲେ। ଚିକିତ୍ସା ପାଇଁ ଶୁକ୍ରବାର ତାଙ୍କୁ କଟକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରୀକ୍ଷା ପରେ ପେଟରେ ଟ୍ୟୁମର ଜାଣି ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦେଖି ସୋମବାର ହସ୍ପିଟାଲ ତରଫରୁ ୨ ୟୁନିଟ୍ ରକ୍ତ ଦିଆଯାଇଥିଲା। ହେଲେ ସରୋଜିନୀଙ୍କ ବ୍ଲଡ ଗ୍ରୁପ୍-ଏ ପଜିଟିଭ୍ ହୋଇଥିବାବେଳେ ହସ୍ପିଟାଲ ତରଫରୁ ତାଙ୍କୁ ବି-ପଜିଟିଭ୍ ରକ୍ତ ଦିଆଯାଇଥିଲା। ୩୦ ମିନିଟ୍ ପର୍ଯ୍ୟନ୍ତ ବି-ପଜିଟିଭ୍ ରକ୍ତ ସରୋଜୀନିଙ୍କ ଶରୀରକୁ ଯାଇଥିଲା।





**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
ଦଶାହ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଉପଲକ୍ଷେ



**ସ୍ୱର୍ଗତ ଦେବଦତ୍ତ ସେନ୍**
ଇନ୍ଦିପୁର, କେନ୍ଦ୍ରାପଡା ଓ ଚିନ୍ତାମଣିଶ୍ୱର ଏରିଆ, ଭୁବନେଶ୍ୱର
ଆବିର୍ଭାବ: ୨୪।୦୬।୧୯୫୫
ତିରୋଧାନ: ୧୨।୦୯।୨୦୧୮
ସମସ୍ତ ବନ୍ଧୁବର୍ଗ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନଙ୍କର ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଅଶ୍ରୁଳ ପ୍ରାର୍ଥନା ଜଣାଉଛୁ। ଇତି ବନ୍ଧୁବର୍ଗ, ଆତ୍ମୀୟସ୍ୱଜନ ଓ ହତଭାଗ୍ୟ ପରିବାରବର୍ଗ। ଧ-୮୫୭୭

**ଏକାଦଶାହ ଉପଲକ୍ଷେ**
****ଶ୍ରଦ୍ଧାଞ୍ଜଳି****



✓ଦୋଳଗୋବିନ୍ଦ ପ୍ରଧାନ
ଆବିର୍ଭାବ: ୨୮.୦୬.୧୯୨୬
ତିରୋଧାନ: ୧୭.୦୯.୨୦୧୮
ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ତଥା ପ୍ରାକ୍ତନ ମନ୍ତ୍ରୀ ଶ୍ରୀଯୁକ୍ତ ଦୋଳଗୋବିନ୍ଦ ପ୍ରଧାନଂକର ବିୟୋଗରେ ପରିବାର ଓ ବନ୍ଧୁବର୍ଗ ମର୍ମାହତ। ସେ ଜଣେ ଆଦର୍ଶବାଦୀ, ସ୍ୱାଭିମାନୀ ଓ ଦେଶ ବତ୍ସଳ ବ୍ୟକ୍ତି ଥିଲେ। ତାଙ୍କର ବ୍ୟକ୍ତିତ୍ୱ ଓ କର୍ମମୟ ଜୀବନକୁ ନେଇ ଆମ୍ଭେମାନେ ଗର୍ବିତ । ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମ୍ଭେ ଶୋକ ସନ୍ତପ୍ତ ପରିବାର ଓ ବନ୍ଧୁବର୍ଗ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଅଛୁ ।
**ପରିବାର ଓ ବନ୍ଧୁବର୍ଗ**
ଧ-୮୫୭୮



**Late Nihar Satpathy**
**(22.11.1966 - 15. 09. 2018)**
"With lots of love we miss you every moment. Your strength & love will always be a source of inspiration, to cherish, honour & emulate."
With profound grief and sadness we inform that Nihar Satpathy departed for his heavenly abode on 15th September 2018.
In grief: **Family & friends.**
D-8564





(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛାଡ଼ିଲି ସକଳ ଆଶା**
**କେବଳ ଗୋବିନ୍ଦ ଭରସା ।**

ଭଗବାନ ହେଉଛନ୍ତି ସକଳ ସୃଷ୍ଟିର ଆଧାର। ସେ ସର୍ବ ଶକ୍ତିମାନ୍। ତାଙ୍କ ଶକ୍ତି ଆଗରେ ସମସ୍ତେ ନତମସ୍ତକ ହେବାକୁ ବାଧ ହୁଅନ୍ତି। ଦୁଃଖକଷ୍ଟରୁ ମୁକୁଳିବା ନିମନ୍ତେ ସକଳ ପ୍ରଚେଷ୍ଟା ଯେବେ ବିଫଳ ହୋଇଯାଏ, ସେତେବେଳେ ତାଙ୍କ ଶରଣ ପଶିବା ଛଡ଼ା ଆଉ କିଛି ବାଟ ନ ଥାଏ। ଭଗବାନଙ୍କ ଶରଣ ପଶିଲେ ସକଳ ଦୁଃଖକଷ୍ଟ ଲାଘବ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଛ' ଗାଁରେ ସେରେ**
**ନ' ଗାଁରେ ସେରେ ।**

ପରିଶ୍ରମ ଅଳ୍ପ ହେଉ ଅବା ବହୁତ, ଆୟ ଯେତିକି ସେତିକି। ପରିଶ୍ରମ ଅନୁସାରେ ଆୟରେ ସେଭଳି ଆଖିଦୃଶିଆ ଉନ୍ନତି ଘଟୁ ନ ଥିବା ବା ସେତେ ଅଧିକ ଲାଭ ମିଳୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ପ୍ରଥମ ପୃଷ୍ଠାରୁ...

## ସବୁ ସହର ପାଣି...

ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ(ବିଆଇଏସ୍) ଅନୁଯାୟୀ ପାନୀୟ ଜଳକୁ ଅତି କମ୍‌ରେ ୮୦ଟି ପାରାମିଟର ପରୀକ୍ଷା କରି ଏହା ପିଇବା ଉପଯୋଗୀ କି ନୁହେଁ ତାହା ନିଶ୍ଚିତ କରିବାକୁ ପଡ଼ିବ। ସେଥିପାଇଁ ସହରାଞ୍ଚଳର ଜଳ ନମୁନା ପରୀକ୍ଷା କରିବା ପାଇଁ ସରକାର ରାଜ୍ୟ ବିଜ୍ଞାନାଗାର ସମେତ ୧୯ଟି ଜନସ୍ୱାସ୍ଥ୍ୟ ଡିଭିଜନ ଖୋଲିଥିଲେ। ଦୀର୍ଘ ବର୍ଷ ଧରି ଏହି ସଂସ୍ଥା ଜଳର ମାନ ଯାଞ୍ଚ କରି ଆସୁଛି। ଏଥିପାଇଁ କର୍ମଚାରୀ ଓ ଜଳ ପରୀକ୍ଷା ପାଇଁ ସରଞ୍ଜାମ ମଧ୍ୟ ଯୋଗାଇ ଦିଆଯାଇଛି। ତେବେ ଏହି ସଂସ୍ଥାକୁ ସମ୍ପୂର୍ଣ୍ଣ ଅକାମୀ କରି ଦେବା ସହ ଘରୋଇ ସଂସ୍ଥା ହାତରେ ଜଳ ପରୀକ୍ଷା ଭାର ଟେକି ଦେବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। କେନ୍ଦ୍ର ସରକାର ଅଟଳ ମିଶନ ଫର ରିଜୁଭେନିସନ ଆଣ୍ଡ ଅର୍ବାନ ଟ୍ରାନ୍ସଫର୍ମେଶନ(ଅମୃତ) ଯୋଜନାରେ ରାଜ୍ୟର ୯ ସହର କଟକ, ଭୁବନେଶ୍ୱର, ବ୍ରହ୍ମପୁର, ରାଉରକେଲା, ପୁରୀ, ବାଲେଶ୍ୱର, ସମ୍ବଲପୁର, ବାରିପଦା ଓ ଭଦ୍ରକକୁ ସାମିଲ କରିଛନ୍ତି । ଉକ୍ତ ଯୋଜନାରେ ସହରଗୁଡିକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେବା ସହ ଏ ବାବଦରେ ପାଣି ଭଳି ଟଙ୍କା ବୁହାଇ ଦେଉଛନ୍ତି। ଲୋକମାନଙ୍କ ତୁଣ୍ଡରେ ପାଣି ପହଞ୍ଚିବା ପୂର୍ବରୁ ଏହାର ନମୁନା ପରୀକ୍ଷା କରିବାକୁ ବ୍ୟବସ୍ଥା କରାଯାଇଛି। ସରକାରଙ୍କ ଜଳ ପରୀକ୍ଷାଗାର ଓ କର୍ମଚାରୀ ଥାଇ ମଧ୍ୟ ଏକ ଘରୋଇ ସଂସ୍ଥା ହାତକୁ ନମୁନା ପରୀକ୍ଷା ଭାର ଟେକି ଦିଆଯାଇଛି। ଘରୋଇ ସଂସ୍ଥା ସ୍ୱେକଟ୍ରା ଆନାଲିଟିକାଲ ଲାବ୍ ସହ ରାଜ୍ୟ ନଗର ଉନ୍ନୟନ ବିଭାଗ ୨୦୧୬ ଡିସେମ୍ବର ୨୦ରେ ଏମ୍‌ଓୟୁ ସ୍ୱାକ୍ଷର କରିଥିଲା। ସେହି ସଂସ୍ଥାକୁ ଜଳ ନମୁନା ପରୀକ୍ଷା ପାଇଁ ୧୦ ବର୍ଷ ସକାଶେ ୬୬.୨୧ କୋଟି ଟଙ୍କା ଦେବାକୁ ନିଷ୍ପତ୍ତି ନିଆଯାଇଛି। ଚୁକ୍ତି ମୁତାବକ ଏହି ସଂସ୍ଥା ଦୈନିକ ୪୨ଟି ନମୁନା ସଂଗ୍ରହ କରିବା ସହ ପରୀକ୍ଷା କରି ଜନସ୍ୱାସ୍ଥ୍ୟ ବିଭାଗକୁ ରିପୋର୍ଟ ଦେବ। ୨୦୧୮ ମାର୍ଚ୍ଚ ୧୨ରୁ ଉକ୍ତ ସଂସ୍ଥା ଜଳ ନମୁନା ପରୀକ୍ଷା ଆରମ୍ଭ କରିଛି। ନମୁନା ପିଛା ୮୫୦ ଟଙ୍କା ହିସାବରେ ଦୈନିକ ୩୫,୭୦୦ ଟଙ୍କା ପ୍ରଦାନ କରିବାକୁ ବ୍ୟବସ୍ଥା ହୋଇଛି। ତେବେ ସେହି ସଂସ୍ଥା କେଉଁଠାରୁ ଜଳ ନମୁନା ସଂଗ୍ରହ କରୁଛି ତାହାର କିଛି ହିସାବକିତାବ ଜନସ୍ୱାସ୍ଥ୍ୟ ବିଭାଗ ପାଖରେ ନାହିଁ। ଚୁକ୍ତି ଅନୁଯାୟୀ ଜଳ ନମୁନା ସଂଗ୍ରହ କରିବା ବେଳେ ସ୍ଥାନୀୟ କର୍ପୋରେଟର, କାଉନସିଲର ଓ ଜନସ୍ୱାସ୍ଥ୍ୟ ବିଭାଗର କନିଷ୍ଠ ଯନ୍ତ୍ରୀ ସ୍ୱାକ୍ଷର ସହ ଉକ୍ତ ନମୁନାର ଫଟୋଚିତ୍ର କିମ୍ବା ଭିଡିଓଗ୍ରାଫି କରାଯିବ। ମାତ୍ର ଏହି ବ୍ୟବସ୍ଥାକୁ ଦଳିମକଚି ଦିଆଯାଉଛି। ଜଳ ନମୁନା ସଂଗ୍ରହ କେବଳ କାଗଜ କଲମରେ ସୀମିତ ହୋଇଯାଉଛି। ବିଭାଗୀୟ ଯନ୍ତ୍ରୀ କିମ୍ବା କୌଣସି ଅଧିକାରୀ ନମୁନା ସଂଗ୍ରହ ତଦାରଖ କରୁ ନ ଥିବା ଅଭିଯୋଗ ହେଉଛି। ଜନସ୍ୱାସ୍ଥ୍ୟ ବିଭାଗର ଏଭଳି ସାଂଘାତିକ ବେପରୁଆ ମନୋଭାବକୁ ନେଇ ସାଧାରଣରେ ବିସ୍ମୟ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଯେଉଁ ସରକାରୀ ପରୀକ୍ଷାଗାର ହାତରୁ ଜଳ ନମୁନା ଛଡାଇ ନେବାକୁ ମସୁଧା କରାଯାଉଛି, ସେହି ସଂସ୍ଥା ଗତ ଦଶନ୍ଧି ଦଶନ୍ଧି ଧରି ଜଳର ମାନ ଶତ ପ୍ରତିଶତ ପରୀକ୍ଷା କରି ଦେଉଥିଲା। ବିଧାନସଭାର ବିଭିନ୍ନ ଅଧିବେଶନ କାଳରେ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ସମସ୍ତ ସହରକୁ ୯୦ରୁ ୧୦୦ ପ୍ରତିଶତ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଥିବା ତଥ୍ୟ ଦେଇଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯେ ଯେଉଁ ସରକାରୀ ସଂସ୍ଥା ୧୦୦ ପ୍ରତିଶତ ବିଶୁଦ୍ଧ ଜଳ ଯୋଗାଇ ଦେଉଥିଲା ଏବେ କେଉଁ କାରଣରୁ ହଠାତ୍ ଅଯୋଗ୍ୟ ହୋଇଗଲା ସେ ନେଇ ମଧ୍ୟ ସନ୍ଦେହ ଘନୀଭୂତ ହୋଇଛି। ଅମୃତ ସହର ଜଳ ନମୁନା ପରୀକ୍ଷା ଏଭଳି ଅବସ୍ଥାରେ ପହଞ୍ଚିଥିବା ବେଳେ ଅନ୍ୟ ସହରକୁ ଘରୋଇ ସଂସ୍ଥା ହାତରେ ଟେକିଦେବାର ଯେଉଁ ମସୁଧା କରାଯାଉଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଜନସ୍ୱାସ୍ଥ୍ୟ ବିଭାଗ ମୁଖ୍ୟ ଯନ୍ତ୍ରୀ ଏସ୍. ଲକ୍ଷ୍ମୀପତି କୁହନ୍ତି, ଅନ୍ୟ ସହରଗୁଡିକର ଜଳ ନମୁନା ପରୀକ୍ଷା ପିପିପି ମୋଡରେ କରିବାକୁ ଚିନ୍ତା କରାଯାଉଛି। ବର୍ତ୍ତମାନ ଏ ନେଇ କୌଣସି ନିଷ୍ପତ୍ତି ହୋଇ ନାହିଁ। ସହରାଞ୍ଚଳର କଳେବର ବୃଦ୍ଧି ପାଉଥିବାରୁ ସରକାରୀ ବିଜ୍ଞାନାଗାର ଦ୍ୱାରା ଜଳ ନମୁନା ପରୀକ୍ଷା କରିବା ସମ୍ଭବ ହେଉ ନାହିଁ। ସେଥିପାଇଁ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦେବାକୁ ଚିନ୍ତା କରାଯାଉଛି। ଅମୃତ ସହର ଜଳ ନମୁନା ସଂଗ୍ରହ ସମ୍ପର୍କରେ ସେ କହିଛନ୍ତି ଯେ ଦିନକୁ ୪୨ଟି ନମୁନା ସଂଗ୍ରହ କରାଯାଉଛି। ଆମ ଚିଫ୍ ଇଞ୍ଜିନିୟରମାନେ ତଦାରଖ କରୁଛନ୍ତି। ସବୁ ଜଳ ନମୁନା ଦେଖିବା ସମ୍ଭବ ନୁହେଁ ବୋଲି ସେ କହିଛନ୍ତି।

## ନିର୍ବାଚନ ଲଢ଼ିପାରିବେ...

କରିବା ପାଇଁ ଦଳଗୁଡ଼ିକୁ ବାଧ କରାଯାଇପାରିବ। ଏହାସହ ଦଳଗୁଡ଼ିକ ଏଭଳି ବ୍ୟକ୍ତିଙ୍କୁ ପାର୍ଲାମେଣ୍ଟ ଓ ବିଧାନସଭା ନିର୍ବାଚନ ବେଳେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ସୁଯୋଗ ଦେବେ ନାହିଁ ବୋଲି ଅଦାଲତ ସୁପାରିସ କରିଛନ୍ତି। ପୀଠ ଆହୁରି ନିର୍ଦ୍ଦେଶ ଦେଇଛନ୍ତି ଯେ, ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରତ୍ୟେକ ପ୍ରାର୍ଥୀଙ୍କୁ ନିଜ ବିରୋଧରେ ବିଚାରାଧୀନ ଥିବା ମାମଲାଗୁଡ଼ିକ ସମ୍ପର୍କରେ ସୁସ୍ପଷ୍ଟ ଭାବେ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ଦ୍ୱାରା ପ୍ରଦତ୍ତ ନିର୍ଦ୍ଧାରିତ ଫର୍ମରେ ପୂରଣ କରିବାକୁ ପଡ଼ିବ। ଏକ ନିର୍ଦ୍ଦିଷ୍ଟ ଦଳର ଟିକେଟରେ ଜଣେ ପ୍ରାର୍ଥୀ ଲଢୁଥିଲେ ସେ ତାଙ୍କ ବିରୋଧରେ ଥିବା ମାମଲାଗୁଡ଼ିକ ସମ୍ପର୍କରେ ସମ୍ପୃକ୍ତ ଦଳକୁ ଅବଗତ କରାଇବେ। ପ୍ରାର୍ଥୀ ନିଜ ସମ୍ପର୍କରେ ଦେଇଥିବା ଆପରାଧିକ ତଥ୍ୟ ଓ ସୂଚନାକୁ ସେହି ଦଳ ତା' ୱେବ୍‌ସାଇଟ୍‌ରେ ସାର୍ବଜନୀନ କରିବ। ଏହାସହ ପ୍ରାର୍ଥୀ ଓ ଦଳ ସେନେଇ ସମ୍ପୃକ୍ତ ଅଞ୍ଚଳରେ ବହୁଳ ପ୍ରସାରିତ ଖବରକାଗଜ ଏବଂ ବୈଦ୍ୟୁତିକ ଗଣମାଧ୍ୟମରେ ଏକ ଘୋଷଣାନାମା ଜାରି କରିବେ। ନାମାଙ୍କନପତ୍ର ଦାଖଲ ପରେ ଦଳ ଓ ପ୍ରାର୍ଥୀଙ୍କୁ ଅନ୍ୟୂନ ୩ ଥର ଏପରି କରିବାକୁ ପଡ଼ିବ। ଏପରି କରାଗଲେ ନାଗରିକମାନେ ପ୍ରାର୍ଥୀମାନଙ୍କ ବିରୋଧରେ ଥିବା ମାମଲାଗୁଡ଼ିକ ସମ୍ପର୍କରେ ଭଲ ଭାବେ ଅବଗତ ହୋଇ ମତଦାନ ପୂର୍ବରୁ ବିଜ୍ଞ ନିଷ୍ପତ୍ତି ନେଇପାରିବେ। ଫଳରେ ରାଜନୈତିକ ପ୍ରବାହକୁ ପ୍ରଦୂଷଣମୁକ୍ତ କରାଯାଇ ପାରିବ। ଆପରାଧିକ ପୃଷ୍ଠଭୂମିସମ୍ପନ୍ନ ବ୍ୟକ୍ତିମାନେ ରାଜନୀତିରେ ପ୍ରବେଶ କରିବାକୁ ଚିନ୍ତା ମଧ କରିବେ ନାହିଁ। ସାଧାରଣ ଜୀବନକୁ ଆସୁଥିବା ଓ ଆଇନ ପ୍ରଣୟନରେ ଭାଗ ନେଉଥିବା ଲୋକେ ସମସ୍ତ ପ୍ରକାର ଗମ୍ଭୀର ଆପରାଧିକ ଅଭିଯୋଗରୁ ଊର୍ଦ୍ଧ୍ୱରେ ରହିବା ଉଚିତ। ଏଥିପାଇଁ ଏଭଳି ପଦକ୍ଷେପ ଜରୁରୀ ହୋଇପଡ଼ିଛି ବୋଲି ପୀଠ ସ୍ପଷ୍ଟ କରିଛନ୍ତି। ଅଦାଲତ ଲକ୍ଷ୍ମଣରେଖା ଅତିକ୍ରମ କରିବା ଅନୁଚିତ। କୋର୍ଟ ଆଇନ ପ୍ରଣୟନ କରିପାରିବେ ନାହିଁ ବୋଲି ଶୁଣାଣି ବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ଯୁକ୍ତି ବାଢ଼ିଥିଲେ। ପୀଠ ଏହାକୁ ଗ୍ରହଣ କରି କହିଥିଲେ। ଏନ୍‌ଜିଓ ପବ୍ଲିକ୍ ଇଣ୍ଟ୍ରେଷ୍ଟ ଫାଉଣ୍ଡେଶନ୍, ଭାଜପା ନେତା ଅଶ୍ୱିନୀ କୁମାରଙ୍କ ସମେତ ଅନ୍ୟ କେତେଜଣ ଆବେଦନକାରୀଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଏକାଧିକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** — ଆଜି ଶ୍ରୀଚନ୍ଦ୍ର ହେତୁ ଅର୍ଥ ସମ୍ପର୍କୀୟ ସମସ୍ୟାକୁ ସୁଧାରି ନେବାର ଚେଷ୍ଟା କରିବେ। ଯାତ୍ରା, ବିବାଦ, ଗୃହାରମ୍ଭ ପ୍ରଭୃତି କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇପାରେ। ଭ୍ରମଣ ଜନିତ ଶାରୀରିକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ନୂତନ ସ୍ଥାନ ପରିଦର୍ଶନରେ ଯାଇପାରନ୍ତି। ବ୍ୟବସାୟିକ ସ୍ଥିତି କେତେକାଂଶରେ ଚିନ୍ତାଜନକ ସ୍ଥିତିକୁ ଆସିଯାଇପାରେ।

**ବୃଷ** — ବଳବାନ୍ ମଙ୍ଗଳ ପ୍ରଭାବରୁ ନିଜର ଶକ୍ତି ଓ ସାମର୍ଥ୍ୟ ଉପରେ ଭରସା କରି କୌଣସି ନୂତନ ଯୋଜନା କରିବା ସକାଶେ ମନ ବଳାଇବେ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇବ। ସାମୟିକ ପୁରାତନ ରୋଗରୁ ପୀଡ଼ା ଅନୁଭବ କରିପାରନ୍ତି। ଶିଳ୍ପ, ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ** — ନୂତନ କର୍ମାରମ୍ଭ, ଯାନ୍ତ୍ରିକ ଜିନିଷ କ୍ରୟ,ଗୃହ ଓ ଯାନବାହନ ସମ୍ପର୍କୀୟ ଆଲୋଚନାରେ ଅଗ୍ରଗତି କରିବେ। ବିଗତ ଦିନର କଳହକୁ କେନ୍ଦ୍ରକରି ଆତ୍ମୀୟସ୍ୱଜନଙ୍କ ସହ ସମ୍ପର୍କରେ ନ୍ୟୂନତା ପରିଲକ୍ଷିତ ହେବ। ନୂତନ ଯୋଜନା କିମ୍ବା ଜମିଜମା ସମସ୍ୟାକୁ ନେଇ ମାନସିକ ସ୍ଥିରତା ରହି ନ ପାରେ। ବ୍ୟବସାୟ ଓ ପରିବହନରେ ମଧ୍ୟ ସାମୟିକ ବାଧାପ୍ରାପ୍ତ ହୋଇପାରେ।

**କର୍କଟ** — କର୍ମସ୍ଥାନରେ ଚନ୍ଦ୍ରଙ୍କ ସ୍ଥିତି କାର୍ଯ୍ୟ ହାସଲ ଦିଗରେ ସହାୟକ ହେବ। ସହକର୍ମୀଙ୍କ ସହାୟତାରେ ଅର୍ଥ ସମ୍ପର୍କୀୟ କୌଣସି ଅନୁଚିନ୍ତା ସାୟାହ୍ନେ ଦୂର ହେବ। ଅଫିସରୁ ଫେରନ୍ତା ବାଟରେ କୌଣସି ମୂଲ୍ୟବାନ ଦ୍ରବ୍ୟ ଲାଭ ହେବାର ସୂଚନା ରହିଛି। ପରିବାର ସଦସ୍ୟମାନଙ୍କ ନିକଟରୁ ସ୍ନେହ ଶ୍ରଦ୍ଧା ପାଇପାରନ୍ତି।

**ସିଂହ** — ଆର୍ଥିକ ଉନ୍ନତି କାରଣରୁ ନୂଆ ନୂଆ କାମ ଓ ଯୋଜନା ସକାଶେ ବନ୍ଧୁମାନଙ୍କ ସହ ଆଲୋଚନା କରିବେ। ପରିବାରର ଆବଶ୍ୟକତା ଅନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି। କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ସହକର୍ମୀଙ୍କ ସହ ଉଚ୍ଚବାଚ ଘଟିପାରେ। ବାଣିଜ୍ୟ ଓ ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା** — ନିଜ ରାଶିରେ ବୁଧଙ୍କ ସ୍ଥିତି ଶାରୀରିକ ସୁସ୍ଥତା ଓ ବିଶିଷ୍ଟବ୍ୟକ୍ତିମାନଙ୍କ ସାନ୍ନିଧ ଲାଭର ସୁଯୋଗ ପ୍ରଦାନ କରିବ। କର୍ମକ୍ଷେତ୍ରରେ ତରବର ନ ହୋଇ କାମକଲେ ସମସ୍ୟାର ସରଳ ସମାଧାନ ହୋଇପାରିବ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ।

**ତୁଳା** — ସ୍ୱାସ୍ଥ୍ୟରେ ଉନ୍ନତି ସାଙ୍ଗକୁ ଆଶା କରୁଥିବା କାମଟି ସମ୍ପନ୍ନ ନେଇ ଅନୁକୂଳ ସୁବିଧା ମନକୁ ଆହ୍ଲାଦିତ କରିବ। କୌଣସି ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡିପାରେ। କର୍ମକ୍ଷେତ୍ରରେ, ସଭା ସମିତିରେ, ରାଜନୈତିକ ସ୍ଥିତିରେ ସମ୍ମାନ ବୃଦ୍ଧି ପାଇବ। ଜମିଜମା, ଆରକ୍ଷୀ ମାମଲା ପ୍ରଭୃତିର ସମାଧାନ ହୋଇଯିବ।

**ବିଛା** — ଆଜିର ଚନ୍ଦ୍ର ଯାତ୍ରା ଓ ନୂତନ କର୍ମାରମ୍ଭ ପାଇଁ ପ୍ରୀତିଦାୟକ ରହିବା ସହ ସାଧାରଣ ବ୍ୟତିକ୍ରମ ମଧ୍ୟରେ ସ୍ୱାସ୍ଥ୍ୟୋନ୍ନତି କାରଣରୁ ମନ ହାଲୁକା ରହିପାରେ। କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ । ପାରିବାରିକ କ୍ଷେତ୍ରରେ ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟିର କାରଣ ହେବ।

**ଧନୁ** — ଉଚ୍ଚାରୋହୀ ଶନି ରାଶିରେ ରହି ଆର୍ଥିକ, ଆଇନଗତ, ସାଂଗଠନିକ ତଥା ରାଜନୈତିକ କ୍ଷେତ୍ର ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବ। ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିପାରେ। କଳା, କ୍ରୀଡା, ସାହିତ୍ୟ, ଚଳଚ୍ଚିତ୍ରରେ ସମସ୍ୟା ସମାଧାନପୂର୍ବକ ସାମାନ୍ୟ ଅଗ୍ରଗତି ଘଟିବ।

**ମକର** — ଚନ୍ଦ୍ରଙ୍କ ସ୍ଥିତି କାରଣରୁ ପରିବାରର ନିର୍ଦ୍ଦେଶରେ ଆପଣ କାମ କରିବାକୁ ବାଧ ହେବେ। ପାଖ ପଡୋଶୀମାନଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡିବେ। ସନ୍ଧ୍ୟା ସମୟରେ ପରିବାର ସହ ସୁଖଭ୍ରମଣ ଯୋଗ ରହିଛି। କଳା, ସାହିତ୍ୟ, ସଭାସମିତି ଓ ରାଜନୈତିକ ସ୍ତରରେ ଟେନସନ ଲାଗି ରହିବ।

**କୁମ୍ଭ** — ତୃତୀୟ ଚନ୍ଦ୍ର ନବମ ଭାବକୁ ଦେଖୁଥିବାରୁ ଧାର୍ମିକ କାର୍ଯ୍ୟ ପାଇଁ ପୂର୍ବ ପ୍ରସ୍ତୁତି କରିପାରନ୍ତି। ନିଜ ଲୋକମାନେ ଯେତେ ପ୍ରକାର ସମସ୍ୟା ସୃଷ୍ଟି କଲେ ଆପଣଙ୍କର କୌଣସି ଅସୁବିଧା ହେବ ନାହିଁ। ସମୟାନ୍ତରେ ଆଜି ଏକ ଭିନ୍ନ ପରିସ୍ଥିତିରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ଶିଳ୍ପ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହେବ।

**ମୀନ** — ଚନ୍ଦ୍ରଙ୍କ କେନ୍ଦ୍ରସ୍ଥ ବୃହସ୍ପତି ଆପଣଙ୍କୁ ଅର୍ଥ ଓ ସମ୍ମାନ ଦେବାର ପରିବେଶ ସୃଷ୍ଟି କରିପାରେ। କିନ୍ତୁ ପରିବାରରେ ଆନ୍ତରିକତାର ଅଭାବ ଜନିତ କେତେକ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ। ବହୁତ ଦିନରୁ ଲାଗି ରହିଥିବା ରୋଗ ଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। ଅଟକି ରହିଥିବା କାମଟି ଅପରାହ୍ନେ ସମ୍ପନ୍ନ କରିବେ।

ଆଜି ଆଶ୍ୱିନ କୃଷ୍ଣ ପ୍ରତିପଦା ଯୁକ୍ତ ଦ୍ୱିତୀୟା ବୁଧବାର, ସେପ୍ଟେମ୍ବର ୨୬ ତାରିଖ, ବିଶ୍ୱ ମୂକ ବଧିର ଦିବସ, ରାଶି ନକ୍ଷତ୍ର-ରେବତୀ/ମୀନ, ଧନୁ ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର, ଦ୍ୱିତୀୟାର ଶ୍ରାଦ୍ଧ, ଦିବା ଘ୭।୧୧ମି. ଗତେ ଘ୮।୪୧ମି. ମଧ୍ୟେ, ଘ୨।୩୫ମି. ଗତେ ଘ୪।୦୫ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୧୧ମି. ମଧ୍ୟେ ଘ୧୦।୧୧ମି. ଗତେ, ଘ୧୧।୪୧ମି. ମଧ୍ୟେ ଘ୪।୦୫ମି. ଗତେ, ଘ୫।୩୫ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୧୧।୩୮ମି. ଗତେ ଘ୧।୦୭ମି. ମଧ୍ୟେ ରାହୁକାଳ।



ନିର୍ବୋଧମାନଙ୍କ ଅଭିଧାନରେ ହିଁ ଅସମ୍ଭବ ଶବ୍ଦର ସ୍ଥାନ ପାଇଥାଏ।
- ନୋପୋଲିୟନ ବୋନାପାର୍ଟ






## ସଂକ୍ଷେପରେ

ନିର୍ବାଚନୀ କାମରେ ନିୟମ ଉଲ୍ଲଂଘନ

### ଦୁଇ ବରିଷ୍ଠ କିରାଣି ନିଲମ୍ବିତ

**ଝାରସୁଗୁଡ଼ା ଅଫିସ,୨୫ା୯:** ନିର୍ବାଚନୀ କାମରେ ନିୟୋଜିତ ଥିବା ସମୟରେ ନିୟମ ଉଲ୍ଲଂଘନ କରି ସୋସିଆଲ ମିଡିଆ ବ୍ୟବହାର କରିବା ଅଭିଯୋଗରେ ମଙ୍ଗଳବାର ଦୁଇ ବରିଷ୍ଠ କିରାଣିଙ୍କୁ ନିଲମ୍ବନ କରାଯାଇଛି। ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ କିରାଣି ବଳଦେବ ପଟେଲ ଏବଂ ବ୍ରଜମୋହନ ପ୍ରଧାନଙ୍କୁ ନିଲମ୍ବନ କରିଛନ୍ତି। ଆଗାମୀ ସାଧାରଣ ନିର୍ବାଚନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଥମ ପର୍ଯ୍ୟାୟ ଇଭିଏମ୍ ଯାଞ୍ଚ କାମ ଚାଲିଛି। ଏହି ଯାଞ୍ଚ ପ୍ରକ୍ରିୟା ସେପ୍ଟେମ୍ବର ୧୭ରୁ ଆରମ୍ଭ ହୋଇଥିବା ବେଳେ ଅକ୍ଟୋବର ୧ ମଧ୍ୟରେ ଶେଷ କରିବାକୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ରହିଛି। କିନ୍ତୁ ଇତିମଧ୍ୟରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବିରେ ପଶ୍ଚିମ ଓଡ଼ିଶା ବାର୍ ସମୂହକୁ ନେଇ ଗଠିତ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି (ସିଇଏସି) ତରଫରୁ ନ୍ୟାୟିକ ଏବଂ ରାଜସ୍ୱ ଅଦାଲତ ବନ୍ଦ କରାଯାଇଛି। ଅନ୍ୟପକ୍ଷରେ ନିର୍ବାଚନୀ ଜରୁରୀ କାର୍ଯ୍ୟ ଭାବେ ଇଭିଏମ୍ ଯାଞ୍ଚ ଚାଲିଛି। ଇଭିଏମ୍ ଯାଞ୍ଚ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିବା ଦୁଇ କିରାଣି ବଳଦେବ ଏବଂ ବ୍ରଜମୋହନ ସୋସିଆଲ ମିଡିଆ ବ୍ୟବହାର କରିଥିଲେ। ଯାହା ଦ୍ୱାରା ନିର୍ବାଚନୀ କାମରେ ବାଧା ସୃଷ୍ଟି ହେବା ଏବଂ ସରକାରୀ କର୍ମଚାରୀ କଣ୍ଡକ୍ଟ ରୁଲ-୧୯୫୯ ଉଲ୍ଲଂଘନ ହୋଇଥିବା ଦର୍ଶାଇ ଜିଲାପାଳ ସେମାନଙ୍କୁ ନିଲମ୍ବନ କରିଛନ୍ତି। ନିଲମ୍ବନ ଆଦେଶ ପରେ ବରିଷ୍ଠ କିରାଣି ପ୍ରଧାନ ଲଖନପୁର ତହସିଲରେ ଏବଂ ପଟେଲ ଝାରସୁଗୁଡ଼ା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନିୟୋଜିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ବଲାଙ୍ଗୀରରେ ଚକଡ଼ା ପୋକ ପ୍ରାଦୁର୍ଭାବ

**ବଲାଙ୍ଗୀର ଅଫିସ,୨୫ା୯**

ବଲାଙ୍ଗୀର ସଦର ବ୍ଲକ ଅଧୀନ କୁଡ଼ାସିଂହା, ସାହାଜବାହାଲ ଅଞ୍ଚଳରେ ଧାନ କ୍ଷେତରେ ଚକଡ଼ା ପୋକ ପ୍ରାଦୁର୍ଭାବ ଦେଖାଦେଇଛି। ପ୍ରାୟ ୭୦ ଏକର ଜମିରେ ଚକଡ଼ା ପୋକ ପ୍ରାଦୁର୍ଭାବକୁ ନେଇ ଚାଷୀମାନେ ଆତଙ୍କିତ ହୋଇପଡ଼ିଛନ୍ତି। ଗତବର୍ଷ ଚକଡ଼ା ପୋକ ବ୍ୟାପକ କ୍ଷତି ଘଟାଇଥିଲେ। ରୋଗପୋକ ଅଣାୟତ୍ତ ହେବାରୁ କେତେକ ସ୍ଥାନରେ ଚାଷୀ ନିଜ ଜମିରେ ନିଆଁ ଲଗାଇବା ଦୃଶ୍ୟ ସମସ୍ତଙ୍କୁ ବିଚଳିତ କରିଥିଲା। ଚଳିତବର୍ଷ ବିଳମ୍ବ ବର୍ଷା ଯୋଗୁ ଜିଲାର ବିଭିନ୍ନ ବ୍ଲକରେ ମରୁଡ଼ି ପରିସ୍ଥିତି ଦେଖାଦେଇଥିଲା। ଅନେକ ସ୍ଥାନରେ ବର୍ଷାଭାବ ଯୋଗୁ ଚାଷୀମାନେ ଚାଷ କରି ନ ଥିଲେ। ତେବେ ପରବର୍ତ୍ତୀ ସମୟରେ ଭଲ ବର୍ଷା ହେବାରୁ ଚାଷୀମାନେ ବିଳମ୍ବରେ ଧାନ ଚାଷ ଆରମ୍ଭ କରିଥିଲେ। ଏବେ ଅନେକ ସ୍ଥାନରେ ଭଲ ଫସଲ ହେବ ବୋଲି ଆଶା କରାଯାଉଥିବା ବେଳେ ଚକଡ଼ା ପୋକ ପ୍ରାଦୁର୍ଭାବ ନେଇ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ କୁଡ଼ାସିଂହା ଓ ସାହାଜବାହାଲ ଅଞ୍ଚଳରେ ୭୦ରୁ ଉର୍ଦ୍ଧ୍ୱ ଏକର ଧାନ ଫସଲରେ ଚକଡ଼ା ପୋକ ଲାଗିଥିବା ଅଭିଯୋଗ ହୋଇଛି। ଚକଡ଼ା ପୋକ ପ୍ରାଦୁର୍ଭାବ ଆରମ୍ଭ ହେବା ପରେ ଏନେଇ ଚାଷୀମାନେ କୃଷି ବିଭାଗକୁ ଜଣାଇ ଏହାର ପ୍ରତିକାର ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ଚକଡ଼ା ପୋକ ପାଇଁ କୀଟନାଶକ ଆବଶ୍ୟକ ଥିବା ବେଳେ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ କୌଣସି ସହାୟତା ଦିଆଯାଇ ପାରି ନ ଥିଲା। ଫଳରେ ଚାଷୀ ଚିନ୍ତାରେ ପଡ଼ିଥିଲେ। ରିହାତି ଦରରେ ଚାଷୀଙ୍କୁ କୀଟନାଶକ ଯୋଗାଇବା ପାଇଁ ସରକାରୀ ନିୟମ ଥିଲେ ମଧ୍ୟ ବଲାଙ୍ଗୀର ଜିଲାରେ କୀଟନାଶକ ଉପଲବ୍ଧ ନ ହେବାରୁ ଚାଷୀମାନେ ଚକଡ଼ା ଆରମ୍ଭ ହେବା ବେଳେ କୀଟନାଶକ ସିଞ୍ଚନ କରିପାରି ନ ଥିଲେ। ଫଳରେ କମ୍ ଦିନ ମଧ୍ୟରେ ପୋକ ଏକର ଏକର ଚାଷଜମିକୁ ବ୍ୟାପିଥିବା ଜଣାପଡ଼ିଛି। ମଙ୍ଗଳବାର ଜିଲା କୃଷି କାର୍ଯ୍ୟାଳୟର କେତେଜଣ ଅଧିକାରୀ କୁଡ଼ାସିଂହା ଅଞ୍ଚଳ ଗସ୍ତକରି ଚକଡ଼ା ପୋକ ସଂକ୍ରମିତ କ୍ଷେତ ପରିଦର୍ଶନ କରିଛନ୍ତି। ଏହି ସମୟରେ କ୍ଷତିଗ୍ରସ୍ତ ଚାଷୀ କୃଷି ଅଧିକାରୀଙ୍କୁ ପ୍ରତିକ୍ରିୟା ଜଣାଇବା ସହ ବିଭାଗର ଅବହେଳା ପାଇଁ ସମାଲୋଚନା କରିଥିଲେ। ଚାଷୀମାନଙ୍କୁ ଠିକଣା ସମୟରେ କୀଟନାଶକ ଯୋଗାଇବାରେ ବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ଅଭିଯୋଗ କରିଥିଲେ। ଏନେଇ ଜିଲା କୃଷି ଉପନିର୍ଦ୍ଦେଶକ ଶ୍ରୀଧର ଦାସଙ୍କୁ ପଚରାଯିବାରୁ ସେ କହିଲେ, ଜିଲାର କୁଡ଼ାସିଂହା ଓ ସାହାଜବାହାଲ ଅଞ୍ଚଳରେ ଚକଡ଼ା ପୋକ ଆରାମ୍ଭ ହେଉଥିବା ଖବର ମିଳିଛି। ଏହାର ପ୍ରତିକାର ଦିଗରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ୫୦ ପ୍ରତିଶତ ରହାତି ଦରରେ ମିଳୁଥିବା କୀଟନାଶକ ଜିଲାର ପ୍ରତ୍ୟେକ ବ୍ଲକରେ ଏବେ ଉପଲବ୍ଧ ଅଛି। ଚାଷୀମାନେ ଭିଏଡବ୍ଲ୍ୟୁଙ୍କଠାରୁ କୀଟନାଶକ ନେଇପାରିବେ ବୋଲି ଦାସ ସୂଚନା ଦେଇଥିଲେ। କୁଡ଼ାସିଂହା ଓ ସାହାଜବାହଲ ଅଞ୍ଚଳରେ ଚକଡ଼ା ପୋକ ଲାଗିଥିବା ଜମିରେ କୀଟନାଶକ ସିଞ୍ଚନ କରାଯାଇଛି। ଏହା ନିୟନ୍ତ୍ରଣରେ ରହିଥିବା ସେ ସୂଚନା କହିଥିଲେ।

**କୁଡ଼ାସିଂହା, ସାହାଜବାହାଲ ଅଞ୍ଚଳ ଚାଷୀ ଆତଙ୍କିତ**



କୁଡ଼ାସିଂହା ଅଞ୍ଚଳରେ ଜଣେ ଚାଷୀ ଚକଡ଼ା ପୋକ ଲାଗିଥିବା ଧାନ କ୍ଷେତ ଦେଖାଉଛନ୍ତି।

## ଡାକ୍ତରଙ୍କ ଘରୁ ୨୦ ଲକ୍ଷର ସୁନାଗହଣା ଲୁଟ୍

- ଭଦ୍ରକରେ ମାତିଲେ ଲୁଟେରା
- ୧୦ ଘଣ୍ଟା ବ୍ୟବଧାନରେ ୨ଟି ଲୁଟ୍
- ପୋଲିସ ପାଉନି ଟେର୍

**ଭଦ୍ରକ ଅଫିସ,୨୫ା୯**

ଭଦ୍ରକ ଜିଲାରେ ଲୁଟେରାମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଗୋଟିକ ପରେ ଗୋଟିଏ ବଡଧରଣର ଲୁଟ ଘଟାଇ ଚାଲିଛନ୍ତି। ସୋମବାର ଅପରାହ୍ନରେ ବ୍ୟାଙ୍କ କର୍ମଚାରୀଙ୍କୁ ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ୩୦ ଲକ୍ଷ ଟଙ୍କା ଲୁଟି ନେବା ପରେ ବିଳମ୍ବିତ ରାତିରେ ଜଣେ ମହିଳା ଡାକ୍ତରଙ୍କ ଘରୁ ୨୦ ଲକ୍ଷ ଟଙ୍କାର ସୁନା ଗହଣା ଲୁଟ ହୋଇଛି। ୧୦ ଘଣ୍ଟା ସମୟ ବ୍ୟବଧାନରେ ସହରରେ ଏଭଳି ଲୁଟ ଆତଙ୍କ ଖେଳାଇଛି। ଟାଉନ ଥାନା ପୋଲିସ ସାଇଣ୍ଟିଫିକ ଟିମ୍ ସହ ତଦନ୍ତ ଚଳାଇଥିଲେ ମଧ୍ୟ ଲୁଟେରାଙ୍କ ଟେର୍ ପାଇ ନାହିଁ। କେଉଁ ଗୋଷ୍ଠୀ ଏଥିରେ ସମ୍ପୃକ୍ତ ତାହା ସ୍ୱଷ୍ଟ ହୋଇ ନ ଥିବାରୁ ଏହା ପୋଲିସକୁ ଚିନ୍ତାରେ ପକାଇଛି। ସୋମବାର ଅପରାହ୍ନରେ ଭଦ୍ରକ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରୁ ଜଳଙ୍ଗା ୟୁକୋ ବ୍ୟାଙ୍କକୁ ଏକ କାର୍ ଯୋଗେ ୩୦ ଲକ୍ଷ ଟଙ୍କା ନିଆଯାଉଥିବା ସମୟରେ କୁଆପଦା ନିକଟରେ ୩ ଜଣ ଲୁଟେରା ବନ୍ଧୁକ ଦେଖାଇ ଟଙ୍କା ଭର୍ତ୍ତି ଟିଣବାକ୍ସ ଲୁଟି ନେଇଥିଲେ। ପରେ ରାତିରେ ସହରର ଅପର୍ତ୍ତିବିନ୍ଧା ନିୟୁ କଲୋନୀରେ ରହୁଥିବା କାଦବରାଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସସ୍ମିତା ଖ୍ୱିଲାରଙ୍କ ଘରୁ ଲୁଟେରାମାନେ କଳାକନା ବୁଲାଇଛନ୍ତି। ଲୁଟେରାମାନେ ରୋଷେଇ ଘର ଦେଇ ଭିତରକୁ ପଶି ଆଲମିରାରୁ ନଗଦ ୧୫ ହଜାର ଟଙ୍କା, ପ୍ରାୟ ୨୦ ଲକ୍ଷ ଟଙ୍କାର ସୁନା ଓ ହୀରା ଖଚିତ ଅଳଙ୍କାର ଲୁଟିନେଇଛନ୍ତି। ଡା. ଖ୍ୱିଲାର ପୋଲିସକୁ ଜଣାଇଛନ୍ତି ଯେ, ସେ ରାତି ପ୍ରାୟ ୧୨ଟା ବେଳେ ଶୋଇବାକୁ ଯାଇଥିଲେ। ରାତି ୨ଟା ୧୦ରେ ନିଦରୁ ଉଠି ଆଲମିରା ଖୋଲାପଡିଥିବା, ରୋଷେଇ ଘର ଝରକା ଭଙ୍ଗା ଯାଇଥିବା ଓ ପଛପାଖ ଦ୍ୱାର ଖୋଲା ଥିବା ଦେଖି ଲୁଟ୍ ହୋଇଥିବା ଜାଣି ପୋଲିସକୁ ସୂଚନା ଦେଇଥିଲେ। ମଙ୍ଗଳବାର ସକାଳେ ଟାଉନ ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସହରରେ ଏବେ ପୂଜା ବଜାର ଗହଳି ଲାଗି ରହିଥିବାରୁ ବାହାର ଅଞ୍ଚଳରୁ ଲୁଟେରାମାନେ ପଶି ଆସିଥିବା ଚର୍ଚ୍ଚା ହେଉଛି। ଗତ ସପ୍ତାହରେ ସହରରେ ଆଉ ଦୁଇଟି ଲୁଟ୍ ଘଟିଥିଲା।

## ଶ୍ରୀମନ୍ଦିରରେ ମରିସସ୍‌ର ପୂର୍ବତନ ରାଷ୍ଟ୍ରପତି

**ପୁରୀ ଅଫିସ,୨୫ା୯:** ମରିସସ୍‌ର ପୂର୍ବତନ ରାଷ୍ଟ୍ରପତି ରାଜକେଶ୍ୱର ପର୍ୟ୍ୟାଗ୍ ସପତ୍ନୀକ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୦ଟା ୧୦ରେ ପର୍ୟ୍ୟାଗ୍ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ତାଙ୍କୁ ଶ୍ରୀମନ୍ଦିର ସୂଚନା ଅଧିକାରୀ ସୁଦୀପ୍ ଚାଟାର୍ଜୀ ସ୍ୱାଗତ ଜଣାଇ ମନ୍ଦିରକୁ ପାଛୋଟି ନେଇଥିଲେ। ପର୍ୟ୍ୟାଗ୍ ଦମ୍ପତି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ବେଢା ପରିସର ବୁଲି ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରିଥିଲେ। ସିଂହଦ୍ୱାର ନିକଟରେ ପର୍ୟ୍ୟାଗ୍ ଗଣମାଧ୍ୟମକୁ କହିଥିଲେ ଯେ, ମହାପ୍ରଭୁଙ୍କୁ ଦର୍ଶନ କରି ବହୁତ ଖୁସି ଲାଗିଲା। ଦେଶ ଭଲ ଭାବେ ଆଗକୁ ବଢୁ ଏବଂ ଦେଶର ଜନସାଧାରଣ ସୁଖରେ ରୁହନ୍ତୁ ବୋଲି ଭଗବାନଙ୍କ ପାଖରେ ପ୍ରାର୍ଥନା କଲି। ଭାରତ ଏବଂ ମରିସସ୍ ମଧ୍ୟରେ ସୁସମ୍ପର୍କ ଅକ୍ଷୁଣ୍ଣ ରହୁ ଏବଂ ଭାରତବାସୀ ସୁଖ ଶାନ୍ତିରେ ରୁହନ୍ତୁ ମହାପ୍ରଭୁଙ୍କ ନିକଟରେ କାମନା କଲି। ଶ୍ରୀମନ୍ଦିର ସଂସ୍କାର ପ୍ରଶ୍ନରେ ସେ କହିଲେ, ଏହା ଭାରତର ଆଭ୍ୟନ୍ତରୀଣ ବ୍ୟାପାର।










■ ଆଜିଠାରୁ ସୁନ୍ଦରୀ ଧରା ଅଭିଯାନ

## ପହଞ୍ଚିଲେ ଡେରାଡୁନ, ଭୁବନେଶ୍ୱର ଟିମ୍

**ବନ୍ତଲା, ୨୫ା୯ (ଡି.ଏନ.ଏ.)**



ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ଛଡ଼ାଯାଇଥିବା ବାନ୍ଧବଗଡ଼ର ବାଘୁଣୀ ସୁନ୍ଦରୀକୁ ନେଇ ସମସ୍ୟା ବଢୁଥିବା ବେଳେ ଶେଷରେ ତାକୁ କାବୁ କରିବାକୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ବୁଧବାରଠାରୁ ସୁନ୍ଦରୀକୁ ଧରାଯିବା ପ୍ରକ୍ରିୟା ଆରମ୍ଭ କରାଯିବ। ୨/୩ ଦିନ ମଧ୍ୟରେ ଯେମିତି ହେଲେ ସୁନ୍ଦରୀକୁ କାବୁ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

ଗତ ୧୨ ତାରିଖ ଠାରୁ ଅଭୟାରଣ୍ୟର ବିଭିନ୍ନ ଗ୍ରାମ ନିକଟକୁ ଯାଇ ସୁନ୍ଦରୀ ମଣିଷ ଓ ଗୋରୁଙ୍କୁ ଆକ୍ରମଣ କରୁଛି। ୧୦ ଦିନ ହେଲା ବାଘୁଣୀ ଆଠମଲ୍ଲିକ ବନଖଣ୍ଡ ହାତୀଧର ଜଙ୍ଗଲରେ ଥିବାରୁ ସ୍ଥାନୀୟ ଲୋକେ ଭୟ ଓ ଆତଙ୍କିତ ଅବସ୍ଥାରେ ଅଛନ୍ତି। ତେଣୁ ସୁନ୍ଦରୀକୁ ଧରିବା ପାଇଁ ୱାଇଲ୍ଡ ଲାଇଫ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ, ଡବ୍ଲ୍ୟୁସିସି, ସ୍ପେଶାଲ ଇନ୍‌ଭେଷ୍ଟିକେଶନ ଓ ଭୁବନେଶ୍ୱର ପିସିସିଏଫ୍‌ର ଟିମ୍ ମଙ୍ଗଳବାର ରାତିରେ ଏଠାରେ ପହଞ୍ଚିଛନ୍ତି। ଡେରାଡୁନ ଓ ଭୁବନେଶ୍ୱର ଟିମ୍ ପହଞ୍ଚିଥିବାରୁ ମୋଟ୍ ୪ଟି ଟିମ୍‌କୁ ନେଇ ଗୋଟିଏ କମିଟି ଗଠନ କରାଯିବ। ବୁଧବାରଠାରୁ ବାଘୁଣୀକୁ ଧରିବାକୁ ଏହି କମିଟି ଅପରେସନ ଆରମ୍ଭ କରିବ। ଏଥିପୂର୍ବରୁ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ କାର୍ଯ୍ୟାଳୟରେ ରଖାଯାଇଥିବା ୮ ଫୁଟ ଲମ୍ବା ଓ ୪ ଫୁଟ ଉଚ୍ଚତାର ଯନ୍ତାକୁ ୪ ଦିନ ପୂର୍ବରୁ ଆଠମଲ୍ଲିକ ବନଖଣ୍ଡ କାର୍ଯ୍ୟାଳୟକୁ ଅଣାଯାଇଛି। ଅନ୍ୟ ଏକ ଯନ୍ତା ରାଇଗୁଡ଼ା ରେଞ୍ଜ କାର୍ଯ୍ୟାଳୟରେ ରଖାଯାଇଛି।

ଏ ସମ୍ପର୍କରେ ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ଡ. ସୁଦର୍ଶନ ପଣ୍ଡା କୁହନ୍ତି, ଭୁବନେଶ୍ୱର ଓ ଡେରାଡୁନର ୨ଟି ଟିମ୍ ଆସିଛନ୍ତି। ସମୁଦାୟ ୪ଟିମ୍‌କୁ ନେଇ ଗୋଟିଏ କମିଟି ଗଠନ ହେବ। ଟ୍ରାଙ୍କୁଲାଇଜ କରାହେବ କି ନାହିଁ କିଛି ନିଷ୍ପତ୍ତି ହୋଇନାହିଁ। ଅନ୍ୟ ପ୍ରକ୍ରିୟାରେ ଧରାଯିବା ପାଇଁ ଚେଷ୍ଟା କରାଯିବ। ଠିକ୍ ସମୟ ଆସିଲେ ପରିସ୍ଥିତି ଦେଖି ଆୟତ୍ତ କରାଯିବ। ଏଥିପାଇଁ ୨ରୁ ୩ ଦିନ ଲାଗିବ ବୋଲି ଡ. ପଣ୍ଡା ପ୍ରକାଶ କରିଛନ୍ତି।









ସମଗ୍ର ସୃଷ୍ଟି ଭିତରେ ଭଗବାନଙ୍କର ଅନନ୍ତ କୃପା ଅଦୃଶ୍ୟରେ ରହି ପୃଥିବୀ ପୃଷ୍ଠରେ ପ୍ରତି ମୁହୂର୍ତ୍ତରେ କାର୍ଯ୍ୟ କରି ଚାଲିଛି। ତାହା ଫଳରେ ପୃଥିବୀ ବହୁ ଦୁଃଖ,ବିପଦ, ଅଜ୍ଞାନ ଓ ନିର୍ବୋଧତା କବଳରୁ ରକ୍ଷା ପାଇପାରୁଛି। -ଶ୍ରୀମା

# ଉତ୍ତମ ରାୟ

ଭାରତୀୟ ରାଜନୀତିରେ ଅପରାଧୀକରଣ ପ୍ରସଙ୍ଗ ଦୀର୍ଘ ବର୍ଷ ଧରି ରହିଆସିଛି। ଅତୀତକୁ ଦେଖିଲେ ଉତ୍ତର ଭାରତରେ ରାଜନେତାଙ୍କୁ ଆପରାଧିକ ପୃଷ୍ଠଭୂମି ଥିବା ବ୍ୟକ୍ତିମାନେ ସମର୍ଥନ କରିଆସୁଥିଲେ। କିନ୍ତୁ ଏହି ବ୍ୟକ୍ତିମାନେ ଯେତେବେଳେ ସିଧାସଳଖ ରାଜନୀତିକୁ ଆସିବା ପାଇଁ ମନ ବଳାଇଲେ, ସେତେବେଳେ ନେତାମାନେ ସେମାନଙ୍କୁ ଅଟକାଇ ପାରିଲେ ନାହିଁ। ଫଳରେ ଲୋକ ସଭା ଓ ରାଜ୍ୟ ବିଧାନସଭାରେ ବିଭିନ୍ନ ଅପରାଧରେ ସମ୍ପୃକ୍ତ କେତେକ ନିର୍ବାଚିତ ହେବାରେ ଲାଗିଲେ। ପରିସ୍ଥିତି ଗମ୍ଭୀର ହେବା ପରେ ଏହି ପ୍ରସଙ୍ଗ ବିରାଟ ରୂପ ଧାରଣ କରିଛି। କେଉଁ ଧରଣର ଅପରାଧ ଥିଲେ ଜଣେ ନିର୍ବାଚନ ଲଢ଼ିପାରିବେ ନାହିଁ ତାହା ଉପରେ ଅନେକ ସମୟରେ ବିତର୍କ ଲାଗି ରହିଛି। ତେବେ ସମ୍ପୂର୍ଣ୍ଣ ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତି ନିର୍ବାଚନ ଲଢ଼ିପାରିବେ ନାହିଁ ବୋଲି ଆଇନ ରହିଛି। କିନ୍ତୁ ଜଣଙ୍କ ନାମରେ ଚାର୍ଜଶିଟ୍ ବା ଅଭିଯୋଗପତ୍ର ଦାଖଲ ହୋଇଥିଲେ ତାଙ୍କୁ ନିର୍ବାଚନ ପାଇଁ ଅଯୋଗ୍ୟ ଘୋଷଣା କରାଯିବା ଦରକାର ବୋଲି ହୋଇଥିବା ଏକାଧିକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ସେପ୍ଟେମ୍ବର ୨୫ରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ, ଜଣଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ ହୋଇଥିଲେ ମଧ୍ୟ ସେ ନିର୍ବାଚନ ଲଢ଼ିପାରିବେ। ଏ ସଂକ୍ରାନ୍ତରେ ପାର୍ଲାମେଣ୍ଟ ନିଷ୍ପତ୍ତି ନେଉ। ରାଜନୀତିରୁ ଅପରାଧକୁ ଦୂରେଇ ଦେବା ଲାଗି ଆଇନ ପ୍ରଣୟନକାରୀମାନେ ଆଇନ ଆଣିବା ଦରକାର ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ସୁପ୍ରିମକୋର୍ଟ ଏ ସଂକ୍ରାନ୍ତରେ ଲକ୍ଷ୍ମଣରେଖା ଅତିକ୍ରମ କରିବାକୁ ଚାହିଁ ନାହାନ୍ତି। କାର୍ଯ୍ୟପାଳିକା ଚାହିଁଲେ ଅପରାଧ ରୋକାଯାଇପାରିବ ବୋଲି ଖଣ୍ଡପୀଠ କହିଛନ୍ତି।

ଏଠାରେ ଏକ ଉଦାହରଣ ଦିଆଯାଇପାରେ। ନିର୍ଦ୍ଦିଷ୍ଟ ଅଞ୍ଚଳରେ ଉନ୍ନତିମୂଳକ କାର୍ଯ୍ୟ ହେଉ ନ ଥିଲେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥାଆନ୍ତି ବା ସ୍ଥଳବିଶେଷରେ ସଭା କରି ପ୍ରତିବାଦ କରୁଥିବା ଦେଖାଯାଏ। ଏଭଳି ପରିସ୍ଥିତିରେ ସ୍ଥାନୀୟ ନେତା ବା ବିଧାୟକ କିମ୍ବା ସାଂସଦ ପ୍ରତିବାଦ କରୁଥିବା ଲୋକଙ୍କ ସହ ସାମିଲ ହେବାକୁ ବାଧ୍ୟ ହୋଇଥାଆନ୍ତି। ଏହି ପରିପ୍ରେକ୍ଷୀରେ ଥାନାବାବୁମାନେ ଆନ୍ଦୋଳନ ବା ବିକ୍ଷୋଭ କରୁଥିବା ଲୋକଙ୍କ ବିରୋଧରେ ବିଭିନ୍ନ ଦଫାରେ ମାମଲା ରୁଜୁ କରି ଅବରୋଧ ହଟାଇବା ପାଇଁ ପଦକ୍ଷେପ ନେଇଥାଆନ୍ତି। ତେଣୁ ସମ୍ପୃକ୍ତ ରାଜନେତାମାନେ ମଧ୍ୟ ପୋଲିସ ଅଫିସରଙ୍କ ଆକ୍ରୋଶର ଶିକାର ହୋଇଥାଆନ୍ତି। ସମସ୍ତେ ଜାଣନ୍ତି, ସ୍ଥାନୀୟ ଅଞ୍ଚଳରେ ସରକାର କହିଲେ ବିଡିଓ, ତହସିଲଦାର, କନିଷ୍ଠ ଯନ୍ତ୍ରୀ ଏବଂ ଥାନାବାବୁଙ୍କୁ ବୁଝାଯାଇଥାଏ। ତେଣୁ ନିର୍ଦ୍ଦିଷ୍ଟ ଥାନା ଅଞ୍ଚଳରେ ଘଟିଥିବା ଘଟଣାରେ ଥାନା ଅଧିକାରୀ ସମ୍ପୃକ୍ତ ରାଜନେତାଙ୍କ ଉପରେ ମାମଲା ରୁଜୁ କରିଥାଆନ୍ତି। ତାହାହେଲେ ହିଁ ଗିରଫ ଯଥାର୍ଥ ହୋଇଥାଏ। ଏପରିକି ସେହି ପୋଲିସ ଅଫିସର ଅତିଶୀଘ୍ର ଏଭଳି ଘଟଣାରେ ଅଭିଯୋଗପତ୍ର ପ୍ରସ୍ତୁତ କରିଥାଆନ୍ତି। ସାଧାରଣରେ ଥାନା ଅଧିକାରୀମାନେ ବାସ୍ତବ ଅପରାଧ ଘଟଣାରେ ଏହି ଅଭିଯୋଗପତ୍ର ଦାଖଲ କରିବାରେ ଅହେତୁକ ବିଳମ୍ବ କରୁଥିବା ବେଳେ ରାଜନେତାମାନଙ୍କ ବିରୋଧରେ ତତ୍କ୍ଷଣାତ୍ ପଦକ୍ଷେପ ନେଇଥାଆନ୍ତି।

ଭାରତରେ ନିର୍ବାଚନ ସଂସ୍କାର ଦାବି କରୁଥିବା ଗୋଟିଏ ଗୋଷ୍ଠୀ ଚାହୁଁଥିଲା ଯେ, ଥାନା ତରଫରୁ ଅଭିଯୋଗପତ୍ର କଚେରିରେ ଦାଖଲ ହେବା ମାତ୍ରେ ନିର୍ବାଚିତ ପ୍ରତିନିଧି କିମ୍ବା ନିର୍ବାଚନ ଲଢ଼ିବାକୁ ଯାଉଥିବା ପ୍ରାର୍ଥୀ ଅଯୋଗ୍ୟ ଘୋଷିତ ହେବା ଉଚିତ। ଅପରପଟେ ମିଥ୍ୟାରେ ପୋଲିସ ଦ୍ୱାରା ଦିଆଯାଇଥିବା ମାମଲାଗୁଡ଼ିକ ଅଧିକାଂଶ ସମୟରେ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଥାଏ। ଏ କ୍ଷେତ୍ରରେ ନିର୍ଦ୍ଦୋଷ ସାବ୍ୟସ୍ତ ହେବା ସତ୍ତ୍ୱେ ଲୋକପ୍ରତିନିଧିଙ୍କ ସୁଯୋଗ ହାତଛଡ଼ା ହୋଇଯାଇଥାଏ। ଅର୍ଥାତ୍ ସରକାରୀ କର୍ମଚାରୀଙ୍କ ହାତରେ ରାଜନେତାଙ୍କ ଭାଗ୍ୟଡୋରି ସର୍ବଦା ବନ୍ଧା ପଡ଼ିଥାଏ। ଆମ ଦେଶ ବିଶେଷକରି ଆମ ରାଜ୍ୟର ଥାନାଗୁଡ଼ିକରେ ଥିବା ଅଧିକାଂଶ ପୋଲିସ ଅଫିସରଙ୍କ ନୈତିକତା ଓ ସଚ୍ଚୋଟପଣିଆ ସମ୍ପର୍କରେ ରାଜ୍ୟବାସୀ ଅତି ଭଲ ଭାବେ ଜାଣିଛନ୍ତି। ସାଧାରଣ ଲୋକ ବାଛିଥିବା ପ୍ରତିନିଧିର ଭାଗ୍ୟ ଯେତେବେଳେ ଏହିଭଳି ସରକାରୀ କର୍ମଚାରୀଙ୍କ ହାତରେ ସମ୍ପୂର୍ଣ୍ଣ ଭାବେ ବନ୍ଧା ପଡ଼ିଯିବ, ସେତେବେଳେ ଗଣତାନ୍ତ୍ରିକ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ। ଉପରେ କରାଯାଇଥିବା ଅବତାରଣା ଏକ କ୍ଷୁଦ୍ର ଦୃଷ୍ଟାନ୍ତ ମାତ୍ର। ତେଣୁ ସୁପ୍ରିମକୋର୍ଟ ବିଭିନ୍ନ ଦିଗକୁ ବିଚାର କରି ଦେଇଥିବା ରାୟ ଅତି ଉତ୍ତମ।

## ଚିରନ୍ତନୀ

ମୋ ବିରହେ ପରା ତାରକା ଗହଳେ   ଆକାଶ ନଇଁଛି ଧରିଣୀର ତଳେ
ମୋ ବିରହେ ସତେ ସାଗର ବକ୍ଷେ   ଲାଗିଛି ଚିର ପରାସ
ଆଜି ଚଳିବି ମୁଁ ପରବାସ।

(ବିଶ୍ୱର ଆହ୍ୱାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୬ ସେପ୍ଟେମ୍ବର ୧୯୯୩

- ଦୀର୍ଘ ୪୭ ବର୍ଷ ପରେ ଭାରତ ଦକ୍ଷିଣ ଆଫ୍ରିକା ଉପରୁ ତା'ର ବାଣିଜ୍ୟ ଓ ବିନିଯୋଗ (ଅର୍ଥନୈତିକ) କଟକଣାକୁ ଆଜିଠାରୁ ପ୍ରତ୍ୟାହାର କରିନେଇଛି।
- ଭାରତର ସୋଲି ଜାହାଙ୍ଗୀର ସୋରାବ୍‌ଜୀ ପୂର୍ବତନ ଯୁଗୋସ୍ଲାଭିଆ ପାଇଁ ଅନ୍ତର୍ଜାତୀୟ ଯୁଦ୍ଧ ଅପରାଧୀ କୋର୍ଟର ପ୍ରୋସିକ୍ୟୁଟର ମନୋନୀତ।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | | | | 4 | 7 | | | | | | | | | |
| | | | | 5 | | 1 | 8 | | | | 0 | | | E |
| | | | C | | 1 | 2 | | B | | 3 | | | | |
| D | | | 6 | | | | 5 | 9 | | E | B | | 7 | 4 |
| | | | | 0 | | A | | | 9 | | | | | 5 |
| | | 8 | 4 | | | 9 | E | 3 | 5 | | | | | |
| | | | | | 3 | | | | | 2 | D | | | |
| 6 | 9 | 7 | | | | | | 1 | | | 4 | A | | |
| | 3 | | D | | | C | 6 | 4 | | | | | E | 7 |
| | | | 2 | | | D | | | B | | C | | | |
| | 1 | 5 | | | | | 3 | | A | 9 | 7 | | | D |
| 7 | 6 | B | | | | | | | C | 4 | | | | |
| C | 0 | | | 9 | | 4 | | | | | | 2 | | |
| | | | 1 | 3 | | | | | | 5 | | | | 6 |
| | | | 7 | A | D | | 0 | E | 2 | | 8 | | | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 9 | D | 4 | 6 | E | 3 | A | 7 | 0 | C | 5 | B | 8 | 1 |
| 4 | 1 | 5 | 3 | 7 | 2 | 0 | B | D | A | 8 | E | 6 | 9 | C |
| 0 | C | 3 | 9 | 5 | 8 | 4 | E | 2 | 1 | 6 | B | A | 7 | D |
| B | E | 6 | 0 | 1 | A | 8 | C | 9 | D | 2 | 7 | 5 | 4 | 3 |
| 7 | 8 | A | B | D | C | 6 | 1 | 5 | 9 | 4 | 3 | E | 0 | 2 |
| C | 3 | 7 | E | B | 1 | 5 | 9 | 6 | 8 | D | 0 | 2 | A | 4 |
| E | 5 | 8 | A | 4 | D | 1 | 7 | C | B | 9 | 2 | 3 | 6 | 0 |
| 6 | B | 2 | C | 0 | 3 | D | 8 | 4 | E | 5 | A | 9 | 1 | 7 |
| 1 | 0 | 9 | 6 | 2 | 5 | E | 3 | A | C | 7 | 4 | D | B | 8 |
| D | A | 4 | 8 | 9 | 7 | B | 2 | 0 | 6 | 3 | 1 | C | E | 5 |
| 3 | 4 | E | 5 | 8 | 9 | C | D | 1 | 7 | B | 6 | 0 | 2 | A |
| 9 | D | 1 | 7 | A | B | 2 | 4 | E | 3 | 0 | C | 8 | 5 | 6 |
| A | 7 | C | 2 | E | 0 | 9 | 6 | 3 | 5 | 1 | 8 | 4 | D | B |
| 8 | 2 | 0 | 1 | C | 6 | A | 5 | B | 4 | E | D | 7 | 3 | 9 |
| 5 | 6 | B | D | 3 | 4 | 7 | 0 | 8 | 2 | A | 9 | 1 | C | E |

ଗତକାଲିର ଉତ୍ତର

# ସମ୍ପଦର ଯାତନା



ତତ୍ତ୍ୱ ଓ ତର୍କ

ବିମଳ ପ୍ରସାଦ ପାଣ୍ଡିଆ

ବଙ୍କାଟେଢ଼ା ଏକ ବାଡ଼ି ସାହାରାରେ ବଡ଼ କଷ୍ଟରେ ଚାଲୁଛନ୍ତି ଅଶୀତିପର ବୃଦ୍ଧ ସୁନା ପ୍ରଧାନ। ଘରେ ତାଙ୍କର ଯୁବତୀ ବୋହୂ ପାଞ୍ଚବର୍ଷରୁ ଅଧିକ କାଳ ହେଲାଣି ସମ୍ପୂର୍ଣ୍ଣ ଶଯ୍ୟାଶାୟୀ। ପାଣି ଗଳୁଥିବା ନୁଆଁଣିଆ ଚାଳଘରଟିରୁ ଦାରିଦ୍ର୍ୟର ଚିତ୍ର ପୂରା ବାରି ହୋଇଯାଉଛି। ସୁନା ପ୍ରଧାନ ବାରମ୍ବାର ଦୌଡ଼ନ୍ତି ପଞ୍ଚାୟତକୁ, ଏପରି କି କେତେଥର ଦୌଡ଼ିଛନ୍ତି ତାଙ୍କ ଗାଁ ତଳକାଇଁସାରିରୁ ପ୍ରାୟ ୩୦ କିଲୋମିଟର ଦୂରରେ ଥିବା ବାଂଶପାଳ ବ୍ଲକ୍ ଅଫିସକୁ। କେବଳ ଗୋଟିଏ ଆଶାରେ ଯେ, ବାର୍ଦ୍ଧକ୍ୟ ଭତ୍ତାଟିଏ ପାଇଁ ସେ ହକ୍‌ଦାର ବୋଲି ସରକାର ମାନିବେ। ମାତ୍ର ସରକାର ମାନିନାହାନ୍ତି ଏଯାଏ। କେନ୍ଦୁଝର ଜିଲାର ସେହି ତଳକାଇଁସାରି ଗାଁ ମୁଣ୍ଡରୁ ହିଁ ଶିଖକୁ ଟୀଖ ହୋଇ ଛିଡାହୋଇଛି ଗନ୍ଧମାର୍ଦ୍ଦନ ପାହାଡ଼। ପାହାଡ଼ ଉପରେ ଓଡ଼ିଶା ଖଣି ନିଗମ ଖୋଳିଚାଲିଛି ଭରଣ ଭରଣର ଲୁହାପଥର। କୁଆଡ଼େ କରୁଛି ଓଡ଼ିଶା ଓ କେନ୍ଦୁଝର ଜିଲାକୁ ସମୃଦ୍ଧ। କିନ୍ତୁ ସେହି ପାହାଡ଼ରୁ ଦିନେ ଫଳ, ପତ୍ର, ଛତୁ, କନ୍ଦା ଗୋଟେଇ ତଥା ସେହି ପାହାଡ଼ରୁ ବାହାରୁଥିବା ଝରରୁ ନିଜର ସ୍ୱଳ୍ପଜମିରେ ଫସଲ ଫଳାଇ ନିଜ ଜୀବନକୁ ସାଉଣ୍ଟି ଏବେ ଅସହାୟ ହୋଇସାରିଥିବା ସୁନାଙ୍କ ଭଳି ବୃଦ୍ଧଙ୍କୁ ଭତ୍ତାଟିଏ ମଧ୍ୟ ମିଳିପାରୁନି। ଗନ୍ଧମାର୍ଦ୍ଦନ ପାହାଡ଼ର ଆରପଟେ ଆଉ ଏକ ଗାଁ- ଲୁଣାଘର। ବସ୍ତିରେ ଗତବର୍ଷ ଯାଏ ପିଇବା ପାଣିର ବନ୍ଦୋବସ୍ତ ନ ଥିଲା। ନଳକୂଅ ଥିଲା, କିନ୍ତୁ ପାଣି ପିଇବାଯୋଗ୍ୟ ନୁହେଁ। ଗତବର୍ଷ ବିଦ୍ୟାଳୟ ହତାରେ ଖୋଳା ହୋଇଥିବା ନଳକୂଅରୁ ଯୋଗକୁ କେମିତି ମିଠା ପାଣି ବାହାରିଲା ଯେ, ସେଇଦିନଠୁ ସେଇ ନଳକୂଅ ଗୋଟିକ ହିଁ ଗାଁ ଲୋକଙ୍କ ସାହାରା। ଆଗରୁ ବଡ଼ ମଉଜରେ ବ୍ୟବହାର କରୁଥିବା ଛାମୁଣ୍ଡା ନାଳର ପାଣି ଏବେ ଟ୍ରକ୍‌ଗୁଡ଼ିକର ଗାଧୁଆ ତୁଠ ହୋଇସାରିଛି। ଆଉ ଗୋଟିଏ ଗାଁ- ଆମ୍ବଡହରା। ଗାଁର ଦୁଇଜଣ ଆଦିବାସୀ ଚାଷୀ ଚାରିବର୍ଷ ତଳୁ ମନରେଗା ଯୋଜନାରେ ତାଙ୍କ ଜମିରେ ଚାଷ-ପୋଖରୀ ଖୋଳି ଏଯାଏ ପଇସା ପାଇବାକୁ ଅପେକ୍ଷା କରି ରହିଛନ୍ତି- ବୋଧହୁଏ ଆଉ ମିଳିବନି। କାରଣ ସେ ଲାଞ୍ଚ ଦେବାକୁ ମନା କଲେ। ଗନ୍ଧମାର୍ଦ୍ଦନ ପାହାଡ଼ର ଆଉ ଗୋଟିଏ କୋଣରେ ଅଛି ଉପର ଜାଗର ଗାଁ। ଗାଁ ମୁଣ୍ଡରୁ ହିଁ ଖଣି ଖୋଳା ଆରମ୍ଭ ହୋଇଛି। ଗାଁର ପ୍ରାୟ ସମସ୍ତେ ଶ୍ରମଜୀବୀ। ଅଳ୍ପ କିଛି କିଛି ଜମି ଅଛି, ଯାହା କିଛି ମାସ ହିଁ ଖାଦ୍ୟ ଯୋଗାଇଥାଏ। ଜଙ୍ଗଲ ହିଁ ଥିଲା ତାଙ୍କର ପ୍ରମୁଖ ସାଧନ। ଏବେ ସେଇ ପାହାଡ଼ ଓ ଜଙ୍ଗଲ ତାଙ୍କୁ ଅପହଞ୍ଚ। କାରଣ ତାହା ଆଉ ତାଙ୍କ ଇଲାକା ହୋଇ ରହିନାହିଁ, ତାହା ଖଣି କମ୍ପାନୀର ହୋଇଯାଇଛି। ଗାଁରେ ରହୁଥିବା ୧୪୬ ପରିବାର ମଧ୍ୟରୁ ପ୍ରାୟ ସମସ୍ତେ ଆଦିବାସୀ ଓ ଗରିବ। କିନ୍ତୁ କେବଳ ୪୫ଟି ପରିବାର ପାଖରେ ବିପିଏଲ କାର୍ଡ ଅଛି। ପାହାଡ଼ ଉପର ଆଲୁଅରେ ଝଲସି ଯାଉଛି ଖଣି କିନ୍ତୁ ଗାଁ ଲୋକଙ୍କ ପାଇଁ ଡିବିରି ହିଁ ଭରସା। ମୋଟେ ୧୪ଟି ଘରେ ହିଁ ବିଜୁଳି ସଂଯୋଗ ହୋଇଛି। ଖଣିଠାରୁ କୋଶ କୋଶ ଦୂରରେ ଥିବା ଗାଁଗୁଡ଼ିକର ସାହିବସ୍ତି, ଅଗଣା କେବେଠୁ କଂକ୍ରିଟ ହୋଇସାରିଲାଣି ଖଣିର ଲାଭ ପଇସାରେ କିନ୍ତୁ ଏଇସବୁ ଗାଁର ଦାଣ୍ଡ ଏବେ ବି ନୁଖୁରା ହୋଇ ପଡିଛି। କୁନି କୁନି ପିଲାଙ୍କ ଦୁର୍ଭାଗ୍ୟକୁ ଇଚିଣ୍ଡା ଗାଁ ବିଦ୍ୟାଳୟଟି ଠିକ୍ ରାସ୍ତାକଡ଼ରେ ଅଛି। ଅନ୍ୟମାନଙ୍କ ପାଇଁ ରାସ୍ତାକଡ଼ ଅଧିକ ପସନ୍ଦ। କିନ୍ତୁ ଏଠି ତାହା ନରକ। ବିଦ୍ୟାଳୟର ପିଲା ଓ ଶିକ୍ଷକ ଦଣ୍ଡେ ବି ଭଲରେ ନିଃଶ୍ୱାସ ମାରି ପାରୁନାହାନ୍ତି। ଖଣି ଓ ଟ୍ରକ୍ ଧୂଳିରେ ଜର୍ଜରିତ ସେମାନେ। ତଥାକଥିତ 'ଡେଭଲପ୍‌ମେଣ୍ଟ' ବା ଉନ୍ନତି ଏହି ଗାଁରେ ଅପହଞ୍ଚ କହିଲେ ଭୁଲ୍ ହୋଇଯିବ, ସେଠି 'ଉନ୍ନତି'ର କରାଳ ରୂପ ସ୍ଥାନୀୟ ଲୋକଙ୍କୁ ଗ୍ରାସି ଦେଇଛି। ଲୋକଙ୍କ ଜଙ୍ଗଲ ତାଙ୍କ ହାତପାଆନ୍ତାରୁ ଚାଲିଯାଇଛି, ଝରଣା ଶୁଖିଯାଇଛି, ଜମିରେ ଖଣି ମଇଳାର ପରସ୍ତ ବସି ଉତ୍ପାଦକତା ଖସି ଯାଉଛି, ଘାସଲତାବୁଦାରେ ଖଣି ଓ ଟ୍ରକ୍ ଧୂଳିର ବହଳ ଆସ୍ତରଣ ବସି ଗାଈଗୋରୁ, ଛେଳିମେଣ୍ଢାଙ୍କ ଖାଦ୍ୟ ହଜିଯାଇଛି। ରାସ୍ତା ଉନ୍ନତ ହୋଇଛି ସତ, କିନ୍ତୁ ତାହା ଖଣିଜବୁହା ଟ୍ରକ୍‌ଗୁଡ଼ିକ ପାଇଁ। ଟ୍ରକ୍ ତାଡ଼ନାରେ ଗାଁ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି। ସ୍କୁଲ ପିଲାମାନେ ଉପର ଶ୍ରେଣୀର ବିଦ୍ୟାଳୟକୁ ଯିବା ପାଇଁ ଡରୁଛନ୍ତି। ଜଙ୍ଗଲରୁ କାଠ, ପତ୍ର କି ଫଳମୂଳ ସଂଗ୍ରହ କରି ବିକିଲେ ହିଁ ଗାଁ ଲୋକେ ବଜାରରୁ ତେଲଲୁଣ ଟିକେ କିଣିପାରନ୍ତି। ଏବେ ସେତିକି ବି ସଂଗ୍ରହ କରିବା ଲୋକଙ୍କ ପାଇଁ ଦୁରୂହ ହୋଇଯାଇଛି।

ଇଂଲିଶରେ 'ରିସୋର୍ସ କର୍ସ' ବା 'ସମ୍ପଦର ଯାତନା' ବୋଲି ଗୋଟେ ପ୍ରବାଦ ଅଛି। ସମ୍ପତ୍ତିକୁ ଭୋଗ କରିବା ପାଇଁ ଆଧୁନିକ ମଣିଷର ପ୍ରୟାସ ସମ୍ପଦ ଥିବା ଅଞ୍ଚଳରେ ରହୁଥିବା ଲୋକଙ୍କ ବିପତ୍ତି ହିଁ ବଢ଼ାଇଛି। ସମ୍ପଦର ଲାଭ ଅନ୍ୟମାନେ ଉଠାଇଛନ୍ତି କିନ୍ତୁ ସମ୍ପଦକୁ ସମ୍ଭାଳି ରଖିଥିବା ଲୋକେ ତଳିତଳାନ୍ତ ହୋଇଛନ୍ତି। ଉପରୋକ୍ତ କିଛି ଉଦାହରଣ ତାହାର ପ୍ରମାଣ। ସେହିଭଳି 'ସମ୍ପଦର ଯାତନା' ଦ୍ୱାରା ପୀଡ଼ିତ ଲୋକମାନଙ୍କର ଯାତନା ହ୍ରାସ କରିବା ତଥା ଖଣି-ଅଧ୍ୟୁଷିତ ଅଞ୍ଚଳର ଲୋକଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା ଲକ୍ଷ୍ୟରେ ସରକାର 'ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେଶନ' ନାମରେ ଏକ ଆଇନ ଆଣିଛନ୍ତି। ଏହି ଆଇନ ଅନୁସାରେ ଖଣିଜ ଦ୍ରବ୍ୟ ଉତ୍ପାଦିତ ହେବାମାତ୍ରେ ଲାଭର ଏକ ନିର୍ଦ୍ଦିଷ୍ଟ ଭାଗ ସିଧା ଜିଲା ଖଣିଜ ପାଣ୍ଠିରେ ଜମା ହୁଏ, ଯାହାକୁ ଖଣି ପ୍ରଭାବିତ ଅଞ୍ଚଳର ଲୋକଙ୍କ ଜୀବନ ଓ ଜୀବିକାକୁ ଉନ୍ନତ ଏବଂ ସ୍ଥିର କରିବାରେ ବିନିଯୋଗ କରାଯିବା କଥା। କେନ୍ଦୁଝର ଖାଲି ଓଡ଼ିଶାରେ ନୁହେଁ, ଭାରତର ସବୁଠାରୁ ଅଧିକ ପାଣ୍ଠି ସଂଗ୍ରହ କରିଥିବା ଜିଲା। ଏହି ଫାଉଣ୍ଡେଶନ ଆରମ୍ଭ ହେବା ଦିନରୁ ବିଗତ ଅଢ଼େଇ ବର୍ଷରେ କେନ୍ଦୁଝର ଜିଲା ୨,୦୦୦ କୋଟି ଟଙ୍କାର ବିପୁଳ ପାଣ୍ଠି ସଂଗ୍ରହ କରିସାରିଲାଣି। ଜିଲାର ସମଗ୍ର ଜନସଂଖ୍ୟାକୁ ହିସାବକୁ ନେଲେ ମୁଣ୍ଡପିଛା ହାରାହାରି ୧୧,୧୦୦ ଟଙ୍କାରୁ ବି ଅଧିକ ହେବ। ସାଧାରଣ ହାରାହାରି ହିସାବରେ ବି ସେହିଭଳି ଗୋଟିଏ ଗୋଟିଏ ଗାଁରେ ବର୍ତ୍ତମାନ ସୁଦ୍ଧା ୭୦-୮୦ ଲକ୍ଷ ଲେଖାଏଁ ଟଙ୍କା ପହଞ୍ଚି ଯାଇସାରିଥିବା କଥା। ଆଉ ଇଏ ତ ପ୍ରତ୍ୟକ୍ଷ ଭାବରେ ଖଣି ପ୍ରଭାବିତ ଗାଁ, ଅନ୍ୟୂନ ତିନି ଚାରି କୋଟି ଲେଖାଏଁ ଟଙ୍କା ସେହି ଗାଁମାନଙ୍କରେ ଖର୍ଚ୍ଚ ହୋଇସାରିଥିବା କଥା। କିନ୍ତୁ ଖଣି ଦ୍ୱାରା ପ୍ରତ୍ୟକ୍ଷ ଓ ପ୍ରଭୂତ ଭାବରେ ପ୍ରଭାବିତ ଏହି ତିନି ଗାଁରେ ସେହି ପାଣ୍ଠିରୁ ଗୋଟିଏ ଟଙ୍କା ବି ପହଞ୍ଚି ନାହିଁ ଏଯାଏ।

ଆମ ବିଚାରରେ ଆସୁଥିବା କିଛି ଚିନ୍ତନ ଆମ ଆଚାରରେ ଆଦୌ ପ୍ରତିଫଳିତ ହୋଇପାରୁନାହିଁ। ଖଣି ଆକ୍ରାନ୍ତ ଲୋକଙ୍କ ପାଇଁ 'ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେଶନ' ଏକ ବଢିଆ ଚିନ୍ତନ, କିନ୍ତୁ ତାହାର ରୂପାୟନ ଅତ୍ୟନ୍ତ ନୈରାଶ୍ୟଜନକ। ସେହି ପାଣ୍ଠି ବି ଲକ୍ଷ୍ୟସ୍ଥଳରେ ପହଞ୍ଚୁନାହିଁ। ଖଣି ଆକ୍ରାନ୍ତ ଲୋକଙ୍କ ବର୍ତ୍ତମାନର ଯନ୍ତ୍ରଣାକୁ ଉପଶମ କରିବାର ଆବଶ୍ୟକତା ତ ନିହାତି ଅଛି। କିନ୍ତୁ ତାଙ୍କ ଭବିଷ୍ୟତକୁ ଆଲୋକିତ ନ କଲେ ବି ଅନ୍ଧାର ନ କରିବାର ଦାୟିତ୍ୱ ସରକାର ଓ ଆମ ସମସ୍ତଙ୍କ ଉପରେ ରହିଛି। ଆଉ ୧୦-୨୦ ବର୍ଷରେ ଗନ୍ଧମାର୍ଦ୍ଦନ ପାହାଡ଼ ତଥା ସେଭଳି ଅନ୍ୟ ଖଣିରୁ ସବୁ ଲୁହାପଥର ଖୋଳି ନେବାପରେ ଆଉ କିଛି ନ ଥିବ। ଜଙ୍ଗଲ, ଝରଣା, ଚାଷଜମି ସବୁ ଉଜୁଡି ଯାଇଥିବ। ସେତେବେଳେ ଖଣିଜ ପାଣ୍ଠି ବି ମିଳିବ ନାହିଁ। ଖଣି କାରଣରୁ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ଲୋକଙ୍କର ଭବିଷ୍ୟତକୁ ସୁରକ୍ଷିତ କରିବାରେ ଟିକିଏ ବି ହେଳା କ୍ଷମଣୀୟ ନୁହେଁ।

# ଆମ ପୋଲିସ ଓ ଆମେ



ରୁଦ୍ର ପ୍ରସନ୍ନ ରଥ

ଓଡ଼ିଆରେ ଗୋଟିଏ ଢଗ ଅଛି- ଚାକିରି କରିବ ପୋଲିସ, ମାଛ ଖାଇବ ଇଲିଶି। ପୋଲିସ ଚାକିରିର ରାଜକୀୟ ଠାଣିକୁ ନେଇ କୁହାଯାଇଥିଲା ଏ କଥା। ଆଉ ସେହି ଧାରାକୁ ଧରି ଆମେ ପୋଲିସ ଚାକିରିକୁ ଅନେକ ଦିନ ଧରି ଶ୍ରେଷ୍ଠ ବୋଲି ମନେ କରିଆସିଥିଲେ। ଅନେକଙ୍କ ପାଇଁ ପୋଲିସ ହେଉଛି କ୍ଷମତାର ପ୍ରତୀକ, ଆଉ ଥୋକେଙ୍କ ପାଇଁ ଏହା ଏକ ବର୍ବର ଏବଂ ବିଫଳ ବ୍ୟବସ୍ଥା। କିନ୍ତୁ ପ୍ରକୃତରେ ଆମ ପୋଲିସକୁ ଆମେ କିପରି ଦେଖିବାକୁ ଚାହୁଁଛେ, ତାହା ଅନେକାଂଶରେ ଆମ ମାନସିକତା ଉପରେ ନିର୍ଭରଶୀଳ।

ଆମ ଗଣମାଧ୍ୟମ, ଫିଲ୍ମ ଏବଂ ସାହିତ୍ୟ ବାରମ୍ବାର ପୋଲିସର ପାରିବାପଣିଆ ଉପରେ ପ୍ରଶ୍ନ ଉଠାଇଥାଏ। ତା'ର ଦକ୍ଷତାକୁ ନେଇ ଆମେ ଦାଣ୍ଡରେ ଘାଟରେ ବେଶ୍ ଅରୁଚିକର ଭାଷାରେ କଥାବାର୍ତ୍ତା କରୁ। ସତେଯେମିତି ଘଟଣା ଘଟିଗଲା ପରେ ଘଟଣାସ୍ଥଳରେ ବିଳମ୍ବରେ ପହଞ୍ଚୁଥିବା, ଲାଞ୍ଚ ଖାଉଥିବା କିମ୍ବା କଥା କଥାରେ ନାଲି ଆଖି ଦେଖାଉଥିବା ପୋଲିସ ଜଣକ ସାରା ଓଡ଼ିଶା କିମ୍ବା ଭାରତର ପୋଲିସ ବାହିନୀର ପ୍ରତିନିଧି। ଆମ ଫିଲ୍ମରେ ପୋଲିସକୁ ବୋକା ବନାଉଥିବା କିମ୍ବା ହତ୍ୟା କରି ଜେଲରୁ ଫେରାର ହୋଇଯାଉଥିବା ଚୋର କିମ୍ବା ଡକାୟତ ବି ଆମ ଆଗରେ କିଛି ସମୟ ପାଇଁ ହେଉ ପଛେ ହିରୋର ମାନ୍ୟତା ପାଏ। ପୋଲିସକୁ ମାଡ଼ ମାରିପାରୁଥିବା କିମ୍ବା ପୋଲିସ ସହ ଯୁକ୍ତି କରିପାରୁଥିବା ଲୋକ ବି ଅନେକ ସମୟରେ ଏ ଦେଶରେ ନେତା ପାଲଟିଯାଏ।

ପୋଲିସ କର୍ମଚାରୀଟିଏ ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ ଆମରି ହିଁ ସେବା କରିଥାଏ। ଆଇନ ଶୃଙ୍ଖଳା ପରିସ୍ଥିତି, ନିର୍ବାଚନ, ପ୍ରାକୃତିକ ଦୁର୍ବିପାକ, ନେତାଙ୍କୁ ସୁରକ୍ଷା ଯୋଗାଇବା, ବିଭିନ୍ନ ପୂଜାପାର୍ବଣରେ ଉପସ୍ଥିତ ରହି ଭିଡ଼ ନିୟନ୍ତ୍ରଣ କରିବା, ଦଙ୍ଗା ଆଦିକୁ ପ୍ରତିହତ କରିବା ପାଇଁ ନିରନ୍ତର କାର୍ଯ୍ୟରତ ଥାଏ। ଅନେକ କ୍ଷେତ୍ରରେ ପୋଲିସ ଭାଇମାନେ ରକ୍ତ ଦାନ କିମ୍ବା ସମାଜ ସଚେତନତା ପାଇଁ ପରୀ ରଥ ପରି କାର୍ଯ୍ୟକ୍ରମ ମାନ ଆୟୋଜନ କରିଥାନ୍ତି। ଏତେସବୁ କାମ କରୁଥିବା ପୋଲିସର ଲୋକବଳ ବେଶ୍ ସୀମିତ। ପୋଲିସର ପ୍ରାୟ ଛୁଟି ନ ଥାଏ। ଦିନରାତି ଡ୍ୟୁଟି। ଅନେକ ସମୟରେ ତଳିଆ ପୋଲିସର ଜୀବନ କର୍ମଚାପରେ ଦୁର୍ବିଷହ ହୋଇଗଲେ ବି ଶୁଣିବାକୁ କେହି ନ ଥାନ୍ତି। ଖରାବେଳେ ଖାଇବାକୁ କିମ୍ବା ରାତିରେ ଭଲଭାବେ ଶୋଇବାକୁ ମଧ୍ୟ ସୁଯୋଗ ମିଳେନି। ଏମିତି ଚାଲିଥାଏ ବର୍ଷ ବର୍ଷ ଧରି। ନିଜ ଦେହ ଖରାପ ହେଲେ ବିଶ୍ରାମ ପାଇଁ କିମ୍ବା ପିଲାଙ୍କ ପାଠପଢ଼ା ଦେଖିବା ପାଇଁ ପୋଲିସ ପାଖରେ ସମୟ ନ ଥାଏ। ଅଥଚ ପୋଲିସ ଆଖିଆଗରେ ଆଇନକୁ ଭାଙ୍ଗିଦେବା ପାଇଁ ଆମେ ସତତ ଚେଷ୍ଟିତ ଥାଉ। ହେଲମେଟ ନ ପିନ୍ଧି, ମଦ ପିଇ ଗାଡି ଚଳାଇବା କିମ୍ବା ପୋଲିସ ସାମ୍ନାରେ ଗାଳିଗୁଲଜ କରିବାକୁ ଆମେ ବୀରପୁଙ୍ଗବର କାର୍ଯ୍ୟ ବୋଲି ବିଚାର କରୁ!

୨୦୧୪ରେ ପାର୍ଲାମେଣ୍ଟରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ, ଦେଶରେ ୨୨.୮ଲକ୍ଷ ଅନୁମୋଦିତ ପଦବୀ ରହିଥିଲା। ଏବେ ଏଥିରୁ ପ୍ରାୟ ୨୫% ଅର୍ଥାତ୍ ୫.୬ ଲକ୍ଷ ପଦବୀ ଖାଲିପଡିଛି। ପୁଣି ୨୦୧୫ ସୁଦ୍ଧା ଭାରତରେ ପ୍ରତି ୧ ଲକ୍ଷ ଜନସଂଖ୍ୟା ପାଇଁ ମାତ୍ର ୧୪୫ ଜଣ ପୋଲିସ ରହିଥିବା ବେଳେ ଜାତିସଂଘର ହିସାବ ଅନୁଯାୟୀ, ଏହା ୨୨୨ ହେବା କଥା। ଅର୍ଥାତ୍ ଆମ ପାଖରେ ଆବଶ୍ୟକ ସଂଖ୍ୟକ ପୋଲିସ ନାହାନ୍ତି। କର୍ମଚାରୀ ଅଭାବ ସାଙ୍ଗକୁ ଦିନକୁ ଦିନ ବଢୁଥିବା ସହରର କାୟା, ବେରୋଜଗାରି, ନୂଆ ଅପରାଧ ଏବଂ ଅପରାଧର ନୂଆ ନୂଆ ତରିକା ପୋଲିସ ଉପରେ ଅତ୍ୟଧିକ କାର୍ଯ୍ୟଚାପ ସୃଷ୍ଟି କରୁଛି। ୨୦୧୫ରେ ବ୍ୟୁରୋ ଅଫ୍ ପୋଲିସ ରିସର୍ଚ୍ଚ ଆଣ୍ଡ ଡେଭ୍‌ଲପ୍‌ମେଣ୍ଟ ଏବଂ ଆଡ୍‌ମିନିଷ୍ଟ୍ରେଟିଭ ଷ୍ଟାଫ୍ କଲେଜ ଅଫ୍ ଇଣ୍ଡିଆ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ପୋଲିସ ସ୍ୱାସ୍ଥ୍ୟକୁ ନେଇ ଯେଉଁ ତଥ୍ୟ ସାମ୍ନାକୁ ଆସିଛି ତାହା ବେଶ୍ ଭୀତି ଉଦ୍ରେକକାରୀ। ଏହି ଅଧ୍ୟୟନ ଅନୁଯାୟୀ ପ୍ରାୟ ୯୦% ପୋଲିସ ଦିନକୁ ୭-୧୬ ଘଣ୍ଟା ଯାଏ କାମ କରନ୍ତି। ଆଉ ପ୍ରାୟ ୭୩% ପୋଲିସ ମାସକୁ ଦିନଟିଏ ବି ଛୁଟି ପାଇବା କଷ୍ଟକର ହୋଇପଡେ। ଏପରି କାର୍ଯ୍ୟଚାପରେ କାମ କରୁଥିବା ପୋଲିସ ପାଇଁ ଆମ ମନରେ ସମ୍ବେଦନଶୀଳତା ନାହିଁ। ପୋଲିସ ଅନେକ ସମୟରେ ନିଜେ ଦୁର୍ଘଟଣାଗ୍ରସ୍ତ ଗାଡିରୁ ଲୋକଙ୍କୁ ଉଦ୍ଧାର କରେ, ନିଜେ ଶବକୁ ନେଇ ମେଡିକାଲ ଯାଏ, ମାତ୍ର ଏ ସବୁ ସ୍ଥାନରୁ ଅନେକ କ୍ଷେତ୍ରରେ ସାକ୍ଷୀଟିଏ ଯୋଗାଡ଼ କରିବା ପୋଲିସ ଲାଗି କଷ୍ଟକର ହୋଇପଡ଼େ।

ଓଡ଼ିଶା କଥା ଦେଖାଯାଉ। ୧।୧।୨୦୧୬ ସୁଦ୍ଧା ଓଡ଼ିଶାରେ ମୋଟ ଅନୁମୋଦିତ ପୋଲିସ ସଂଖ୍ୟା ୬୬,୧୮୪ ହୋଇଥିବା ବେଳେ ୫୫,୪୪୧ ଜଣ ହିଁ କାର୍ଯ୍ୟରତ ଥିଲେ ବୋଲି ଜଣାପଡିଛି। ଉତ୍ତରପ୍ରଦେଶ ପରି ରାଜ୍ୟରେ ଗୋଟିଏ ଗୋଟିଏ ଥାନାରେ ୬୦-୭୦ କର୍ମଚାରୀ ଥିଲା ବେଳେ ଓଡ଼ିଶାରେ ଏହି ସଂଖ୍ୟା ୧୫-୨୫ ଭିତରେ। ଓଡ଼ିଶାରେ ପ୍ରତି ୧୦୦ କିମି ପିଛା ୩୫ ଜଣ ପୋଲିସ ଥିବା ବେଳେ ପ୍ରତି ଏକ ଲକ୍ଷ ଜନସଂଖ୍ୟାରେ ୧୩୦ ଜଣ ପୋଲିସ ଅଛନ୍ତି। ଏତଦ୍‌ବ୍ୟତୀତ ପୋଲିସ ପାଖରେ ଆବଶ୍ୟକ ସାଜସରଞ୍ଜାମର ଘୋର ଅଭାବ ରହିଛି। ଯେଉଁ ହାରରେ ଅନ୍ୟ ସରକାରୀ ପ୍ରତିଷ୍ଠାନଗୁଡିକର ଆଧୁନିକୀକରଣ ହେଉଛି, ତା' ତୁଳନାରେ ପୋଲିସ ବିଭାଗ ବେଶ୍ ପଛରେ।

ଅନେକ ସମୟରେ ବିଭିନ୍ନ କାରଣ ପାଇଁ ପୋଲିସ ଘଟଣାସ୍ଥଳରେ ବିଳମ୍ବରେ ପହଞ୍ଚେ। ରାଜନୈତିକ ଫାଇଦାକୁ ଆଖିଆଗରେ ରଖି ନେତାଙ୍କ ହାତବାରିସି ହୋଇ କାମ କରେ, ଲାଞ୍ଚ ନେଇ ଧରାପଡ଼େ। ମାତ୍ର ଏସବୁ ପୋଲିସର ସାମଗ୍ରିକ ଚେହେରା ନୁହେଁ। ପୋଲିସ ଆମ ଭିତରୁ ଆସିଥିବା ଜଣେ ସାଧାରଣ ମଣିଷ। ଆମ ପରି ତା'ର ମଧ୍ୟ ନିଜର ଶାରୀରିକ ଆଉ ମାନସିକ ଦକ୍ଷତାର ସୀମା ଅଛି। ସେ ସେତେବେଳେ ହିଁ ଭଲଭାବେ ଦାୟିତ୍ୱ ସମ୍ପାଦନ କରିପାରିବ, ଯେତେବେଳେ ଆମ ସହାୟତା ଏବଂ ସମ୍ବେଦନଶୀଳତା ତା'ସହ ରହିବ।

ଧବଳଗିରି, ଯାଜପୁର ରୋଡ୍,
ମୋ- ୭୯୭୮୬୭୧୭୭୬

## ଏଇ ଭାରତରେ

ଅନେକ ସମୟରେ ଇସ୍ରାଏଲ୍ ପୋଲିସ ଅଫିସରମାନେ କେରଳର କନ୍ନୁର ସହରକୁ ବୁଲି ଆସନ୍ତି। ଏହି ସହରର ଏକ ପୋଷାକ ତିଆରି କାରଖାନାରେ ଇସ୍ରାଏଲ୍ ପୋଲିସ ନିମନ୍ତେ ହାଲୁକା ନୀଳରଙ୍ଗର ୟୁନିଫର୍ମ ତିଆରି ହୁଏ। ହସ୍ତତନ୍ତର ସୁନ୍ଦର କାରିଗରି ଏବଂ ବସ୍ତ୍ର ରପ୍ତାନିରେ ଏହି ଅଞ୍ଚଳର ଏକ ଗୌରବମୟ ପରମ୍ପରା ରହିଛି। କନ୍ନୁର ଜିଲାର ଭାଲିୟାଭେଲିଚମ୍‌ସ୍ଥିତ ଇଣ୍ଡଷ୍ଟ୍ରିଆଲ୍ ପାର୍କରେ ମେରିଆନ୍ ଆପାରେଲ୍ ପ୍ରା. ଲିଃ. ନାମକ ଏହି କମ୍ପାନିରେ ଶହ ଶହ ଟେଲର ବସ୍ତ୍ର ସିଲେଇ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଇସ୍ରାଏଲ୍ ପୋଲିସ ନିମନ୍ତେ କାରିଗରମାନେ ଦୁଇ ପକେଟ୍ ବିଶିଷ୍ଟ ଶାର୍ଟ ତିଆରି କରିବା ସହିତ ଏଥିରେ ଟ୍ରେଡ୍‌ମାର୍କ ଚିହ୍ନ ସିଲାଇ କରନ୍ତି। ସ୍ଥାନୀୟ ଡ୍ରେସ୍‌ମେକରମାନେ ଦୀର୍ଘ ୩ ବର୍ଷ ହେଲା ବର୍ଷକୁ ପାଖାପାଖି ୧ଲକ୍ଷ ଶାର୍ଟ ଇସ୍ରାଏଲ୍ ପୋଲିସକୁ ଯୋଗାଇ ଆସୁଛନ୍ତି। ଏହି କମ୍ପାନି କୁଏଟ୍ ଅଗ୍ନିଶମ କର୍ମଚାରୀ ଏବଂ ଜାତୀୟ ନିରାପତ୍ତା ରକ୍ଷୀଙ୍କୁ ୟୁନିଫର୍ମ ଯୋଗାଇବାକୁ ଅର୍ଡର ମଧ୍ୟ ପାଇଛି। ସବୁକିଛି ବିଧିବଦ୍ଧ ଭାବରେ ଚାଲିଲେ ମେରିଆନ୍ ଆପାରେଲ୍ ମଧ୍ୟ ଫିଲିପାଇନ୍ସ ସେନାଙ୍କ ନିମନ୍ତେ ୟୁନିଫର୍ମ ସିଲେଇ କରିବ ବୋଲି କମ୍ପାନୀର ଜଣେ ବରିଷ୍ଠ ଅଫିସର ସୂଚନା ଦେଇଛନ୍ତି।



ଜିଲା ଡାଏରୀ
ବରଗଡ଼

## ଚିନ୍ତାରେ ଚାଷୀ

ଚଳିତ ଖରିଫ ଋତୁରେ ବରଗଡ଼ ଜିଲାରେ ଆଖିଦୃଶିଆ ଧାନ ଫସଲ ହୋଇଥିବା ଖବର ମିଳୁଛି। ତା' ସତ୍ତ୍ୱେ ଚାଷୀକୁଳ ମଧ୍ୟରେ ଚକଡ଼ା ପୋକ ପାଇଁ ଭାଲେଣି ଦେଖାଦେଇଛି। କାରଣ ପଡ଼ୋଶୀ ବଲାଙ୍ଗିର ଜିଲାର କେତେକ ଅଞ୍ଚଳରେ ଚକଡ଼ା ପୋକର ପ୍ରାଦୁର୍ଭାବ ଦେଖାଦେଇଛି। ୩/୪ଦିନ ହେଲା ଜିଲାରେ ବର୍ଷା ଛାଡ଼ି ଯାଇ ଖରାପାଗ ଆରମ୍ଭ ହୋଇଛି। ପୁଣି ମଝିରେ ମେଘୁଆ ପାଗ ସାଙ୍ଗକୁ ଅସରାଏ ବିକ୍ଷିପ୍ତ ବର୍ଷା ହେଉଛି। ଏଭଳି ପାଗ ଚକଡ଼ା ପୋକ ପାଇଁ ଅନୁକୂଳ। ତେବେ ନିକଟ ଭବିଷ୍ୟତରେ ଆଉ ବର୍ଷା ନ ହେଲେ ଅଣଜଳସେଚିତ ଅଞ୍ଚଳରେ ଗର୍ଭିଣୀ ଅବସ୍ଥାରେ ରହିଥିବା ଧାନ ନଷ୍ଟ ହେବାର ବି ଭୟ ରହିଛି। ତେବେ ଚକଡ଼ା ପୋକର ଆଶଙ୍କା ଥିବାରୁ ଜିଲା କୃଷିବିଭାଗ ପକ୍ଷରୁ ଏବେଠାରୁ ତତ୍ପରତା ପ୍ରକାଶ ପାଇବା ଉଚିତ ବୋଲି ମତପ୍ରକାଶ ପାଉଛି। ନଚେତ୍ ବିଗତ ଦିନ ପରି ଚକଡ଼ା ପୋକ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇପାରେ।

-ଶଙ୍କର ବଲ୍ଲଭ ମିଶ୍ର

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀମନ୍ଦିର ବ୍ୟାପାରରେ ହସ୍ତକ୍ଷେପ

ମହାଶୟ,
ଶ୍ରୀମନ୍ଦିର ହିନ୍ଦୁଙ୍କର ଆରାଧ୍ୟ ଠାକୁର ଶ୍ରୀଜଗନ୍ନାଥଙ୍କ ବିଜେସ୍ଥଳୀ। ଏହାର ଗରିମା କ୍ଷୁଣ୍ଣ କରିବା ଧର୍ମନିରପେକ୍ଷ ରାଷ୍ଟ୍ରର ଆଦର୍ଶ ନୁହେଁ। ବଡ଼ ଦେଉଳକୁ ଦଳିତ, ବିଦେଶୀ ଓ ବିଧର୍ମୀଙ୍କ ପ୍ରବେଶ, ଠାକୁର/ରଥ ସ୍ପର୍ଶ, ହୁଣ୍ଡି ସ୍ଥାପନ, ଦଇତାଙ୍କ ଦୌରାତ୍ମ୍ୟ ଦମନ ପରି ସ୍ପର୍ଶକାତର ପ୍ରସଙ୍ଗରେ ସର୍ବୋଚ୍ଚ ନ୍ୟାୟାଳୟ ହସ୍ତକ୍ଷେପ କରିବା ପରିବର୍ତ୍ତେ ଗଜପତି ମହାରାଜା ଓ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ମତାମତକୁ ପ୍ରାଧାନ୍ୟ ଦିଆଯାଉ।

ରମାକାନ୍ତ ପୁରୋହିତ, ନିରାକାରପୁର, ଖୋରଧା

### ଧର୍ମ ବନାମ ଆଧ୍ୟାତ୍ମିକତା

ଧରିତ୍ରୀ (୧୨।୮)ରେ ପ୍ରକାଶ ତ୍ରିପାଠୀଙ୍କ ଦ୍ୱାରା ଲିଖିତ 'ଧର୍ମ ବନାମ ଆଧ୍ୟାତ୍ମିକତା' ପାଠ କରି ଖୁବ୍ ଆନନ୍ଦ ପାଇଲି। ଏଥିରେ ଛଦ୍ମ ଧର୍ମାନ୍ଧତା ଅପେକ୍ଷା ମାନବିକତାପୂର୍ଣ୍ଣ ସମ୍ବେଦନଶୀଳ ଆଧ୍ୟାତ୍ମିକତାର ଏକ ସୁନ୍ଦର ଉଦାହରଣ ପ୍ରଦାନ କରାଯାଇଛି। ବାସ୍ତବରେ ଅନ୍ୟକୁ ସହାୟତା କରିବାରେ ହିଁ ଜୀବନ ଅର୍ଥପୂର୍ଣ୍ଣ ମନେହୁଏ। ଚେତନଶୀଳ ଲୋକମାନେ ଉକ୍ତ ପ୍ରବନ୍ଧରୁ ଅନେକ କିଛି ଶିଖିପାରିଲେ ସମାଜର ମଙ୍ଗଳ ହୁଅନ୍ତା।

ଡ. ବିଦ୍ୟାଧର ବେହେରା, ଘୁଟୁରୁ, କେନ୍ଦୁଝର

### ଶ୍ରୀମନ୍ଦିରରେ ଜଗନ୍ନାଥ ଦର୍ଶନ

ଦେବ ଦେବ ମହାଦେବଙ୍କୁ ବୃଷଭ ପଛରେ ରହି ଓ ଜଗତର ନାଥ ଜଗନ୍ନାଥଙ୍କୁ ଗରୁଡ ପଛରେ ରହି ଦର୍ଶନ କରିବା ବିଧି ଆଗରୁ ଥିବାରୁ ଭକ୍ତ ସାରିଆ ଭିକ 'ଥକାମନ ଚାଲ ଯିବା-ଚକା ନୟନ ଦେଖିବା' ଭଜନରେ ଲେଖିଛନ୍ତି, 'ଗରୁଡ଼ ପଛରେ ଦେଖ କି ଶୋଭା କଳାଶ୍ରୀମୁଖ'। ସେ ବିଧିରେ ଗରୁଡ ପଛରେ ଯଦି ଦର୍ଶନ ମିଳନ୍ତା, ତା' ହେଲେ ଆଉ ଭିତରକୁ ଲୋକେ ଯିବାକୁ ମନ ବଳାଉ ନ ଥାନ୍ତେ। ମନ୍ଦିର ଭିତରେ ଠେଲାପେଲା, ଦଳାଚକଟା ହୁଅନ୍ତା ନାହିଁ କି ରୋଗଣା ବୁଢ଼ାବୁଢ଼ୀ ଓ ଆମର ମାଆ ଭଉଣୀ ଦର୍ଶନ ନ ପାଇ ନିରାଶ ହୁଅନ୍ତେ ନାହିଁ।

କାଳିଚରଣ ରଥ, ବ୍ରହ୍ମପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୬ ସେପ୍ଟେମ୍ବର, ୨୦୧୮



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।
- କାର୍ଲାଇଲ



## ସଂକ୍ଷେପରେ

### ଚାଷରେ ରୋଗପୋକ ସମ୍ପର୍କିତ ତାଲିମ ଶିବିର

ରିଆମାଳ,୨୫।୯(ଡି.ଏନ୍.ଏ.)- ରାଷ୍ଟ୍ରୀୟ କୃଷି ଯୋଜନାରେ ରିଆମାଳ ବ୍ଲକର ୫୦ଜଣ ଅଗ୍ରଣୀ ଚାଷୀଙ୍କୁ ନେଇ ଡାଲିଜାତୀୟ ଓ ଅନ୍ୟାନ୍ୟ ଫସଲରେ ରୋଗପୋକ ସମ୍ପର୍କରେ ମଙ୍ଗଳବାର ଦିନିକିଆ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଦେବଗଡ଼ କୃଷି ଉପନିର୍ଦ୍ଦେଶକ ପ୍ରଶାନ୍ତ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ବିଭିନ୍ନ ଫସଲର ଇ-ରୋଗ ପୋକ ସର୍ବେକ୍ଷଣ ଓ ପରିଚାଳନା ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଜିଲ୍ଲା କୃଷି ଅଧିକାରୀ ବାବାଜୀ ଚରଣ ସାହୁ, ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ଦ୍ୱାରିକାନାଥ ପ୍ରଧାନ, କୃଷି ବିଜ୍ଞାନ କେନ୍ଦ୍ରର ଶସ୍ୟ ସଂରକ୍ଷଣ ବିଜ୍ଞାନୀ ଲବ ସୋରେନ ତାଲିମ ପ୍ରଦାନ କରିଥିଲେ। ବ୍ଲକ ଆତ୍ମା ଅଧକ୍ଷ ତରଣୀସେନ ପ୍ରଧାନ ଯୋଗଦେଇ ନିଜ ମତାମତ ଉପସ୍ଥାପନ କରିଥିଲେ। ବ୍ଲକର ସମସ୍ତ କୃଷି କ୍ଷେତ୍ର କର୍ମଚାରୀ ସହଯୋଗ କରିଥିଲେ। ବ୍ଲକ କୃଷି ଅଧିକାରୀ ଅନନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ସାକ୍ଷୀ ହେବାକୁ ନେଇ ଯୁବକଙ୍କୁ ଆକ୍ରମଣ

ରେଢ଼ାଖୋଲ,୨୫।୯(ଡି.ଏନ.ଏ.)- ରେଢ଼ାଖୋଲ ଥାନା ବଡକୁଡା ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଯୁବକଙ୍କୁ ୨ଜଣ ଯୁବକ ଆକ୍ରମଣ କରିଛନ୍ତି। ଆକ୍ରମଣର ଶିକାର ହୋଇଥିବା ଯୁବକ ଜଣକ ହେଲେ ଏହି ଗ୍ରାମର ଯୁଧିଷ୍ଠିର ସାହୁ (୩୫)। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ରେଢ଼ାଖୋଲ ଡାକ୍ତରଖାନାକୁ ଆଣିଥିଲେ। ହେଲେ ଅବସ୍ଥା ଗୁରୁତର ଥିବାରୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଆକ୍ରମଣକାରୀ ଫେରାର ହୋଇ ଯାଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ଆକ୍ରମଣକାରୀ ଯୁବକ ଦ୍ୱୟ ସୋମବାର ଗ୍ରାମର ଜଣେ ବ୍ୟକ୍ତିଙ୍କ ସହିତ ଗଣ୍ଡଗୋଳ କରିଥିଲେ। ସମ୍ପୃକ୍ତ ବ୍ୟକ୍ତି ଯୁଧିଷ୍ଠିରଙ୍କୁ ସାକ୍ଷୀ ଭାବେ ଏତଲାରେ ଦର୍ଶାଇ ଥିଲେ। ହେଲେ ଯୁଧିଷ୍ଠିର ସାକ୍ଷୀ ଥିବା ଜାଣି ଯୁବକ ଦ୍ୱୟ ମଙ୍ଗଳବାର ସନ୍ଧ୍ୟାରେ ଗାଁ ସ୍କୁଲ ନିକଟରେ ଯୁଧିଷ୍ଠିରଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଖବର ପାଇ ପୋଲିସ ଗ୍ରାମରେ ପହଞ୍ଚି ଥିଲା। ହେଲେ ଉଭୟେ ଫେରାର ହୋଇଯାଇଥିଲେ। ଏ ନେଇ ରାତି ସୁଦ୍ଧା ଥାନାରେ ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।

ଦଳୀୟ କାର୍ଯ୍ୟକ୍ରମ ପାଇଁ ଜିଲା ପ୍ରଶାସନର ଅନୁକମ୍ପା

# ଗଣେଶପୂଜାକୁ ନା, ନୂଆଁଖାଇକୁ ହଁ

## ■ ଷ୍ଟାଡିୟମରେ କାର୍ଯ୍ୟକ୍ରମ ପାଇଁ ଅନୁମତି

ଦେବଗଡ଼,୨୫।୯,(ସ୍ୱ.ପ୍ର.)

ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଦେବଗଡ଼ ଗଣେଶ ପୂଜା ଉତ୍ସବ ଇତିମଧ୍ୟରେ ଶେଷ ହୋଇଛି। ବହୁ ବାଧାବିଘ୍ନ ଭିତରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଜିଲା ବାହାରୁ ଆସିଥିବା କଳାକାର ତଥା ସାଂସ୍କୃତିକ ଦଳ, ଟେଣ୍ଟ ନିର୍ମାଣକାରୀ କର୍ମଚାରୀ, ଲାଇଟ କର୍ମଚାରୀ, ଅପେରା କର୍ମଚାରୀ ପ୍ରମୁଖଙ୍କ ରହିବା ପାଇଁ ବିଭିନ୍ନ ସ୍ଥାନ ନିରୂପଣ କରି ରଖାଯାଇଥିଲା। ଏଥିପାଇଁ ପ୍ରତ୍ୟେକ ବର୍ଷ ଜିଲା ପ୍ରଶାସନ ଅନୁମତି ଦେଇଥାଏ। କିନ୍ତୁ ଚଳିତବର୍ଷ ଶେଷ ମୁହୂର୍ତ୍ତରେ ଜିଲା ପ୍ରଶାସନ ବିଭିନ୍ନ ଆଳ ଦେଖାଇ କେତେକ ସ୍ଥାନରେ ଏ ସବୁ ବନ୍ଦୋବସ୍ତ ପାଇଁ ମନା କରିଦେଇଥିଲା ବୋଲି ଗଣେଶ ମେଳା କମିଟି ଅଭିଯୋଗ କରିଛି। ଅଭିଯୋଗ ଅନୁଯାୟୀ, ପୂଜା ସମୟରେ କଳାକାର ତଥା କର୍ମଚାରୀଙ୍କ ଅସ୍ଥାୟୀ ରହଣି ପାଇଁ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମର ଇନ୍‌ଡୋର ହଲ୍ ପ୍ରଦାନ ପାଇଁ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁଙ୍କୁ ଅନୁମତି ମଗାଯାଇଥିଲା। ତେବେ ଜିଲାପାଳ ମନା କରିଛନ୍ତି ବୋଲି ସେ ଶେଷ ମୁହୂର୍ତ୍ତରେ କହିଥିଲେ। କ୍ରୀଡ଼ା ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟକ୍ରମ ପାଇଁ ଉକ୍ତ ଇନ୍‌ଡୋର ହଲ୍ ଦିଆଯିବ ନାହିଁ ବୋଲି ସେ ରୋକ୍‌ଠୋକ୍ ଶୁଣାଇଥିଲେ। ତେବେ ବୁଧବାର ଜିଲା ବିଜେଡି ଉକ୍ତ ଇନ୍‌ଡୋର ହଲ୍‌ରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଯାଉଛି। ଏପରିକି ଏଥିପାଇଁ ଦେବଗଡ଼ ସହର ସମେତ ସମଗ୍ର ଜିଲାରେ ଫ୍ଲେକ୍ସ ବ୍ୟାନର, ସୋସିଆଲ ମିଡିଆରେ ଏ ନେଇ ପ୍ରଚାରପ୍ରସାର କରାଯାଉଛି। ତେବେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କାର୍ଯ୍ୟକ୍ରମ ପାଇଁ ଜିଲା କ୍ରୀଡ଼ା ଅଧିକାରୀ କିପରି ତଥା କାହା ଚାପରେ ଉକ୍ତ ଷ୍ଟାଡିୟମରେ କାର୍ଯ୍ୟକ୍ରମ ପାଇଁ ଅନୁମତି ଦେଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଜିଲା କ୍ରୀଡ଼ା ଅଧିକାରୀ ସାହୁଙ୍କୁ ପଚାରିବାରୁ ସେ କହିଲେ, ମୁଁ ହାଇଦ୍ରବାଦ ଯାଇଥିଲି। ମଙ୍ଗଳବାର ସକାଳେ ଫେରିଲି। ବିଜେଡି କର୍ମକର୍ତ୍ତାମାନେ ଷ୍ଟାଡିୟମରେ କାର୍ଯ୍ୟକ୍ରମ ପାଇଁ ଜିଲାପାଳଙ୍କୁ ଅନୁମତି ମାଗିଥିଲେ। ଜିଲାପାଳ ଅନୁମତି ଦେଇଛନ୍ତି ବୋଲି କହି ସାହୁ ନିଜ ଉପରୁ ଦୋଷ ଛଡ଼ାଇଥିଲେ। ଅନ୍ୟପକ୍ଷରେ ଗଣେଶ ପୂଜା କମିଟି ସଭାପତି ଧର୍ମେନ୍ଦ୍ର କୁମାର ଦେବତାଙ୍କୁ ପଚାରିବାରୁ ସେ କହିଥିଲେ, ପ୍ରତ୍ୟେକବର୍ଷ କମିଟିକୁ ଜିଲା ପ୍ରଶାସନ ତଥା ଜିଲା କ୍ରୀଡ଼ା ବିଭାଗ ସହାୟତା କରିଥାଏ। ମାତ୍ର ଚଳିତବର୍ଷ କଲେନାହିଁ। ଯାହାକି ପରିତାପର ବିଷୟ। ପୂଜାରେ ସମସ୍ତଙ୍କ ସହମତି ତଥା ସମନ୍ୱୟ ରହିବା କଥା। ହେଲେ ଚଳିତବର୍ଷ ଏଥିରେ ବ୍ୟତିକ୍ରମ ଦେଖାଦେଇଛି ବୋଲି ସେ କହିଥିଲେ।



ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଚଢ଼ାଉ

# ୭୫ କେଜି ପଲିଥିନ ଜବତ

ସମ୍ବଲପୁର୨୫।୯(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ପକ୍ଷରୁ ମଙ୍ଗଳବାର ବିଭିନ୍ନ ସ୍ଥାନରେ ପଲିଥିନ ନେଇ ଚଢଉ କରାଯାଇଥିଲା। ହୀରାକୁଦ, ଅଇଁଠାପାଲି ଅଞ୍ଚଳରେ ୭୫ କେଜି ପ୍ଲାଷ୍ଟିକ ଜବତ ସହ ୫୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଗତ ୬ମାସ ମଧ୍ୟରେ ହୋଇଥିବା ଚଢ଼ାଉରେ ୧ଲକ୍ଷ ୮୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜଣାପଡ଼ିଛି। ସେହିପରି କୁଚିଣ୍ଡା ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଚଢାଉ ହୋଇଥିଲା। ୨୩ ଦୋକାନରୁ ୪ହଜାର ୫୦୦ ଟଙ୍କା ଜରିମାନା ଆଦାୟ ହୋଇଛି । ସ୍ୱାଗତିକା ବେହେରା, ଡ. ସୁଦର୍ଶନ ବିଶ୍ୱାଳ, ଫୁଡ ସେଫ୍ଟି ଅଫିସର ପ୍ରତାପ ରୁଦ୍ର ମଣ୍ଡପ ଏବଂ କୁଚିଣ୍ଡା ଥାନା ଏଏସଆଇ ବି.ଏନ. ଦଳବେହେରା ସଦଳବଳ ଚଢ଼ାଉ କରିଥିଲେ।

ପୁରୁଣାଗଡ଼ ଲକ୍ଷ୍ମୀପୂଜା ପ୍ରସ୍ତୁତି ବୈଠକ

# ପୂଜାକୁ ଅଧିକ ଆକର୍ଷଣୀୟ କରାଯିବାକୁ ନିଷ୍ପତ୍ତି

ଦେବଗଡ଼,୨୫।୯ (ସ୍ୱ.ପ୍ର,)

ଦେବଗଡ଼ ପୌରାଞ୍ଚଳ ଅଧୀନ ପୁରୁଣାଗଡ଼ଠାରେ ଆଗାମୀ ଲକ୍ଷ୍ମୀପୂଜା ପାଇଁ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜକ କମିଟିର କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ବିକାଶ କୁମାର ପ୍ରଧାନ, ଉପସଭାପତି ମାନସ ପ୍ରଧାନ, ସମ୍ପାଦକ ସଞ୍ଜୀବ ବେହେରା, କୋଷାଧକ୍ଷ ଭାବେ ଅଜୁ ଏବଂ ପିଙ୍କୁଙ୍କୁ ମନୋନୀତ କରାଯାଇଛି। ଏଥିସହ ଗତବର୍ଷର ଆୟବ୍ୟୟ ହିସାବ କରାଯାଇଛି। ଚଳିତବର୍ଷ ପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଆଲୋଚନା କରାଯାଇଛି। ବୈଠକରେ ଗୁଡୁ ପ୍ରଧାନ, ଜୟ ସାମଲ, ଡିଲେଶ୍ୱର ଦେହୁରୀ, ସୁଜିତ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ କମିଟି ସଦସ୍ୟ।

### ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ

ରେଢ଼ାଖୋଲ,୨୫।୯ (ଡି.ଏନ.ଏ.)

ଭାଜପାର ପ୍ରତିଷ୍ଠାତା ଦିନଦୟାଲ ଉପାଧ୍ୟାୟଙ୍କ ଜନ୍ମ ଜୟନ୍ତୀ ନଗର କମିଟି ପକ୍ଷରୁ ପାଳିତ ହୋଇଛି। ନଗର ସଭାପତି ଶିବରାମ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗୋବିନ୍ଦ ଅଗ୍ରୱାଲ, ଲବ କିଶୋର ଷଣ୍ଢ, ଅନ୍ନପୂର୍ଣ୍ଣା ଅଦାବର, ନର୍ମଦା ବିଶ୍ୱାଳ, କାଞ୍ଚନ ଷଣ୍ଢ, ଧରଣୀ ଷଣ୍ଢ, ଭାଗବତ ଷଣ୍ଢ, ଯଦୁମଣି ବିଶ୍ୱାଳ ପ୍ରମୁଖ ଯୋଗଦେଇ ଦିନଦୟାଲ ଉପାଧ୍ୟାୟଙ୍କ ତ୍ୟାଗପୂତ ଜୀବନ ଓ ଆଦର୍ଶ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସହରର ୯ ନମ୍ବର ୱାର୍ଡରେ ବୃକ୍ଷରୋପଣ ଓ ସଫେଇ କାର୍ଯ୍ୟକ୍ରମ କରାଯିବା ସହ ସ୍ୱଚ୍ଛତା ଉପରେ ସଚେତନ କରାଯାଇଥିଲା।

ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା

# ଭାଗ ନେଲେ ୫୬ ଛାତ୍ରୀଛାତ୍ର

ରେଢ଼ାଖୋଲ,୨୫।୯ (ଡି.ଏନ.ଏ.)

ସମ୍ବଲପୁର ଜିଲା ଜଳ ଓ ପରିମଳ ମିଶନ ଆନୁକୂଲ୍ୟରେ ସ୍ଥାନୀୟ ରାଣୀ ଅନ୍ନପୂର୍ଣ୍ଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ବ୍ଲକସ୍ତରୀୟ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ମାଧ୍ୟମିକ ଓ ଉଚ୍ଚ ପ୍ରାଥମିକସ୍ତରର ୫୬ ଜଣ ଛାତ୍ରୀଛାତ୍ର ଭାଗ ନେଇ ଥିଲେ। ବରିଷ୍ଠ ଓ କନିଷ୍ଠ ବିଭାଗରୁ ୧୨ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ବକ୍ତୃତା ବରିଷ୍ଠ ବିଭାଗରେ ଅନ୍ୱେଷା ସାହୁ ପ୍ରଥମ, ଶିବାନୀ ପ୍ରଧାନ ଦ୍ୱିତୀୟ ଓ ଜଲି ନାଏକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବିରିଷ୍ଠ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ପ୍ରଥମ, ଅର୍ପିତା ମହାପାତ୍ର ଦ୍ୱିତୀୟ ଓ ରାଜକୁମାର ରଣା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବକ୍ତୃତା କନିଷ୍ଠ ବିଭାଗରେ ଶିଖା ବାଘ ପ୍ରଥମ, ଦାପ୍ତିମୟୀ ନାଗ ଦ୍ୱିତୀୟ, ଶୁଭଦ୍ରା ସାମନ୍ତରାୟ ତୃତୀୟ ହୋଇଥିବା ବେଳେ ଚିତ୍ରାଙ୍କନରେ ନିତିଶ କୁମାର ସାହୁ ପ୍ରଥମ, ଯାଜନିକା ନାଗ ଦ୍ୱିତୀୟ ଓ ମନିତ ଟପ୍ପୋ ତୃତୀୟ ହୋଇଛନ୍ତି। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ସମାରୋହରେ ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମଶ୍ରୀ ଦାସ ସଭାପତିତ୍ୱ କରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଦେବରାଜ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନେତ୍ରାନନ୍ଦ ଗୁରୁ ଓ ଭୀମସେନ ପ୍ରଧାନ ବିଚାରକ ଭାବେ ଯୋଗ ଦେଇଥଲେ। ଶିକ୍ଷକ ବିଜୟାନନ୍ଦ ପ୍ରଧାନ, ନରେନ୍ଦ୍ର କୁମାର ଦେହୁରୀ, ରଂଜିତ କର୍ଣ୍ଣ, ମନୋରମା ପ୍ରଧାନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ପ୍ରଫେସରଙ୍କୁ ମାର୍‌ପିଟ ଅଭିଯୋଗ, ବୟାନ ରେକର୍ଡ

ସମ୍ବଲପୁର,୨୫।୯ (ବ୍ୟୁରୋ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଜ୍ୟୋତିବିହାର)ରେ ସୋମବାର ଛାତ୍ର ବିଜୁ ଜନତା ଦଳ ପକ୍ଷରୁ ଆୟୋଜିତ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ପରେ ହୋଇଥିବା ମାରପିଟ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଏ ନେଇ ବିଶ୍ୱବିଦ୍ୟାଳୟ ଶାନ୍ତି କମିଟି ପକ୍ଷରୁ ପୃଥକ ଭାବେ ପ୍ରଫେସର ଡା. କୁଜୁର ଓ ଅନ୍ୟପକ୍ଷେ ମାନସ କୁମାର ସାହୁ, ପ୍ରକାଶ ଚନ୍ଦ୍ର ଦଳାଇ ଓ ବିଶ୍ୱରଞ୍ଜନ ଜେନାଙ୍କ ବୟାନ ରେକର୍ଡ କରାଯାଇଛି। ସେହିପରି କୁଳପତିଙ୍କ ଅଫିସ ସମ୍ମୁଖରେ ଏବିଭିପି ଛାତ୍ରୀଛାତ୍ରମାନେ ପ୍ରଫେସର କୁଜୁରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବିରେ ଆନ୍ଦୋଳନ କରିଥିଲେ। ଅପରପକ୍ଷେ, ଅନ୍ୟ ଛାତ୍ରମାନେ ମଧ୍ୟ କୁଜୁରଙ୍କୁ ମାର୍‌ପିଟ କରିଥିବା ଅଭିଯୁକ୍ତ ଛାତ୍ରମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସନ୍ଧ୍ୟା ସମୟରେ କୁଳପତି ପ୍ରଫେସର ଦୀପକ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଏ ସଂକ୍ରାନ୍ତରେ ଏକ ବୈଠକ ହୋଇଥିଲା। ସୂଚନାଯୋଗ୍ୟ ଯେ, ସୋମବାର ବିଶ୍ୱବିଦ୍ୟାଳୟ ଅଡିଟୋରିୟମରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ପ୍ରଫେସର କୁଜୁର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଉପରାନ୍ତ ସେ ଘରକୁ ଫେରୁଥିବାବେଳେ କେତେକ ଛାତ୍ର ଓ ଅଣଛାତ୍ର ରାସ୍ତାରେ ତାଙ୍କୁ ଅଟକାଇଥିଲେ। ରାଜନୈତିକ ଦଳର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ସେ କାହିଁକି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବୋଲି କହି ତାଙ୍କୁ ମାର୍‌ପିଟ କରିଥିବା ଅଭିଯୋଗ ହୋଇଥିଲା।

### ବନ୍ଧ ପାଣିରେ ବୁଡ଼ିଯାଇ ମହିଳା ମୃତ

ରେଙ୍ଗାଲି,୨୫।୯ (ଡି.ଏନ.ଏ)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଠେଲକୁଲି ଥାନଞ୍ଚଳ ବୋମାଲୋଇ ଗ୍ରାମର ବନ୍ଧ ପାଣିରେ ମୁଣ୍ଡାପଡ଼ାର ଜଣେ ମହିଳା ବୁଡିଯାଇ ମୃତ ହୋଇଛନ୍ତି। ସେ ହେଲେ ବିଜଲି ମୁଣ୍ଡା (୫୦)। ସୂଚନା ମୁତାବକ, ସୋମବାର ରାତି ପ୍ରାୟ ୯ରୁ ୧୦ଟା ସମୟରେ ତାଙ୍କୁ ଉକ୍ତ ବନ୍ଧରେ ମୃତ ଅବସ୍ଥାରେ ଭାସୁଥିବା ଦେଖାଯାଇଥିଲା। ଠେଲକୁଲି ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ଡାକ୍ତରଖାନା ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଦକ୍ଷିଣ ଓଡ଼ିଶାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୫।୯ (ବ୍ୟୁରୋ)

## ୨୩ ବ୍ଲକରେ ମରୁଡ଼ି ପରିସ୍ଥିତି

ରାଜ୍ୟରେ ବର୍ଷା ପରିମାଣ ହ୍ରାସ ପାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଓଡିଶାର ଅଧିକାଂଶ ସ୍ଥାନରେ ଏବଂ ଉତ୍ତର ଗୋଟିଏ ଦୁଇଟି ସ୍ଥାନରେ ସ୍ୱଳ୍ପରୁ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର ଅଳ୍ପ କେତେକ ସ୍ଥାନରେ ବର୍ଷା ହୋଇଛି। ଭୁବନେଶ୍ୱରରେ ୨୮.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ବାଲେଶ୍ୱରରେ ୪, କେନ୍ଦୁଝରରେ ୬, ସମ୍ବଲପୁରରେ ୭, ଟିଟିଲାଗଡରେ ୩୯, ଦାରିଙ୍ଗିବାଡିରେ ୨୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ରାଜ୍ୟରେ ସ୍ୱାଭାବିକ ଠାରୁ ୧୬ ପ୍ରତିଶତ ଅଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ତେବେ ୮ ଜିଲାର ୧୯ ବ୍ଲକରେ ସ୍ୱଳ୍ପ ବୃଷ୍ଟି ହୋଇଥିବା ବେଳେ ୪ ଜିଲାରେ ମରୁଡି ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଅନୁଗୋଳ ଜିଲାର ଛେଣ୍ଡିପଦା ବ୍ଲକରେ ୧୯.୭ ପ୍ରତିଶତ କମ ବର୍ଷା ହୋଇଥିବା ବେଳେ ପାଲଲହଡାରେ ୨୫.୫, ଅନୁଗୋଳରେ ୩୧.୭, ବଲାଙ୍ଗୀରରେ ୨୧.୩, ପଦ୍ମପୁରରେ ୨୧.୧, ସୋହେଲାରେ ୨୪.୬, ଚମ୍ପୁଆରେ ୨୨.୧, ବନ୍ଧୁଗାଁରେ ୨୯.୧, ନାରାୟଣ ପାଟଣାରେ ୩୫.୧, ରାସଗୋବିନ୍ଦପୁରରେ ୨୨.୧, ବିଶୋଇରେ ୧୯.୬ ପ୍ରତିଶତ ବର୍ଷା ହୋଇଛି।

# ଦିବ୍ୟାଙ୍ଗ ଜଳ ପରିମଳ ଅଧିକାର ସମ୍ପର୍କିତ ଆଲୋଚନାଚକ୍ର

ବାରକୋଟ,୨୫।୯(ଡି.ଏନ୍.ଏ.)

ୱାଟରଏଡ୍‌ର ସହାୟତାରେ ଦିବ୍ୟାଙ୍ଗମାନଙ୍କ ଜଳ ପରିମଳ ଅଧିକାର ସମ୍ପର୍କିତ ଆଲୋଚନାଚକ୍ର ଜିଲା ଜଳ ପରିମଳ ମିଶନ ସହାୟତାରେ ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ଜଳ ପରିମଳ ମିଶନ ପରାମର୍ଶଦାତା କୁମୁଦ ଚନ୍ଦ୍ର ଶତପଥୀ ଏବଂ ପ୍ରଶାନ୍ତ କୁମାର ସାମଲ ଯୋଗଦେଇଥିଲେ। ଜିପର ସମ୍ପାଦିକା ଅନୁପମା ରାଉତ ଅଧ୍ୟକ୍ଷତା କରିଥିଲେ। ଦିବ୍ୟାଙ୍ଗମାନଙ୍କ ପାଇଁ ବ୍ୟବହାରଯୋଗ୍ୟ ପାଇଖାନା ତିଆରି ହୋଇପାରି ନ ଥିବା ସମ୍ପର୍କରେ ଦିବ୍ୟାଙ୍ଗମାନେ ଅଭିଯୋଗ କରିଥିଲେ। ଦିବ୍ୟାଙ୍ଗଙ୍କ ଜଳ ପରିମଳ ଅଧିକାର ଏବଂ ଏଥିପାଇଁ ପଞ୍ଚାୟତସ୍ତରୀୟ ସଂଘର ଆବଶ୍ୟକତା ଉପରେ ଜିପର ପ୍ରକଳ୍ପ ସଂଯୋଜକ ଆଲୋଚନା କରିଥିଲେ।

ଏହାସହ ଜିପର ଉଦ୍ୟମରେ ପୂର୍ବତନ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ପାଠୀଙ୍କ ନିର୍ଦ୍ଦେଶରେ ଜଳ ପରିମଳ ମିଶନ ଦ୍ୱାରା ଜିଲାର ସମସ୍ତ ସରପଞ୍ଚଙ୍କୁ ଏକ ଚିଠି ଗତ ମାର୍ଚ୍ଚ ୧୫ ତାରିଖରେ ଦିଆଯାଇଥିଲା। ପଞ୍ଚାୟତର ଅର୍ଥ ଖର୍ଚ୍ଚ କରି ଦିବ୍ୟାଙ୍ଗଙ୍କ ପାଇଁ ପାଇଖାନା କରିବାକୁ ଏଥିରେ ଉଲ୍ଲେଖ ରହିଛି। କିନ୍ତୁ ଏପର୍ଯ୍ୟନ୍ତ ପାଇଖାନା ତିଆରି ହୋଇପାରି ନ ଥିବାରୁ ଏଥିପ୍ରତି ଜିଲା ପ୍ରଶାସନ ଗୁରୁତ୍ୱ ଦେବାକୁ ଦିବ୍ୟାଙ୍ଗମାନେ ପ୍ରସ୍ତାବ ଦେଇଥିଲେ। ଶେଷରେ ଜିପ ଅନୁଷ୍ଠାନର କର୍ମୀ ଶ୍ରଦ୍ଧାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଗୋଲେଖ ବାରିକ, ମନ୍ଦୋଦରୀ ସାହୁ ଏବଂ ଗୋଦାବରୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

ପ୍ରଧାନମନ୍ତ୍ରୀ ଫସଲ ବୀମା ପ୍ରଦାନରେ ବିଳମ୍ବ

# ଦ୍ୱିତୀୟ ଦିନରେ ଆନ୍ଦୋଳନ

ସମ୍ବଲପୁର,୨୫।୯ (ବ୍ୟୁରୋ)

ଘୋଷଣା ହୋଇଥିବା ପ୍ରଧାନମନ୍ତ୍ରୀ ଫସଲ ବୀମା ପ୍ରଦାନ କରିବା ପାଇଁ ଚାଷୀଙ୍କ ଆନ୍ଦୋଳନ ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଜିଲା କୃଷକ ସଙ୍ଗଠନ ଓ ଜୟଦୁର୍ଗା କୃଷକ ସଙ୍ଗଠନର ଚାଷୀମାନେ ଧାରଣାରେ ବସି ରହିଛନ୍ତି। ସମ୍ବଲପୁର ବରିଷ୍ଠ ନାଗରିକ ଭାଗବତ ପ୍ରସାଦ ନନ୍ଦଙ୍କ ସମେତ ଅନ୍ୟ ସଦସ୍ୟ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ତେବେ ଅଦ୍ୟାବଧି ଜିଲା ପ୍ରଶାସନ କିମ୍ବା ବୀମା କମ୍ପାନୀ ପକ୍ଷରୁ କୌଣସି ଆଲୋଚନା ହୋଇନାହିଁ। ମଙ୍ଗଳବାର ଆନ୍ଦୋଳନରେ ପଶ୍ଚିମ ଓଡିଶା କୃଷକ ସଙ୍ଗଠନର ଆବାହକ ଅଶୋକ ପ୍ରଧାନ, ଜିଲା ସଭାପତି ମୁରାରୀ ପୁରୋହିତ, ଉପସଭାପତି ହରିଶଙ୍କର ପୁରୋହିତ, ଦେବେନ୍ଦ୍ର ପ୍ରଧାନ, ଭୈରବ ପ୍ରଧାନ, ଦିଲୀପ ସାହୁ, ଏକ୍କା ଖଡିଆ, ଲବ ପ୍ରଧାନ, ଦାମୋଦର ପ୍ରଧାନ, ଶଶୀଭୂଷଣ ସାହାଣୀ, ଅକ୍ଷୟ ସାହୁ, ଏମ. ଗୋବିନ୍ଦୁ, କେ.ଭି. ରାମକୃଷ୍ଣ ପ୍ରମୁଖ ଉପସ୍ଥିତ ରହିଥିଲେ।




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ବର୍ଷା ହେବା ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | |
|---|---|---|
| ବାଲେଶ୍ୱର | ୩୪.୮ | ୨୨.୭ |
| ଚାନ୍ଦବାଲି | ୩୫.୨ | ୨୬.୦ |
| କଟକ | ୩୪.୮ | ୨୪.୨ |
| ପାରାଦ୍ୱୀପ | ୩୨.୪ | ୨୭.୭ |
| ଭୁବନେଶ୍ୱର | ୩୪.୨ | ୨୫.୨ |
| ଗୋପାଳପୁର | ୩୩.୭ | ୨୬.୨ |
| ପୁରୀ | ୩୪.୦ | ୨୭.୦ |
| ଅନୁଗୋଳ | ୩୪.୧ | --- |
| ବାରିପଦା | ୩୫.୦ | ୨୫.୦ |
| ଝାରସୁଗୁଡ଼ା | ୩୪.୨ | ୨୬.୧ |
| କେନ୍ଦୁଝର | ୩୧.୮ | ୨୩.୨ |
| ସମ୍ବଲପୁର | ୩୪.୩ | ୨୬.୦ |
| ସୁନ୍ଦରଗଡ଼ | --- | ୨୨.୫ |
| ହୀରାକୁଦ | ୩୪.୧ | ୨୬.୨ |
| ତାଲଚେର | ୩୩.୬ | ୨୪.୯ |
| ଭବାନୀପାଟଣା | --- | ୨୪.୦ |
| ବଲାଙ୍ଗୀର | ୩୫.୦ | ୨୪.୫ |
| କୋରାପୁଟ | ୨୯.୬ | ୧୯.୦ |
| ଫୁଲବାଣୀ | ୩୨.୦ | ୧୯.୨ |
| ଟିଟିଲାଗଡ଼ | ୩୪.୦ | ୨୧.୫ |
| ମାଲକାନଗିରି | ୩୪.୦ | --- |
| ସୋନପୁର | ୩୪.୮ | ୨୪.୦ |
| ଦାରିଙ୍ଗିବାଡ଼ି | ୨୫.୦ | ୧୯.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ବିଲରୁ ମୃତଦେହ ଉଦ୍ଧାର

ସମ୍ବଲପୁର,୨୫।୯(ବ୍ୟୁରୋ)

ସମ୍ବଲପୁର ଜିଲା ଜୁଜୁମୁରା ଥାନା ଟାମ୍ପରସିଂହା, ବଞ୍ଜାରିଟିକ୍ରା ରାସ୍ତାକଡ ଏକ ବିଲରୁ ମଙ୍ଗଳବାର ଏକ ମୃତଦେହ ଉଦ୍ଧାର ହୋଇଛି । ଟାମ୍ପରସିଂହା ଗ୍ରାମର ଭୀମ ବାଗ (୪୦)ଙ୍କ ଏହା ମୃତଦେହ ବୋଲି ଜଣାପଡ଼ିଛି। ଜୁଜୁମୁରା ପୋଲିସ ଖବର ପାଇ ମୃତଦେହକୁ ଜବତ କରି ତଦନ୍ତ ଚଳାଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ବିଲ ପାଣିରେ ବୁଡି ଭୀମ ମୃତ ହୋଇଥିବା କୁହାଯାଉଛି। ହତ୍ୟା କରି କେହି ତାଙ୍କୁ ଫୋପାଡି ଦେଇଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ରେଢାଖୋଲ ଏସଡିପିଓ ହାଡିବନ୍ଧୁ ସ୍ୱାଇଁ, ଜୁଜୁମୁରା ଥାନା ଅଧିକାରୀ ବନଶ୍ରୀ ରାଉତରାୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଏ ନେଇ ଜୁଜୁମୁରା ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଭାଜପା, ବିଜେଡି କର୍ମୀଙ୍କ ମଧ୍ୟରେ ଉତ୍ତେଜନା

ନାକଟିଦେଉଳ,୨୫।୯ (ଡି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକରେ ଆସନ୍ତା ୨୯ ତାରିଖରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥିପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ସଫଳ କରିବା ନେଇ ୨୨ ତାରିଖରେ ବ୍ଲକ ସଭାଗୃହରେ ବିଡିଓ ମାଥୋଡିଅସ୍ ଲାକ୍ରାଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ଉକ୍ତ ବୈଠକରେ ଭାଜପା ସ୍ଥାନୀୟ ଜନପ୍ରତିନିଧିମାନଙ୍କୁ ଅଣଦେଖା କରାଯାଇଥିବା ନେଇ ଭାଜପାର ଦୁଇ ଜିଲାପରିଷଦ ସଭ୍ୟ ଓ ନାକଟିଦେଉଳ ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ପ୍ରତିବାଦ କରିଥିଲେ। ଏ ସମ୍ପର୍କରେ ଭାଜପାର ଜିଲାପରିଷଦ ସଦସ୍ୟ ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳଙ୍କୁ ଭେଟି ବୈଠକକୁ ସେମାନଙ୍କୁ କାହିଁକି ଡକାଗଲା ନାହିଁ ବୋଲି ପ୍ରଶ୍ନ କରିଛନ୍ତି। ଏହାପରେ ବ୍ଲକ ଅଧକ୍ଷା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଡାକି ଘଟଣା ସମ୍ପର୍କରେ ପଚାରିବାରୁ ମୋବାଇଲରେ ହ୍ୱାଟସ୍‌ଆପ୍‌ରେ ଚିଠି ଦିଆଯାଇଥିଲା ବୋଲି କହିଥିଲେ। ଅପରପକ୍ଷେ, ଉକ୍ତ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଝାରସୁଗୁଡା କାର୍ଯ୍ୟକ୍ରମକୁ ଭାଜପାର ନେତାମାନେ ଯାଇଥିବାରୁ ସେମାନେ ଅନୁପସ୍ଥିତ ଥିବା ବିଜେଡ଼ି ପକ୍ଷରୁ ଯୁକ୍ତି ଦର୍ଶାଯାଇଛି। ଏଥିରେ ଭାଜପା ନେତାମାନେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମକୁ ବିରୋଧ କରି ପାଟିତୁଣ୍ଡ କରିବାରୁ କେତେକ ବିଜେଡି କର୍ମୀ ସେଠାରେ ପହଞ୍ଚି ଯାଇଥିଲେ। ଫଳରେ ଉଭୟ ଗୋଷ୍ଠୀ ମଧ୍ୟରେ କଥା କଟାକଟି ଏବଂ ଯୁକ୍ତିତର୍କ ସହ ଉତ୍ତେଜନା ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ଭାବେ ପ୍ରଶାସନ ଆୟୋଜନ କରୁଥିବାରୁ ଆମର ଏଥିରେ କିଛି ଭୂମିକା ନାହିଁ ବୋଲି ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ ପ୍ରକାଶ କରିଥିଲେ। ଅପରପକ୍ଷେ, କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକକୁ କୌଣସି ଜଣେ ହେଲେ ଭାଜପାର ଜନପ୍ରତିନିଧିଙ୍କୁ ଡକାଯାଇ ନାହିଁ କିମ୍ବା ଚିଠି ଦିଆଯାଇ ନଥିବାରୁ ଏହା ରାଜ୍ୟ ସରକାରଙ୍କ ଦଳୀୟ କାର୍ଯ୍ୟକ୍ରମ ପାଲଟିଛି ବୋଲି ଜିଲାପରିଷଦ ସଭ୍ୟ ତଥା ଭାଜପା ନେତା ପ୍ରମୋଦ କୁମାର ସାହୁ କହିଛନ୍ତି ।



ଜଓ୍ୱାନ ଓ କିଷାନ୍‌ର ଜୟ ହିଁ ଦେଶ ଏବଂ ଜାତିର ଜୟ।

- ଲାଲ୍ ବାହାଦୁର ଶାସ୍ତ୍ରୀ



## ସଂକ୍ଷେପରେ

### ଲିଟାପଡ଼ାରେ ବହୁବିଧ ସମସ୍ୟା



ସମ୍ବଲପୁର,୨୫।୯(ବ୍ୟୁରୋ) : ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ ତାଲବ ପଞ୍ଚାୟତର ଲିଟିପଡ଼ାରେ ପ୍ରାୟ ୨୫ ପରିବାର ରହୁଛନ୍ତି। କିନ୍ତୁ ଏହି ଗାଁକୁ ରାସ୍ତା ହୋଇପାରିନାହିଁ। ମାଟି ଓ କାଦୁଅ ରାସ୍ତାରେ ଜନସାଧାରଣ ଯିବା ଆସିବା କରିଥାନ୍ତି। ଏଥିସହ ପାନୀୟ ଜଳ ସଙ୍କଟ ରହିଛି । ଗ୍ରାମବାସୀ ୩ଶହ ମିଟର ଦୂରରେ ଥିବା ନଳକୂଅରୁ ପାଣି ସଂଗ୍ରହ କରୁଛନ୍ତି। ପରିତାପର ବିଷୟ, ଏହି ନଳକୂଅରୁ ଅଧଘଣ୍ଟା ଜଗିବା ପରେ ଏମ ବାଲଟି ପାଣି ସଂଗୃହିତ ହୋଇଥାଏ। ଅପରପକ୍ଷେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ଗ୍ରାମବାସୀ ବଞ୍ଚିତ ହେଉଛନ୍ତି। ଗରିବ ପରିବାରଙ୍କୁ ସୌଭାଗ୍ୟ ଯୋଜନାରେ ମଧ ସାମିଲ କରାଯାଇ ନାହିଁ। ମୁଖ୍ୟତଃ ଏହି ଗ୍ରାମର ସମସ୍ତ ପରିବାର ଓରାମ ସମ୍ପ୍ରଦାୟର। ଅନ୍ୟପଟେ, ଅଙ୍ଗନୱାଡି କେନ୍ଦ୍ର ନ ଥିବାରୁ ଛୋଟ ଶିଶୁମାନେ ଦେଢ଼ କିଲୋମିଟର ଦୂର ଧୁମାପଡ଼ା ଅଙ୍ଗନୱାଡି କେନ୍ଦ୍ରକୁ ପାଠ ପଢ଼ିବାକୁ ଯାଇଥାନ୍ତି। ପୋଖରି ନ ଥିବାରୁ ବହୁବିଧ ସମସ୍ୟାରେ ଗ୍ରାମବାସୀ ଜୀବନଯାପନ କରି ଆସୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଲିଟାପଡ଼ାବାସୀଙ୍କୁ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଦାବି ହୋଇଛି।

### ବରଗଡ଼ରେ କ୍ୟାନସର ହସ୍ପିଟାଲ ଦାବି

ସମ୍ବଲପୁର,୨୫।୯(ବ୍ୟୁରୋ) : ସମ୍ବଲପୁର ସ୍ଥିତ ଚକ୍ଷୁଦାନ ଓ ଭିନ୍ନକ୍ଷମ କଲ୍ୟାଣ ଅନୁଷ୍ଠାନ ଜ୍ୟୋତିର କାର୍ଯ୍ୟକାରୀ ସମିତି ସଭା ମଙ୍ଗଳବାର ନିଜସ୍ୱ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ପରେଶ ଚନ୍ଦ୍ର ଦାନୀଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ପଶ୍ଚିମ ଓଡ଼ିଶାରେ କ୍ୟାନସର ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। କିନ୍ତୁ କ୍ୟାନସର୍ ରୋଗର ଚିକିତ୍ସା ଲାଗି କୌଣସି ବ୍ୟବସ୍ଥା ନାହିଁ । ଏଣୁ ରୋଗୀମାନେ ମୁମ୍ବାଇ, ଦିଲ୍ଲୀ, ଭୁବନେଶ୍ୱର ଆଦି ସ୍ଥାନକୁ ଯାଇ ସେଠାରେ ଦୀର୍ଘ ସମୟ ଧରି ରହି ଚିକିତ୍ସିତ ହେବାକୁ ବାଧ ହେଉଛନ୍ତି । ଏଥିପାଇଁ ଅର୍ଥ ବୋଝ ହୋଇଛି। ଏଣୁ ପଶ୍ଚିମ ଓଡ଼ିଶାର ବରଗଡ଼ଠାରେ ଏକ ଉନ୍ନତ କ୍ୟାନସର ଚିକିତ୍ସାଳୟ ଖୋଲାଯିବାକୁ ସଭାରେ ଦାବି କରାଯାଇଛି। ଓଡ଼ିଶା ସାଂସ୍କୃତିକ ସମାଜର ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତି, ବରିଷ୍ଠ ଖବରଦାତା ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଶିକ୍ଷାବିତ୍ ଭକ୍ତପ୍ରସାଦ ନନ୍ଦ, ରତ୍ନଭୂଷଣ ପୁରୁଷେଠ, ତାପସ କୁମାର ଦାସ, ଅଖିଳ ରଞ୍ଜନ ପଟ୍ଟନାୟକ, ରାମାନୁଜ ପଣ୍ଡା, ହୃଷୀକେଶ ପୂଜାରୀ, ଶିବ ନାରାୟଣ ପାଣିଗ୍ରାହୀ, ସୁକାନ୍ତ ବହିଦାର ପ୍ରମୁଖ ଏହି ଦାବି ପ୍ରତି ଦୃଢ଼ ସମର୍ଥନ ଜଣାଇଥିଲେ। ଏ ଦିଗରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କଠାରେ ଦାବି ଉପସ୍ଥାପନ କରାଯାଇଛି। ଶେଷରେ ସଂଯୋଜକ କଳ୍ପନା ମିଶ୍ର ଧନ୍ୟବାଦ ଦେଇଥିଲେ।

### ପଡ଼ୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ

ସମ୍ବଲପୁର,୨୫।୯(ବ୍ୟୁରୋ) ଭାରତ ସରକାରଙ୍କ ଯୁବ ବ୍ୟାପାର ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ପଡ଼ୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶେଖ୍ ସୁଫିଆନ୍ ଉଲ୍ଲା ଓ ନିଳମଣୀ ନାୟକଙ୍କ ପରିଚାଳନାରେ ଯୁଯୁମୁରା ବ୍ଲକ କୋନଫ୍ରେନ୍ସ୍ ହଲଠାରେ କାର୍ଯ୍ୟକ୍ରମ ହୋଇଥିଲା। ଜିଲା ସଂଯୋଜକ ମାରିଆନି ବିଲୁଙ୍ଗ ଯୋଗଦେଇ ଯୁବକମାନଙ୍କ ବିକାଶ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଦେବଝରନ ବିକାଶ ମଞ୍ଚ ଆବାହକ ଅରୁଣ ଦେହୁରୀ ସମାଜ ପ୍ରତି ଯୁବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦର୍ଶାଇଥିଲେ। ସେ କହିଥିଲେ ଯେ, ପରିବେଶ ସୁରକ୍ଷା ହିଁ ମୂଳମନ୍ତ୍ର ହେବା ସମୟ ଆସିଛି ।

### ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ

ସମ୍ବଲପୁର,୨୫।୯(ବ୍ୟୁରୋ) : ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ୧୦୨ତମ ଜୟନ୍ତୀ ଭାରତୀୟ ଜନତା ପାର୍ଟି ପକ୍ଷରୁ ଗୋବିନ୍ଦତୋଲା ରାଣୀ ସତିଜୀ ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ରାଷ୍ଟ୍ରବାଦ ଓ ସମାଜବାଦରେ ନିଜକୁ ପଣ୍ଡିତ ଦିନଦୟାଲ ସମର୍ପିତ କରିଥିଲେ ବୋଲି ବକ୍ତାମାନେ କହିଥିଲେ। ଭାଜପା ଜିଲା ମୁଖପାତ୍ର ସୂର୍ଯ୍ୟ ପାଣିଗ୍ରାହୀ, ଜିଲା ସାଧାରଣ ସମ୍ପାଦକ ଦାମଦୋର କର, ବେଣୁଧର ଦାଶଙ୍କ ସମେତ ଦଳର କର୍ମକର୍ତ୍ତା ଓ କର୍ମୀମାନେ ବକ୍ତବ୍ୟ ରଖିଥିଲେ। ଶେଷରେ ଭାଜପା ଧନୁପାଲି ମଣ୍ଡଳ ସଭାପତି ପ୍ରକାଶ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ବେଙ୍ଗାଲୁରୁରେ ନୂଆଁଖାଇ ଭେଟଘାଟ

ସମ୍ବଲପୁର,୨୫।୯(ବ୍ୟୁରୋ)

ବେଙ୍ଗାଲୁରୁ ଜୁହାର ପରିବାର ପକ୍ଷରୁ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ବେଙ୍ଗାଲୁରୁ ପୁରୁଣା ଏୟାରପୋର୍ଟସ୍ଥିତ ଏମ. ବିଶ୍ୱେଶ୍ୱରରାୟ କଲେଜ ପଡ଼ିଆଠାରେ ଉତ୍ସବ ହୋଇଥିଲା। ବେଙ୍ଗାଲୁରୁ ସାଂସଦ ପିସି ମୋହନ ମୁଖ୍ୟ ଅତିଥି, ବିଜେଡି ନେତା ଅର୍କେଶ ସିଂହଦେଓ, ନିହାର ସାମନ୍ତରାୟ, ଲିଟଲ୍ ମିସ ଗ୍ୟାଲେକ୍ସି ଅର୍ପିତା ବେହେରା, ଶ୍ରୀକାନ୍ତ ଉପାଧ୍ୟାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଢ଼ୋଲ, ନିଶାନ, ତାସା ଓ ମହୁରୀ ବାଦ୍ୟରେ ଭେଟଘାଟ ସମାରୋହକୁ ସେଠାରେ ବସବାସ କରୁଥିବା ପଶ୍ଚିମ ଓଡ଼ିଶାବାସୀ ଉପଭୋଗ କରିଥିଲେ। ବରଗଡ଼ କଳାଜୀବୀ ଲୋକନୃତ୍ୟ ଦଳ ଡାଲଖାଇ ପୂଜା ଓ ଲୋକନୃତ୍ୟ ଢ଼ାପ ଓ ଦେଶୀୟା ନୃତ୍ୟ ପରିବେଷଣ, କଣ୍ଠଶିଳ୍ପୀ ସାଶ୍ୱତ ତ୍ରିପାଠୀ, ରୁକୁ ସୁନା ଲୋକଗୀତ, ଆଧୁନିକ ସଙ୍ଗୀତ ଗାନ କରିଥିଲେ। ଆରତୀ କୁମ୍ଭାର, ମମତା, ତରୁଣ ଓ ମୁନା ପ୍ରମୁଖ କଣ୍ଠଶିଳ୍ପୀ ଭିନ୍ନ ସ୍ୱାଦର ଗୀତ ପରିବେଷଣ କରିଥିଲେ। ଶିଶୁ ପ୍ରତିଭା ଅର୍ପିତା ବେହେରାଙ୍କ ଆମେ ସୁମ୍ବଲପୁରିଆ ନନି ଓ ଶ୍ରୀନିକା ପୁରୋହିତଙ୍କ ଓଡ଼ିଶୀ ନୃତ୍ୟ ଉଚ୍ଚପ୍ରଶଂସିତ ହୋଇଥିଲା। ପ୍ରବାସୀ ଗୃହିଣୀ ଓ ଶିଶୁମାନଙ୍କ ନୃତ୍ୟ ସହ ନିତେନ ପଟ୍ଟନାୟକଙ୍କ ହାସ୍ୟକଳା, ଦଳଗତ ଫେଶନ ସୋ' ର୍ୟାମ୍ପରେ ସମ୍ବଲପୁରୀ ବାନ୍ଧବସ୍ତ୍ରର ସମ୍ଭାର ଦେଖିବାକୁ ମିଳିଥିଲା। ବେଙ୍ଗାଲୁରୁ ପ୍ରବାସୀ ଓ ପଶ୍ଚିମ ଓଡ଼ିଶା କଳାକାରଙ୍କ ସମ୍ବଲପୁରୀ ନୃତ୍ୟ ଓ ଗୀତରେ ଦର୍ଶକ

- ହକି ତାରକା ଲିଲିମାଙ୍କୁ ଜୁହାର ସମ୍ମାନ
- ୪ ହଜାର ଦର୍ଶକରେ ପୂରି ଉଠିଥିଲା କାର୍ଯ୍ୟକ୍ରମସ୍ଥଳ
- ସମ୍ବଲପୁରରୁ ଆସିଥିଲେ ରୋଷେୟା
- ପାରମ୍ପରିକ ଖାଦ୍ୟପେୟ, ପିଠାପଣାକୁ ନୃତ୍ୟଗୀତ
- ଫେଶନ ଶୋ' ର୍ୟାମ୍ପରେ ସମ୍ବଲପୁରୀ ବାନ୍ଧବସ୍ତ୍ରର ସମ୍ଭାର



ବେଙ୍ଗାଲୁରୁ ଜୁହାର ପରିବାର ଆୟୋଜିତ ନୂଆଁଖାଇ ଭେଟଘାଟରେ ସମ୍ବଲପୁରୀ ନୃତ୍ୟ।

ଝୁମୁ ଉଠିଥିଲେ। ଏହି ଅବସରରେ ପଦ୍ମିନୀ ପାଣିଗ୍ରାହୀଙ୍କ ମାଟିର୍ ମହିମା ଗୀତ ଲୋକାର୍ପିତ ହୋଇଥିଲା। ସମ୍ବଲପୁରର ଏସ.ଏସ. ମେଲୋଡ଼ିର ଶିଳ୍ପୀମାନେ ବାଦ୍ୟଯନ୍ତ୍ରରେ ସହଯୋଗିତା କରିଥିଲେ। ହକି ତାରକା ଲିଲିମାଙ୍କୁ ଜୁହାର ସମ୍ମାନ, ଗ୍ରୀନ ସମ୍ବଲପୁରିଆ ସମେତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ସୁଦୀପ୍ତ ପଣ୍ଡାଙ୍କ ସୂଚନାନୁଯାୟୀ, ପ୍ରାୟ ୪ ହଜାର ଦର୍ଶକ ଉପସ୍ଥିତ ରହି ଭେଟ୍‌ଘାଟ କାର୍ଯ୍ୟକ୍ରମରେ ଆନନ୍ଦ ନେଇଥିଲେ। ସମ୍ବଲପୁରରୁ ଆସିଥିବା ରୋଷେୟାମାନେ ପାରମ୍ପରିକ ଖାଦ୍ୟପେୟ, ପିଠାପଣା ପ୍ରସ୍ତୁତ କରିଥିଲେ। ଲିଲିମାଙ୍କ ପକ୍ଷରୁ ତାଙ୍କ କୋଚ ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ।

## ଏମସିଏଲର ନୂତନ ଅଧ୍ୟକ୍ଷ ଭାବେ ରାଜୀବରଞ୍ଜନ ମିଶ୍ରଙ୍କ ଅତିରିକ୍ତ ଦାୟିତ୍ୱ ଗ୍ରହଣ

ସମ୍ବଲପୁର,୨୫।୯(ବ୍ୟୁରୋ)

ମହାନଦୀ କୋଇଲା କମ୍ପାନୀ (ଏମସିଏଲ)ର ନୂତନ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାବେ ରାଜୀବ ରଞ୍ଜନ ମିଶ୍ର ମଙ୍ଗଳବାର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ବର୍ତ୍ତମାନ ସେ ୱେଷ୍ଟର୍ଣ୍ଣ କୋଲଫିଲ୍ଡ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅଛନ୍ତି । ସେଣ୍ଟ୍ରାଲ କୋଲଫିଲ୍ଡ ଲିମିଟେଡରେ କାର୍ମିକ ନିର୍ଦ୍ଦେଶକ, ସିଏମପିଡିଆଇଏଲରେ କାର୍ମିକ ଓ ପ୍ରଶାସନ ବିଭାଗର ମୁଖ୍ୟ, ନର୍ଦନ୍ କୋଲଫିଲ୍ଡ ଲିମିଟେଡ ଏବଂ କୋଲ ଇଣ୍ଡିଆ ଲିମିଟେଡର ବିଭିନ୍ନ ଉଚ୍ଚ ପଦବୀରେ କାର୍ଯ୍ୟ କରି ସେ ସଫଳତା ହାସଲ କରିଛନ୍ତି । ଉଦ୍ଭିଦ ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ ପରେ ପର୍ସନାଲ ମ୍ୟାନେଜମେଣ୍ଟ ଓ ଇଣ୍ଡଷ୍ଟ୍ରିଆଲ ରେଲେଶନ ବିଷୟରେ ମଧ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ନଭେମ୍ବର ୨୦୦୦ରୁ ସେ କୋଲ୍ ଇଣ୍ଡିଆ ଲିମିଟେଡ ବୋର୍ଡ ଅଫ୍ ଡାଇରେକ୍ଟରର ସ୍ଥାୟୀ ଇନ୍‌ଭାଇଟି ଭାବେ ନିଯୁକ୍ତି ପାଇଛନ୍ତି। ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟର ଜାତୀୟ ପରିଚାଳନା କମିଟି ସଦସ୍ୟ ରହିଛନ୍ତି। ମାନବ ସମ୍ବଳ



ଏମସିଏଲର ନୂତନ ଅତିରିକ୍ତ ଅଧ୍ୟକ୍ଷ ରାଜୀବରଞ୍ଜନ ମିଶ୍ର ।

ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସେ ବହୁ ପୁରସ୍କାର ହାସଲ କରିଛନ୍ତି। ମୁଖ୍ୟତଃ ୨୦୧୨-୧୩ରେ ବାଙ୍ଗାଲୋରରେ ଆୟୋଜିତ ଏସିଆ ପେସିଫିକ୍ ଏଚଆରଏମ କନଫେରେନ୍ସ, ୨୦୧୨ରେ ଦିଲ୍ଲୀରେ ଆୟୋଜିତ ଇଣ୍ଡିଆନ୍ ହ୍ୟୁମେନ୍ କେପିଟାଲ ଉତ୍ସବରେ ପୁରସ୍କୃତ ହୋଇଛନ୍ତି। ମଙ୍ଗଳବାର ରାଜୀବରଞ୍ଜନ ଏମସିଏଲ ମୁଖ୍ୟାଳୟରେ କାର୍ଯ୍ୟରେ ଯୋଗଦେବାକୁ ପହଞ୍ଚିବା ପରେ ଅଧିକାରୀ, କର୍ମଚାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ବୋଲି ଜନସମ୍ପର୍କ ବିଭାଗ ପକ୍ଷରୁ ସୂଚୀତ କରାଯାଇଛି।

### ହୀରାକୁଦ ଡ୍ୟାମ ସୂଚନା

ସମ୍ବଲପୁର,୨୫।୯(ବ୍ୟୁରୋ)

ହୀରାକୁଦ ଡ୍ୟାମ ଜଳସ୍ତର ମଙ୍ଗଳବାର ରାତି ୯ଟା ସୁଦ୍ଧା ୬୨୮.୬୦ ଫୁଟ ରହିଛି। ଡ୍ୟାମକୁ ପ୍ରତି ସେକେଣ୍ଡରେ ୫୩ ହଜାର ୪୦୩ କ୍ୟୁସେକ ଜଳ ପ୍ରବେଶ କରୁଛି। ସେହିପରି ବରଗଡ଼, ଶାସନ, ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରୀ ମାଧମରେ ୧୫ହଜାର ୩୭୪ ଏବଂ ପାୱାର ଚ୍ୟାନେଲ୍ ଦେଇ ୧୦ହଜାର ୫୯୦ କ୍ୟୁସେକ୍ ଜଳ ନିଷ୍କାସନ କରାଯାଉଛି। ଡ୍ୟାମର ଉପରମୁଣ୍ଡ ଓ ତଳମୁଣ୍ଡରେ ବୃଷ୍ଟିପାତ ହୋଇନଥିବା ରେକର୍ଡ କରାଯାଇଛି । କିନ୍ତୁ ସମ୍ବଲପୁର ଜିଲାର ନାକଟିଦେଉଳ ବ୍ଲକରେ ୧୨ମିମି ବର୍ଷା ହୋଇଛି। ବାକି ୮ ବ୍ଲକରେ ବୃଷ୍ଟିପାତ ହୋଇନାହିଁ।

### କାର୍ଯ୍ୟକ୍ଷମ ହେଲା ଧନୁପାଲି ଦୁର୍ଗାପୂଜା କାର୍ଯ୍ୟାଳୟ

ସମ୍ବଲପୁର,୨୫।୯(ବ୍ୟୁରୋ)

ଧନୁପାଲି ସାର୍ବଜନୀନ ଦୁର୍ଗାପୂଜା କାର୍ଯ୍ୟାଳୟ ମଙ୍ଗଳବାର ରାତିରେ କାର୍ଯ୍ୟକ୍ଷମ ହୋଇଛି। ଧନୁପାଲି ଥାନାଧିକାରୀ କମଳଲୋଚନ ପଣ୍ଡା ଫିତା କାଟି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। କମିଟି ସଭାପତି ପ୍ରତାପ ବେହେରାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ପାଦକ ଆଶୀଷ ମିଶ୍ର, ସହସମ୍ପାଦକ ସୁନୀଲ ସାନବଡ଼, ଦିଲୀପ ମହାନନ୍ଦ, ଚୈତନ୍ୟ ନାୟକ, ପ୍ରଶାନ୍ତ ପାଢ଼ୀ, ଶରତ ପାଢ଼ୀ, ମୂରଲୀ ପାତ୍ର, ପ୍ରଫୁଲ୍ଲ କୁମାର ଗୁରୁ, ମଣି ପଟ୍ଟନାୟକ, ସୁବଳ ସାହୁଙ୍କ ସମେତ ସଭ୍ୟମାନେ ଉପସ୍ଥିତ ଥିଲେ।

## ୨୭ରୁ କୁଷ୍ଠରୋଗ ଚିହ୍ନଟ ଅଭିଯାନ



ମଙ୍ଗଳବାର ଜିଲାପାଳ ସମର୍ଥ ବର୍ମା କୁଷ୍ଠରୋଗ ଚିହ୍ନଟ ଅଭିଯାନ ବିଷୟରେ ଖବରଦାତାଙ୍କୁ ସୂଚନା ଦେଉଛନ୍ତି ।

ସମ୍ବଲପୁର,୨୫।୯(ବ୍ୟୁରୋ)

କୁଷ୍ଠରୋଗ ଚିହ୍ନଟ ଅଭିଯାନ ୨୦୧୮-୧୯ ଚଳିତ ମାସ ୨୭ରୁ ଅକ୍ଟୋବର ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଜାତୀୟସ୍ତରରେ ୨୦୨୦ ମସିହା ସୁଦ୍ଧା କୁଷ୍ଠରୋଗ ସମ୍ପୂର୍ଣ୍ଣ ନିରାକରଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଣୁ ଜିଲାରେ କୁଷ୍ଠରୋଗ ଚିହ୍ନଟ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଉଛି। ଏଥିରେ ଆଶା କର୍ମୀ, ଅଙ୍ଗନୱାଡି କର୍ମୀ ଓ ପୁରୁଷ ସ୍ୱେଚ୍ଛାସେବୀମାନେ ଘରକୁ ଘର ଯାଇ କୁଷ୍ଠରୋଗ ଉପରେ ସଚେତନତା କରାଇବେ। ଏଥିସହ ପରୀକ୍ଷା ମଧ କରାଯିବ। ଯଦି କୌଣସି ବ୍ୟକ୍ତିଙ୍କୁ କୁଷ୍ଠ ରୋଗର ଲକ୍ଷଣ ଥିବା ସନ୍ଦେହ ହୁଏ ଡାକ୍ତରଙ୍କ ଦ୍ୱାରା ତାଙ୍କର ପୁନଃପରୀକ୍ଷା କରାଯିବ। ଏହାକୁ ଦୃଷ୍ଟିରେ ରଖି ଜନସାଧାରଣ ଜିଲାପ୍ରଶାସନକୁ ସହଯୋଗ କରିବା ଉଚିତ। ଯଦ୍ୱାରା ସମ୍ବଲପୁର ଜିଲାକୁ କୁଷ୍ଠରୋଗ ମୁକ୍ତ କରାଯାଇ ପାରିବ ବୋଲି ଜିଲାପାଳ ସମର୍ଥ ବର୍ମା ଖବରଦାତା ସମ୍ମିଳନୀରେ ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ଚିକିତ୍ସା ମୁଖ୍ୟଅଧିକାରୀ ଡା. କଲ୍ୟାଣ କୁମାର ଗୁପ୍ତା, କୁଷ୍ଠରୋଗ ଅଧିକାରିଣୀ ଡା. ସୀମା ରାୟ, ଅତିରିକ୍ତ ଜିଲା ଚିକିତ୍ସା ମୁଖ୍ୟ ଅଧିକାରୀ ଡା. କୁବେର ମହନ୍ତ ଅଭିଯାନ ବିଷୟରେ ସୂଚୀତ କରିଥିଲେ। କୃମି ନାଶକ ଦିବସ ଉପରେ ମଧ ଆଲୋଚନା କରାଯାଇଥିଲା।

## ସାର୍ବଜନୀନ ଦୁର୍ଗାପୂଜା, ଦୀପାବଳି ଶାନ୍ତି କମିଟି ବୈଠକ



ମଙ୍ଗଳବାର ସମ୍ବଲପୁର ଅତିରିକ୍ତ ଜିଲାପାଳ ଅଜୟ ଜେନା ଦୁର୍ଗାପୂଜା ଓ ଦୀପାବଳି ଶାନ୍ତି କମିଟି ବୈଠକରେ ସୂଚନା ଦେଉଛନ୍ତି ।

ସମ୍ବଲପୁର,୨୫।୯(ବ୍ୟୁରୋ)

ସାର୍ବଜନୀନ ଦୁର୍ଗାପୂଜା ଓ ଦୀପାବଳି ଶାନ୍ତି କମିଟି ବୈଠକ ମଙ୍ଗଳବାର ଜିଲାପାଳ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଅଜୟ ଜେନାଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ସହରର ସମସ୍ତ ଅଞ୍ଚଳରେ ଥିବା ହୋଟେଲ ଓ ରାସ୍ତାକଡ଼ରେ ମିଳୁଥିବା ଖାଦ୍ୟପେୟର ନିରୀକ୍ଷଣ କରାଯିବ। ଏଥିସହ ବିଭିନ୍ନ ମେଡିସିନ ଦୋକାନଗୁଡ଼ିକରେ ଔଷଧର ମାନ ପରୀକ୍ଷା, ଜଳଯୋଗାଣ, ବିଦ୍ୟୁତ ସରବରାହ, ଅବୈଧ ମଦ ବିକ୍ରୀ ଉପରେ ନିରନ୍ତର ଦୃଷ୍ଟି, ବିସର୍ଜନ ସମୟରେ ମଦ ଦୋକାନ ବନ୍ଦ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମହାନଗର ନିଗମ ତରଫରୁ ରାସ୍ତାଗୁଡିକର ମରାମତି, ରାସ୍ତା ନିକଟରେ ଥିବା ବିଦ୍ୟୁତ ତାର ଗୁଡ଼ିକର ପୂର୍ନବିନ୍ୟାସ, ନାଳାଗୁଡ଼ିକର ସଫା, ନଦୀଘାଟକୁ ଆଲୋକମାଳାରେ ସଜ୍ଜିତ କରିବା ନେଇ ଆଲୋଚନା ହୋଇଥିଲା। ଅପରପକ୍ଷେ, ସହରର ୧୪ ସ୍ଥାନରେ ହେଉଥିବା ପୂଜାମେଢ଼ ଓ ୯ ସ୍ଥାନରେ ହେଉଥିବା ରାବଣ ପୋଡ଼ି ଆୟୋଜନକାରୀଙ୍କ ସହ ଆଲୋଚନା କରାଯାଇଥିଲା। ଶେଷରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦିଲୀପ କୁମାର ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

### ଓଡିଶା ସାଂସ୍କୃତିକ ସମାଜ କାର୍ଯ୍ୟକାରୀ କମିଟି ବୈଠକ

ସମ୍ବଲପୁର,୨୫।୯(ବ୍ୟୁରୋ)

ଜାତୀୟ ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଲାଗି ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ବିବିଧ କାର୍ଯ୍ୟକ୍ରମ କରାଯିବାକୁ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସୋମବାର ଅନୁଷ୍ଠାନ ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତି ଏକ ପ୍ରେସ ବିବୃତ୍ତିରେ ଏହା ସୂଚୀତ କରିଛନ୍ତି। ୨୯ରେ ହାଇସ୍କୁଲସ୍ତରୀୟ କୁଇଜ୍ ପ୍ରତିଯୋଗିତା ହେବ। ସେହିପରି ଅକ୍ଟୋବର ୨ ତାରିଖ ବରଗଡ଼ ଜିଲା ପାଣିମୁରା ଗ୍ରାମଠାରେ ୨ ସ୍ୱାଧିନତା ସଂଗ୍ରାମୀ ଗାନ୍ଧୀଜୀଙ୍କ ବର୍ଷବ୍ୟାପୀ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବେ। ଏହା ବାଦ୍ ଗାନ୍ଧୀଜୀଙ୍କ ସମ୍ବଲପୁର ଗସ୍ତ ବିଷୟରେ ତଥ୍ୟଭିତ୍ତିକ ପୁସ୍ତକ ପ୍ରକାଶ କରିବାକୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯିବ ବୋଲି ପ୍ରସ୍ତାବ ଗୃହିତ ହୋଇଛି।

## ବୁର୍ଲାରେ ପଣ୍ଡିତ ଦୀନ୍‌ଦୟାଲ ଜନ୍ମଶତବାର୍ଷିକୀ ପାଳିତ

ବୁର୍ଲା,୨୫।୯(ଡି.ଏନ.ଏ.)

ଭାଜପା ବୁର୍ଲାମଣ୍ଡଳ ତରଫରୁ ମଣ୍ଡଳ ସଭାପତି ନମ୍ରସକାନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୦୨ତମ ଜନ୍ମଶତବାର୍ଷିକୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୀମାଞ୍ଚଳ ଖଟେଇ, ଜିଲା ଉପସଭାପତି ପ୍ରସନ୍ନ କୁମାର ସାହୁ, ବରିଷ୍ଠ ସଦସ୍ୟ ହରିଶଙ୍କର ପଣ୍ଡା ଅତିଥି ଭାବେ ଉପସ୍ଥିତ ରହି ଦୀନଦୟାଲଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଦୀପ ପ୍ରଜ୍ୱଳନ କରିଥିଲେ। ପରେ ସ୍ଥାନୀୟ ମଣ୍ଡଳ କାର୍ଯ୍ୟାଳୟଠାରେ ଏକ ସଭା ହୋଇଥିଲା। ଅତିଥିମାନେ ପଣ୍ଡିତ ଦୀନଦୟାଲଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଶଶୀକାନ୍ତ ଶର୍ମା, ସୁଶାନ୍ତ ସୁଅର, ବିନୋଦ କୁମାର ପରିଡ଼ା, ଏମଡି ଅନସାର, ରମେଶ ବଳ, ଶରତ ଦାସ, ଅଶୋକ ନାୟକ, କାହ୍ନୁଚରଣ ମହାପାତ୍ର, ଆଇନଜୀବୀ ପ୍ରତାପ କୁମାର ସୁନା, ଅର୍ଜ୍ଜୁନ ପୋଢ, ଯୁବମୋର୍ଚ୍ଚା ସଭାପତି ପ୍ରଭାଷ ପୁରୁଷେଠ, ଓବିସି ମୋର୍ଚ୍ଚା ସଭାପତି ନରେନ୍ଦ୍ର ପ୍ରଧାନ, ଅଜିତ ନାୟକ, ମନୋରଞ୍ଜନ ନାୟକ, ସୁଧୀର ପୂଜାରୀ, ଠାକୁର ବାଗ, ହୃଷିକେଶ ସରଭଙ୍ଗ, ପର୍ଶୁରାମ ଡାଲୁଆ, ସୁଜୟ ପାଢୀ, ସୁଧୀର ମହାନ୍ତି, ପରମେଶ୍ୱର ଦାସଙ୍କ ସମେତ ଶତଧିକ କର୍ମୀ ଉପସ୍ଥିତ ରହିଥିଲେ। ସଭା ଶେଷରେ ଉପସଭାପତି ଆଇନଜୀବୀ ନେତ୍ରରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ବୁର୍ଲା,୨୫।୯(ଡି.ଏନ.ଏ.)

ବୁର୍ଲା ମେଡିକାଲରେ ଚିକିତ୍ସାଧୀନ ଥିବା ସମ୍ବଲପୁର ଜିଲା ବୁର୍ଲା ଥାନାଞ୍ଚଳ କର୍ଡୋଲା ଗ୍ରାମର ଯଶୋବନ୍ତ କୁଅଁର(୨୪)ଙ୍କ ମଙ୍ଗଳବାର ଅପରାହ୍ନରେ ମୃତ୍ୟୁ ଘଟିଛି। ମେଡ଼ିକାଲ ଫାଣ୍ଡି ଅଧିକାରୀ ଖବର ପାଇ ମୃତଦେହକୁ ଜବତ କରି ଶବ ସଂଗୃହୀତ ଗୃହରେ ରଖିଛନ୍ତି। ଗୁରୁବାର ମୃତଦେହ ପଞ୍ଚନାମା ସହ ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି। ତେବେ ଯଶୋବନ୍ତଙ୍କ ଫଟୋ ସୋଶିଆଲ ମିଡିଆରେ ଭାଇରାଲ ହେବାପରେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଅନ୍ୟପଟେ, ଡାକ୍ତରଙ୍କ ଏମଏଲସି ରିପୋର୍ଟରେ ବିଷକ୍ରିୟା ଦର୍ଶାଯାଇଛି। ମିଳିଥିବା ତଥ୍ୟ ଅନୁଯାୟୀ, ଯଶୋବନ୍ତ ପ୍ରାୟ ୬ମାସ ତଳେ ନିକଟସ୍ଥ ତୁଲଣ୍ଡି ଗ୍ରାମରେ ବାହା ହୋଇଥିଲେ। ତାଙ୍କ ସ୍ତ୍ରୀ ବାପଘରେ ଥିବାରୁ ସେ ତାଙ୍କୁ ଆଣିବାକୁ ଯାଇଥିଲେ। ସେ କେଉଁ ପରିସ୍ଥିତିରେ ସେ ସେଠାରେ ବିଷକ୍ରିୟାରେ ପୀଡ଼ିତ ହେଲେ ଅସ୍ପଷ୍ଟ ରହିଛି। ପୋଲିସ ଏ ନେଇ ତନାଘନା ଚଳାଇଛି। ଖବର ଲେଖାଯିବା ପର୍ଯ୍ୟନ୍ତ ମୃତ ଯଶୋବନ୍ତଙ୍କ ପରିବାର ଲୋକେ ଘଟଣା ସମ୍ପର୍କରେ ରିପୋର୍ଟ କରିନଥିବା ଜଣାପଡ଼ିଛି।

## ୨୮ରେ ଫସଲ ବୀମା ଦାବିରେ ଭାଜପାର ଧାରଣା

ନାକଟିଦେଉଳ,୨୫।୯(ଡି.ଏନ.ଏ.)

ବୀମାଭୁକ୍ତ ଚାଷୀଙ୍କୁ ଉପଯୁକ୍ତ ଫସଲ ବୀମା ପ୍ରଦାନ ଦାବିରେ ଆଗାମୀ ୨୮ ତାରିଖରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଭାଜପା ପକ୍ଷରୁ ଧାରଣା ଦିଆଯିବାକୁ ନିଷ୍ପତ୍ତି ହୋଇଛି। ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ବ୍ଲକର ବଳମ, ନାକଟିଦେଉଳ ଗ୍ରାମ ପଞ୍ଚାୟତର ବୀମାଭୁକ୍ତ ଚାଷୀମାନଙ୍କୁ ଧାର୍ଯ୍ୟଠାରୁ କମ୍ ବୀମା ସହାୟତା ରାଶି ପ୍ରଦାନ କରାଯାଇଛି । ଗତ ଖରିଫ ଚାଷ ପାଇଁ ବଳମ ଗ୍ରାମପଞ୍ଚାୟତର ୫୮୦ ଚାଷୀଙ୍କ ୬୭୩.୪୨୯ ହେକ୍ଟର ଚାଷ ଜମି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାଭୁକ୍ତ ହୋଇଥିଲା । ସେଠାରେ ସରକାରୀ ରିପୋର୍ଟରେ ୧୭.୭୬ ପ୍ରତିଶତ ମରୁଡି ଘୋଷଣା ହୋଇଥିଲା। ମାତ୍ର ଚାଷୀମାନେ ୬.୮୧ ପ୍ରତିଶତ ବୀମା ରାଶି ପାଇଛନ୍ତି। ସେହିପରି ନାକଟିଦେଉଳ ଗ୍ରାମପଞ୍ଚାୟତର ୪୯୫.୬୩୩୨ ହେକ୍ଟର ଜମି ମରୁଡ କ୍ଷତିଗ୍ରସ୍ତ ହୋଇଥିବା ବେଳେ ବୀମା କମ୍ପାନୀ ମାତ୍ର ୩୫.୧୮୯୯ ହକ୍ଟର ଚାଷ ଜମି ପାଇଁ ବୀମା ସହାୟତା ରାଶି ପ୍ରଦାନ କରିଛି। ଏହାର ଶୀଘ୍ର ସମାଧାନ କରାନଗଲେ ଆସନ୍ତା ୨୮ ତାରିଖ ସକାଳ ୯ଟାରୁ ଚାଷୀମାନଙ୍କୁ ନେଇ ଭାଜପା ବ୍ଲକ କାର୍ଯ୍ୟାଳୟରେ ଧାରଣାରେ ବସିବ ବୋଲି ଚେତାବନୀ ଦେଇଛି। ଏ ସମ୍ପର୍କରେ ଭାଜପା ନାକଟିଦେଉଳ ମଣ୍ଡଳ ପକ୍ଷରୁ ସମ୍ବଲପୁର ଜିଲାପାଳ, ରେଢ଼ାଖୋଲ ଉପଜିଲାପାଳ, ନାକଟିଦେଉଳ ତହସିଲଦାର ଏବଂ ଥାନା ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଛି।



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ



### ଅଧ୍ୟାପକଙ୍କ ବିୟୋଗ

**ବାମରା,୨୫।୯(ସ୍ୱ.ପ୍ର.)**- ବାମରାସ୍ଥିତ ଟ୍ରଷ୍ଟ ଫଣ୍ଡ ମହାବିଦ୍ୟାଳୟର ପୂର୍ବତନ ଇଂରାଜୀ ଅଧ୍ୟାପକ ଧରଣୀଧର ପଟେଲଙ୍କ ପରଲୋକ ଘଟିଛି। ବାମରା, କୁଚିଣ୍ଡା ତଥା ଆଖପାଖ ଅଞ୍ଚଳ ଏଥିରେ ଶୋକାକୁଳ ହୋଇଛି। ୧୯୮୩ରେ ପ୍ରତିଷ୍ଠିତ ବାମରା ଟ୍ରଷ୍ଟ ଫଣ୍ଡ ମହାବିଦ୍ୟାଳୟରେ ଗତ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ହେବ ପଟେଲ ଇଂରାଜୀ ବିଷୟରେ ଶିକ୍ଷାଦାନ କରି ଆସୁଥିଲେ। ରବିବାର ରାତି ପ୍ରାୟ ୯ଟାରେ ବାମରାସ୍ଥିତ ନିଜ ଘରେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ବାମରାରେ ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ଆଇଜିଏଚକୁ ନିଆଯାଇଥିଲା। ରାଜଗାଙ୍ଗପୁର ସହର ନିକଟରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଅଧ୍ୟାପକ ଧରଣୀଧର ଏକାଧାରରେ ଜଣେ କବି, ଲେଖକ, ସାହିତ୍ୟିକ, ନାଟ୍ୟକାର, ଆକାଶବାଣୀ କଳାକାର ଥିଲେ। ମଙ୍ଗଳବାର ତାଙ୍କର ପୈତୃକ ଗାଁ କେଶାଇବାହାଲ ପଞ୍ଚାୟତ ପାରିମୁଣ୍ଡା ଗାଁରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ରଙ୍ଗବତୀ-ବିଲୁଙ୍ଗରେ ନିଶା ନିବାରଣ, ସ୍ୱଚ୍ଛ ଭାରତ ଅଭିଯାନ

**ବାମରା,୨୫।୯(ସ୍ୱ.ପ୍ର.)**

ସମ୍ବଲପୁର ଜିଲା ବାମରା ବ୍ଲକ ଜରାବଗା ପଞ୍ଚାୟତ ରଙ୍ଗବତୀ ବିଲୁଙ୍ଗଠାରେ ନିଶାମୁକ୍ତ ନାରୀ ସଙ୍ଗଠନ ଓ ରଙ୍ଗବତୀ ସାଂସ୍କୃତିକ ସଂଘର ମିଳିତ ଉଦ୍ୟମରେ ନିଶା ନିବାରଣ ତଥା ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ଓ ସଂଘର ମହିଳା ସ୍ୱେଚ୍ଛାସେବୀମାନେ ଏକ ଶୋଭାଯାତ୍ରା ମାଧ୍ୟମରେ ନିଶା ନିବାରଣ ସମ୍ବନ୍ଧିତ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହାପରେ ଗାଁର ରାସ୍ତାଘାଟ, ନଳକୂପ ପ୍ଲାଟଫର୍ମ, ସ୍କୁଲ ପରିସର ଆଦି ସଫେଇ ସହ ସମତୁଲ ଓ ମରାମତି କରିଥିଲେ। ଏହି ଅଭିଯାନରେ ନିଶା ନିବାରଣ ଅଭିଯାନର ଜିଲା ସଭାପତି ସୁବାଷ ଚନ୍ଦ୍ର ନାୟକ, କୁଚିଣ୍ଡା ବ୍ଲକ ପୂର୍ବତନ ଅଧ୍ୟକ୍ଷ କରୁଣାକର କିସାନ, ସତ୍ୟବ୍ରତ ଗୌନ୍ତିଆ, ଖୁଲଣା ଗୌନ୍ତିଆ, ସୁଷମା ପଟେଲ, ବିଜୁଳି ନାଏକ, ରବିନ୍ଦ୍ର କୁମାର ଦାସ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଅଂଶଗ୍ରହଣ କରିଥିଲେ। ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ କୁଚିଣ୍ଡାଠାରେ ହେବାକୁ ଥିବା ବାରିଟ ନିଶାମୁକ୍ତି ସମାବେଶରେ ଯୋଗଦେବା ପାଇଁ ସଭାପତି ଶ୍ରୀ ନାୟକ ଆହ୍ୱାନ ଦେଇଛନ୍ତି।



ସଫେଇ କାର୍ଯ୍ୟରେ ନିୟୋଜିତ ନାରୀ ସଙ୍ଗଠନ ଓ ରଙ୍ଗବତୀ ସାଂସ୍କୃତିକ ସଂଘର ସଦସ୍ୟଗଣ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି

**ରେଙ୍ଗାଲି,୨୫।୯(ଡି.ଏନ.ଏ)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟ ପରିସରରେ ମନରେଗା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ରେଙ୍ଗାଲି ବିଡିଓ ବେର୍ଣ୍ଣାଦେଡ଼ ଲାକ୍ରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜନଶୁଣାଣି ଶିବିରରେ ରେଙ୍ଗାଲି ତହସିଲଦାର ଲିନା କୁମାରୀ ଖେସ, ବ୍ଲକ ଅଧ୍ୟକ୍ଷା ସାଇବାଣି ସେଠ, ଉପାଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ଏବିଡିଓ ରବିନ୍ଦ୍ର ରଣା, ଏଇ ଶ୍ରୀକାନ୍ତ ମାଝୀ, ବିପିସି ସରୋଜ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଏପିଓ ସବ୍ୟସାଚୀ ଦଣ୍ଡସେନା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଜଣଶୁଣାଣୀ ଶିବିରରେ ରେଙ୍ଗାଲି ବ୍ଲକର ସମସ୍ତ ପଞ୍ଚାୟତର ଇଓ, ଜିଆରଏସ, ଜିଏସ ସମସ୍ତ ସମିତି ସଭ୍ୟ ଏବଂ ସରପଞ୍ଚମାନଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ଖୁଣ୍ଟ ଉପାଡି ଦେବା ନେଇ ଉପଜିଲାପାଳଙ୍କୁ ଅଭିଯୋଗ

**ରେଢ଼ାଖୋଲ,୨୫।୯(ଡି.ଏନ.ଏ.)**–ରେଢ଼ାଖୋଲ ଏନଏସିର ୧୦ ନଂ ୱାର୍ଡ ଅଧୀନ ଡିମିରିକୁଦା ଗ୍ରାମକୁ ନିୟମିତ ବିଦ୍ୟୁତ ସଂଯୋଗ ପାଇଁ ୱେସ୍କୋ ପକ୍ଷରୁ ଖୁଣ୍ଟ ପୋତା ଯାଇଥିଲା। ହେଲେ ସୋମବାର ଜଣେ ବ୍ୟକ୍ତି ୨ଟି ଖୁଣ୍ଟକୁ ଉପାଡି ଦେଇଛନ୍ତି। ମଙ୍ଗଳବାର ଡିମିରିକୁଦା ଗ୍ରାମବାସୀ ଏ ନେଇ ଉପଜିଲାପାଳ ବିଶିକେସନ ଦେହୁରୀଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ପୂର୍ବରୁ ଲୁହାପଙ୍କରୁ ପିଟାନାଳି ଦେଇ ଡିମିରିକୁଦାକୁ ବିଦ୍ୟୁତ ସରବରାହ ହୋଇଛି। ହେଲେ ଅନେକ ସମୟରେ ନିୟମିତ ବିଦ୍ୟୁତ ଯୋଗାଣ ବ୍ୟାହତ ହେଉଛି। ଏଣୁ ଏହାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କଠାରେ ଦାବି କରିଥିଲେ। ଗ୍ରାମବାସୀଙ୍କ ଦାବି ପରେ ୱେସ୍କୋ ପକ୍ଷରୁ ରେଢ଼ାଖୋଲ ସହରରୁ ଡିମିରିକୁଦାକୁ ବିଦ୍ୟୁତ ଯୋଗାଣ ପାଇଁ ଖୁଣ୍ଟ ପୋତା ଚାଲିଛି। ହେଲେ ସଂପୃକ୍ତ ବ୍ୟକ୍ତି ଜଣକ ତାଙ୍କ ରେକର୍ଡ ଭୁକ୍ତ ଜାଗାରେ ଖୁଣ୍ଟ ପୋତା ଯାଇଥିବା ଦାବି କରି ୨ଟି ଖୁଣ୍ଟ ଉପାଡି ଦେଇଛନ୍ତି। ଫଳରେ କାମ ବନ୍ଦ ହୋଇଯାଇଛି। ବିଦ୍ୟୁତ ସଂଯୋଗ କରିବାରେ ବିଳମ୍ବ ଦେଖା ଦେଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଉପଜିଲାପାଳ ଏ ନେଇ ଏସ୍‌ଡିଓ ୱେସ୍କୋ, ତହସିଲଦାର ଓ ଥାନା ଅଧିକାରୀଙ୍କୁ ମିଳିତ ତଦନ୍ତ କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ୧୦ ହଜାର କମ୍ବଳ ବଣ୍ଟନ

**ସମ୍ବଲପୁର, ୨୫।୯ (ବ୍ୟୁରୋ)**–୧୦ମ ଉତ୍କଳ ପ୍ରାନ୍ତୀୟ ମାରୱାଡି ଯୁବାମଞ୍ଚ ସମାବେଶ କ୍ଷେତରାଜପୁର ଦୁର୍ଗା ମଙ୍ଗଳମଠାରେ ଅନୁଷ୍ଠିତ ହୋଇଯାଇଛି । ଭାଜପା ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ, ସର୍ବଭାରତୀୟ ମାରୱାଡି ଯୁବାମଞ୍ଚ ସଭାପତି ଅମିତ ଅଗ୍ରୱାଲ, ମାରୱାଡି ସମ୍ମେଳନ ରାଜ୍ୟ ସଭାପତି ଇଂ. ଅଶୋକ ଜଲାନ, ଗାୟତ୍ରୀ ଲାଠ, ଯୁବାମଞ୍ଚ ରାଜ୍ୟ ସଭାପତି ମନିଷ ଅଗ୍ରୱାଲ, କ୍ରିଷ୍ଣା ଭାଙ୍ଗିଆ, ରମେଶ ଅଗ୍ରୱାଲ, ଯୁଗଲ ସୁଲତାନିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅଶୋକ ଜଲାନ ଫାଉଣ୍ଡେଶନ୍ ପକ୍ଷରୁ ୧୦ହଜାର କମ୍ବଳ ଗରିବ ଜନସାଧାରଣଙ୍କୁ ବଣ୍ଟନ କରାଯାଇଥିଲା । ସାମାଜିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଇଂ. ଅଶୋକ ଜଲାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଧରିତ୍ରୀ ପ୍ରତିନିଧିଙ୍କ ଅଫିସରେ ପୋଡ଼ାଜଳା

**ବରଗଡ଼ ଅଫିସ୍,୨୫।୯**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ସରଣ୍ଡାର ଧରିତ୍ରୀ ପ୍ରତିନିଧି ଯୁଧିଷ୍ଠିର ମହାପାତ୍ରଙ୍କ ଅଫିସରେ କେହି ଦୁର୍ବୃତ୍ତ ପୋଡ଼ାଜଳା କରିଛନ୍ତି । ଏହି ଘଟଣାରେ ମହାପାତ୍ରଙ୍କ ବାଇକ୍ ସମେତ ଅଫିସରେ ଥିବା କମ୍ପ୍ୟୁଟର ଓ ୨ଟି ପ୍ରିଣ୍ଟର ପୋଡ଼ି ନଷ୍ଟ ହୋଇଛି । ଏ ନେଇ ସେ ଅତାବିରା ଥାନାରେ ମଙ୍ଗଳବାର ରାତ୍ରିରେ ଏତଲା ଦେଇଛନ୍ତି । ଏତଲା ପାଇବା ପରେ ପୋଲିସ ଏହାର ଅନୁସନ୍ଧାନ ଆରମ୍ଭ କରିଛି । ୧୫ତାରିଖରୁ ମହାପାତ୍ର ସପରିବାର ତୀର୍ଥଯାତ୍ରାରେ ବାହାରକୁ ଯାଇଥିଲେ । ସେ ସୋମବାର ଫେରି ସପରିବାର ଅତାବିରାରେ ତାଙ୍କ ବଡ଼ ଭଉଣୀଙ୍କ ଘରେ ରହିଥିଲେ । ମଙ୍ଗଳବାର ରାତିରେ ଅଫିସକୁ ଆସି ଦେଖିଲା ବେଳେ ଏହି ଘଟଣା ଘଟିଛି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT
7749095348, 8249919890

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

ଦୀପାବଳି ଧମାକା
ଖର୍ଚ୍ଚ ରଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527 +91 8126673652
ଠକମାନଙ୍କ ପ୍ରତି ସାବଧାନ

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ । (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ସାକ୍ଷୀ ଫାଇନାନ୍ସ
ଋଣ ଋଣ ଋଣ
ସରକାରୀ ଜନକଲ୍ୟାଣ ଋଣ ମାତ୍ର 24 ଘଣ୍ଟାରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ସୁଧ 1% ବାର୍ଷିକ, ରିହାତି 45% (ମହିଳାଙ୍କ ପାଇଁ ବିଶେଷ ରିହାତି)
At: 208, Jiwan Park, Delhi - 110059
Mob: 07310616779

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୂଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଟେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ଦୈବିକ ବିଦ୍ୟାରେ ନିପୁଣ
9873361894, 9654673664

DOORSANCHAR YOJNA (A GOVT. APPROVED)
ସରକାରୀ ଯୋଜନାରେ ଅନ୍ତର୍ଗତ ଯାନ୍ତ୍ରିକ ଉପକରଣ ଗୁଡିକ ନିଜର ପ୍ଲଟ୍, କ୍ଷେତ, ଛାତ ଉପରେ ଶତ ପ୍ରତିଶତ ଗ୍ୟାରେଣ୍ଟେଡ୍ ଶୀଘ୍ର ଲଗାନ୍ତୁ
ଭଡ଼ା- ୧୨୦୦୦୦/- + ଆଡଭାନ୍ସ୍- ୧ କୋଟି ୨୦ ଲକ୍ଷ + କୋର୍ଟ ଏଗ୍ରିମେଣ୍ଟ
୨ ଚାକିରୀ + ରହିବା + ଖାଇବା Free
Office No.413, Commercial Complex, Paschim Vihar, New Delhi-64
08076675193
08700152155

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ।
Stockist-Odisha Drug Distributor
Cell: 7873239883

ଯାନ୍ତ୍ରିକ ଉପକରଣ
All India Govt. (ପଞ୍ଜୀକୃତ)
ଗୋଲ୍ଡ ମେଡାଲିଷ୍ଟ କମ୍ପାନୀରୁ ନିଜ ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ । ଅଗ୍ରିମ 90,000,00 ଭଡ଼ା 45,000, ବାଇକ୍ + ଅନ୍ୟାନ୍ୟ ସୁବିଧାସୁଯୋଗ। ସିଧାସଳଖ କମ୍ପାନୀ ସହ କଥା ହୁଅନ୍ତୁ।
7056060195
7065897645
G-72(A), Jahangir Puri, Galli No.-8, Delhi

FINANCE
No File Charge No Guarantor
KMB ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୩୬ ଘଣ୍ଟାରେ । 0% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
Apply Online From Home
Lane No - 5, MG Road, Bangalore
8445013573
7895667899

SMS JOB
Send SMS. Earn Money
JEEO GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike + 7500/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

FINANCE
କମ ସୁଧ ଆକର୍ଷଣୀୟ ଛାଡ
Maa mangalam Finance
ସମସ୍ତ ଋଣ ୩ରୁ ୬ ଦିନ ମଧ୍ୟରେ ଘରେ ବସି ପାଆନ୍ତୁ । ଉଦ୍ୟୋଗ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ ଋଣ ଉପଲବ୍ଧ । ୩୦ହଜାର ପର୍ଯ୍ୟନ୍ତ ମହିଳାଙ୍କ ଗ୍ରାହକଙ୍କ ପାଇଁ ବିଶେଷ ଛାଡ । (ସର୍ତ୍ତାବଳୀ ଲାଗୁ)
E-36, Ground Floor, Krishna Apartment Boring Rd, Patna-24
9546657102

SMS JOB
କମ୍ପାନୀରେ SMS JOB କରି Part/Full Time ଘରେବସି ଶିକ୍ଷିତ ବେରୋଜଗାର ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+Laptop+ Bike + ୫୦୦୦୦ର ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
09631847145
09006905977

ଇନ୍‌ଫ୍ରା ଟେଲିକମ୍ ନେଟ୍‌ୱର୍କ କମ୍ପାନୀ
ଖାଲି ଜମି, ଚାଷଜମି, ଛାତ ଯେକୌଣସି ସ୍ଥାନରେ ନେଟ୍‌ୱର୍କ ଉପକରଣ ସ୍ଥାପନ କରନ୍ତୁ। ଅଗ୍ରିମ 30-90 ଲକ୍ଷ । ଭଡ଼ା - 30ରୁ ୨0 ହଜାର। ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଏବଂ ନେଟ୍‌ୱର୍କ ଉପକରଣ ସ୍ଥାପନ + ମାଗଣା ମୋବାଇଲ, ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧାସୁଯୋଗ।
ନାମ ଓ ଠିକଣା ଦିଅନ୍ତୁ ତା'ପରେ ଆମେ ଆପଣଙ୍କୁ ସର୍ଭେ ଫଳାଫଳ ଦେବୁ।
Address:- Head Office
G-79 Aadrsh Nagar Krolbagh Delhi
Contact: 8009586581, 8881393751

FINANCE
ନବରାତ୍ର ଋଣ ଧମାକା । ଭାରତର ସବୁଠାରୁ ବଡ କମ୍ପାନୀ Kuber Finance ୧୨ଘଣ୍ଟା ମଧ୍ୟରେ ଯୋଗାଇ ଦେଉଛି 2% ବାର୍ଷିକ ସୁଧରେ ମାର୍କଶିଟ, ଆଧାରକାର୍ଡ, ପ୍ରପର୍ଟି, ବ୍ୟବସାୟ, ପ୍ରୋଜେକ୍ଟ ଋଣ ।
ମହିଳା ଓ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର 50% ରିହାତି ।
ଅନଲାଇନ ଠକେଇ ପ୍ରତି ସାବଧାନ।
9634685376
7895118679

ଫାଇନାନ୍ସ
ଓଡ଼ିଶା ଫାଇନାନ୍ସ ଭାରତୀୟ ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ସରକାରୀ ଜନକଲ୍ୟାଣ ଯୋଜନା ଦ୍ୱାରା ସବୁ ପ୍ରକାର ଋଣ ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ, କୃଷି, ରାଶନକାର୍ଡ ସମସ୍ତ ଋଣ ୪୦% ସବ୍‌ସିଡି, ୨% ସୁଧ।
(ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ)
9193648143
9193648156
Koharaulia, Liladewa, Sonbhadra Yogichaura, Uttar Pradesh, 231222

ମୋବାଇଲ ଉପକରଣ
ଆମ୍ବନୀ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odi577407) । ଖାଲି ଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ 70,000,00 ଭଡ଼ା 50,000 + ଏକ ବାଇକ୍ + 1 ଲାପଟପ୍ ଫ୍ରି + ମାସିକ 60,000ର ଅନ୍ୟାନ୍ୟ ସୁବିଧା। (ଇଚ୍ଛୁକ ବ୍ୟକ୍ତି ନାମ-ଠିକଣା ଏସ୍‌ଏମ୍‌ଏସ୍/ଫୋନ୍ କରନ୍ତୁ)
9634734514
23/315, Block-23, Trilok Puri, Delhi

ଠକମାନଙ୍କ ପ୍ରତି ସାବଧାନ
ନଂ.1 Govt. Approved Vision Group ଦ୍ୱାରା ଆପଣଙ୍କ ଖାଲି ଜମି, ପ୍ଲଟ୍‌ରେ ଡିଜିଟାଲ ଉପକରଣ ଲଗାନ୍ତୁ ମାତ୍ର 7 ଦିନରେ ଏବଂ ପାଆନ୍ତୁ: ଭଡ଼ା- 60,000/-, ଅଗ୍ରିମ- 45 ଲକ୍ଷ। ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ।
ପୂଜା ବର୍ମା
7526990563
A-65 - Anoop Nagar, Block-A, Bindapur, Indore

Ambujha Group
Govt. Registered Gold Medalist
କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, ପ୍ଲଟ୍‌ରେ ସବୁ କମ୍ପାନୀର ଡିଜିଟାଲ୍ ଉପକରଣ ଲଗାନ୍ତୁ। ଅଗ୍ରିମ ୨0 ଲକ୍ଷ, ଭଡ଼ା - 45,000/- + ବାଇକ୍ ଓ ଅନ୍ୟାନ୍ୟ ସୁବିଧା ପାଆନ୍ତୁ ।
9671892171
7060089488
WZ-94B, TF, Gali No.3, Guru Nanak Nagar, Delhi

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7750921669
8337956019

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ।
ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ୍, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ।
DHANLAXMI FINANCE
Ram Nagar, Narnel, Haryana
7310612716
7310613702

FINANCE
ଭାରତ ସରକାର ରେଜିଷ୍ଟର୍ଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ୍, ବିଜ୍‌ନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି ବିଦ୍ୟାର୍ଥୀ ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର।
ଅଧିକ ବିବରଣୀ ପାଇଁ ସମ୍ପର୍କ କରନ୍ତୁ
31 UA, Bangalow Road, Kamla Nagar, New Delhi
7751976559

FINANCE
P.M.J.S.Y ସମସ୍ତ ଆଧାରକାର୍ଡ ଧାରକମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ ସୁଧରେ ସବୁ ପ୍ରକାର ଋଣ ଯୋଗାଇ ଦେଉଛି । ଋଣ ପଇସା ୪୮ ଘଣ୍ଟା ଭିତରେ ବ୍ୟାଙ୍କ ଆଉଣ୍ଟ ଖାତାରେ ଟ୍ରାନ୍ସଫର ହେବ । 30% ସବସିଡି ।
Ameerpt, Hyderabad
Pin- 5000106 (Telengana)
7787922501
7787907927
pmjansamridhi@gmail.com

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

M. GROUP FINANCE
freedom Economic Services
• Personal Loan
• Business Loan
• Salary Slip Loan
1% interest, ମହିଳାଙ୍କ ପାଇଁ 50% subsidy
Agent ଆମନ୍ତ୍ରିତ
BALASORE
9776040555, 9668427353
GANJAM
8895847878, 9439636215
Email: freedomeconomicservices@gmail.com
Block Chack, Balasore-756027

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

!! ବିନା ଗ୍ୟାରେଣ୍ଟର!!
ମହାବୀର ଫାଇନାନ୍ସ
ସ୍ୱରୋଜଗାର ପାଇଁ ଅଷ୍ଟମ/ଦଶମ ପାସ୍ ମହିଳା / ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ, 25% ରିହାତି
20 ବର୍ଷରେ ଫେରସ୍ତ
7292015349
8447083534
41/14, SECTOR-1, PUSHP VIHAR, DELHI-110017

ଅଲ୍ ଟେଲିକମ୍ ନେଟ୍‌ୱର୍କ କମ୍ପାନୀ
ସରକାରୀ ପଞ୍ଜୀକୃତ । ଖାଲି ଜମି, ଚାଷ ଜମି, ଛାତ ସବୁଠି ଡିଜିଟାଲ୍ ଉପକରଣ ଲଗାନ୍ତୁ । ଅଗ୍ରିମ - 60 ଲକ୍ଷ, ଭଡ଼ା - 50 ହଜାର , ମାତ୍ର 72 ଘଣ୍ଟାରେ ଜମିର ଯାଞ୍ଚ ଓ ଉପକରଣ ସ୍ଥାପନ + ମାଗଣା ମୋବାଇଲ୍ + ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧାସୁଯୋଗ। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ । କଲ୍ କିମ୍ବା ଏସ୍‌ଏମ୍‌ଏସ୍ କରନ୍ତୁ।
Address:- Head Office
181/182 Janta Complex Rajiv Chok, Delhi
Contact:- 08826963806, 09319359816

ଭାରତର ନଂ.1 କମ୍ପାନୀ
!!ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ!!
ଦେଉଛି ବେରୋଜଗାର ଭାଇମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ
ମାର୍କଶିଟ୍, ଆଧାରକାର୍ଡ ଆଦି ଋଣ ମାତ୍ର 2 ଘଣ୍ଟାରେ ପ୍ରାପ୍ତ କରନ୍ତୁ
ମା ଓ ଭଉଣୀଙ୍କ ପାଇଁ ବିଶେଷ ରିହାତି
1% ସୁଧ, 50% ରିହାତି
6388753739
6399376206
Add : - 41/14, Sec-1 Pushp Vihar, Delhi


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

# ମହାରଥୀଙ୍କ ବିବାଦୀୟ ଭିଡିଓ ଭାଇରାଲ

**■ମନ୍ତ୍ରୀପଦରୁ ବହିଷ୍କାର ଦାବି କଲା ଭାଜପା ମହିଳା ମୋର୍ଚ୍ଚା**

ପୁରୀ ଅଫିସ, ୨୫।୯

କୃଷିମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ଏକ ଭିଡିଓ ସୋସିଆଲ ମଡିଆରେ ଭାଇରାଲ ହୋଇଛି। କୃଷିମନ୍ତ୍ରୀ ଉକ୍ତ ଭିଡିଓରେ ମହିଳାଙ୍କ ପ୍ରତି ତାଚ୍ଛଲ୍ୟ ଓ ଆକ୍ଷେପ କରି କହିଛନ୍ତି। ଏହି ଭିଡିଓକୁ ନେଇ ମହିଳାମାନଙ୍କ ମଧ୍ୟରେ ତେଜୁଛି ଅସନ୍ତୋଷ। ୨୪ ଘଣ୍ଟା ମଧ୍ୟରେ ମନ୍ତ୍ରୀ ପଦରୁ ବହିଷ୍କାର କରିବା ଲାଗି ଦାବି କରିଛି ଭାଜପା ମହିଳା ମୋର୍ଚ୍ଚା। ଅନ୍ୟପକ୍ଷରେ ବଡ଼ଦାଣ୍ଡ ଟାଉନ ଥାନା ସମ୍ମୁଖରେ ଭାଜପା ନଗର ମହିଳା ମୋର୍ଚ୍ଚା ପକ୍ଷରୁ କୃଷିମନ୍ତ୍ରୀ ମହାରଥୀଙ୍କ ଇସ୍ତଫା ଦାବି କରି କୁଶ ପୁତ୍ତଳିକା ଦାହ କରାଯାଇଛି।

ସୂଚନା ମୁତାବକ, ଉତ୍ତରା ଛକଠାରୁ ପିପିଲିର ସାତଶଙ୍ଖ ଛକ ପର୍ଯ୍ୟନ୍ତ ୩୦ହଜାର ମହିଳା ଛିଡା ହୋଇଥିଲେ। ଯଦି ୩୦ହଜାର ମହିଳା ଛିଡା ହେଲେ ତେବେ ତାଙ୍କର କେତେଟା ସ୍ୱାମୀ। ୨ଟା ଲେଖାଏ ହେଲେ ୬୦ହଜାର ସ୍ୱାମୀ। ପିଲାପିଲି କେତେଟା? କିଛି ଲୋକଙ୍କ ଗହଣରେ ବସି ମହିଳାଙ୍କ ପ୍ରତି ଏଭଳି ତାଚ୍ଛଲ୍ୟ କରି କୃଷି, ପଶୁ ସମ୍ପଦ ଓ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ମହାରଥୀ କହୁଥିବା ଦୃଶ୍ୟ ଅପଲୋଡ ହୋଇଥିବା ଭିଡିଓରେ ରହିଛି। ଏହାକୁ ନେଇ ଗର୍ଜିଛି ଭାଜପା ମହିଳା ମୋର୍ଚ୍ଚା। ଏକ ଖବରଦାତା ସମ୍ମିଳନୀରେ ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ, କୃଷିମନ୍ତ୍ରୀଙ୍କୁ ମହିଳାଙ୍କ ସ୍ୱାମୀ ଗଣିବାର ଅଧିକାର କିଏ ଦେଲା। କୃଷିମନ୍ତ୍ରୀ ପଶୁପକ୍ଷୀ ଗଣିବା ମଧ୍ୟରେ ସୀମିତ ରୁହନ୍ତୁ। ମୁଖ୍ୟମନ୍ତ୍ରୀ ୨୪ଘଣ୍ଟା ମଧ୍ୟରେ ମନ୍ତ୍ରୀ ପଦରୁ ପ୍ରଦୀପ ମହାରଥୀଙ୍କୁ ବହିଷ୍କାର କରନ୍ତୁ। ଯଦି ନ କରନ୍ତି ତେବେ ଭାଜପା ମହିଳା ମୋର୍ଚ୍ଚା ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ପରିଡା କହିଛନ୍ତି।

ଅନ୍ୟପକ୍ଷରେ ପୁରୀ ନଗର ଭାଜପା ମହିଳା ମୋର୍ଚ୍ଚା ଟାଉନ ଥାନା ସମ୍ମୁଖରେ କୃଷି ମନ୍ତ୍ରୀଙ୍କ ଇସ୍ତଫା ଦାବି କରି କୁଶପୁତ୍ତଳିକା ଦାହ କରାଯାଇଛି।

କୃଷିମନ୍ତ୍ରୀ ମହାରଥୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ବିଜେଡି ମୁଖପାତ୍ର ସମୀର ଦାସ କହିଛନ୍ତି ଯେ, ବିରୋଧୀଙ୍କୁ କଥା ମିଳୁ ନ ଥିବାରୁ ଏଭଳି ଅକଥାକୁ ନେଇ ରାଜନୀତି କରୁଛନ୍ତି। ପ୍ରଦୀପ ମହାରଥୀଙ୍କ ସମ୍ପୂର୍ଣ୍ଣ ବକ୍ତବ୍ୟ ଦେଖିଲେ ଶୁଣିଲେ ଭାଜପା ଓ କଂଗ୍ରେସ ଜାଣିପାରିବେ ତାଙ୍କର କିଛି ଭୁଲ୍ ନାହିଁ। ବିରୋଧୀଙ୍କ ଅଭିଯୋଗ ଉଦ୍ଦେଶ୍ୟମୂଳକ।

# ଜିଲାପାଳଙ୍କ ଅଫିସ ପରିସରରେ 'ଆନ୍ଦୋଳନ ତାତି'

ସମ୍ବଲପୁର, ୨୫।୯(ବ୍ୟୁରୋ)



ସମ୍ବଲପୁର ଜିଲାପାଳଙ୍କ ଅଫିସ ପରିସରରେ ଓକିଲମାନଙ୍କ ହଙ୍ଗାମା ।

**■ଲୁଚାଛପାରେ ଚାଲିଥିବା ସରକାରୀ କାର୍ଯ୍ୟ ବନ୍ଦ କଲେ ଓକିଲ**

**■ଅତିରିକ୍ତ ତହସିଲଦାରଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ**

**■ଜିଲା ଓକିଲ ସଂଘ ପ୍ରତିନିଧିଙ୍କ ସହ ଜିଲାପାଳଙ୍କ ବୈଠକ**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଦାବିରେ ମଙ୍ଗଳବାର ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଥିଲା। ସମ୍ବଲପୁର ସହର କଚେରି ଛକରେ ଆନ୍ଦୋଳନରତ ଥିଲେ ଓକିଲ। ଜୁଡିସିଆଲ୍, ରାଜସ୍ୱ କୋର୍ଟ ମଧ ବନ୍ଦ ରହିଥିଲା। ବିଚାରପତିମାନେ ମଧ କାର୍ଯ୍ୟରେ ଯୋଗ ଦେଇନଥିଲେ। ଓକିଲମାନେ ଶାନ୍ତିପୂର୍ଣ୍ଣ ଧର୍ମଘଟ ଚଳାଇଥିଲେ। ପୂର୍ବାହ୍ନ ସାଢ଼େ ୧୧ଟା ସମୟରେ କିନ୍ତୁ କଚେରି ଅଞ୍ଚଳ ଅଶାନ୍ତ ହୋଇଉଠିଥିଲା। ଜିଲାପାଳଙ୍କ ଅଫିସ ପରିସରରେ ଓକିଲମାନଙ୍କ 'ଆନ୍ଦୋଳନ ତାତି' ହଟଚମଟ ସୃଷ୍ଟି କରିଥିଲା। ଜିଲାପାଳ, ଉପଜିଲାପାଳଙ୍କ କାର୍ଯ୍ୟାଳୟ ଓ ତହସିଲ ଅଫିସରେ ଲୁଚାଛପାରେ କେତେକ ଅଧିକାରୀ ଓ କର୍ମଚାରୀ ସରକାରୀ କାର୍ଯ୍ୟ କରୁଥିବା ଖବର ପାଇ ଓକିଲ ସଂଘ ନିଆଁବାଣ ହୋଇଉଠିଥିଲା। ଶତାଧିକ ଓକିଲ ଜିଲାପାଳଙ୍କ ଅଫିସ ପରିସରକୁ ପଶି ଆସି ହୋହାଲ୍ଲା କରିଥିଲେ। ଅଫିସ ପରିସରସ୍ଥ ବିଭିନ୍ନ ବିଭାଗକୁ ଯାଇ ଅଧିକାରୀ ଓ କର୍ମଚାରୀଙ୍କୁ କାମ କରୁଥିବା ଦେଖି କମ୍ପମାନ ହୋଇଥିଲେ। ସେମାନଙ୍କୁ ଅଫିସରୁ ବାହାରକୁ ଚାଲିଯିବାକୁ ଅନୁରୋଧ କରିଥିଲେ। ଜିଲାପାଳ ସମର୍ଥ ବର୍ମାଙ୍କ ନିକଟରେ ଏହି ଖବର ପହଞ୍ଚିଥିଲା। ସେ ଘଟଣାସ୍ଥଳରେ ପହଞ୍ଚି ଓକିଲ ସଂଘ ପ୍ରତିନିଧିମାନଙ୍କ ସହ ବୈଠକ କରିଥିଲେ। ଅଫିସ ପରିସରରେ ରାଜସ୍ୱ କାମ ଚାଲିଥିବା ଜାଣି ନଥିବା ଜିଲାପାଳ କହିଥିଲେ। ଅନ୍ୟପଟେ, ଅତିରିକ୍ତ ତହସିଲଦାର ଓକିଲମାନଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ପରେ ଓକିଲମାନେ ଉପଜିଲାପାଳ ଅଫିସ ଯାଇ ବନ୍ଦ କରିଥିଲେ। ଓକିଲ ସଂଘ କହିବା ଅନୁସାରେ ସମ୍ବଲପୁର ଜିଲାବାସୀଙ୍କ ସମସ୍ୟା ନ ହେବା ପାଇଁ ରାଜସ୍ୱ ଓ ଜୁଡିସିଆଲି କୋର୍ଟ ବନ୍ଦ କରାଯାଇଛି। ଅନ୍ୟ ସରକାରୀ ବିଭାଗରେ କାର୍ଯ୍ୟ ଚାଲୁ ରହିଛି। ତେବେ ଜିଲାପାଳ ଅଫିସରେ ରାଜସ୍ୱ କର୍ମଚାରୀମାନେ ଉପସ୍ଥିତ ରହି ମ୍ୟୁଟେଶନ କାର୍ଯ୍ୟ କରୁଥିଲେ। ସରକାର ଓ ଜିଲା ପ୍ରଶାସନର ଇଙ୍ଗିତରେ ଏହି ଲୁଚାଛପା କାର୍ଯ୍ୟ ଚାଲିଥିଲା। ଯେଉଁଥିପାଇଁ ଓକିଲମାନେ ତାତି ଉଠିଥିଲେ। ଏଠାରେ ସୂଚନାଯୋଗ୍ୟ, ପଶ୍ଚିମ ଓଡ଼ିଶା ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ସମ୍ବଲପୁର ଓକିଲ ସଂଘ ବିଗତ ୨୦ ଦିନ ହେଲା ଆନ୍ଦୋଳନ ଚଳାଇଛି।

# ଚେନ୍ନାଇରେ ଓଡ଼ିଶା ଭବନ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୫।୯(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ସନ୍ଧ୍ୟାରେ ଚେନ୍ନାଇଠାରେ ଓଡ଼ିଶା ଭବନ ଉଦ୍‌ଘାଟନ କରିଛନ୍ତି। ଏହାକୁ ମିଶାଇ କୋଲକାତା, ମୁମ୍ବାଇ, ନୂଆଦିଲ୍ଲୀଠାରେ ଓଡ଼ିଶା ସରକାର ନିଜର ଆବାସିକ ଗୃହ ନିର୍ମାଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ଦୁଇଦିନିଆ ଚେନ୍ନାଇ ଗସ୍ତରେ ଯାଇଛନ୍ତି। ବୁଧବାର ମୁଖ୍ୟମନ୍ତ୍ରୀ ସେଠାରେ ଅନୁଷ୍ଠିତ 'ମେକ୍ ଇନ୍ ଓଡ଼ିଶା ରୋଡ୍ ଶୋ'ରେ ଯୋଗ ଦେବେ। ସେଠାରେ ସେ ପୁଞ୍ଜିନିବେଶକାରୀଙ୍କ ସହ ବ୍ୟକ୍ତିଗତ ଭାବେ ଆଲୋଚନା କରିବା ସହ ରୋଡ୍ ଶୋ'ରେ ଅଭିଭାଷଣ ରଖିବା କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ମୁମ୍ବାଇ ଓ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ରୋଡ୍ ଶୋ'ରେ ଯୋଗଦେଇ ପୁଞ୍ଜିନିବେଶକାରୀଙ୍କ ସହ ଆଲୋଚନା କରିଥିଲେ। ଓଡ଼ିଶାରେ ଅନୁଷ୍ଠିତ ହେବାକୁ ଥିବା ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗଦେବାକୁ ଆମନ୍ତ୍ରଣ କରିଛନ୍ତି। ଓଡିଶା ଭବନ ୨୨ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି। ନିର୍ଦ୍ଧାରୀତ ସମୟରେ ନିର୍ମାଣ ଶେଷ ହୋଇଥିବାରୁ ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ଅଧିକାରୀ ଏବଂ ସହଯୋଗ ପାଇଁ ତାମିଲନାଡୁ ସରକାରଙ୍କୁ ଧନ୍ୟବାଦ ଦେଇଥିଲେ। ଚେନ୍ନାଇଠାରେ ଓଡ଼ିଶା ଭବନ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ଓ ଶିଳ୍ପ ମନ୍ତ୍ରୀ ଅନନ୍ତ ଦାସ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା, ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ପ୍ରମୁଖ ଯୋଗ ଦେଇଛନ୍ତି।

# ଓଡ଼ିଶାରେ ଗୋ ଚାଲାଣକୁ ନେଇ ମାନେକାଙ୍କ ଉଦ୍‌ବେଗ

କଟକ ଅଫିସ, ୨୫।୯




ଜାତୀୟ ଆଲୋଚନାଚକ୍ରରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ମାନେକା ଗାନ୍ଧୀଙ୍କ ସହ ଅନ୍ୟମାନେ ।

**■ସରକାର, ପୋଲିସ ଓ ଜନସାଧାରଣଙ୍କୁ ଦାୟୀ କଲେ**

**■ଜୀବହତ୍ୟା ପ୍ରଥା ବନ୍ଦ ହେବା ଦରକାର**

**■ଓଟ ଚାଲାଣ ଯୋଗୁ ସୁରକ୍ଷା ବିପନ୍ନ**

ବେଆଇନ ଗୋ-ଚାଲାଣ କ୍ଷେତ୍ରରେ ଓଡ଼ିଶା ବହୁ ଆଗରେ। ପ୍ରତିଦିନ ଓଡ଼ିଶାରୁ ଗୋରୁ ବୋଝେଇ ଗାଡ଼ି ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଆଦି ପଡୋଶୀ ରାଜ୍ୟକୁ ଯାଉଛି। ସେଠାରୁ ବାଲାଂଦେଶ ଓ ଅନ୍ୟ ଦେଶକୁ ପଠାଯାଉଛି। ଏହି କାରବାରକୁ ରୋକିବା ପାଇଁ ଦାବି ହୋଇ ଆସୁଥିବାବେଳେ ଅନେକ ଥର ରାଜ୍ୟ ସରକାରଙ୍କ ଦୃଷ୍ଟିଆକର୍ଷଣ କରାଯାଇଛି। ହେଲେ ଏହାକୁ ରୋକାଯିବା ପରିବର୍ତ୍ତେ ପରୋକ୍ଷ ପ୍ରୋତ୍ସାହନ ଦିଆଯାଉଛି। ପୋଲିସର ଜ୍ଞାତ ସାରରେ ଚାଲିଥିବା ଏହି ବେଆଇନ କାରବାର ଏବେ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ସ୍ଥିତିକୁ ଜାହିର କରୁଛି। ଏ ନେଇ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ମାନେକା ଗାନ୍ଧୀ ଉଦ୍‌ବେଗ ପ୍ରକାଶ କରିବା ସହ ଓଡ଼ିଶା ସରକାର ଏ ଦିଗରେ ସଚେତନ ହୋଇ ତୁରନ୍ତ ଏହି କାରବାରକୁ ବନ୍ଦ କରିବା ଦରକାର ବୋଲି କହିଛନ୍ତି।

ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ (ଏନ୍‌ଏଲ୍‌ୟୁ) ଓ ହ୍ୟୁମାନ ସୋସାଇଟି ଇଣ୍ଟରନ୍ୟାଶନାଲ (ଏଚ୍‌ଏସ୍‌ଆଇ)ର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ବିଶ୍ୱବିଦ୍ୟାଳୟଠାରେ 'ପ୍ରାଣୀ ଓ ପରିବେଶ ମଙ୍ଗଳ' ଉପରେ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରମନ୍ତ୍ରୀ ମାନେକା ଯୋଗଦେଇ ରାଜ୍ୟର ଗୋ-ଚାଲାଣ ସ୍ଥିତିକୁ ନେଇ ସିଧାସଳଖ ଓଡ଼ିଶା ପୋଲିସ, ପ୍ରାଣୀ ସମ୍ପଦ ବିଭାଗ ଓ ଜନସାଧାରଣଙ୍କୁ ଦୋଷ ଦେଇଛନ୍ତି। ଜାଣିଶୁଣି ଏଭଳି ବେଆଇନ ଓ ଘୃଣ୍ୟ କାର୍ଯ୍ୟକୁ ଏଠାରେ ପ୍ରଶ୍ରୟ ଦିଆଯାଉଛି ବୋଲି ମାନେକା କହିଛନ୍ତି। ବାଲାଂଦେଶର ୱେବ୍‌ସାଇଟରେ ୨୦ହଜାର ଟନ୍ ଗୋ ମାଂସ ବିଦେଶୀକୁ ରପ୍ତାନୀ ହେଉଛି ବୋଲି ଦର୍ଶାଯାଇଛି। ଯେଉଁ ଦେଶରେ ଗୋରୁ ନାହାନ୍ତି ସେଠାରୁ ରପ୍ତାନୀ ହେଉଥିବା ଏତେ ପରିମାଣର ଗୋ ମାଂସ କୁଆଡୁ ଆସୁଛି ବୋଲି ସେ ପ୍ରଶ୍ନ କରିଛନ୍ତି। ପ୍ରାଣୀ ସମ୍ପଦର ସୁରକ୍ଷା ନ କଲେ ମଣିଷ ସମ୍ପଦ ବିପଦରେ ପଡ଼ିବ। ପରସ୍ପର ଉପରେ ନିର୍ଭର କରି ଏ ପୃଥିବୀ ତିଷ୍ଠି ରହିଛି। ସୁସ୍ଥ ଜୀବନ ଶୈଳୀରେ କିପରି ବଞ୍ଚିବାକୁ ହେବ ସେ ଦିଗରେ ଲୋକମାନେ ଏବେଠାରୁ ଚେଷ୍ଟା କରିବା ଉଚିତ ବୋଲି ମାନେକା କହିଛନ୍ତି।

ଖାଦ୍ୟ ପ୍ରସ୍ତୁତିରେ ହେଉଥିବା ଦୁର୍ନୀତି ସମ୍ପର୍କରେ ମାନେକା କହିଲେ, ଦେଶର ବିଭିନ୍ନ ସ୍ଥାନ ବୁଲିବା ବେଳେ କିପରି ବିଷ ଦ୍ୱାରା ଖାଦ୍ୟ ସାମଗ୍ରୀ ତିଆରି ହେଉଛି ତାହାକୁ ନିଜ ଆଖିରେ ଦେଖିଛି। ମାରାତ୍ମକ ସଲ୍‌ଫ୍ୟୁରିକି ଏସିଡ ବ୍ୟବହାର କରାଯାଇ ପନୀର, କୁକୁର ଓ ଘୁଷୁରିଙ୍କ ଚମଡ଼ାକୁ ତରଳାଯାଇ ଘିଅ ପ୍ରସ୍ତୁତ ହେଉଥିବା ଭଳି ସଙ୍ଗୀନ ତଥ୍ୟ ସେ ଉପସ୍ଥାପନ କରିଥିଲେ। ଦିନକୁ ଦିନ ନୂଆ ନୂଆ ରୋଗ ସୃଷ୍ଟି ହେଉଛି। ରୋଗୀଙ୍କ ସଂଖ୍ୟା ବଢ଼ୁଛି। ରୋଗକୁ ପ୍ରତିହତ କରିବା ପାଇଁ ନୂତନ ଆଣ୍ଟିବାୟୋଟିକ ଉଦ୍ଭାବନ ହୋଇପାରୁନି। ଜୀବଙ୍କୁ ବିନାଶ କରି ସମୃଦ୍ଧ ହେଉଥିବା ମଣିଷ ସମାଜ ଜୀବରକ୍ଷା ଦିଗରେ ଚେଷ୍ଟା ନ କଲେ ବିପତ୍ତିରେ ପଡ଼ିବ ବୋଲି ମାନେକା କହିଛନ୍ତି। ଏଥିସହ ସେ କୁକୁଡ଼ା ମାଂସରୁ ସୃଷ୍ଟି ହେଉଥିବା ରୋଗ ସମ୍ପର୍କରେ କହିଥିଲେ।

ସେହିଭଳି ରାଜସ୍ଥାନରୁ ହେଉଥିବା ଓଟ ଚାଲାଣକୁ ନେଇ ମାନେକା କ୍ଷୋଭ ପ୍ରକାଶ କରି କହିଲେ, ଗୁଜରାଟର ସୀମାନ୍ତ କଚ୍ଛ ଅଞ୍ଚଳରେ ସେନା ପାହିନୀ ଯାତାୟାତ କ୍ଷେତ୍ରରେ ଓଟ ବ୍ୟବହାର କରନ୍ତି। ମାତ୍ର ଚାଲାଣ ଯୋଗୁ ଏବେ ଓଟ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି। ଏଥିଯୋଗୁ କଚ୍ଛଠାରେ ଭାରତୀୟ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଆଗାମୀ ଦିନରେ ସମସ୍ୟାରେ ପଡ଼ିବ। ତେଣୁ ଅର୍ଥ ଲାଳସାରେ ଗୋରୁ ଓ ଓଟ ଆଦି ପ୍ରାଣୀମାନଙ୍କୁ ବିକ୍ରି କରିବା ପରିବର୍ତ୍ତେ ସାଧାରଣ ଲୋକେ ନିଜର ତଥା ଦେଶର ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦେବାକୁ ସେ ଆହ୍ୱାନ ଦେଇଥିଲେ। ଜୀବ ହତ୍ୟାକୁ ନେଇ ପୂର୍ବରୁ ରହି ଆସିଥିବା ପ୍ରଥା ବନ୍ଦ ହେଉ ବୋଲି ମାନେକା କହିଛନ୍ତି। ଏହି ଆଲୋଚନାଚକ୍ରରେ ଏନଏଲ୍‌ୟୁ କୁଳପତି ପ୍ରଫେସର ଡ. କ୍ରୀଷ୍ଣା ଦେବା ରାଓ, ଜୀବବିଜ୍ଞାନୀ ପ୍ରଫେସର ଡ. ପ୍ରିୟମ୍ବଦା ହେଜମାଦୀ ମହାନ୍ତି, ଏଚ୍‌ଏସ୍‌ଆଇର ପରିଚାଳନା ନିର୍ଦ୍ଦେଶକ ଏନ୍.ଜି. ଜୟସିହ୍ନା, ବନ୍ୟପ୍ରାଣୀ ପ୍ରଚାର ନିର୍ଦ୍ଦେଶକ ସୁମନ୍ତ ବିନ୍ଦୁମାଧବ, ପିପୁଲ ଫର୍ ଆନିମଲର ଟ୍ରଷ୍ଟି ଗୌରୀ ମଲେଖୀ, ଏମ୍‌ଏଡିର ପ୍ରତିଷ୍ଠାତା ଅଭିଜୟ ନେଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ଢାଞ୍ଚାରେ ଆଇଟିଆଇର ଆଧୁନିକୀକରଣ କରିବ ଆନ୍ଧ୍ର

କଟକ ଅଫିସ, ୨୫।୯

ଆନ୍ଧ୍ର ପ୍ରଦେଶର ଶ୍ରମ ମନ୍ତ୍ରୀ ତଥା ଟିଡିପି ନେତା ପିଠାନୀ ସତ୍ୟନାରାୟଣ ମଙ୍ଗଳବାର ଅପରାହ୍ନରେ କଟକ ଖପୁରିଆସ୍ଥିତ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିଆଇ) ଓ ଏହା ପରିସରରେ ଥିବା ଦେଶର ପ୍ରଥମ ଦକ୍ଷତା ସଂଗ୍ରହାଳୟ ପରିଦର୍ଶନ ଆସିଥିଲେ। ତାଙ୍କ ସହ ଆନ୍ଧ୍ର ପ୍ରଦେଶର ମୁଖ୍ୟ ଶାସନ ସଚିବ ଜେ.ଏସ୍.ଭି. ପ୍ରସାଦ ଥିଲେ। ତେବେ ସେମାନେ ଏଠାରେ ଥିବା ଭିତ୍ତିଭୂମି, ୱାର୍କସପ୍ ଓ ସ୍ମାର୍ଟ କ୍ଲାସ୍ ରୁମ୍ ବୁଲି ଦେଖିବା ସହ ବେଶ୍ ପ୍ରଶଂସା କରିଥିଲେ। ଏହି ଅବସରରେ ମନ୍ତ୍ରୀ ପିଠାନୀ କହିଲେ, ଏହା ଏକ ବିଶ୍ୱସ୍ତରୀୟ ପ୍ରତିଷ୍ଠାନ। ଏଠାରେ ସ୍ମାର୍ଟ କ୍ଲାସ୍ ରୁମ୍‌ରେ ଅଧାପନା ଶୈଳୀ ବେଶ୍ ଉଚ୍ଚକୋଟୀର ଓ ଶିଳ୍ପ ତାଲିମ କ୍ଷେତ୍ରରେ ଛାତ୍ରୀଛାତ୍ରମାନଙ୍କର ବେଶ ଆଗ୍ରହ ରହିଥିବା ମୁଁ ଅନୁଭବ କରିଛି। ଆନ୍ଧ୍ର ପ୍ରଦେଶର ୭୯ଟି ଆଇଟିଆଇର ଆଧୁନିକୀକରଣ କରାଯିବ। ଆଗକୁ ଆମ ରାଜ୍ୟରେ ଥିବା ସବୁ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ ଏହିଭଳି ଅତ୍ୟାଧୁନିକ ସୁବିଧା ସୁଯୋଗ ଉପଲବ୍ଧ କରିବାକୁ ଚେଷ୍ଟା କରିବୁ ବୋଲି ସେ କହିଥିଲେ।

ଏହି ଶିଳ୍ପ ତାଲିମ କେନ୍ଦ୍ରରେ ଦେଢ ଘଣ୍ଟାରୁ ଅଧିକ ସମୟ ବିତାଇବା ମଧ୍ୟରେ ମନ୍ତ୍ରୀ ପିଠାନୀ ଅଧ୍ୟକ୍ଷ ଡ. ହୃଷିକେଶ ମହାନ୍ତି, ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ତେବେ ଡ. ମହାନ୍ତି କହିଛନ୍ତି ଯେ, ଆନ୍ଧ୍ରପ୍ରଦେଶ ଶ୍ରମମନ୍ତ୍ରୀ ସ୍ମାର୍ଟ କ୍ଲାସ ରୁମଠାରୁ ଆରମ୍ଭ କରି ସଂଗ୍ରହାଳୟ ବୁଲି ଦେଖିବା ପରେ ପ୍ରଶଂସା କରିଛନ୍ତି। ତଥାପି ଆଗକୁ ଆମେ ଆମ ଶିଳ୍ପ ତାଲିମ କେନ୍ଦ୍ରର କର୍ମଶାଳାରେ ଆହୁରି ଅଧିକ ଉନ୍ନତି ଆଣିବା ସହ ପ୍ଲେସମେଣ୍ଟ ରେକର୍ଡ ଆହୁରି ବଢାଇବାକୁ ଚେଷ୍ଟା କରିବୁ ବୋଲି ମହାନ୍ତି ଜଣାଇଛନ୍ତି।

**■ ଭାଜପା ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ଉଦ୍‌ଯାପିତ**

# ପ୍ରତି ବୁଥ୍‌କୁ ଯିବ ମହିଳା ମୋର୍ଚ୍ଚା

ପୁରୀ ଅଫିସ, ୨୫।୯

**ସବୁ ରାଜ୍ୟରେ ହେବ ଶକ୍ତିକେନ୍ଦ୍ର ମହିଳା ସମ୍ମିଳନୀ**



ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଭାଜପା ନେତୃବୃନ୍ଦ।

୨୦୧୯ରେ ହୋଇପାରେ ସାଧାରଣ ନିର୍ବାଚନ। ଏହି ନିର୍ବାଚନ ବୈତରଣୀ ପାରହେବା ଲାଗି ମହିଳା ଭୋଟରଙ୍କୁ ଟାର୍ଗେଟ କରିଛି ଭାଜପା। ମହିଳା ଭୋଟରଙ୍କୁ କିଭଳି ଦଳ ଆଡକୁ ଆକର୍ଷିତ କରାଯାଇପାରିବ ସେଥିଲାଗି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀରେ ଯୋଜନା ପ୍ରସ୍ତୁତ ହୋଇଛି। ନରେନ୍ଦ୍ର ମୋଦି ସରକାରଙ୍କ ମହିଳା କଲ୍ୟାଣକାରୀ ଯୋଜନାକୁ ନେଇ ଭାଜପା ମହିଳା ମୋର୍ଚ୍ଚା କର୍ମୀ ବୁଥ୍‌ସ୍ତରରେ ପହଞ୍ଚିବେ। ପ୍ରତି ଘରକୁ ଯାଇ କେନ୍ଦ୍ରର କଲ୍ୟାଣକାରୀ ଯୋଜନା ସମ୍ପର୍କରେ ବୁଝାଇବେ। ରାଜ୍ୟ ସରକାରଙ୍କ ବିଫଳତାଙ୍କୁ ବଖାଣି ଭୋଟରଙ୍କୁ ଭାଜପାଭିମୁଖୀ କରିବା ଲାଗି ଦୁଇଦିନ ଧରି ପୁରୀ ଠାରେ ଚାଲିଥିବା ଭାଜପା ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀରେ ପରାମର୍ଶ ଦିଆଯାଇଛି।

ଭାଜପା ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକ ମଙ୍ଗଳବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ବୈଠକରେ ରାଜନୈତିକ ଚିଠା ପ୍ରସ୍ତାବ ପାରିତ ହୋଇଛି। ବୈଠକର ଆଲୋଚନା ସଂକ୍ରାନ୍ତରେ ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ପ୍ରଭାତୀ ପରିଡ଼ା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, ଏଣିକି ପ୍ରତି ରାଜ୍ୟରେ ଶକ୍ତିକେନ୍ଦ୍ରସ୍ତରୀୟ ଭାଜପା ମହିଳା ମୋର୍ଚ୍ଚା ପ୍ରତିନିଧି ଅନୁଷ୍ଠିତ ହେବ। ମୋଦିଙ୍କ ଜନକଲ୍ୟାଣକାରୀ ଯୋଜନାରୁ ଯେଉଁ ମହିଳାମାନେ ବଞ୍ଚିତ ହୋଇଛନ୍ତି ଆଗାମୀ ୩ମାସ ମଧ୍ୟରେ ଏହି ଯୋଜନା ସେମାନଙ୍କ ପାଖରେ ପହଞ୍ଚାଯିବ ବୋଲି କହିଥିଲେ। ଖବରଦାତା ସମ୍ମିଳନୀରେ ଉପସ୍ଥିତି ଏମ୍‌ପି ମୀନାକ୍ଷୀ ଲେଖି କହିଥିଲେ ଯେ, କେନ୍ଦ୍ର ସରକାରଙ୍କ ଜନଧନ ଯୋଜନାରେ ୧୬କୋଟି ମହିଳାଙ୍କ ଆକାଉଣ୍ଟ ଖୋଲାଯାଇଛି। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ୫କୋଟି ମହିଳାଙ୍କୁ ମାଗଣାରେ ଗ୍ୟାସ ସଂଯୋଗ ଯୋଗାଇ ଦିଆଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମହିଳାମାନଙ୍କୁ ପ୍ରାଥମିକତା ଦିଆଯାଇଛି। ଇନ୍ଦ୍ରଧନୁଷ୍ ଏବଂ ସୁରକ୍ଷିତ ମାତୃତ୍ୱ ଯୋଜନାରେ ଉଭୟ ମା' ଏବଂ ଶିଶୁ ଲାଭବାନ ହେଉଛନ୍ତି। ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ ଦରମା ବୃଦ୍ଧି କରାଯାଇଛି। ବେଟି ପଢାଓ, ବେଟି ବଚାଓ, ମୁଦ୍ରା ଆଦି ଯୋଜନାରେ ମହିଳାମାନେ ଉପକୃତ ହୋଇଛନ୍ତି। କେନ୍ଦ୍ର ସରକାରଙ୍କ ଏହି ମହିଳା କଲ୍ୟାଣ ଯୋଜନାକୁ ଘରେ ଘରେ ପହଞ୍ଚାଇବା ଲାଗି ମହିଳା ମୋର୍ଚ୍ଚା କାମ କରିବ। ଟ୍ରିପଲ ତଲାକ୍ ବିରୋଧରେ କେନ୍ଦ୍ର ସରକାର କଡ଼ା ନିୟମ ଆଣିଛନ୍ତି। ମହିଳାଙ୍କ ସୁରକ୍ଷା କେନ୍ଦ୍ର ସରକାରଙ୍କ ପ୍ରାଥମିକତା ବୋଲି ସେ କହିଥିଲେ। ମହିଳା ମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନଙ୍କୁ ସମର୍ପଣ ଓ ନିଷ୍ଠାର ସହ ଲୋକମାନଙ୍କ ପାଇଁ କାର୍ଯ୍ୟ କରିବାକୁ ଲେଖି ପରାମର୍ଶ ଦେଇଥିଲେ। ଭାଜପା ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ସଭାପତି ବିଜୟା ରାହାଟ୍‌କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ପ୍ରଭାରୀ ଅରୁଣ ସିଂ ଯୋଗ ଦେଇଥିଲେ।

ଧରିତ୍ରୀ DHARITRI **CAREER APPOINTMENT**
every Wednesday & Saturday

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

**URGENT REQUIRED**
A renowned financial institution required Experience & Fresher Collection Executives in BHUBANESWAR, CUTTACK & PURI. Any interested candidate can call
M-8249100064 Or Email- manasnayak06@gmail.com

Wanted following Staffs for our office around Cuttack.
- ACCOUNTANT
- SUPERVISORS
- CAR DRIVERS

Only Male: **CONTACT:**
9437496020
7381075901

**APPOINTMENT**
VIGEN INDIA Requied Smart Boys and Girls Candidates for Office Job. **Age:** 18 to 28. **Edu:** 10th to Graduate.
➢ For Lewis Road Candidates: **8249082502**
➢ For Sastri Nagar Candidates: **9348916882**
Fully Office Job. Fix Salary + Incentives. Contact within 4 days.

**DRIVER REQUIRED**
Requires Driver for Private Business House for 407 & 709 goods carrying vehicle at Bhubaneswar.
**Contact:**
9437022584, 9437460875

**ବ୍ଲକ୍ ସ୍ତରୀୟ ନିଯୁକ୍ତି**
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9178371341

ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
**Rs. 18000/-** ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

**WALKING INTERVIEW**
- BANKING
- BACK OFFICE
- HR/ADMIN
- SALES / MARKETING

Qual.: 10, +2, Graduation, MBA
Male / Female
8480280229, 9583279596

**SMD TECHNOLOGIES**
(NSDC Partner)
invites job application from Graduates for teaching up to Class VIII/X in Kakatpur, Bhubaneswar and Project Coordinator.
Send Resume to:
hr@smdtech.co.in /
Ph: (033) 2590- 7788

A diversified group having interest in mining, logistics requires:
**SENIOR SAFETY OFFICER**
*Location : Kalinga Nagar, Orissa*
Candidates should have Diploma in Industrial Safety from a recognized institution and at least 8 – 10 years experience in a reputed organization, knowledge of Oriya essential.
**Apply : hrkol@ircl.in**

**୪୫ ଜଣ କର୍ମଚାରୀ ଆବଶ୍ୟକ**
**(FOR A BOOK SALES COMPANY)**
ବିନା ଖର୍ଚ୍ଚରେ ରହିବା ସୁବିଧା ସହିତ ମାସିକ ରୋଜଗାର Rs.8000/- ରୁ Rs.17000/- & more. Qualification - 10th ରୁ Graduation ଏବଂ ବୟସ (18-30) ବର୍ଷ ହୋଇଥିବା ଆବଶ୍ୟକ। ନିଜର Bio-Data ଏବଂ Aadhar Card ସହିତ ଆସନ୍ତା ୪ ଦିନ ମଧ୍ୟରେ ସାକ୍ଷାତ କରନ୍ତୁ।
OFFICE ADDRESS : MICRO EXPANSION
N/6-315, Jaydev Vihar, Bhubaneswar.
Ph : 9238100178

**URGENTLY REQUIRED**
FIELD INVESTIGATION EXECUTIVES for all Odisha location & BACK OFFICE EXECUTIVES having Computer Knowledge for BBSR Office.
**Add:** Flat No. 307, Nirmala Plaza, Forest Park, BBSR-9.
CONTACT MOB: 7504008200
Send Resume to above address & email
dillipkumar00@gmail.com

**ଆବଶ୍ୟକ**
ଲୋଡର୍ - ଅନ୍‌ଲୋଡର୍
ଡେଲିଭରୀ ବଏଜ୍ ଏକ୍ସି.
ବାଇକ୍/ଡିଏଲ୍/ସ୍ମାର୍ଟ ଫୋନ୍ ଥିବା ଜରୁରୀ,
ପାରିତୋଷିକ + ପିଏଫ୍ +
ଇଏସ୍‌ଆଇସି + ପେଟ୍ରୋଲ ସୁବିଧା
ଆଗ୍ରହୀ ବ୍ୟକ୍ତିମାନେ ଯୋଗାଯୋଗ କରନ୍ତୁ:
8109036707, 89820 66707

**AREA MANAGER**
**LAVITA WARE PVT. LTD.** a leading sanitary & Bath fittings company urgently required a Area Manager for Odisha. Candidates having a experience of 2-3 yrs in channel & corporate sales through Dealer & Distributor.
Salary Negotiable with TA/DA
Contact: 9861033823, 9937144418

**URGENT REQUIREMENT**
**NIGAM SERVICES**
*Official Job:*
- BACK OFFICE EXECUTIVE
- FRONT OFFICE EXECUTIVE
- ACCOUNTANT
- DATA ENTRY OPERATOR

*Monthly Salary: 10000/- to 15000/-*
Website address: www.nigamservices.com
Contact: 7064617593, 7064617542

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. Monthly Salary upto Rs.25000/-.
Contact Immediately:
Mob: 8763257042

See Career Appointment on every Wednesday & Saturday

**WANTED**
Candidates with 55% of marks at PG Level may attend the Walk-in-Interview for the Post of **LECT. IN ZOOLOGY** (against leave vacancy) at the College at 11.00 A.M. on Dt.29.09.2018.
**Principal I/C/Secy.**
**Balanga College, Balanga, Puri**
Mob.: 9776428131

**URGENT REQUIREMENT**
**NIGAM SERVICES**
- HOUSE MAID
- PEON
- DRIVER
- SECURITY GUARD
- SECURITY SUPERVISOR

*Monthly Salary: 10000/- to 15000/-*
Website address: www.nigamservices.com
Contact: 7064617593, 7064617542

**URGENTLY REQUIRED**
*For Ladies Garment Showroom*
1. **SALESMAN / SALES GIRL**
2. **PEON**

RIAZ Collections, Shop No.-5, Plot No.-616/4449, Shree Vihar, Patia, Bhubaneswar
Ph.- 9853715701, 9116923462

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above.
Monthly Income upto Rs.25000/-.
Part Time / Full Time
Contact: 9938676412

**CANDIDATES REQUIRED FOR TRUST**
ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ କାମ କରିବା ପାଇଁ ପ୍ରାର୍ଥୀ ଆବଶ୍ୟକ।
POST: • DIST HEAD (15), • AREA MANAGER (10)
• MARKETING EXECUTIVE (30) • PEON (1)
• TELECALLER-Female (2)
• DESIGNER (1) Must have knowledge of Photoshop & CorelDRAW
**SALARY: 5000/- to 25,000/-**
Interested Candidates may walk in Interview within 7 days from the date of publication. **TIME:** 10.30 A.M. to 5 P.M.
Office Address: SAHAYAKA, Plot No: 246, Kharvel Nagar, Unit-3, BBSR,
Ph: 9437820775, 9078206566

**URGENT REQUIREMENT**
**NIGAM SERVICES**
- CUSTOMER HANDLING EXECUTIVE
- SALES EXECUTIVE
- CUSTOMER CARE OFFICER
- HOME DELIVERY (BOY & GIRL)

*Monthly Salary: 10000/- to 15000/-*
Website address: www.nigamservices.com
Contact: 7064617593, 7064617542

**ସ୍ଥାୟୀ ନିଯୁକ୍ତି**
ଭାରତ ସରକାରଙ୍କ **NSDL** ର **PAN, TAN, GST, NPS** ଓ **Micro Credit** କାର୍ଯ୍ୟ ନିମନ୍ତେ ନିମ୍ନ ପଦବୀ ପାଇଁ ବ୍ଲକସ୍ତରୀୟ ପ୍ରାର୍ଥୀ/ପ୍ରାର୍ଥିନୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

| | Post | Qualification | Salary |
|---|---|---|---|
| (1) | JUNIOR B.C | 10th Pass | 7300/- |
| (2) | INSPECTOR CUM A.O. | +2 or Above | 11000/- |

ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀ ସେମାନଙ୍କର Biodata ସହ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ
**ADDRESS-1**
Plot No: 355, Sishupalgarh, BBSR
Ph. No: 9776934602
**ADDRESS-2**
Forest Colony, Gandhinagar, Koraput
Ph. No: 9438767252, 8637288711

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

| Dollar | Sensex | Nifty | Gold | Silver |
| --- | --- | --- | --- | --- |
| $ 72.69 (6) | 347.04 36,652.06 | 100.05 11,067.45 | `175 31,725.00 | `190 38,290.00 |



❝ ଟେଲିକମ୍ୟୁନିକେଶନ କ୍ଷେତ୍ରରେ ଫରେନ୍ ଡାଇରେକ୍ଟ ଇନ୍‌ଭେଷ୍ଟମେଣ୍ଟ(ଏଫ୍‌ଡିଆଇ) ପରିମାଣ ୪ ବର୍ଷ ମଧ୍ୟରେ ୬ ଗୁଣା ବୃଦ୍ଧି ପାଇଛି।
– ମନୋଜ ସିହ୍ନା, ଟେଲିକମ ମନ୍ତ୍ରୀ



❝ ଗ୍ରାମପଞ୍ଚାୟତ ସ୍ତରରେ ୱାଇ-ଫାଇ ସୁବିଧା ପାଇଁ ଚଳିତ ବର୍ଷ ଶେଷ ସୁଦ୍ଧା ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯିବ।
– ଅରୁଣା ସୁନ୍ଦରରାଜନ, ଟେଲିକମ୍ ସଚିବ

## ସଂକ୍ଷେପରେ

### ସରକାରୀ କମ୍ପାନୀ ହେବ ଜିଏସ୍‌ଟିଏନ୍
#### ନିଷ୍ପତ୍ତି ଆଜି

**ନୂଆଦିଲ୍ଲୀ, ୨୫-୯(ପି.ଟି.):** ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି)ର ଆଇଟି ବ୍ୟାକ୍‌ବୋନ୍ କୁହାଯାଉଥିବା ସଂସ୍ଥା ଜିଏସ୍‌ଟି ନେଟ୍‌ୱର୍କ ସରକାରୀ କମ୍ପାନୀରେ ପରିଣତ ହେବ। ବୁଧବାର କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏ ସମ୍ପର୍କରେ ଆଲୋଚନା ହେବ। କେନ୍ଦ୍ର ସରକାରଙ୍କର ୫୦% ଏବଂ ସମସ୍ତ ରାଜ୍ୟ ସରକାରଙ୍କର ମିଳିତ ଭାବେ ୫୦% ଅଂଶ ରହିବ। ଆସନ୍ତା କାଲିର ବୈଠକ ସମ୍ପର୍କରେ ସୂଚନା ରଖିଥିବା ଜଣେ ବରିଷ୍ଠ ଅଧିକାରୀ ଏହା କହିଛନ୍ତି। ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଏଥିରେ ମୋଟ ୪୯% ଅଂଶ ରହିଛି। ବାକି ୫୧% ଅଂଶ ଏଚ୍‌ଡିଏଫ୍‌ସି ଲିମିଟେଡ୍, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍, ଆଇସିଆଇସିଆଇ ବ୍ୟାଙ୍କ, ଏନ୍‌ଏସ୍‌ଇ ଷ୍ଟ୍ରାଟେଜିକ୍ ଇନ୍‌ଭେଷ୍ଟମେଣ୍ଟ୍ ଏବଂ ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିମିଟେଡ୍ ଭଳି ୫ଟି ଅଣସରକାରୀ ଆର୍ଥିକ ପ୍ରତିଷ୍ଠାନ ଅଧୀନରେ ଅଛି।

### ଦୈନିକ ୩୦୦ କୋଟି ଆୟ କରୁଛନ୍ତି ମୁକେଶ ଅମ୍ବାନୀ

**ନୂଆଦିଲ୍ଲୀ,୨୫-୯:** ଦେଶର ସବୁଠାରୁ ଧନୀ ବ୍ୟକ୍ତି କୁହାଯାଉଥିବା ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ମାଲିକ ମୁକେଶ ଅମ୍ବାନୀଙ୍କ ସମ୍ପତ୍ତି ଆଜକୁ ବର୍ଷେ ହେଲା ଦୈନିକ ୩୦୦ କୋଟି ଟଙ୍କା ବଢ଼ିଚାଲିଛି। ବାର୍କଲେଜ ହୁରୁନ ଇଣ୍ଡିଆ ଧନୀ ତାଲିକା ୨୦୧୮ରେ ଏ ସମ୍ପର୍କରେ ତଥ୍ୟ ପ୍ରକାଶ ପାଇଛି। ୩,୭୧,୦୦୦ କୋଟି ଟଙ୍କାର ସମ୍ପତ୍ତି ସହ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଅଧ୍ୟକ୍ଷ ଅମ୍ବାନୀ କ୍ରମାଗତ ୭ମ ବର୍ଷ ପାଇଁ ଶୀର୍ଷ ସ୍ଥାନରେ ବଜାୟ ରହିଛନ୍ତି। ଏସ୍‌ପି ହିନ୍ଦୁଜା ଓ ତାଙ୍କ ପରିବାର(୧,୫୯,୦୦୦ କୋଟି ଟଙ୍କା), ଏଲ୍.ଏନ୍.ମିତ୍ତଲ ଏବଂ ପରିବାର(୧,୧୪,୦୦୦ କୋଟି ଟଙ୍କା) ଏବଂ ଅଜିମ ପ୍ରେମଜୀ(୯୬,୧୦୦କୋଟି ଟଙ୍କା) ଙ୍କ ମୋଟ୍ ସମ୍ପତ୍ତି ଠାରୁ ଅଧିକା ୧ ହଜାର କୋଟି ଟଙ୍କା ଅଥବା ତଦୂର୍ଦ୍ଧ୍ୱ ସମ୍ପତ୍ତି ଥିବା ବ୍ୟକ୍ତିମାନଙ୍କୁ ନେଇ ବାର୍କଲେଜ ହୁରୁନ ଇଣ୍ଡିଆ ଧନୀ ତାଲିକା ପ୍ରସ୍ତୁତ କରାଯାଇଛି। ୨୦୧୭ରେ ଏହି ତାଲିକାରେ ୬୧୭ ଜଣ ଥିବା ବେଳେ ଚଳିତବର୍ଷ ଏହା ୮୩୧ରେ ପହଞ୍ଚିଛି। ସନ୍ ଫାର୍ମା ମାଲିକ ଦିଲୀପ ସାଂଘଭି ଏହି ତାଲିକାରେ ୫ମ ଧନୀ ଭାବେ ସ୍ଥାନ ପାଇଛନ୍ତି।

### ମୁଣ୍ଡବ୍ୟଥା ହୋଇପାରେ ୯୧ ହଜାର କୋଟିର ଋଣବୋଝ
# ଋଣ ଭାରରେ ଆଇଏଲ୍ ଆଣ୍ଡ ଏଫ୍‌ଏସ୍

**ନୂଆଦିଲ୍ଲୀ,୨୫-୯**

- ଏକଦା ଋଣ ଦେଉଥିବା ଆଇଏଲ୍ ଆଣ୍ଡ ଏଫଏସ୍ ଏବେ ଋଣୀ
- ଉଦ୍ଧାର ପାଇଁ ଆଗେଇ ଆସିଲା ଏଲ୍‌ଆଇସି
- ଏନ୍‌ଏଚ୍‌ଏଆଇର ୭୦୦କୋଟି ସହାୟତା




ଢାଞ୍ଚାଗତ ନିର୍ମାଣ କ୍ଷେତ୍ରରେ ଋଣ ପ୍ରଦାନକାରୀ ଅଗ୍ରଣୀ କମ୍ପାନୀ ଇନଫ୍ରାଷ୍ଟ୍ରକ୍ଚର ଲିଜିଂ ଆଣ୍ଡ ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡ (ଆଇଏଲ୍ ଆଣ୍ଡ ଏଫ୍‌ଏସ୍) ଗ୍ରୁପ୍ ଏବେ ନିଜେ ୯୧ହଜାର କୋଟି ଟଙ୍କାର ଋଣଗ୍ରସ୍ତ ହୋଇଛି। ଅର୍ଥ ସଙ୍କଟ କାରଣରୁ ଏହା ଏବେ ଋଣ ଫେରାଇପାରୁନି। କମ୍ପାନୀ ଏବେ ଅର୍ଥନୀତି ପାଇଁ ମୁଣ୍ଡବିନ୍ଧାର କାରଣ ହେଲାଣି। କାରଣ ଏହା ଯୋଗୁ ଅନ୍ୟ କମ୍ପାନୀମାନେ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏଥିରେ ନିବେଶ କରିଥିବା ଏଲ୍‌ଆଇସି, ଏସ୍‌ବିଆଇ ସମେତ ଅନ୍ୟମାନଙ୍କ ନିବେଶ ଏବେ ବୁଡ଼ିଯିବାକୁ ବସିଛି। କେବଳ ଆଇଏଲ୍ ଆଣ୍ଡ ଏଫ୍‌ଏସ୍ ଉପରେ ୩୫ ହଜାର କୋଟି ଏବଂ ଏହାର ସହାୟକ କମ୍ପାନୀ ଆଇଏଲ ଆଣ୍ଡ ଏଫ୍‌ଏସ୍ ଫାଇନାନ୍ସିଆଲ ସର୍ଭିସେସ୍ ଉପରେ ୧୭ହଜାର କୋଟି ଟଙ୍କାର ଋଣ ବୋଝ ରହିଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ଏହାକୁ ୫୨ହଜାର କୋଟି ଟଙ୍କା ଋଣ ଦେଇଛନ୍ତି। ସୋମବାର ତୃତୀୟ ଥର ପାଇଁ କମ୍ପାନୀ ସୁଧ ପ୍ରଦାନ କରିବାରେ ବିଫଳ ହୋଇଛି। ଚଳିତ ମାସ ଆରମ୍ଭରେ ଏହା ସ୍ମଲ୍ ଇଣ୍ଡଷ୍ଟ୍ରିଜ ଡେଭଲପ୍‌ମେଣ୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ସିଡ୍‌ବି)କୁ ୧୦୦୦କୋଟି ଟଙ୍କାର ସ୍ୱଳ୍ପ ମିଆଦି ଋଣ ଫେରାଇ ପାରି ନ ଥିଲା। ସେହିପରି ଏହାର ଆର୍ଥିକ ସେବା ଯୋଗାଣକାରୀ କମ୍ପାନୀ ୫୦୦ କୋଟି ଟଙ୍କା ଫେରାଇବାରେ ଅସମର୍ଥ ହୋଇଛି। ଇତିମଧ୍ୟରେ କମ୍ପାନୀ ୪୯୦ କୋଟି ଟଙ୍କା ଫେରାଇ ନ ଥିବାବେଳେ ଅକ୍ଟୋବର ସୁଦ୍ଧା ସୁଧ ବାବଦରେ ଆହୁରି ୨୨୦ କୋଟି ଟଙ୍କା ଦେବ। ପରିସ୍ଥିତି ଏପରି ଯେ, କମ୍ପାନୀଙ୍କୁ ଋଣ ଓ ସୁଧ ବାବଦରେ ଆସନ୍ତା ୬ ମାସ ମଧ୍ୟରେ ୩୬୦୦ କୋଟି ଟଙ୍କାର ଆବଶ୍ୟକତା ରହିଛି। କଟା ଘା'ରେ ଚୂନ ଦେବା ଭଳି ସିଡ୍‌ବି ଦେଇ ଥିବା ଋଣ ଅର୍ଥ ଫେରିପାଇବା ଲାଗି ଇତିମଧ୍ୟରେ ନ୍ୟାଶନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ଥ ହୋଇଛି ବୋଲି ରିପୋର୍ଟ ପ୍ରକାଶ ପାଇଛି। ସବୁଠୁ ବଡ଼ ଚିନ୍ତା ଏହି ଯେ, କମ୍ପାନୀ ଋଣ କରିଥିବା ମୋଟ୍ ଅର୍ଥର ୬୦ ପ୍ରତିଶତ ନନ୍ କନଭର୍ଟିବୁଲ୍ ଡିବେଞ୍ଚର ରହିଛି, ଯାହାକୁ ବଦଳାଯାଇପାରିବ ନାହିଁ। ଏଥିପାଇଁ କୌଣସି ସମ୍ପତ୍ତିକୁ ବନ୍ଧକ ରଖାଯାଇନି। ତେଣୁ ଆଇଏଲ୍ ଆଣ୍ଡ ଏଫ୍‌ଏସ୍ ସମସ୍ତଙ୍କୁ ଠକିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି କମ୍ପାନୀର ଅଧିକାଂଶ ଡିବେଞ୍ଚରକୁ ବୀମା କମ୍ପାନୀ, ପେନସନ ଫଣ୍ଡ ଏବଂ ପ୍ରୋଭିଡେଣ୍ଟ ଫଣ୍ଡ କିଣିଛନ୍ତି। ଏଠାରେ ଉଲ୍ଲେଖ କରିବାର ଆବଶ୍ୟକତା ନାହିଁ ଯେ, ବୀମା କମ୍ପାନୀ, ପେନସନ ଓ ପ୍ରୋଭିଡେଣ୍ଟ ଫଣ୍ଡରେ ସାଧାରଣ ଲୋକଙ୍କ ନିବେଶ ରହିଛି। ଏକ ଆକଳନରୁ ଜଣାପଡିଛି ଯେ, ଚଳିତ ବର୍ଷ ମେ' ୩୦ ସୁଦ୍ଧା ଜିଆଇସି, ପୋଷ୍ଟାଲ ଲାଇଫ୍ ଇନସ୍ୟୁରାନ୍ସ ଫଣ୍ଡ, ଏନ୍‌ପିଏସ୍, ସିବିଟି ଇପିଏଫ୍, ଏଲ୍‌ଆଇସି, ଏସ୍‌ବିଆଇ ଏମ୍ପ୍ଲୟିଜ ପେନସନ ଫଣ୍ଡ, ଦି ଏସବିଆଇ ଏମ୍ପ୍ଲୟିଜ ପ୍ରୋଭିଡେଣ୍ଟ ଫଣ୍ଡ, ରୁରାଲ୍ ପୋଷ୍ଟାଲ ଲାଇଫ, ଇନସ୍ୟୁରାନ୍ସ ଫଣ୍ଡ, ଇଣ୍ଡିଆ ଲଙ୍ଗ୍ ଟର୍ମ ଡେଟ୍ଟ ଫଣ୍ଡ ମିଶି ପ୍ରାୟ ୪୬୩୦ କୋଟି ଟଙ୍କାର ନିବେଶ କରିଛନ୍ତି। ଆଇଏଲ୍ ଆଣ୍ଡ ଏଫଏସ୍ ନେଇଥିବା ଋଣ ଫେରାଇ ନ ପାରିଲେ ମଧ୍ୟବିତ୍ତଙ୍କ ଅର୍ଥ ନିଶ୍ଚିତ ବୁଡ଼ିଯିବ।

ଅନ୍ୟପକ୍ଷରେ ଜୀବନ ବୀମା କ୍ଷେତ୍ରରେ ଦେଶର ସର୍ବବୃହତ କମ୍ପାନୀ ଏଲ୍‌ଆଇସି କମ୍ପାନୀକୁ ସହାୟତା କରିବାକୁ ଆଗେଇ ଆସିଛି। ଏହାକୁ ବୁଡ଼ିବାକୁ ଦିଆଯିବନି ବୋଲି ଅଧ୍ୟକ୍ଷ ଭି.କେ ଶର୍ମା କହିଛନ୍ତି। କମ୍ପାନୀକୁ ସବୁପ୍ରକାର ସହାୟତା ଦେବା ନେଇ ସମସ୍ତ ପ୍ରକାର ବିକଳ୍ପ ରହିଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ(ଏନ୍‌ଏଚ୍‌ଏଆଇ) କମ୍ପାନୀକୁ ପ୍ରାୟ ୭୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସହାୟତା କରିଥିବା ଜଣାପଡିଛି।

## ଏମ୍‌ସିଏଲ୍‌ର ନୂତନ ଅଧ୍ୟକ୍ଷ ହେଲେ ରାଜୀବ ରଞ୍ଜନ ମିଶ୍ର

**ସମ୍ବଲପୁର, ୨୫-୯**



ମହାନଦୀ କୋଲଫିଲ୍ଡ ଲିମିଟେଡ୍(ଏମ୍‌ସିଏଲ୍)ର ନୂତନ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାବେ ରାଜୀବ ରଞ୍ଜନ ମିଶ୍ର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ମିଶ୍ର ବର୍ତ୍ତମାନ ୱେଷ୍ଟର୍ନ କୋଲ୍ ଫିଲ୍ଡ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱରେ ଅଛନ୍ତି। ଏହା ପୂର୍ବରୁ ସେ ସେଣ୍ଟ୍ରାଲ୍ କୋଲଫିଲ୍ଡ ଲିମିଟେଡର କାର୍ମିକ ନିର୍ଦ୍ଦେଶକ, ସେଣ୍ଟ୍ରାଲ ମାଇନ୍ ପ୍ଲାନିଂ ଆଣ୍ଡ ଡିଜାଇନ୍ ଇନଷ୍ଟିଚ୍ୟୁଟ୍(ସିଏମ୍‌ପିଡିଆଇ)ରେ କାର୍ମିକ ଓ ପ୍ରଶାସନିକ ବିଭାଗର ମୁଖ୍ୟ ଭାବେ ମଧ୍ୟ ସୁଚାରୁରୂପେ ସମ୍ପାଦନ କରିଛନ୍ତି। ଏମ୍‌ସିଏଲ୍ ପକ୍ଷରୁ ମଙ୍ଗଳବାର ଏକ ପ୍ରେସ୍ ବିବୃତିରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଏହି ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିବା ପରେ ଏମ୍‌ସିଏଲ୍‌ର ସମସ୍ତ ଅଧିକାରୀ ଓ କର୍ମଚାରୀ ମିଶ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି।

### ବ୍ୟାଙ୍କ ମୁଖ୍ୟଙ୍କୁ ଜେଟ୍‌ଲୀଙ୍କ କଡ଼ା ବାର୍ତ୍ତା
## ଋଣଖିଲାପୀ ହେଲେ ନିଅ ଦୃଢ଼ କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ,୨୫-୯**



କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ ମଙ୍ଗଳବାର ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମୁଖ୍ୟମାନଙ୍କୁ ଭେଟିଛନ୍ତି। ସେ ଏହି ଅବସରରେ ବ୍ୟାଙ୍କଗୁଡ଼ିକର ଆର୍ଥିକ ସ୍ଥିତିର ସମୀକ୍ଷା କରିଛନ୍ତି। ଜାଣିଶୁଣି ଋଣ ପରିଶୋଧ କରୁ ନ ଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସେ ବ୍ୟାଙ୍କ ମୁଖ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଜେଟ୍‌ଲୀ ବ୍ୟାଙ୍କ ମୁଖ୍ୟମାନଙ୍କୁ କହିଛନ୍ତି ଯେ, ବ୍ୟାଙ୍କଗୁଡିକର କାର୍ଯ୍ୟକଳାପ ସଂଗଠିତ ଭାବେ ହୋଇପାରିଲେ ଦେଶର ଆର୍ଥିକ ଅଭିବୃଦ୍ଧି ୮ ପ୍ରତିଶତ ହାରରେ ବୃଦ୍ଧି ପାଇବ। ଅର୍ଥ ମନ୍ତ୍ରୀ ତାଙ୍କ ଟୁଇଟ୍‌ରେ କହିଛନ୍ତି ଯେ, ବ୍ୟାଙ୍କଗୁଡିକ ଠିକ୍ ଭାବେ ଋଣ ଦିଅନ୍ତୁ ଏବଂ ଜାଣିଶୁଣି ଋଣ ପରିଶୋଧ କରୁ ନ ଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଏହାଦ୍ୱାରା ସେମାନଙ୍କ ଉପରେ କେନ୍ଦ୍ର ସରକାର ଯେଉଁ ଭରସା ଜାହିର କରିଛନ୍ତି ତାହା ଯେପରି ବଳବତ୍ତର ରହିବ। ଋଣ ପ୍ରଦାନ ଓ ଆଦାୟରେ ଯେପରି ସ୍ୱଚ୍ଛତା ଆସିବ ସେ ଦିଗରେ ବ୍ୟାଙ୍କମାନେ ପଦକ୍ଷେପ ନେବାକୁ ଜେଟ୍‌ଲୀ ତାଗିଦ କରିଛନ୍ତି। ଏହି ଅବସରରେ ବ୍ୟାଙ୍କ ଅଫ୍ ବରୋଦା, ବିଜୟା ବ୍ୟାଙ୍କ ଓ ଦେନା ବ୍ୟାଙ୍କର ମିଶ୍ରଣ ନେଇ ଆଲୋଚନା ହୋଇଥିଲା। ଉଲ୍ଲେଖଥାଉ କି, ବ୍ୟାଙ୍କଗୁଡିକ ଇତିମଧ୍ୟରେ ମୋଟ୍ ଅନାଦାୟ ଋଣ ମଧ୍ୟରୁ ଆଜିସୁଦ୍ଧା ପ୍ରଥମ ତ୍ରୈମାସରେ ୩୬,୫୫୧ କୋଟି ଟଙ୍କା ଫେରିପାଇଛନ୍ତି। ୨୦୧୭-୧୮ ଆର୍ଥିକ ବର୍ଷରେ ୭୪,୫୬୨ କୋଟି ଟଙ୍କା ଆଦାୟ ହୋଇପାରିଛି। ବୈଠକ ଶେଷରେ ଜେଟ୍‌ଲୀ କହିଛନ୍ତି ଯେ, ବ୍ୟାଙ୍କଗୁଡ଼ିକର ଏନ୍‌ପିଏ ହ୍ରାସ ପାଉଛି। ଅନାଦାୟ ଋଣ ଆଦାୟ ବଢ଼ିଛି।

## ରାଣା କପୁରଙ୍କ କାର୍ଯ୍ୟକାଳ ବୃଦ୍ଧି ଲାଗି ୟେସ୍ ବ୍ୟାଙ୍କ ଚିଠି ଲେଖିବ

**ନୂଆଦିଲ୍ଲୀ,୨୫-୯**

**୫ ଜଣିଆ କମିଟି ଖୋଜିବେ ନୂଆ ସିଇଓ**

ପ୍ରତିଷ୍ଠାତା ସିଇଓ ତଥା ଏମ୍‌ଡି ରାଣା କପୁରଙ୍କ କାର୍ଯ୍ୟକାଳକୁ ଆସନ୍ତା ବର୍ଷ ସେପ୍ଟେମ୍ବର ଯାଏ ବୃଦ୍ଧି କରିବାକୁ ୟେସ୍ ବ୍ୟାଙ୍କ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)କୁ ଚିଠି ଲେଖିବ। ଅନ୍ୟପକ୍ଷରେ ନୂଆ ସିଇଓ ଖୋଜିବା ଲାଗି ବ୍ୟାଙ୍କ ପକ୍ଷରୁ ଏକ ୫ ଜଣିଆ କମିଟି ଗଠନ କରାଯାଇଛି, ଯେଉଁଥିରେ ବାହାରୁ ୨ ଜଣ ସଦସ୍ୟ ରହିବେ। ଏସମ୍ପର୍କରେ ବ୍ୟାଙ୍କ ବୋର୍ଡ ନିଷ୍ପତ୍ତି ନେଇଛି। ୨୦୧୯ ଜାନୁୟାରୀ ୩୧ ଯାଏ କପୁରଙ୍କ କାର୍ଯ୍ୟକାଳ ରହିବ ବୋଲି ଆର୍‌ବିଆଇ ପୂର୍ବରୁ ନିର୍ଦ୍ଦେଶ ଦେଇ ସାରିଛନ୍ତି। ଷ୍ଟକ୍ ଏକ୍ସଚେଞ୍ଜକୁ ପଠାଯାଇଥିବା ପତ୍ରରେ ୟେସ୍ ବ୍ୟାଙ୍କ କହିଛି ଯେ, ଏହା ନୂଆ ସିଇଓ ଖୋଜିବା ଲାଗି ୫ ଜଣିଆ କମିଟି ଗଠନ କରିଛି, ଯେଉଁଥିରେ ବ୍ୟାଙ୍କର ମନୋନୀତ ୩ ସଦସ୍ୟ ରହିବେ। ବ୍ୟାଙ୍କ ବାହାରୁ ଅନ୍ୟ ଦୁଇ ଜଣଙ୍କୁ ନିଆଯିବ। ଆସନ୍ତା ବର୍ଷ ସେପ୍ଟେମ୍ବର ଯାଏ କପୁରଙ୍କ କାର୍ଯ୍ୟକାଳ ବୃଦ୍ଧି ଦ୍ୱାରା ବ୍ୟାଙ୍କ ଏହାର ଆକାଉଣ୍ଟକୁ ସଜାଡି ନେଇପାରିବ ଏବଂ ଏହାର ବାର୍ଷିକ ସାଧାରଣ ବୈଠକ ଆୟୋଜନରେ ସୁବିଧା ହେବ। ମଙ୍ଗଳବାର ୟେସ୍ ବ୍ୟାଙ୍କର ବୋର୍ଡ ବୈଠକରେ ବସି ସିନିୟର ଗ୍ରୁପ ପ୍ରେସିଡେଣ୍ଟ ରଜତ ମୋଙ୍ଗା ଏବଂ ପ୍ରଳୟ ମଣ୍ଡଳଙ୍କୁ ଏକଜିକ୍ୟୁଟିଭ ଡାଇରେକ୍ଟର ଭାବେ ନିଯୁକ୍ତ କରାଯାଇଛି।

## ଏପ୍ରିଲ-ଅଗଷ୍ଟରେ ବିତ୍ତୀୟ ନିଅଣ୍ଟ ୯୪.୭%

**ନୂଆଦିଲ୍ଲୀ,୨୫-୯**

ଚଳିତ ବର୍ଷର ଏପ୍ରିଲ-ଅଗଷ୍ଟ ୫ମାସର ଅବଧିରେ ଦେଶର ବିତ୍ତୀୟ ନିଅଣ୍ଟ ପରିମାଣ ସୁଧାର ହୋଇ ୫.୯୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି, ଯାହାକି ସମ୍ପୂର୍ଣ୍ଣ ବର୍ଷର ୯୪.୭%। ସରକାର ମଙ୍ଗଳବାର ଏ ସମ୍ପର୍କରେ ତଥ୍ୟ ଜାରି କରିଛନ୍ତି। ଗତ ବର୍ଷର ଏହି ଅବଧିରେ ବିତ୍ତୀୟ ନିଅଣ୍ଟ ପରିମାଣ ୯୬.୧ ପ୍ରତିଶତ ଥିଲା ବୋଲି ସିଜିଏ ପକ୍ଷରୁ ଜାରି ତଥ୍ୟରେ କୁହାଯାଇଛି।

**ସମୟ ସହ ଲୋକଙ୍କ ରୁଚିରେ ପରିବର୍ତ୍ତନ ଆସିଛି। ଟିଭି, ଫ୍ରିଜ ଏବଂ ୱାଶିଂମେଶିନ ଚାହିଦା ଏବେ ଦ୍ରୁତ ହାରରେ ବଢ଼ୁଛି। କେବଳ ସହରାଞ୍ଚଳ ନୁହେଁ ଗ୍ରାମାଞ୍ଚଳରେ ହ୍ୱାଇଟଗୁଡ୍ ବିକ୍ରି ଏବେ ବଢ଼ିଛି। ଏଭଳି ଉତ୍ପାଦ ମାନୁଫାକ୍‌ଚର କରୁଥିବା କମ୍ପାନୀଗୁଡିକ ତୃଣମୂଳ ସ୍ତରର ଗ୍ରାହକଙ୍କ ନିକଟରେ ପହଞ୍ଚିବାକୁ ଉଦ୍ୟମ ଜାରି କରିଛନ୍ତି। ହ୍ୱାଇଟଗୁଡ ରିଟେଲିଂ କ୍ଷେତ୍ରରେ ରାଜ୍ ଇଲେକଟ୍ରୋନିକ୍ସ ଏକ ଅନ୍ୟତମ ପ୍ରମୁଖ ନାମ। ରିଟେଲିଂ ଅଭିଜ୍ଞତାକୁ ନେଇ ଏହାର ସ୍ୱତ୍ୱାଧିକାରୀ ପ୍ରକାଶ ବିଶ୍ୱାଳ ଧରିତ୍ରୀକୁ ଦେଇଥିବା ସାକ୍ଷାତକାର...**



# ଭରସାଯୋଗ୍ୟ ସେବାକୁ ଗୁରୁତ୍ୱ ଦେଉଛି ରାଜ୍ ଇଲେକ୍‌ଟ୍ରୋନିକ୍ସ

**ହ୍ୱାଇଟଗୁଡ ବାଣିଜ୍ୟକୁ କିଭଳି ଆସିଲେ?**

ଆମ ପରିବାର ପୂର୍ବରୁ ବାଣିଜ୍ୟ କାରବାରରେ ସମ୍ପୃକ୍ତ। ୧୯୮୦ ବେଳକୁ ଯାଜପୁର ରୋଡ୍‌ରେ ମାନୁଫାକଚରିଂ ଶିଳ୍ପ ସହ ଜଡିତ ଥିଲି। ସମୟ ପରିବର୍ତ୍ତନ ସହ ଟିଭି, ଫ୍ରିଜ ଭଳି ସାମଗ୍ରୀର ଚାହିଦା ବଢିବାରୁ ଏଭଳି ବାଣିଜ୍ୟକୁ ପ୍ରବେଶ ଲାଗି ନିଷ୍ପତ୍ତି ନେଇଥିଲୁ। ୧୯୯୦ରେ ଯାଜପୁରରେ କଞ୍ଜ୍ୟୁମର ଡ୍ୟୁରେବଲ ବାଣିଜ୍ୟରେ ପ୍ରଥମେ ପ୍ରବେଶ କରିଥିଲୁ। ଗୋଦରେଜ୍ ରେଫ୍ରିଜରେଟରରୁ ବାଣିଜ୍ୟ ଆରମ୍ଭ। ଏହା ପରେ ୱେଷ୍ଟର୍ନ ଟିଭି ଏବଂ ୧୯୦୩ରେ ବିପିଏଲ୍ ଟିଭି ସହ ଯୋଡି ହେଲୁ। ୧୯୦୪ରେ ଭୁବନେଶ୍ୱର ବାପୁଜୀ ନଗରରେ ଶୋ'ରୁମ ସ୍ଥାପନ ହୋଇଥିଲା। ବାପା(ରାଜ କିଶୋର ବିଶ୍ୱାଳ)ଙ୍କ ନାମ ଅନୁସାରେ ରାଜ୍ ଇଲେକଟ୍ରୋନିକ୍ସ ନାମ ଚୟନ କରିଛୁ।

**ରାଜ୍ୟରେ ରାଜ୍ ଇଲେକଟ୍ରୋନିକ୍ସର ସ୍ଥିତିକୁ ନେଇ କ'ଣ କହିବେ?**

ଆମେ ବର୍ତ୍ତମାନ ୨୦ ନିଜସ୍ୱ ଶୋ'ରୁମ ଦ୍ୱାରା ରିଟେଲ ବ୍ୟବସାୟରେ ସକ୍ରିୟ ଅଛୁ। ଏହା ବାଦ୍ ୩ କମ୍ପାନୀର ବିତରଣ ଦାୟିତ୍ୱ ମଧ୍ୟ ନେଇଛୁ। ହ୍ୱାଇଟ୍‌ଗୁଡ କ୍ଷେତ୍ରରେ ପ୍ରାୟ କମ୍ପାନୀ ସହ ଯୋଡି ହୋଇଛୁ। ଭୁବନେଶ୍ୱରରେ ପଟିଆ, ବରମୁଣ୍ଡା, ସିଆର୍‌ପି ଏବଂ ବାପୁଜୀ ନଗରରେ ୨ ଶୋ'ରୁମ ସହ ମୋଟ୍ ୫ ଶୋ'ରୁମ ଦ୍ୱାରା ସେବା ଦେଉଛୁ। ସେହିଭଳି କଟକରେ ୨, ଯାଜପୁର ଟାଉନ, ଯାଜପୁର ରୋଡ, ଭଦ୍ରକରେ ବିଶ୍ୱାଳ ସେଲସ୍, ବାଲେଶ୍ୱର, ତାଳଚେର, ଅନୁଗୋଳ, ରାଉରକେଲା, ଝାରସୁଗୁଡା, ବନ୍ତ, କେନ୍ଦୁଝରର କେଶଦୁରାପାଳ ଭଳି ସ୍ଥାନଗୁଡିକରେ ଶୋ'ରୁମ ମାନ ରହିଛି।

**ବାଣିଜ୍ୟ ସମ୍ପ୍ରସାରଣ ନେଇ କିଛି ଯୋଜନା ରହିଛି କି?**

ହଁ, ଏ ଦିଗରେ ବିଭିନ୍ନ ଯୋଜନାମାନ ହାତକୁ ନିଆଯାଉଛି। ଯାଜପୁର ରୋଡ୍‌ରେ ଏକ ନୂଆ ଷ୍ଟୋର ଖୋଲିବାକୁ ନିଷ୍ପତ୍ତି ହୋଇଛି। ରାଜ୍ୟର ଦକ୍ଷିଣ ଭାଗରେ ବଜାର ସ୍ଥିତିକୁ ଅନୁଧ୍ୟାନ କରାଯାଉଛି। ସ୍ଥିତିକୁ ବିଚାର କରି ଆଗାମୀ ଦିନରେ ନୂଆ ଷ୍ଟୋର ଖୋଲିବା ନେଇ ନିଷ୍ପତ୍ତି ହେବ।

**ରାଜ୍ ଇଲେକ୍‌ଟ୍ରୋନିକ୍ସ ଶୋ'ରୁମର ସ୍ୱତନ୍ତ୍ରତା ସମ୍ପର୍କରେ କ'ଣ ମତ ଦେବେ?**

ଲୋକଙ୍କୁ ଉନ୍ନତ କ୍ରୟ ଅଭିଜ୍ଞତା ପ୍ରଦାନ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ରାଜ୍ ଇଲେକଟ୍ରୋନିକ୍ସ ଉପରେ ଗ୍ରାହକଙ୍କର ଭରସା ରହିଆସିଛି। ଆମେ ବିଶ୍ୱାସଯୋଗ୍ୟ ସେବା ପ୍ରଦାନକୁ ଗୁରୁତ୍ୱ ଦେଉଛୁ। ବର୍ତ୍ତମାନ ଶୋ'ରୁମ ଗୁଡିକରେ ଫାଇନାନ୍ସ ଦ୍ୱାରା ଅଧିକାଂଶ ସାମଗ୍ରୀ ବିକ୍ରି ହେଉଛି। ସୁବିଧାରେ ଫାଇନାନ୍ସ ଲାଗି ଏଚ୍‌ଡିଏଫ୍‌ସି, ବଜାଜ ଏବଂ କ୍ୟାପିଟାଲ ଫାଷ୍ଟ ଭଳି ସଂସ୍ଥା ସହ ଯୋଡି ହୋଇଛୁ। ଗ୍ରାହକଙ୍କୁ ୫ ସେକେଣ୍ଡରେ ଫାଇନାନ୍ସ ସୁବିଧା ଉପଲବ୍ଧ କରାଯାଉଛି। ସେହିଭଳି ୦% ଇଣ୍ଟ୍ରେଷ୍ଟ, ୦% ପ୍ରୋସେସିଂ ଭଳି ଅନ୍ୟାନ୍ୟ ସୁବିଧା ପ୍ରଦାନ କରୁଛୁ। କମ୍ପାନୀ ବାଦ ଶୋ'ରୁମରେ ପାର୍ବଣ କ୍ରୟ ଉପରେ ପ୍ରତି କ୍ରୟରେ ଉପହାର ଦିଆଯିବାକୁ ନିଷ୍ପତ୍ତି ହୋଇଛି। ଆମେ ନିଜସ୍ୱ ଅନ୍‌ଲାଇନ ପ୍ଲାଟଫର୍ମରେ ସାମଗ୍ରୀ ବିକ୍ରି କରୁଛୁ। ଫେସ୍‌ବୁକ ପ୍ରମୋଶନ, ହୋମ୍ ଡେଲିଭରି ଭଳି ପଦକ୍ଷେପ ନେଇଛୁ। ପାର୍ବଣ ବାଦ ବିବାହ ଏବଂ ଗ୍ରୀଷ୍ମ ସମୟରେ ସାମଗ୍ରୀ କ୍ରୟ ଉପରେ ଡିସ୍‌କାଉଣ୍ଟ, ଗ୍ରାହକଙ୍କ ଅଭିଯୋଗର ସମାଧାନକୁ ନଜରରେ ରଖାଯାଉଛି।

**ଓଡିଶାରେ କଞ୍ଜ୍ୟୁମର ଇଲେକଟ୍ରୋନିକ୍ସ ବଜାରର ଟ୍ରେଣ୍ଡ କିଭଳି ରହିଛି?**

ବଜାର ସ୍ଥିତିରେ ଏବେ ଦ୍ରୁତ ପରିବର୍ତ୍ତନ ଆସିଛି। ହାଇଏଣ୍ଡ ପ୍ରଡକ୍ଟ ଆଡକୁ ଗ୍ରାହକମାନେ ଏବେ ଢଳୁଛନ୍ତି। ସେହିଭଳି ସ୍ମାର୍ଟ ପ୍ରଡକ୍ଟ ଚାହିଦା ବଢୁଛି। ଏହି ପ୍ରଡକ୍ଟ ଲାଗି ସୁବିଧାରେ ଇଏମ୍‌ଆଇ ସୁବିଧା ପ୍ରଦାନ କରୁଛୁ। ସହରୀକରଣ ସହ ଯୁବବର୍ଗଙ୍କ ଚାହିଦାରେ ପରିବର୍ତ୍ତନ ଦେବା ସହ ଏବେ ବଜାର ଟ୍ରେଣ୍ଡରେ ପରିବର୍ତ୍ତନ ଆସିଛି। ଟିଭି, ୱାଶିଂମେଶିନ, ରେଫ୍ରିଜରେଟରର ହାଇଏଣ୍ଡ ମଡେଲଗୁଡିକ ଉପରେ ଏବେ ଗ୍ରାହକଙ୍କ ନଜର। ବିଭିନ୍ନ କମ୍ପାନୀର ହାଇଏଣ୍ଡ ଟିଭି ଉପରେ ଶୋ'ରୁମରେ ୩୦ ମାସର ଇଏମ୍‌ଆଇ ସୁବିଧା ରହିଛି। କଞ୍ଜ୍ୟୁମର ଇଲେକଟ୍ରୋନିକ୍ସର ଉପଲବ୍ଧତା ଏବେ ମଧ୍ୟ ୧୫%ରୁ ନିମ୍ନ ରହିଛି। ଆମେ ଏହି କ୍ଷେତ୍ରରେ ପ୍ରତିବର୍ଷ ୧୫ରୁ୨୦% ଅଭିବୃଦ୍ଧି କରୁଛୁ। ଅପରପକ୍ଷରେ ଓଡିଶା ବଜାରର ଉକ୍ତ ବର୍ଗର ବାର୍ଷିକ ଅଭିବୃଦ୍ଧି ୧୫% ରହିଛି। ଏ କ୍ଷେତ୍ରରେ ଅଭିବୃଦ୍ଧିର ବିଶେଷ ସୁଯୋଗ ରହିଛି। ଗ୍ରାହକଙ୍କ ସହ ଯୋଡି ହୋଇ ରହିବା ଲାଗି ସର୍ବଦା ପ୍ରୟାସରତ। ସ୍ୱଳ୍ପ ମାର୍ଜିନରେ ବ୍ୟବସାୟ ସହ ଲୋକଙ୍କ ଭରସାକୁ ଆଧାର କରିଛୁ। ଅନଲାଇନ ପ୍ଲାଟଫର୍ମର ପ୍ରଭାବ ଏହି ବାଣିଜ୍ୟ ଉପରେ ବିଶେଷ ଭାବେ ପଡିବ ନାହିଁ। ସର୍ଭିସ ଭଳି ପ୍ରମୁଖ ପ୍ରସଙ୍ଗକୁ ଧ୍ୟାନରେ ରଖି ଲୋକମାନେ ଟଚ୍ ଆଣ୍ଡ ଫିଲ୍‌କୁ କ୍ରୟ ବେଳେ ଅଗ୍ରାଧିକାର ଦେଉଛନ୍ତି।

DSPL-167

# ଜାତୀୟ କୃମିନାଶ ଦିବସ
୨୬ ସେପ୍ଟେମ୍ବର, ୨୦୧୮ (ବୁଧବାର)

ଏହିଦିନ ୧ -୧୯ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କୁ ନିରାପଦ କୃମି ନାଶକ ଔଷଧ ବିନାମୂଲ୍ୟରେ ଅଙ୍ଗନୱାଡି କେନ୍ଦ୍ର ଓ ସ୍କୁଲ ମାନଙ୍କରେ ଖାଇବାକୁ ଦିଆଯିବ । ଅଙ୍ଗନୱାଡି କେନ୍ଦ୍ରରେ ପଞ୍ଜୀକୃତ ହୋଇନଥିବା କିମ୍ବା ବିଦ୍ୟାଳୟ ଯାଉନଥିବା ପିଲାମାନଙ୍କୁ ମଧ୍ୟ ଏହି ଔଷଧ ଖାଇବାକୁ ଦିଆଯିବ ।

ଏହା ସହିତ ନିମ୍ନ ପ୍ରଦତ୍ତ ଉପାୟ ଦ୍ୱାରା ନିଜକୁ କୃମି ସଂକ୍ରମଣରୁ ରକ୍ଷା କରନ୍ତୁ ।




ଏଣୁ, ସମସ୍ତ ପିଲାଙ୍କୁ (୧-୧୯ ବର୍ଷ) ତା ୨୬ ସେପ୍ଟେମ୍ବର୨୦୧୮ ରିଖରେ କୃମିନାଶକ ଔଷଧ ନିଶ୍ଚୟ ଖୁଆଇ ସେମାନଙ୍କୁ ପୁଷ୍ଟିହୀନତା, ରକ୍ତହୀନତାରୁ ଦୂରେଇ ରଖିବା ସହିତ ସେମାନଙ୍କ ମାନସିକ ତଥା ଶାରୀରିକ ଅଭିବୃଦ୍ଧିରେ ସହାୟକ ହୁଅନ୍ତୁ ।

ଧ୍ୟାନ ଦିଅନ୍ତୁ :
ଖୋର୍ଦ୍ଧା,କଟକ ଓ ଢେଙ୍କାନାଳ ଜିଲ୍ଲା ବ୍ୟତୀତ ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲାରେ ୧ ବର୍ଷରୁ ୧୯ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ କୃମିନାଶକ ଔଷଧ ଖାଇବାକୁ ଦିଆଯିବ । ତା ୨୬-୦୯-୨୦୧୮ ରିଖରେ ବାଦ୍ ପଡିଥିବା ପିଲାମାନେ ତା ୦୩.୧୦.୨୦୧୮ ରିଖରେ କୃମିନାଶକ ଔଷଧ ଖାଇପାରିବେ ।

ଅଧିକ ସୂଚନା ପାଇଁ ଆଶାଦିଦି /ଅଙ୍ଗନୱାଡି କର୍ମୀ କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ ।

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

facebook.com/HFWOdisha http://www.health.odisha.gov.in/ @HFWOdisha

10003/13/0080/1819

## ସଂକ୍ଷେପରେ

### ଧୋନୀଙ୍କ ଦ୍ୱିଶତକ

**ଦୁବାଇ, ୨୫।୯:** ଏସିଆ କପ୍ ସୁପର୍-୪ରେ ଭାରତ ତା'ର ଅନ୍ତିମ ମ୍ୟାଚ୍‌ରେ ମଙ୍ଗଳବାର ଆଫଗାନିସ୍ତାନକୁ ଭେଟିଛି। ଏହି ମ୍ୟାଚ୍‌ରେ ଟସ୍ ଜିତି ଆଫଗାନିସ୍ତାନ ପ୍ରଥମେ ବ୍ୟାଟିଂ କରିଛି। ତେବେ ଆଶ୍ଚର୍ଯ୍ୟଜନକ ଭାବେ ମହେନ୍ଦ୍ର ସିଂ ଧୋନୀଙ୍କୁ ଏହି ମ୍ୟାଚ୍‌ରେ ଭାରତୀୟ ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ଭାରତ ଫାଇନାଲରେ ସ୍ଥାନ ପକ୍କା କରିସାରିଥିବାରୁ ଅଧିନାୟକ ରୋହିତ୍ ଶର୍ମାଙ୍କ ସମେତ ଶିଖର ଧାୱନ, ଭୁବନେଶ୍ୱର କୁମାର, ଯଶପ୍ରୀତ୍ ବୁମ୍‌ରାଙ୍କୁ ଏହି ମ୍ୟାଚ୍‌ରୁ ବିଶ୍ରାମ ଦିଆଯାଇଛି। ତେଣୁ ରୋହିତ୍‌ଙ୍କ ସ୍ଥାନରେ ଭେଟେରାନ ଧୋନୀଙ୍କୁ ଦଳର ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିସହ ଧୋନୀ ଏକଦିବସୀୟ କ୍ରିକେଟରେ ୨୦୦ ମ୍ୟାଚ୍ ନେତୃତ୍ୱ ନେବାର କୃତିତ୍ୱ ଲାଭ କରିଛନ୍ତି। ଧୋନୀ ଦୀର୍ଘ ୬୯୬ ଦିନ ପରେ ପୁଣିଥରେ ଅଧିନାୟକ ପଦ ସମ୍ଭାଳିଛନ୍ତି। ଗତବର୍ଷ ଜାନୁୟାରୀ ୫ରେ ସେ ଅଧିନାୟକ ପଦରୁ ଇସ୍ତଫା ଦେଇଥିଲେ। ସେହିଭଳି ଏହି ମ୍ୟାଚ୍ ଜରିଆରେ ଅଲ୍‌ରାଉଣ୍ଡର ଦୀପକ ଚହର ଦିନିକିଆ କ୍ୟାରିୟର ଆରମ୍ଭ କରିଛନ୍ତି। କୋଚ୍ ରବି ଶାସ୍ତ୍ରୀ ଚହରଙ୍କୁ ଦିନିକିଆ କ୍ୟାପ୍ ପ୍ରଦାନ କରିଥିଲେ।



> ଭାରତର ଯୁବ ଫୁଟ୍‌ବଲ ଦଳ ଭବିଷ୍ୟତରେ ଏକ ବଡ଼ ସଫଳତା ହାସଲ କରିପାରେ ବୋଲି ବର୍ତ୍ତମାନର ପ୍ରଦର୍ଶନରୁ ମୋର ଦୃଢ ବିଶ୍ୱାସ ହେଉଛି।
>
> **–ସୁନୀଲ ଛେତ୍ରୀ, ଭାରତ ଫୁଟ୍‌ବଲ ଅଧିନାୟକ**



> ବୁଝାମଣା ଅଭାବରୁ ଯୋଗ୍ୟତା ଥାଇ ମଧ୍ୟ ଆଦିତୀ ଅଶୋକ ଏଥର ଅର୍ଜ୍ଜୁନ ପୁରସ୍କାର ପାଇବାରୁ ବଞ୍ଚିତ ହୋଇଛନ୍ତି ।
>
> **–ଚମ୍ପିକା ସାୟଲ**
>
> **ଭାରତୀୟ ମହିଳା ଗଲ୍‌ଫ ଆସୋସିଏଶନ ସାଧାରଣ ସମ୍ପାଦିକା**






ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ଅର୍ଜ୍ଜୁନ ପୁରସ୍କାର ଗ୍ରହଣ କରୁଛନ୍ତି (ବାମରୁ) ଜିନ୍‌ସନ୍ ଜନ୍‌ସନ, ହିମା ଦାସ, ନିରଜ ଚୋପ୍ରା ଏବଂ ଖେଳରତ୍ନ ମୀରାବାଇ ଚାନୁ ।

# କୋହଲି, ଚାନୁଙ୍କୁ ଖେଳରତ୍ନ

**ନୂଆଦିଲ୍ଲୀ, ୨୫।୯(ପି.ଟି.)**

ରାଷ୍ଟ୍ରପତି ଭବନରେ ମଙ୍ଗଳବାର ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଛି। ଭାରତୀୟ କ୍ରିକେଟ ଅଧିନାୟକ ବିରାଟ କୋହଲି ଓ ୱେଟଲିଫ୍ଟିଂ ବିଶ୍ୱ ଚାମ୍ପିୟନ ମୀରାବାଇ ଚାନୁ ଯୁଗ୍ମ ଭାବେ ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ହାସଲ କରିଛନ୍ତି। ସେହିପରି ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆ ଗେମ୍ସ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ତାରକା ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ଓ ଜୁନିୟର ବିଶ୍ୱ ଚାମ୍ପିୟନ ଧାବିକା ହିମା ଦାସଙ୍କ ସମେତ ୨୦ଜଣ କ୍ରୀଡ଼ାବିତ୍ ଅର୍ଜ୍ଜୁନ ପୁରସ୍କାର ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ରାମନାଥ କୋବିନ୍ଦ କ୍ରୀଡ଼ାବିତମାନଙ୍କୁ ପୁରସ୍କୃତ କରିଛନ୍ତି।

ପାରମ୍ପରିକ ଭାବେ ଏହି ପୁରସ୍କାର ଅଗଷ୍ଟ ୨୯ ତାରିଖରେ ହକି ଲିଜେଣ୍ଡ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିବସରେ ପାଳନ କରାଯିବା ଅବସରରେ ପ୍ରଦାନ କରାଯାଇଥାଏ। ତେବେ ଜାକର୍ତ୍ତା ଓ ପାଲେମବାଙ୍ଗରେ ଅନୁଷ୍ଠିତ ୧୮ତମ ଏସିଆନ ଗେମ୍ସ ଏକା ସମୟରେ ପଡିବାରୁ ପୁରସ୍କାର ପ୍ରଦାନ ତାରିଖକୁ ଘୁଞ୍ଚାଇ ଦିଆଯାଇଥିଲା। ଏସିଆନ ଗେମ୍ସ ଅଗଷ୍ଟ ୧୮ ତାରିଖରୁ ଆରମ୍ଭ ହୋଇ ସେପ୍ଟେମ୍ବର ୨ ତାରିଖରେ ଶେଷ ହୋଇଥିଲା।

ପୁରସ୍କାର ପ୍ରଦାନ ଉତ୍ସବରେ କୋହଲିଙ୍କ ସମେତ ପତ୍ନୀ ତଥା ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା, ମା ସରୋଜ କୋହଲି ଓ ବଡ଼ଭାଇ ବିକାଶ ଉପସ୍ଥିତ ଥିଲେ। ତୃତୀୟ କ୍ରିକେଟର ଭାବେ କୋହଲି ଖେଳରତ୍ନ ପୁରସ୍କାର ହାସଲ କରିଛନ୍ତି। ପୂର୍ବରୁ ବ୍ୟାଟିଂ ଲିଜେଣ୍ଡ ସଚିନ ତେନ୍ଦୁଲକର ୧୯୯୭– ୧୯୯୮ ପାଇଁ ଓ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ୨୦୦୭ ବର୍ଷ ଲାଗି ଖେଳରତ୍ନ ପୁରସ୍କାର ହାସଲ କରିଥିଲେ। ଗତ ୩ ବର୍ଷ ହେବ କୋହଲି ଜବରଦସ୍ତ ପ୍ରଦର୍ଶନ କରୁଛନ୍ତି ଓ ଶ୍ରେଷ୍ଠ ଫର୍ମରେ ରହିଛନ୍ତି। ୨୦୧୬ ଓ ୨୦୧୭ରେ କୋହଲିଙ୍କ ନାମ ସୁପାରିସ୍ କରାଯାଇଥିଲେ ମଧ୍ୟ ସେ ଏହି ପୁରସ୍କାର ପାଇଁ ମନୋନୀତ ହୋଇ ନ ଥିଲେ। ୨୯ ବର୍ଷୀୟ କୋହଲି ଏପର୍ଯ୍ୟନ୍ତ ୭୧ଟି ଟେଷ୍ଟ ଖେଳି ୨୩ଟି ଶତକ ସହ ୬୧୪୭ ରନ ସଂଗ୍ରହ କରିଛନ୍ତି। ସେହିପରି ସେ ୨୧୧ଟି ଦିନିକିଆ ମ୍ୟାଚ୍ ଖେଳି ୩୫ଟି ଶତକ ସହ ୯୭୭୯ ରନ ସଂଗ୍ରହ କରିଛନ୍ତି। ପୂର୍ବରୁ ୨୦୧୩ରେ କୋହଲିଙ୍କୁ ଅର୍ଜ୍ଜୁନ ପୁରସ୍କାର ପ୍ରଦାନ କରାଯାଇଥିଲା ଓ ଗତବର୍ଷ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।

କୋହଲିଙ୍କ ସହ ଖେଳରତ୍ନ ପୁରସ୍କାର ହାସଲ କରିଥିବା ଚାନୁ ମଧ୍ୟ ଚଳିତ ବର୍ଷ ପଦ୍ମଶ୍ରୀରେ ସମ୍ମାନିତ ହୋଇଥିଲେ। ଗତବର୍ଷ ବିଶ୍ୱ ୱେଟଲିଫ୍ଟିଙ୍ଗ୍ ଚାମ୍ପିୟନଶିପ୍‌ରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହାପରେ ତାଙ୍କୁ ଖେଳରତ୍ନ ପୁରସ୍କାର ପାଇଁ ମନୋନୀତ କରାଯାଇଥିଲା। ସେ ମଧ୍ୟ ଗତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ତେବେ ଇଞ୍ଜୁରି କାରଣରୁ ସେ ଏସିଆନ ଗେମ୍ସରେ ଅଂଶଗ୍ରହଣ କରି ନ ଥିଲେ। ଖେଳରତ୍ନ ଓ ଅର୍ଜ୍ଜୁନ ପୁରସ୍କାର ବାବଦରେ ଯଥାକ୍ରମେ ୭.୫ ଓ ୫ ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥାଏ। ଖେଳରତ୍ନ ଓ ଅର୍ଜ୍ଜୁନ ପୁରସ୍କାରକୁ ବାଦ୍ ଦେଲେ ରାଷ୍ଟ୍ରପତି କୋଚ୍‌ମାନଙ୍କୁ ଦ୍ରୋଣାଚାର୍ଯ୍ୟ ଓ ଧ୍ୟାନଚାନ୍ଦ ପୁରସ୍କାର ମଧ୍ୟ ପ୍ରଦାନ କରିଥିଲେ। ସେହିପରି ତେନଜିଂ ନରଗେ ନ୍ୟାଶନାଲ ଆଡ୍‌ଭେଞ୍ଚର ପୁରସ୍କାର, ମୌଲାନା ଅବୁଲ କଲାମ ଆଜାଦ ଟ୍ରଫି ଓ ରାଷ୍ଟ୍ରୀୟ ପ୍ରୋତ୍ସାହନ ପୁରସ୍କାର ମଧ୍ୟ ପ୍ରଦାନ କରିଥିଲେ।

ପ୍ରତିବର୍ଷ ଭଳି ଏଥର ମଧ୍ୟ ପୁରସ୍କାର ଚୟନ ନେଇ ବିବାଦ ଦେଖାଦେଇଥିଲା। ରେସଲର ବଜରଙ୍ଗ ପୁନିଆ ଖେଳରତ୍ନ ପୁରସ୍କାରରୁ ବଞ୍ଚିତ ହେବାରୁ ଆଇନର ଆଶ୍ରୟ ନେବେ ବୋଲି ଧମକ ଦେଇଥିଲେ। ତେବେ କ୍ରୀଡ଼ାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋରଙ୍କ ସହ ସାକ୍ଷାତ କରିବା ପରେ ସେ ଆଇନଗତ ପଦକ୍ଷେପରୁ ଓହରି ଯାଇଛନ୍ତି। ଏହା ପୂର୍ବରୁ କ୍ରୀଡ଼ା ମନ୍ତ୍ରଣାଳୟ ଶୃଙ୍ଖଳାଗତ କାରଣରୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ତାଲିକାରୁ କମ୍ପାଉଣ୍ଡ ଆର୍ଚ୍ଚେରୀ କୋଚ୍ ଜୀବନଜୋତ୍ ସିଂ ତେଜାଙ୍କ ନାମ ବାଦ୍ ଦେଇଥିଲା। ଫଳରେ ଏହାକୁ ବିରୋଧ କରି ତେଜା କୋଚ୍ ପଦରୁ ଇସ୍ତଫା ଦେଇଥିଲେ। ଦ୍ରୋଣାଚାର୍ଯ୍ୟ ପୁରସ୍କାର ଏଥର ୮ଜଣ କୋଚ୍‌ଙ୍କୁ ପ୍ରଦାନ କରାଯାଇଛି। କ୍ରିକେଟ ମେଣ୍ଟର ତରକ ସିହ୍ନା, ୩୯ ବର୍ଷୀୟ ବକ୍ସିଂ କୋଚ୍ ସି.ଏ. କୁଟାପ୍ପାଙ୍କ ସମେତ ଅନ୍ୟ ୬ଜଣ କୋଚ୍‌ଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। କୁଟାପ୍ପାଙ୍କ ତତ୍ତ୍ୱାବଧାନରେ ତାରକା ବକ୍ସର ବିଜେନ୍ଦର ସିଂ ୨୦୦୮ରେ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ଜିତିଥିଲେ। ଅନ୍ୟପଟେ ୪ଜଣ ପୂର୍ବତନ ଆଥଲେଟଙ୍କୁ ଧ୍ୟାନଚାନ୍ଦ ଲାଇଫ ଟାଇମ ଆଚିଭ୍‌ମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଛି। କେତେଜଣ ଜଣାଶୁଣା ଆଥଲେଟ ଅନୁପସ୍ଥିତ ରହିଥିଲେ। ଭାରତୀୟ ମହିଳା କ୍ରିକେଟ ଦଳ ସହ ଶ୍ରୀଲଙ୍କା ଗସ୍ତରେ ଯାଇଥିବାରୁ ସ୍ମୃତି ମନ୍ଧାନା ଅର୍ଜ୍ଜୁନ ପୁରସ୍କାର ଗ୍ରହଣ କରିପାରି ନ ଥିଲେ।

### ଜାତୀୟ କ୍ରୀଡ଼ା ପୁରସ୍କାର ତାଲିକା

- ରାଜୀବ ଗାନ୍ଧୀ ଖେଳରତ୍ନ: ବିରାଟ କୋହଲି, ମୀରାବାଇ ଚାନୁ।
- ଅର୍ଜ୍ଜୁନ ପୁରସ୍କାର: ନୀରଜ ଚୋପ୍ରା, ଜିନସନ ଜନସନ ଓ ହୀମା ଦାସ (ଆଥଲେଟିକ୍ସ), ଏନ. ସିକ୍କି ରେଡ୍ଡୀ (ବ୍ୟାଡମିଣ୍ଟନ), ସତୀଶ କୁମାର (ବକ୍ସିଂ), ସ୍ମୃତି ମନ୍ଧାନା (କ୍ରିକେଟ), ଶୁଭଙ୍କର ଶର୍ମା (ଗଲ୍ଫ), ମନପ୍ରୀତ ସିଂ, ସବିତା (ହକି), ରବି ରାଠୋର (ପୋଲୋ), ରାହି ସାର୍ନୋବତ, ଅଙ୍କୁର ମିତ୍ତଲ, ଶ୍ରେୟାସି ସିଂ (ଶୁଟିଂ), ମନୀକା ବାତ୍ରା, ଜି. ସାଥିୟାନ (ଟେବୁଲ ଟେନିସ୍), ରୋହନ ବୋପାନ୍ନା (ଟେନିସ୍), ସୁମିତ (ରେସଲିଂ), ପୂଜା କାଡିଆନ (ଉଶୁ), ଅଙ୍କୁର ଧାମ (ପାରା -ଆଥଲେଟିକ୍ସ), ମନୋଜ ସରକାର (ପାରା-ବ୍ୟାଡମିଣ୍ଟନ)।
- ଦ୍ରୋଣାଚାର୍ଯ୍ୟ ପୁରସ୍କାର: ସିଏ କଟାପ୍ପା (ବକ୍ସିଂ), ବିଜୟ ଶର୍ମା (ୱେଟଲିଫ୍ଟିଙ୍ଗ୍), ଏ. ଶ୍ରୀନିବାସ ରାଓ (ଟେବୁଲ ଟେନିସ), ସୁଖଦେବ ସିଂ ପାନ୍ନୁ (ଆଥଲେଟିକ୍ସ), କ୍ଲାରେନ୍ସ ଲୋବୋ (ହକି, ଲାଇଫଟାଇମ୍), ତରକ ସିହ୍ନା (କ୍ରିକେଟ, ଲାଇଫ୍ ଟାଇମ), ଜୀବନ କୁମାର ଶର୍ମା (ଜୁଡୋ, ଲାଇଫ୍ ଟାଇମ), ଭି.ଆର. ବିଦୁ (ଆଥଲେଟିକ୍ସ, ଲାଇଫ୍‌ଟାଇମ)।

ଧ୍ୟାନଚାନ୍ଦ ପୁରସ୍କାର: ସତ୍ୟଦେବ ପ୍ରସାନ (ଆର୍ଚ୍ଚେରୀ), ଭାରତ କୁମାର ଛେତ୍ରୀ (ହକି), ବବି ଆଲୋୟିସିଅସ୍ (ଆଥଲେଟିକ୍ସ), ଚୌଗାଲେ ଦାଦୁ ଦତ୍ତାତ୍ରୟ (ରେସଲିଂ)।

- ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ ପୁରସ୍କାର: ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିମିଟେଡ, ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସ, ଇଶା ଆଉଟ୍‌ରିଚ୍।
- ମୌଲାନା ଅବୁଲ କଲାମ ଆଜାଦ ଟ୍ରଫି: ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ, ଅମୃତଶର।

# ଶାହଜାଦଙ୍କ ଶତକ

**ଦୁବାଇ, ୨୫।୯(ପି.ଟି.)**

ଚଳିତ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ସୁପର–୪ ପର୍ଯ୍ୟାୟର ପଞ୍ଚମ ମ୍ୟାଚ୍‌ରେ ଭାରତ ଓ ଆଫଗାନିସ୍ତାନ ପରସ୍ପରକୁ ଭେଟିଛନ୍ତି। ସ୍ଥାନୀୟ ଦୁବାଇ ଆନ୍ତର୍ଜାତିକ କ୍ରିକେଟ ଷ୍ଟାଡିୟମରେ ମଙ୍ଗଳବାର ଟସ୍ ଜିତି ଆଫଗାନିସ୍ତାନ ପ୍ରଥମେ ବ୍ୟାଟିଂ କରି ଅଭିଜ୍ଞ ଓପନର ମହମ୍ମଦ ଶାହଜାଦଙ୍କ ଦମ୍‌ଦାର ଶତକ ବଳରେ ସମ୍ମାନଜନକ ସ୍କୋର ହାସଲ କରିଛି। ଆଫଗାନିସ୍ତାନ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ୨୫୨ ରନ ସଂଗ୍ରହ କରିଛି। ଭାରତ ଫାଇନାଲରେ ପ୍ରବେଶ କରିସାରିଥିବା ବେଳେ ଅଧିନାୟକ ରୋହିତ ଶର୍ମା ଏହି ମ୍ୟାଚ୍‌ରୁ ଓହରି ଯାଇଛନ୍ତି। ତାଙ୍କ ବଦଳରେ ମହେନ୍ଦ୍ର ସିଂ ଧୋନୀ ଦଳର ନେତୃତ୍ୱ ନେଇଛନ୍ତି।

ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ଭଲ ଆରମ୍ଭ କରିଥିଲା। ଓପନର ଜାଭେଦ ଅହମଦି ମାତ୍ର ୫ ରନ କରି ପ୍ରଥମେ ଆଉଟ ହୋଇଥିଲେ। ତେବେ ସେତେବେଳକୁ ଓପନିଂ ଯୋଡିରେ ଅହମଦି ଓ ଶାହଜାଦ ୬୫ ରନ ସଂଗ୍ରହ କରିନେଇଥିଲେ। ଶାହଜାଦ ୧୧୬ଟି ବଲର ସମ୍ମୁଖୀନ ହୋଇ ୧୧ ଚୌକା ଓ ୭ ଛକା ସହାୟତାରେ ୧୨୪ ରନର ଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ସେହିପରି ମହମ୍ମଦ ନବି ୫୬ଟି ବଲର ସାମନା କରି ୩ ଚୌକା ଓ ୪ ଛକା ସହ ୬୪ ରନର ଅର୍ଦ୍ଧଶତକୀୟ ପାଳି ଖେଳି ପ୍ୟାଭିଲିୟନ ଫେରିଥିଲେ। ନାଜିବୁଲ୍ଲା ଜଦ୍ରାନ ୨୦ ରନ କରି ଆଉଟ ହୋଇଥିବା ବେଳେ ତାରକା ଅଲରାଉଣ୍ଡର ରସିଦ ଖାଁ ୧୨ ରନ କରି ଅପରାଜିତ ରହିଥିଲେ। ଅନ୍ୟମାନେ ଦୁଇଅଙ୍କ ଛୁଇଁପାରି ନ ଥିଲେ। ଶାହଜାଦ ଓ ନବି ଦୃଢତାର ସହ ବ୍ୟାଟିଂ କରିଥିବା ବେଳେ ଅନ୍ୟପଟେ ନିୟମିତ ବ୍ୟବଧାନରେ ଉଇକେଟର ପତନ ହୋଇଥିଲା। ତେବେ ଦଳ ଅଢେଇ ଶହ ରନ ପାର କରିବାରେ ସକ୍ଷମ ହୋଇଥିଲା। ବୋଲିଂରେ ଭାରତ ତରଫରୁ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ସର୍ବାଧିକ ୩, କୁଲଦୀପ ଯାଦବ ୨, ଖଲିଲ ଅହମ୍ମଦ, ଦୀପକ ଚହର ଓ କେଦାର ଯାଦବ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

**ଆଜିର ଏସିଆ କପ୍ ମ୍ୟାଚ**
ପାକିସ୍ତାନ ବନାମ ବାଂଲାଦେଶ
ସ୍ଥାନ: ଆବୁଧାବି
ସମୟ: ସନ୍ଧ୍ୟା ୫ଟା
**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ**

### ସଂକ୍ଷିପ୍ତ ସ୍କୋର

ଆଫଗାନିସ୍ତାନ ଇନିଂସ: ୫୦ ଓଭରରେ ୨୫୨/୮(ଶାହଜାଦ– ୧୨୪, ନବି– ୬୪, ଜାଡେଜା– ୩/୪୬, କୁଲଦୀପ– ୨/୩୮)।

## କୋରିଆ ଓପନ୍ ମୁଖ୍ୟ ପର୍ଯ୍ୟାୟରୁ ଜୟରାମ ବଞ୍ଚିତ

**ସିଅଲ, ୨୫।୯ (ପି.ଟି.):** ଭାରତୀୟ ବ୍ୟାଡ୍‌ମିଣ୍ଟନ ତାରକା ଅଜୟ ଜୟରାମ ୬ ଲକ୍ଷ ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ କୋରିଆ ଓପନ୍ ମୁଖ୍ୟ ପର୍ଯ୍ୟାୟକୁ ପ୍ରବେଶ କରିବାରେ ବିଫଳ ହୋଇଛନ୍ତି। ପୁରୁଷ ସିଙ୍ଗଲ୍ସ ଯୋଗ୍ୟତା ପର୍ଯ୍ୟାୟର ଏକ ମୁକାବିଲାରେ ମଙ୍ଗଳବାର ଜୟରାମ ୨୬–୨୪, ୨୧–୧୮ ସିଧାସଳଖ ଗେମ୍‌ରେ ଚାଇନାର ଝାଓ ଜୁନପେଙ୍ଗ୍‌ଙ୍କ ନିକଟରୁ ହାରିଯାଇଛନ୍ତି।

## ଭାଷ୍ୟକାର ଯଶଦେବଙ୍କ ପରଲୋକ

**ନୂଆଦିଲ୍ଲୀ, ୨୫।୯ (ପି.ଟି.):** ପୂର୍ବତନ ବିଶିଷ୍ଟ ଲୋକପ୍ରିୟ ଭାଷ୍ୟକାର ଯଶଦେବ ସିଂଙ୍କର ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୮୭ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ହେଲା ଅସୁସ୍ଥ ଥିଲେ। ୭୦ ଦଶକ ଏବଂ ୮୦ ଦଶକ ପ୍ରାରମ୍ଭରେ ଖେଳ ପ୍ରସାରଣ କ୍ଷେତ୍ରରେ ଦୂରଦର୍ଶନର ବିଶେଷ ଭୂମିକା ରହିଥିଲା। ସେ ସମୟରେ ରବି ଚତୁର୍ବେଦୀ ଓ ସୁଶୀଲ ଦୋଶିଙ୍କ ସମେତ ଯଶଦେବ ସିଂ ଦୂରଦର୍ଶନର କ୍ରୀଡ଼ା ଭାଷ୍ୟକାର ଭାବେ ଘରେ ଘରେ ପରିଚିତ ଥିଲେ। ଯଶଦେବ ୧୯୫୫ରେ ଅଲ୍ ଇଣ୍ଡିଆ ରେଡ଼ିଓରେ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ। ସେ ଦୀର୍ଘଦିନ ଧରି ଅଲଇଣ୍ଡିଆ ରେଡ଼ିଓର 'ଭଏସ୍ ଅଫ୍ ସ୍ପୋର୍ଟ୍ସ' ଭାବେ ପରିଚିତ ଥିଲେ। କେନ୍ଦ୍ର କ୍ରୀଡ଼ା ଏବଂ ସୂଚନା ପ୍ରସାରଣ ମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର ଯଶଦେବଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଚତୁର୍ବେଦୀ ଓ ଦୋଶି ବିଶେଷ କରି କ୍ରିକେଟ କମେଣ୍ଟ୍ରି କରିଥାନ୍ତି। କିନ୍ତୁ ଯଶଦେବ ହେଲସେଙ୍କି (୧୯୬୮)ରୁ ଆରମ୍ଭ କରି ମେଲବୋର୍ନ (୨୦୦୦) ପର୍ଯ୍ୟନ୍ତ ଅଲିମ୍ପିକ ଗେମ୍ସର ୯ଟି ସଂସ୍କରଣରେ ଭାଷ୍ୟକାର ଦାୟିତ୍ୱ ତୁଲାଇଛନ୍ତି। ପୂର୍ବତନ ଇଣ୍ଟରନ୍ୟାଶନାଲ ଅଲିମ୍ପିକ କାଉନ୍‌ସିଲ ମୁଖ୍ୟ ଜୁଆନ ଆଣ୍ଟୋନିଓ ସମରଞ୍ଚ ୧୯୮୮ ସିଓଲ ସଂସ୍କରଣରେ ଯଶଦେବଙ୍କୁ 'ଅଲିମ୍ପିକ ଅର୍ଡର' ସମ୍ମାନରେ ସମ୍ମାନିତ କରିଥିଲେ। ସେ ଆହୁରି ମଧ୍ୟ ୬ଟି ଏସିଆନ ଗେମ୍ସ ଏବଂ ସମାନ ସଂଖ୍ୟକ ହକି ବିଶ୍ୱକପ୍‌ର ଧାରା ବିବରଣୀ ପ୍ରଦାନ କରିଛନ୍ତି। ଏହା ବ୍ୟତୀତ ୧୯୬୩ରୁ ଦୀର୍ଘ ୪୮ ବର୍ଷ ଧରି ସାଧାରଣତନ୍ତ୍ର ଦିବସ ଉତ୍ସବର ଭାଷ୍ୟକାର ଭାବେ କାର୍ଯ୍ୟ କରିଥିଲେ। ତାଙ୍କୁ ୧୯୮୫ରେ ପଦ୍ମଶ୍ରୀ ଏବଂ ୨୦୦୮ରେ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା।



# ମୋଡ୍ରିକ୍ ଫିଫା ଶ୍ରେଷ୍ଠ ଖେଳାଳି

**ଲଣ୍ଡନ, ୨୫।୯(ଏଏଫ୍‌ପି)**



ଟ୍ରଫି ସହ ଲୁକା ମୋଡ୍ରିକ୍, ଡିଡିଅର ଡେସଚାମ୍ପ, ମାର୍ତା ଭିଏରା ।

ଗତ ଦଶନ୍ଧି ଧରି ଫୁଟ୍‌ବଲର ସର୍ବୋଚ୍ଚ ପୁରସ୍କାର 'ଫିଫା ବେଷ୍ଟ ପ୍ଲେୟାର ଅଫ୍ ଦି ଇୟର' ଟ୍ରଫି ଜିତି ଆସୁଥିବା ଦୁଇ ମହାନ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋ ଓ ଲିଓନେଲ ମେସିଙ୍କ ଯୁଗର ଅନ୍ତ ଘଟିଛି। ଏହି ଧାରାରେ ପୂର୍ଣ୍ଣଚ୍ଛେଦ ପକାଇ କ୍ରୋଏସିଆର ଲୁକା ମୋଡ୍ରିକ୍ ଚଳିତ ବର୍ଷ ଲାଗି ଫିଫାର ଶ୍ରେଷ୍ଠ ପୁରୁଷ ଖେଳାଳି ପୁରସ୍କାର ହାତେଇ ନେଇଛନ୍ତି। ୩୩ ବର୍ଷୀୟ ରିୟଲ ମାଡ୍ରିଡ୍ ତାରକା ମୋଡ୍ରିକ୍ ପ୍ରାକ୍ତନ ଟିମ୍‌ମେଟ୍ ତଥା ବର୍ତ୍ତମାନ ଜୁଭେଣ୍ଟସ୍ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା କ୍ରିଷ୍ଟିଆନୋ ରୋନାଲ୍ଡୋ ଓ ଲିଭରପୁଲର ମହମ୍ମଦ ସଲାହ୍‌ଙ୍କୁ ପଛରେ ପକାଇ ଫୁଟ୍‌ବଲର ଏହି ସମ୍ମାନଜନକ ପୁରସ୍କାର ଜିତିବାରେ ସଫଳ ହୋଇଛନ୍ତି। ଗତ ମାର୍ଚ୍ଚରେ ମୋଡ୍ରିକ୍ କ୍ୟାରିୟରର ୩ୟଥର ପାଇଁ ଚାମ୍ପିୟନ୍ସ ଲିଗ୍ ଟାଇଟଲ ହାସଲ କରିଥିଲେ। ସେହିଭଳି କ୍ରୋଏସିଆକୁ ପ୍ରଥମଥର ଲାଗି ଫୁଟ୍‌ବଲର ମହାକୁମ୍ଭ ଫିଫା ବିଶ୍ୱକପ୍ ଫାଇନାଲରେ ପହଞ୍ଚାଇବାରେ ତାଙ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ବହୁତ ଲୋକ ମୋତେ ସମର୍ଥନ ଦେଇଥିବାରୁ ସମସ୍ତଙ୍କୁ ମୋଡ୍ରିକ୍ ଧନ୍ୟବାଦ୍ ଜଣାଇଛନ୍ତି। ୨୦୦୮ରୁ ରୋନାଲ୍ଡୋ ଓ ମେସି ଲଗାତର ଭାବେ ଫିଫାର ଏହି ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତି ଆସୁଥିଲେ। ଉଭୟ ମେସି ଓ ରୋନାଲ୍ଡୋ ମିଳିତ ଭାବେ ୫ଥର ଲେଖାଏ ଏହି ସମ୍ମାନଜନକ ଟ୍ରଫି ହାସଲ କରିଛନ୍ତି। ଲଣ୍ଡନରେ ଅନୁଷ୍ଠିତ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ବ୍ରାଜିଲର ୩୨ ବର୍ଷୀୟା ଫରୱାର୍ଡ ମାର୍ତା ଭିଏରା ଡା ସିଲ୍‌ଭା ଫିଫାର ଶ୍ରେଷ୍ଠ ମହିଳା ଖେଳାଳି ବିବେଚିତ ହୋଇଛନ୍ତି। ଉଭୟ ରୋନାଲ୍ଡୋ ଓ ସଲାହ୍ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ ମଧ୍ୟ ମେସିଙ୍କୁ ଦେଖିବାକୁ ମିଳି ନ ଥିଲା। ବିଶ୍ୱକପ୍ ଫାଇନାଲରେ କ୍ରୋଏସିଆକୁ ୪–୨ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିବା ଫ୍ରାନ୍ସର ଡିଡିଅର ଡେସଚାମ୍ପସ୍‌ଙ୍କୁ ବର୍ଷର ଶ୍ରେଷ୍ଠ ପୁରୁଷ କୋଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

### ୱାର୍ଲ୍ଡ ଟିମ୍ ଅଫ୍ ଦି ଇୟର

ଫୁଟ୍‌ବଲର ସର୍ବୋଚ୍ଚ ସଂସ୍ଥା ଫିଫା ପକ୍ଷରୁ ଫିଫା ୱାର୍ଲ୍ଡ ଟିମ୍ ଅଫ୍ ଦି ଇୟର ଚୟନ କରାଯାଇଛି। ଆଶ୍ଚର୍ଯ୍ୟଜନକ ଭାବେ 'ପ୍ଲେୟାର ଅଫ୍ ଦି ଇୟର' ପୁରସ୍କାର ଦୌଡ଼ରେ ରହିଥିବା ମହମ୍ମଦ ସଲାହ ଏବଂ ବର୍ଷର ଶ୍ରେଷ୍ଠ ଗୋଲକିପର ଟ୍ରଫି ଜିତିଥିବା ବେଲଜିୟମର ଥିବାଉଟ୍ କର୍ଟୋଇଜଙ୍କୁ ଫିଫା ୱାର୍ଲ୍ଡ ଟିମ୍‌ରେ ସ୍ଥାନ ମିଳିନାହିଁ।

### ଖେଳାଳି ତାଲିକା

ଗୋଲକିପର– ଡେଭିଡ୍ ଡି ଗି (ସ୍ପେନ), ଡିଫେଣ୍ଡର– ଡାନି ଅଲ୍‌ଭେସ (ବ୍ରାଜିଲ), ରାଫେଲ ଭରାନେ (ଫ୍ରାନ୍ସ), ସର୍ଜିଓ ରୋମେସ (ସ୍ପେନ), ମାର୍ସେଲୋ (ବ୍ରାଜିଲ), ମିଡ୍‌ଫିଲ୍ଡର– ଲୁକା ମୋଡ୍ରିକ (କ୍ରୋଏସିଆ), ଏନ୍ ଗୋଲୋ କାଣ୍ଟେ (ଫ୍ରାନ୍ସ), ଇଡେନ ହାଜାର୍ଡ (ବେଲଜିୟମ), ଫରୱାର୍ଡ– କିଲିୟାନ ଏମ୍‌ବାପ୍ପେ (ଫ୍ରାନ୍ସ), ଲିଓନେଲ ମେସି (ଆର୍ଜେଣ୍ଟିନା), କ୍ରିଷ୍ଟିଆନୋ ରୋନାଲ୍ଡୋ (ପର୍ତ୍ତୁଗାଲ)।

### ଥିବଟ୍ ଶ୍ରେଷ୍ଠ ଗୋଲକିପର

ବେଲ୍‌ଜିୟମର ଥିବଟ୍ କୋର୍ଟିସ ଫିଫାର ଶ୍ରେଷ୍ଠ ଗୋଲ୍‌କିପର ବିବେଚିତ ହୋଇଛନ୍ତି। ଫିଫା ବିଶ୍ୱକପ୍‌ରେ ଇଂଲଣ୍ଡକୁ ୨–୦ ଗୋଲରେ ହରାଇ ବେଲ୍‌ଜିୟମ ବ୍ରୋଞ୍ଜ ପଦକ ଜିତିଥିଲା। ବେଲଜିୟମକୁ ବିଶ୍ୱକପ୍‌ରେ ପଦକ ସଫଳତା ଦେବାରେ ଥିବାଉଟ୍‌ଙ୍କ ଅବଦାନ ଉଲ୍ଲେଖନୀୟ ରହିଥିଲା। ଏହି ରିୟଲ ମାଡ୍ରିଡ୍ ତାରକା ମଧ୍ୟ ବିଶ୍ୱକପ୍‌ରେ ଗୋଲ୍‌ଡେନ ଗ୍ଲୋଭ୍ସ ପୁରସ୍କାର ହାସଲ କରିଥିଲେ।



“ ଫୁଟବଲରେ କୋଚ୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥାଇପାରେ କିନ୍ତୁ କ୍ରିକେଟରେ କୋଚ୍‌ଙ୍କ ଅପେକ୍ଷା ଅଧିନାୟକଙ୍କର ବିଶେଷ ଗୁରୁତ୍ୱ ରହିବା ଉଚିତ୍।

–ସୌରଭ ଗାଙ୍ଗୁଲି, ଭାରତର ପୂର୍ବତନ କ୍ରିକେଟ ଅଧିନାୟକ



“ ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ, ଇଂଲଣ୍ଡରେ ଲୋକେ କ୍ରିକେଟକୁ ଭଲରୂପେ ବୁଝନ୍ତି, ତେଣୁ ଏହି ଦେଶଗୁଡ଼ିକରେ ଟେଷ୍ଟ ମ୍ୟାଚ ପ୍ରତି ଆଦର ରହିଛି ।

–ବିରାଟ କୋହଲି, ଭାରତୀୟ ଅଧିନାୟକ

## ସଂକ୍ଷେପରେ

### ୪-୦ରେ ସିରିଜ ଜିତିଲା ଭାରତ

**କଲମ୍ବୋ, ୨୫।୯:** ଘରୋଇ ଶ୍ରୀଲଙ୍କା ବିପକ୍ଷ ଅନ୍ତିମ ତଥା ୫ମ ଟି୨୦ ମ୍ୟାଚ୍‌କୁ ଭାରତୀୟ ମହିଳା କ୍ରିକେଟ ଦଳ ୫୧ ରନରେ ଜିତିନେଇଛି। ଭାରତ ପକ୍ଷରୁ ଧାର୍ଯ୍ୟ ୧୫୭ ରନର ଟାର୍ଗେଟ୍‌କୁ ପିଛା କରିଥିବା ଶ୍ରୀଲଙ୍କା ମହିଳା କ୍ରିକେଟ ଦଳ ୧୭.୪ ଓଭରରେ ୧୦୫ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଏହି ବିଜୟ ସହ ହର୍‌ମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜକୁ ୪-୦ରେ ଜିତିନେଇଛି। ବର୍ଷା ଯୋଗୁ ୨ୟ ଟି୨୦ ମ୍ୟାଚ୍ ଫଳାଫଳ ବାହାରି ନ ଥିଲା। ପୂର୍ବରୁ ଭାରତ ଦିନିକିଆ ସିରିଜକୁ ୨-୧ରେ ମଧ ହାତେଇଥିଲା। ମଙ୍ଗଳବାର ଏଠାରେ ଅନୁଷ୍ଠିତ ୫ମ ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ପ୍ରାରମ୍ଭରୁ ଅଭିଜ୍ଞ ମିଥାଲି ରାଜ (୧୨ ରନ) ଓ ସ୍ମୃତି ମନ୍ଧାନା (୦)ଙ୍କ ଉଇକେଟ୍ ହରାଇଥିଲା। କିନ୍ତୁ ୩ୟ ଓ ୪ର୍ଥ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ଜେମିମା ରୋଡ୍ରିଗୁଏଜ ଓ ଅଧିନାୟିକା ହର୍‌ମନପ୍ରୀତ୍ ଶତକୀୟ ଭାଗୀଦାରି କରି ଭାରତକୁ ବଡ଼ ସ୍କୋର ଅଭିମୁଖେ ଅଗ୍ରସର କରିଥିଲେ। ସିରିଜରେ ଦମ୍‌ଦାର ଫର୍ମରେ ଥିବା ଜେମିମା ୩୧ ବଲରୁ ୪୬ ଓ ହରମନପ୍ରୀତ୍ ୩୮ ବଲରୁ ୬୩ ରନର ଦ୍ରୁତ ଇନିଂସ ଖେଳିବା ଯୋଗୁ ଭାରତ ୧୮.୩ ଓଭରରେ ୧୫୬ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଆଠଜଣ ଖେଳାଳି ଦୁଇଅଙ୍କ ଛୁଇଁପାରି ନ ଥିଲେ। ଶ୍ରୀଲଙ୍କା ପକ୍ଷରୁ ଶଶୀକଳା ସିରିବର୍ଦ୍ଧନେ ଓ ଇନୋସି ପ୍ରିୟଦର୍ଶିନୀ ୩ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ଶ୍ରୀଲଙ୍କା ୧୭.୪ ଓଭରରେ ୧୦୫ ରନ କରି ସୀମିତ ରହିଥିଲା। ଅନୁଷ୍କା ସଞ୍ଜିବନୀ ସର୍ବାଧିକ ୨୯ ରନ କରିଥିଲେ। ବିଜୟୀ ଭାରତ ପକ୍ଷରୁ ପୁନମ ଯାଦବ ୩ଟି ଏବଂ ଦୀପ୍ତି ଶର୍ମା ଓ ରାଧା ଯାଦବ ୨ଟି ଲେଖାଏ ଉଇକେଟ ଦଖଲ କରିଥିଲେ।

### କ୍ୱାର୍ଟରରେ ପଶ୍ଚିମବଙ୍ଗକୁ ଭେଟିବ ଓଡ଼ିଶା

**କଟକ ଅଫିସ, ୨୫।୯:** କଟକରେ ଚାଲିଥିବା ୨୪ତମ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପର କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଛି। ଘରୋଇ ଓଡ଼ିଶା କ୍ୱାର୍ଟର ଫାଇନାଲରେ ପଶ୍ଚିମବଙ୍ଗକୁ ଭେଟିବ। ହରିୟାଣା-ଭାରତୀୟ ରେଲୱେ, ଦିଲ୍ଲୀ-ତାମିଲନାଡୁ, ମଣିପୁର-ପଞ୍ଜାବ ମଧ୍ୟରେ ଅନ୍ୟ କ୍ୱାର୍ଟର ଫାଇନାଲ ମୁକାବିଲା ହେବ। ମଙ୍ଗଳବାର ଆସାମ ଓ ପଞ୍ଜାବ ମଧ୍ୟରେ ଅନୁଷ୍ଠିତ ଅନ୍ତିମ ଲିଗ ମ୍ୟାଚ୍ ଗୋଲଶୂନ୍ୟ ରହିଥିଲେ ମଧ ପଏଣ୍ଟ ଭିତ୍ତିରେ ପଞ୍ଜାବ ଅନ୍ତିମ ଦଳ ଭାବେ କ୍ୱାର୍ଟରରେ ପ୍ରବେଶ କରିଥିଲା । ଅନ୍ୟ ଏକ ମ୍ୟାଚ୍‌ରେ ବିହାର ୧-୦ ଗୋଲରେ କେରଳକୁ ହରାଇଥିଲେ ମଧ ପ୍ରତିଯୋଗିତାରୁ ବାଦ୍ ପଡ଼ିଛି ।

### ଫେରିଲେ ଦୁଇ ଫୁଟ୍‌ବଲ ପ୍ରତିଭା

**କଟକ ଅଫିସ, ୨୫।୯:** ମଙ୍ଗୋଲିଆଠାରେ ଅନୁଷ୍ଠିତ ହୋଇଥିବା ଏଏଫ୍‌ସି ୧୬ ବର୍ଷରୁ କମ୍ ବାଳିକା ଫୁଟବଲ ଚାମ୍ପିୟନଶିପ୍ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରେ ଜାତୀୟ ଦଳରୁ ପ୍ରତିନିଧିତ୍ୱ କରିଥିବା ୨ ଓଡ଼ିଆ ଖେଳାଳି ମଙ୍ଗଳବାର ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେମାନେ ହେଲେ କଟକ ସାଇ କେନ୍ଦ୍ରର ଜ୍ୟୋତି କୁମାରୀ ଓ ସୁନ୍ଦରଗଡ଼ ସ୍ପୋର୍ଟ୍ସ ହଷ୍ଟେଲର ସଙ୍ଗୀତା ସୋରେଙ୍ଗ । ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ଯୁଗ୍ମ ସମ୍ପାଦିକା ସଙ୍ଗୀତା ଶର୍ମା ଭୁବନେଶ୍ୱର ଏୟାରପୋର୍ଟରେ ଉଭୟଙ୍କୁ ସ୍ୱାଗତ ଜଣାଇଥିଲେ। ଫାଓ ସମ୍ପାଦକ ସଞ୍ଜୟ ବେହେରା ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୨୫।୯(କ୍ରୀଡ଼ା ପ୍ରତିନିଧି)




ଉଦ୍‌ଘାଟନୀ ଉତ୍ସବରେ ଆଥଲେଟ୍‌ଙ୍କ ପକ୍ଷରୁ ଶପଥପାଠ କରୁଛନ୍ତି ପୂର୍ଣ୍ଣିମା ହେମ୍ବ୍ରମ।

ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ୫୮ତମ ସଂସ୍କରଣ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। ସକାଳ ୭ଟାରେ ପୁରୁଷ ୧୫୦୦ ମିଟରରୁ ପ୍ରତିଯୋଗିତା ଆରମ୍ଭ ହୋଇଥିବାବେଳେ ସନ୍ଧ୍ୟାରେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଆନୁଷ୍ଠାନିକଭାବେ ଏହାକୁ ଉଦ୍‌ଘାଟନ କରିଛନ୍ତି। ରାଜ୍ୟରେ ଖୁବ୍ ଶିଘ୍ର ଏକ ହାଇ ପରଫରମାନ୍ସ ସ୍ପୋର୍ଟ୍ସ ଏକାଡେମୀ ହେବାକୁ ଯାଉଛି, ଏଥିରୁ ବିଭିନ୍ନ କ୍ରୀଡ଼ାରେ ବିଶ୍ୱ ଚାମ୍ପିୟନ ସୃଷ୍ଟି ହୋଇ ପାରିବେ। ଓଡ଼ିଶାରେ ବିଶ୍ୱଶ୍ରେଣୀୟ କ୍ରୀଡ଼ା ଭିତ୍ତିଭୂମି ଦିନକୁ ଦିନ ବଢ଼ିବାରେ ଲାଗିଛି। ତେଣୁ ଅଭ୍ୟାସ ଜାରି ରଖି ଏଠାରୁ ଆଗାମୀ ଦିନରେ ମଧ ଅଲିମ୍ପିକ୍ସ ପଦକ ବିଜୟୀ ଆଥଲେଟ୍ ବାହାରି ପାରିବେ ବୋଲି କ୍ରୀଡ଼ାମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ପାରମ୍ପରିକ ବ୍ୟାଣ୍ଡ ବାଦ୍ୟ ସହ ପ୍ରତିଯୋଗୀଙ୍କ ମାର୍ଚ୍ଚ ପାଷ୍ଟ ସମାରୋହକୁ ମନୋଜ୍ଞ କରିଥିଲା। ଅନ୍ୟ ଅତିଥିଙ୍କ ମଧ୍ୟରେ କ୍ରୀଡ଼ା ସଚିବ ବିଶାଲ ଦେବ, ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା, ଆଥଲେଟିକ୍ ଫେଡେରେଶନ ଅଫ ଇଣ୍ଡିଆର ମହାସଚିବ ସି.କେ. ଭାଲସନ ଓ ଭାରତୀୟ ଆଥଲେଟିକ୍ସ ମୁଖ୍ୟ କୋଚ୍ ବାହାଦୁର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ମୋଟ ୭୪୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ଭାଲସନ ସୂଚନା ଦେଇଥିଲେ। ପ୍ରତିଯୋଗିତାର ମହିଳା ୧୦୦ ମିଟର ହର୍ଡଲ୍ସରେ ଭାଗ ନେଉଥିବା ଓଡ଼ିଆ ହେପ୍‌ଟାଥଲେଟ୍ ପୂର୍ଣ୍ଣିମା ହେମ୍ବ୍ରମ୍ ଶପଥପାଠ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ୧୦,୦୦୦, ରୌପ୍ୟ ବିଜୟୀଙ୍କୁ ୭,୫୦୦ ଓ ବ୍ରୋଞ୍ଜ ବିଜେତାଙ୍କୁ ୫,୦୦୦ ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ ବୋଲି ଏହି ଅବସରରେ ଘୋଷଣା କରାଯାଇଥିଲା।

### ପୂର୍ଣ୍ଣିମା ଫାଇନାଲରେ

**ଭୁବନେଶ୍ୱର, ୨୫।୯(କ୍ରୀଡ଼ା ପ୍ରତିନିଧି):** ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ୧୦୦ ମିଟର ହର୍ଡଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଆ ଆଥଲେଟ୍ ପୂର୍ଣ୍ଣିମା ହେମ୍ବ୍ରମ। ରେଲୱେ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ପୂର୍ଣ୍ଣିମା ମଙ୍ଗଳବାର ହିଟ୍ ନମ୍ବର ୨ରେ ଦୌଡ଼ିଥିଲେ ଏବଂ ୧୪.୨୩ ସେକେଣ୍ଡ ସମୟ ନେଇ ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଅନ୍ୟ ଆଥଲେଟ୍‌ମାନେ ହେଲେ ଏଲିଜାବେଥ୍ ଆଣ୍ଟୋନୀ, ଅନୁରୂପା କୁମାରୀ, ଅରବିନ୍ଦା ରଥ୍ୱା, ଜାପାନର ହିତୋମି ଶିମୁରା, ସି.କାନିମୋଝି, ଆର.ନିତ୍ୟା ଓ କେ.କୀର୍ଥନା। ପୁରୁଷ ୧୦୦ ମିଟର ରେସ୍‌ରେ କିନ୍ତୁ ଓଡ଼ିଶାର ଅମିୟ ମଲିକ ଫାଇନାଲରେ ପ୍ରବେଶ କରିବାରୁ ବଞ୍ଚିତ ହୋଇଛନ୍ତି। ପୂର୍ବାହ୍ନରେ ହିଟ୍‌ରେ ୧୦.୭୨ ସେକେଣ୍ଡ ସମୟ ନେଇ ସେମିଫାଇନାଲରେ ପ୍ରବେଶ କରିଥିବା ଅମିୟ ସନ୍ଧ୍ୟାରେ ଅନୁଷ୍ଠିତ ସେମିଫାଇନାଲରେ ୧୦.୭୩ ସେକେଣ୍ଡ ସମୟ ନେଇଥିଲେ। ଅନ୍ୟତମ ଓଡ଼ିଆ ଆଥଲେଟ୍ ଅଭିଜିତ ସାହୁ ୧୧.୩୫ ସେକେଣ୍ଡ ସମୟ ନେଇ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ।

# ଶର୍ମିଳା କୁମାରୀଙ୍କୁ ପ୍ରଥମ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୫।୯(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଶର୍ମିଳା କୁମାରୀ। ପ୍ରଥମ ଦିବସରେ ଅନୁଷ୍ଠିତ ମହିଳା ଜାଭେଲିନ ଥ୍ରୋରେ ରେଲୱେ ଆଥଲେଟ୍‌ମାନେ ବାଜି ମାରି ମେଡାଲ ସୁଇପ୍ କରିଥିବାବେଳେ ଶର୍ମିଳା ୫୪.୮୫ ମିଟର ଦୂରକୁ ଜାଭେଲିନ ଥ୍ରୋ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅନୁ ରାଣୀ ୫୨.୯୮ ଓ କେ.ରଶ୍ମି ୫୦.୧୬ ମିଟର ଦୂରକୁ ଜାଭେଲିନ ପକାଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

### ପୁରୁଷ ୧୦,୦୦୦ ମିଟର

ପୁରୁଷ ୧୦୦୦୦ ମିଟରରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଗୁଜରାଟର ମୁରଲୀ କୁମାର ଗାଭିଟ। ସେ ୨୯:୪୯.୭୯ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ରେଲୱେରୁ ପ୍ରତିନିଧିତ୍ୱ କରୁଥିବା ରଞ୍ଜିତ ପଟେଲ ୨୯:୫୦.୪୩ ସେକେଣ୍ଡ ସମୟ ସହ ରୌପ୍ୟ ଓ ସର୍ଭିସେସ୍‌ର ପ୍ରଦୀପ ସିଂ ୨୯:୫୨.୩୭ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏଥିରେ ଭାଗ ନେଇଥିବା ଓଡ଼ିଶାର ଅଶୋକ ଦଣ୍ଡସେନା ୩୨:୧୨.୫୭ ସେକେଣ୍ଡ ସମୟ ନେଇ ୯ମ ସ୍ଥାନରେ ରହିଥିଲେ।

### ମହିଳା ୧୦,୦୦୦ ମିଟର

ମହିଳା ୧୦,୦୦୦ ମିଟରରେ ସ୍ୱର୍ଣ୍ଣପଦକ ଜିତିଛନ୍ତି ରେଲୱେର ଏଲ.ସୂର୍ଯ୍ୟା। ସେ ୩୪.୧୮.୬୨ ସେକେଣ୍ଡ ସମୟ ନେଇ ପ୍ରଥମ ହୋଇଛନ୍ତି। ରାଜସ୍ଥାନର ମୀନୁ ୩୪:୫୯.୬୩ ସେକେଣ୍ଡ ସମୟ ନେଇ ରୌପ୍ୟ ଏବଂ ଏଲଆଇସି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ମୋନିକା ଆଥାରେ ୩୫:୦୯.୮୩ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

### ପୁରୁଷ ପୋଲଭଲ୍ଟ

ପୁରୁଷ ପୋଲଭଲ୍ଟ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ସର୍ଭିସେସର ଏସ.ଶିବା। ସେ ୫.୧୦ ମିଟର କ୍ଲିୟର କରି ଏହି ସଫଳତା ପାଇଛନ୍ତି। ରେଲୱେର ଜେ.ପ୍ରୀତ୍ ୫.୦୫ ଓ ଗୋଆର ଆନାସ ବାବୁ ୪.୯୫ ମିଟର ଉଚ୍ଚକୁ ଡେଇଁ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି।

### ମହିଳା ଟ୍ରିପଲ ଜମ୍ପ

ମହିଳା ଟ୍ରିପଲ ଜମ୍ପରେ ହରିୟାଣାର ରେଣୁ ରେଣୁ ୧୩.୬୩ ମିଟର ଡେଇଁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ତାମିଲନାଡୁର ଏମ.ଏ.ଶିବା ଅନବାରାସି ୧୩.୨୦ ମିଟର ସହ ରୌପ୍ୟ ଏବଂ ରେଲୱେର ଭୈରବୀ ଦାସ ୧୨.୯୪ ମିଟର କ୍ଲିୟର କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।




ଓଡ଼ିଶା ଦଳର ମାର୍ଚ୍ଚପାଷ୍ଟ।



ମହିଳା ଜାଭେଲିନ ଥ୍ରୋରେ ପଦକ ବିଜୟିନୀ ପ୍ରତିଯୋଗୀମାନେ।

DSPL-168
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଡ଼ିଶା ସରକାର
କୁଷ୍ଠ ରୋଗ ଚିହ୍ନଟ ଅଭିଯାନ - ୨୦୧୮
ଏହି ଅଭିଯାନ ଚଳିତ ବର୍ଷ ୨୭ ସେପ୍ଟେମ୍ବର ଠାରୁ ୬ ଅକ୍ଟୋବର ୨୦୧୮ ପର୍ଯ୍ୟନ୍ତ ଚାଲୁ ରହିବ । ଏହି ସମୟରେ ତାଲିମ୍ ପ୍ରାପ୍ତ ଆଶା ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ କୁଷ୍ଠରୋଗ ସର୍ବେକ୍ଷଣ କରିବେ । ଏଣୁ ଏହି ଅଭିଯାନରେ ସମସ୍ତେ ସାମିଲ୍ ହୋଇ କୁଷ୍ଠ ରୋଗ ଚିହ୍ନଟ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଅନୁରୋଧ ।
ଆପଣ ଜାଣନ୍ତି କି?
- କୁଷ୍ଠ ଏକ ଜୀବାଣୁ ଜନିତ ସାଧାରଣ ରୋଗ, ଏହି ରୋଗ ଛୁଇଁଲେ ବ୍ୟାପିନଥାଏ କିମ୍ବା ଏହା ଏକ ଅଭିଶାପ ନୁହେଁ ।
- ବଧିରା ଛଉ, ଚର୍ମ ମୋଟା ହୋଇ ତେଲିଆ ବା ଚିକ୍କଣ ଦେଖାଯିବା, କାନ ବା ଶରୀରରେ ଛୋଟ ଗୁଳି ସୃଷ୍ଟି ହେବା, ହାତ, ଗୋଡ଼ ଶୁଖିଲା ହୋଇ ବଧିରା ଲାଗିବା ବା ଆଖି, ହାତ ଓ ପାଦର ମାଂସପେଶୀ ଦୁର୍ବଳ ଲାଗିବା କୁଷ୍ଠ ରୋଗର ପ୍ରାଥମିକ ଲକ୍ଷଣ ।

ଏମ୍.ଡି.ଟି. ଦ୍ୱାରା କୁଷ୍ଠରୋଗ ସମ୍ପୂର୍ଣ୍ଣ ଆରୋଗ୍ୟସାଧ୍ୟ ଏବଂ ଏହା ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମାଗଣାରେ ମିଳେ ।
ଶୀଘ୍ର ଚିକିତ୍ସା କଲେ ବିକଳାଙ୍ଗ ହେବ ନାହିଁ, ଅଧିକ ସୂଚନା ପାଇଁ ଆଶା ଦିଦି କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ ।
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
10003/13/0081/1819
facebook.com/HFWOdisha http://www.health.odisha.gov.in/ @HFWOdisha

# ‘ଅର୍ଜୁନ ପୁରସ୍କାରକୁ ନେଇ ବିବାଦ ଅନାବଶ୍ୟକ’

ଭୁବନେଶ୍ୱର, ୨୫।୯(କ୍ରୀଡ଼ା ପ୍ରତିନିଧି)

“ଅର୍ଜୁନ ପୁରସ୍କାରକୁ ନେଇ ବିବାଦ ହେବା ଅନାବଶ୍ୟକ। ଗୋଟିଏ ବର୍ଷରେ ସମସ୍ତଙ୍କୁ ଏହି ପୁରସ୍କାର ମିଳିବା ସମ୍ଭବ ନୁହେଁ। ଏସିଆଡ୍‌ରେ ସ୍ୱର୍ଣ୍ଣ ପଦକ ବିଜେତା ଏହି ପୁରସ୍କାର ପାଇଁ ହକ୍‌ଦାର ହୋଇଥାନ୍ତି। ଏ ବର୍ଷ ନ ହେଲେ ମଧ ପୁରସ୍କାର ଆସନ୍ତା ବର୍ଷକୁ ମିଳିବ। ତେଣୁ ଧୈର୍ଯ୍ୟର ସହ ଅପେକ୍ଷା କରାଯିବା ଉଚିତ। ପ୍ରଦର୍ଶନ ଭଲ ଥିଲେ ସମ୍ମାନ ଆପେ ଆପେ ଆସିବ। ମୋତେ ୧୦ ବର୍ଷ ପରେ ଅର୍ଜୁନ ପୁରସ୍କାର ମିଳିଥିଲା। ଏହି ପୁରସ୍କାର ପାଇଁ ଗୋଟିଏ ବର୍ଷର କିମ୍ବା ଗୋଟିଏ ଟୁର୍ନାମେଣ୍ଟର ପ୍ରଦର୍ଶନ ନୁହେଁ ବରଂ ବର୍ଷେ ଦୁଇବର୍ଷର ପ୍ରଦର୍ଶନକୁ ବିଚାରକୁ ନିଆଯାଇଥାଏ। ତେଣୁ ବିବାଦ ସୃଷ୍ଟି କରିବା ଅପେକ୍ଷା ସମସ୍ତେ ସମୟକୁ ଅପେକ୍ଷା କରିବା ଶ୍ରେୟସ୍କର” ବୋଲି ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ ସମାରୋହ ଅବସରରେ ପ୍ରକାଶ କରିଛନ୍ତି ଭାରତୀୟ ଆଥଲେଟିକ୍ସ ଦଳର ମୁଖ୍ୟ କୋଚ୍ ପଦ୍ମଶ୍ରୀ ବାହାଦୁର ସିଂ ଚୌହାନ।

ଆଥଲେଟ୍‌ଙ୍କ ପାଇଁ ପ୍ରତି ଟୁର୍ନାମେଣ୍ଟ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ବାହାଦୁର। ତେଣୁ ଏସିଆନ ଗେମ୍ସ ଶେଷ ହୋଇଯାଇଥିଲେ ହେଁ ଏହି ପ୍ରତିଯୋଗିତାକୁ କେହି ହେୟ ମନେ କରିବା ଉଚିତ ନୁହେଁ। ଏଥିପାଇଁ ସେ ହିମା ଦାସଙ୍କୁ ଉଦାହରଣ ଭାବେ ନେଇଥିଲେ। ଗତବର୍ଷ ହିମା ଏଥିରେ ଅଂଶଗ୍ରହଣ କରିଥିବାବେଳେ ଏବେ ବର୍ଷକ ମଧ୍ୟରେ ବିଶ୍ୱ ଜୁନିୟର ଚାମ୍ପିୟନ ହୋଇପାରିଛନ୍ତି ବୋଲି କହିଛନ୍ତି। ଏହି ଅବସରରେ ଓଡ଼ିଶା ସରକାରଙ୍କୁ ପ୍ରଶଂସା କରିବାକୁ ଭୁଲି ନ ଥିଲେ ଏହି ମୁଖ୍ୟ କୋଚ୍। ହରିୟାଣା ସରକାର ଖେଳ ପାଇଁ ବହୁତ କିଛି କରୁଥିଲେ, ଏବେ ଓଡ଼ିଶା ସରକାର ଏଥିରେ ଆଗକୁ ବଢ଼ୁଛନ୍ତି। ସରକାର ଖେଳର ଉନ୍ନତି ପାଇଁ ଯେପରି ଚିନ୍ତାଧାରା ରଖିଛନ୍ତି ମୋତେ ଲାଗୁଛି ଓଡ଼ିଶା ଭାରତରେ ନମ୍ବର ୱାନ ହୋଇଯିବ। ଓଡ଼ିଶା ସରକାରଙ୍କ ପ୍ରୋତ୍ସାହନ ଆଥଲେଟ୍‌ମାନଙ୍କୁ ଆଗାମୀ ଦିନରେ ଆହୁରି ଭଲ ପ୍ରଦର୍ଶନ ପାଇଁ ଉତ୍ସାହିତ କରିବ। ତେବେ ମୋର ଏକ ଅନୁରୋଧ ହେଲା ପ୍ରତି ରାଜ୍ୟ ଗାଁମାନଙ୍କରେ ସ୍କୁଲ ପିଲାଙ୍କୁ ଖେଳିବାକୁ ପଡ଼ିଆ ଯୋଗାଇଦିଅନ୍ତୁ। ଏଥିରେ ଅଧିକ ଅର୍ଥ ଖର୍ଚ୍ଚ ହେବନି, ବରଂ ପିଲାମାନେ ତୃଣମୂଳସ୍ତରରେ ଅଭ୍ୟାସ କରି ଆଗକୁ ଭଲ ଖେଳାଳି ହୋଇପାରିବେ। ଚାଇନା, ରୁଷିଆ ଆଦି ଦେଶରେ ଏପରି କରାଯାଉଥିବାରୁ ସେମାନଙ୍କ ଆଥଲେଟ୍ ପ୍ରଭାବୀ ପ୍ରଦର୍ଶନ କରୁଛନ୍ତି। ତେଣୁ ଏହା ତୃଣମୂଳସ୍ତରକୁ ଗୁରୁତ୍ୱ ଦିଆଯିବା ଉଚିତ ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ସେପ୍ଟେମ୍ବର ୨୬/୨୦୧୮ Sambalpur, Wednesday, September 26/ 2018

## ସଂକ୍ଷେପରେ

### ଟ୍ରକ୍-ବାଇକ ଧକ୍କା, ଜଣେ ମୃତ

**ଅତାବିରା/ବୁର୍ଲା, ୨୫।୯(ଡି.ଏନ.ଏ.):** ବରଗଡ-ସମ୍ବଲପୁର ୫୩ ନମ୍ବର ଜାତୀୟ ରାଜପଥ ଗୋଶାଳା ଫାଣ୍ଡି ନିକଟରେ ମଙ୍ଗଳବାର ଏକ ଟ୍ରକ୍ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛଇ । ମୃତକ ହେଲେ କାଦୋବାହାଲ ଗ୍ରାମର ରଘୁବୀର ସିଂ ଓରଫ ବୁଛି । ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଉଭୟ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ ବାଇକକୁ ଜବତ କରି ତଦନ୍ତ ଚଳାଇଛି । ରଘୁବୀର ଓ କର୍ଣ୍ଣା ମେହେର ଏକ ବାଇକ୍‌ରେ ଆସୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରକ୍ ବାଇକକୁ ଧକ୍କା ଦେବାରୁ ଘଟଣାସ୍ଥଳରେ ରଘୁବୀରଙ୍କ ମୃତ୍ୟୁ ହୋଇଥିଲା ।

# ଗଣେଶ ଭସାଣି ବେଳେ ହତ୍ୟା, ୫ ଗିରଫ

ଟିଟିଲାଗଡ଼,୨୫।୯(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହର ଆଦିବାସୀପଡ଼ାରେ ଗତ ଶନିବାର ଗଣେଶ ଭସାଣି ବେଳେ ଗଣ୍ଡଗୋଳ ଘଟିଥିଲା। ଏଥିରେ ବଳରାମ ହାତୀଙ୍କ ମୃତ୍ୟୁ ହୋଇଥିବାବେଳେ ରୋହିତ ବଗର୍ତ୍ତୀ ଗୁରୁତର ଆହତ ହୋଇଥିଲେ।

**ମୁଖ୍ୟ ଅଭିଯୁକ୍ତ ଫେରାର**

ମଙ୍ଗଳବାର ଟିଟିଲାଗଡ଼ ପୋଲିସ ହତ୍ୟାକାଣ୍ଡରେ ସମ୍ପୃକ୍ତ ୫ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମହାଦେବ ମଲିକ, ଅଫଜଲ ଆନାସାରୀ, ଦୀପକ ତର୍ଜୀ, ବବଲୁ ଠାକୁର ଏବଂ ଅନ୍ୟ ଜଣେ ନାବାଳକ। ଏ ନେଇ ମଙ୍ଗଳବାର ଟିଟିଲାଗଡ଼ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଟିଟିଲାଗଡ଼ ଏସ୍‌ଡିପିଓ ସରୋଜ ରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି। ମୃତ ବଳରାମଙ୍କ ଭାଇ ଦେବହରି ହାତୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଦଫା ୧୪୭, ୧୪୮, ୩୦୭, ୩୦୨, ୨୯୪, ୫୦୬, ୨୦୧, ୧୪୯ରେ ଏକ ମାମଲା (ନଂ. ୩୦୫/୧୮) ରୁଜୁକରି ଘଟଣାର ଅଧିକ ତଦନ୍ତ ଚଳାଇଛି। ଅନ୍ୟପକ୍ଷେ ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିପାରି ନାହିଁ। ମୃତ ବଳରାମଙ୍କ ମା' ମଙ୍ଗଳବାର ଘରେ ପହଞ୍ଚିବା ପରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଖବରଦାତା ସମ୍ମିଳନୀରେ ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତି, ଏସ୍‌ଆଇ ସରୋଜ ରଞ୍ଜନ ରଥଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।



ଟିଟିଲାଗଡ଼ ଥାନାରେ ଗିରଫ ଅଭିଯୁକ୍ତଙ୍କ ସହ ପୋଲିସ ଅଧିକାରୀ।

ନାବାଳିକାଙ୍କୁ ବଳାତ୍କାର ଘଟଣା

# ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲଦଣ୍ଡ

ଭବାନୀପାଟଣା,୨୫।୯(ଡି.ଏନ୍.ଏ.)

ଜଣେ ନାବାଳିକାଙ୍କୁ ୫ ବର୍ଷ ପୂର୍ବେ ବଳାତ୍କାର ଘଟଣାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। କଳାହାଣ୍ଡି ଅତିରିକ୍ତ ଦୌରାଜଜ୍ ତଥା ସ୍ୱତନ୍ତ୍ର ଜଜ୍ ରଶ୍ମିତା ଦଳେଇ ଏହି ଘଟଣାରେ ଗିରଫ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ ସହ ୫ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। କେସିଙ୍ଗା ଥାନ ଅନ୍ତର୍ଗତ ଏକ ଗ୍ରାମର ଜଣେ ନାବାଳିକା ଶୌଚ ପାଇଁ ଗ୍ରାମ ନିକଟ ନାଳକୁ ଯାଇଥିଲା ବେଳେ କଣ୍ଟପଡ଼ା ଗ୍ରାମର ଅରୁଣ ମାଝି (୩୫) ତାଙ୍କୁ ଜୋରଜବରଦସ୍ତ ସାଇକେଲରେ ବସାଇ ଏକ ପଥର କ୍ରଶର ନିକଟକୁ ଉଠାଇ ନେଇ ବଳାତ୍କାର କରିଥିଲେ। ଏ ନେଇ କେସିଙ୍ଗା ଥାନାରେ ୨୦୧୩ ଜାନୁୟାରୀ ୨୧ରେ ଅଭିଯୋଗ ହୋଇଥିଲା। ପୋଲିସ ଦଫା ୩୬୬, ୩୭୬ ଓ ପକ୍ସୋ ଆଇନ ବଳରେ ଅରୁଣଙ୍କୁ ଗିରଫ କରିଥିଲା। ମଙ୍ଗଳବାର ଅତିରିକ୍ତ ଦୌରାଜଜ୍ ତଥା ସ୍ୱତନ୍ତ୍ର ଜଜ୍ ଏହି ମାମଲାର ବିଚାର କରି ଅରୁଣଙ୍କୁ ଦଣ୍ଡ ପ୍ରଦାନ କରିଛନ୍ତି। ଜରିମାନା ଅର୍ଥ ଦେଇ ନ ପାରିଲେ ଅଧିକ ଏକ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ପୀଡ଼ିତାଙ୍କୁ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ୭୦ ହଜାର ଟଙ୍କା ପ୍ରଦାନ କରିବା ପାଇଁ ମଧ୍ୟ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ସୁଶାନ୍ତ କୁମାର ସାହୁ ପରିଚାଳନା କରିଥିଲେ।

# କାଠ କାରିଗର ଆତ୍ମହତ୍ୟା ଘଟଣା, ୩ ଯୁବକ ଗିରଫ

ସୋହେଲା,୨୫।୯(ଡି.ଏନ.ଏ.)

ବରଗଡ ଜିଲା ସୋହେଲାଠାରେ ଜଣେ କାଠ କାରିଗର ମୀନକେତନ ପଧାନ(୩୬)ଙ୍କ ମୃତ୍ୟୁ ମାମଲାରେ ଘଟଣାରେ ପୋଲିସ ୩ ଜଣ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି । ଅଭିଯୁକ୍ତମାନେ ହେଲେ ଦାମପାଲି ଗ୍ରାମର ସୁବଳ ଖମାରୀ(୨୯), ଛତିଶଗଡ ରାଜ୍ୟ ଡୁମେରପାଲି ଗ୍ରାମର ଇନ୍ଦ୍ରଜିତ ନାଏକ(୨୪) ଏବଂ ଛୋଟୁ ଓରଫ ଜିତେନ୍ଦ୍ର ଠାକୁର(୩୦) । ପୋଲିସ ଅଭିଯୁକ୍ତମାନଙ୍କ ବିରୋଧରେ ଆଇପିସିର ଧାରା ୩୪୧/୩୨୩/୨୯୪/୩୦୬/୩୪ରେ ଏକ ମାମଲା (ନଂ.୧୫୭/୧୮) ରୁଜୁ କରିଛି । ଏହି ଘଟଣାକୁ ନେଇ ସାଧାରଣରେ ନାନା ଚର୍ଚ୍ଚା ହେବା ପରେ ପଦ୍ମପୁର ଏସ୍‌ଡିପିଓ ଲକ୍ଷ୍ମୀ ନାରାୟଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସାଇଣ୍ଟିଫିକ ଟିମ୍ ତଦନ୍ତ କରିଥିଲେ । ଥାନାରେ ଅଟକ ଥିବା ୪ଜଣ ଯୁବକଙ୍କୁ ପଚରା ଉଚୁରା କରିବା ପରେ ସତ୍ୟାସତ୍ୟ ଜଣାପଡିଥିଲା ।

ଘଟଣାଟି ଏହିପରି । ଛତିଶଗଡର ଇନ୍ଦ୍ରଜିତ ନାଏକଙ୍କ ଠାରୁ ବଞ୍ଜାରୀ ଗ୍ରାମର ମୀନକେତନ କାଠ କାମ କରିଦେବ ବୋଲି କିଛି ଟଙ୍କା ଅଗ୍ରୀମ ଆଣିଥିଲେ। କିନ୍ତୁ କାମ ନ କରିବାରୁ ଘଟଣା ଦିନ ଇନ୍ଦ୍ରଜିତ ଓ ଦାମପାଲି ଗ୍ରାମର ସୁବଳ ମୀନକେତନଙ୍କୁ ଭେଟିବାକୁ ସୋହେଲା ଆସିଥିଲେ । ଥାନା ଛକରେ ଛୋଟୁ ଠାକୁରଙ୍କ ସହିତ ଏମାନଙ୍କ ଭେଟ ହୋଇଥିଲା । ସମସ୍ତେ ମିଶି ଏକ ଢ଼ାବାରେ ଖିଆପିଆ କରିବା ବେଳେ ଥାନା ନିକଟ ଏକ ଚା ଦୋକାନରେ ମୀନକେତନ ର୍ୟାକ୍ କାମ କରୁଥିବା ଜାଣିବାକୁ ପାଇଥିଲେ । ସମସ୍ତେ ରାତି ଦେଢ଼ଟାରେ ଚା ଦୋକାନକୁ ଯାଇ ସେଠାରେ ମୀନକେତନଙ୍କୁ ଗାଳିଗୁଲଜ କରିବା ସହ ଓ ମାରପିଟ କରିଥିଲେ। ଚା' ଦୋକାନୀ ଅଭିମନ୍ୟୁ ପାତ୍ର ମନା କରିବାରୁ ତାଙ୍କୁ ମଧ ଅଭିଯୁକ୍ତମାନେ ମାରପିଟ କରିଥିଲେ। ଦୋକାନୀ ଅଭିମନ୍ୟୁ ଗଣ୍ଡଗୋଳକୁ ଦେଖି ପାଖରେ ଥିବା ଏକ କୋଠରୀରେ ମୀନକେତନଙ୍କୁ ଲୁଚାଇ ଦେଇଥିଲେ । କିଛି ସମୟ ପରେ ମୀନକେତନ ଘର ଭିତରେ ଏକ ଗାମୁଛା ଲଗାଇ ଆତ୍ମହତ୍ୟା କରୁଥିବା ଜାଣିବା ପରେ ଚା ଦୋକାନୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ତୁରନ୍ତ ଘଟଣାସ୍ଥଳକୁ ଆସି ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲା । ଡାକ୍ତର ତାଙ୍କୁ ବରଗଡ ଜିଲଶ ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ । ବରଗଡ ନେବା ବାଟରେ ମୀନକେତନଙ୍କ ମୃତ୍ୟୁ ଘଟିଥିଲା। ଛୋଟୁ ଠାକୁର ନାଁରେ ସୋହେଲା ଥାନାରେ ୬ଟି ମାମଲା ରହିଥିବାବେଳେ ସୁବଳ ଖମାରୀଙ୍କ ନାଁରେ ଗୋଟିଏ ମାମଲା ରହିଥିବା ପୋଲିସ ସୂତ୍ରରୁ ପ୍ରକାଶ । ଏହି ଘଟଣାରେ ଅଭିଯୁକ୍ତ ସୁବଳଙ୍କ ଏକ ବାଇକକୁ ପୋଲିସ ଜବତ କରିଛି ।

# ବିବାହ ପାଇଁ ମନା କରିବାରୁ ପ୍ରେମିକଙ୍କ ଯୌନାଙ୍ଗ କାଟିଦେଲେ

ଲୋଇସିଂହା,୨୫।୯(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ କନ୍ଦାଜୁରୀ ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବତୀ ନିଜ ପ୍ରେମିକଙ୍କୁ ସାକ୍ଷାତ କରିବାକୁ ଡାକି ବ୍ଲେଡ୍‌ରେ ତାଙ୍କ ଯୌନାଙ୍ଗ କାଟିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଗୁରୁତର ଅବସ୍ଥାରେ ପ୍ରେମିକଙ୍କୁ ଲୋଇସିଂହା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କନ୍ଦାଜୁରୀ ଗ୍ରାମର ଜଣେ ଯୁବକ ଓ ବସ୍ତିର ଜଣେ ଯୁବତୀଙ୍କ ପ୍ରେମ ସମ୍ପର୍କ ଥିଲା। ଉଭୟଙ୍କ ପରିବାର ଏହା ଜାଣିଥିଲେ। ଇତିମଧ୍ୟରେ ଯୁବକ ଦାଦନ ଖଟିବାକୁ ତାମିଲନାଡୁ ଯାଇଥିଲେ। ନୂଆଁଖାଇ ଉତ୍ସବରେ ଯୋଗଦେବାକୁ ନିକଟରେ ସେ ଘରକୁ ଆସିଥିଲେ। ତେବେ ଯୁବକଙ୍କ ବିବାହ ଅନ୍ୟତ୍ର କରିବାକୁ ତାଙ୍କ ପରିବାର ଲୋକେ ଯୋଜନା କରିଥିଲେ। ଏହା ଜାଣି ଯୁବତୀ ସୋମବାର ରାତି ପ୍ରାୟ ୧୦ଟାରେ ମୋବାଇଲ ଫୋନ ଯୋଗେ ତାଙ୍କୁ ଡାକିଥିଲେ। ପ୍ରେମିକାଙ୍କ ଫୋନ୍ କଲ୍ ପାଇ ଯୁବକ ତାଙ୍କ ପାଖକୁ ଆସିଥିଲେ। ପରିବାର ଲୋକେ ଅନ୍ୟତ୍ର ତାଙ୍କର ବିବାହ ସ୍ଥିର କରିଛନ୍ତି। ତେଣୁ ତୁମେ ମଧ ଅନ୍ୟତ୍ର ବିବାହ କରିଦିଅ ବୋଲି ଯୁବକ ଯୁବତୀଙ୍କୁ କହିଥିଲେ। ମାତ୍ର ଯୁବତୀ ଏଥିରେ ରାଜି ହୋଇ ନ ଥିଲେ। ସେ ସମ୍ପୃକ୍ତ ଯୁବକଙ୍କୁ ବିବାହ କରିବାକୁ ଜିଦ୍ ଧରିଥିଲେ। ଯୁବକ ଜଣକ ତାଙ୍କୁ ଯେତେ ବୁଝାଇଥିଲେ ମଧ କିଛି ସୁଫଳ ମିଳି ନ ଥିଲା। ଅନ୍ୟପକ୍ଷେ ଯୁବତୀ ତାଙ୍କୁ ପାନେ ଦେବାକୁ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିଲେ। ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ବାହାନା କରି ଯୁବତୀ ପ୍ରେମିକଙ୍କ ଯୌନାଙ୍ଗ କାଟି ଦେଇଥିଲେ। ପ୍ରବଳ ରକ୍ତସ୍ରାବ ହେବାରୁ ଯୁବକ ରାତି ପ୍ରାୟ ୧୨ଟାରେ ଘରକୁ ଚାଲିଆସି ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ ଲୋଇସିଂହା ଡାକ୍ତରଖାନା ନେଇଥିଲେ। ଏବେ ସେଠାରେ ସେ ଚିକିତ୍ସାଧୀନ ଅଛନ୍ତି। ଏନେଇ ଯୁବକଙ୍କ ବାପା ଲୋଇସିଂହା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଯୁବତୀଙ୍କୁ ଥାନାରେ ଅଟକ ରଖି ଅଧିକ ପଚରାଉଚୁରା କରୁଛି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ବିଶ୍ରାମର ମାତ୍ରା ଯଦି ଅଧିକ ହୋଇଗଲା ତେବେ ସେହି ବିଶ୍ରାମ ହିଁ କଷ୍ଟଦାୟକ ହୋଇଉଠେ ।

- ହୋମର



## ସଂକ୍ଷେପରେ

### ଚୋରା ଚାଲାଣ, ୨ ଟ୍ରାକ୍ଟର ଅଟକ

ବିଜେପୁର, ୨୫।୯ (ଡି.ଏନ.ଏ): ବିଜେପୁର ଥାନା ଲାଉମୁଣ୍ଡାର ଉତ୍ତାଳୀ ନଦୀରୁ ବାଲି ଚୋରା ଚାଲାଣ ହେଉଥିବା ବେଳେ ମଙ୍ଗଳବାର ତହସିଲଦାର ପ୍ରକାଶ କୁମାର ଦାଶ ଚଢାଉ କରି ଦୁଇଟି ଟ୍ରାକ୍ଟରକୁ ଅଟକ ରଖିଛନ୍ତି । ଅଟକ ଟ୍ରାକ୍ଟର ଦ୍ୱୟର ନମ୍ବର ହେଲା ନଂ. ଓଡି୧୭ ଡି/୯୦୪୫ ଏବଂ ନଂ. ଓଆର୧୭କେ/୨୦୫୧) । ଅପରପକ୍ଷେ ବାଲି ବୋଝେଇ ପାଇଁ ଆସିଥିବା ଅନ୍ୟ ୫ଟି ଟ୍ରାକ୍ଟର ଫେରାର ହୋଇଯାଇଛନ୍ତି। ଖବର ଲେଖା ହେବା ସୁଦ୍ଧା (ସନ୍ଧ୍ୟା ୬ଟା) ବାଲି ବୋଝେଇ ଟ୍ରାକ୍ଟରରୁ ଜରିମାନା ଆଦାୟ ହୋଇନାହିଁ କି ଥାନାରେ ମାମଲା ମଧ ରୁଜୁ ହୋଇ ନ ଥିବା ଜଣାପଡିଛି ।

### ଅଗ୍ନିଶମ କର୍ମଚାରୀଙ୍କ ଆନ୍ଦୋଳନ

ଝାରବନ୍ଧ, ୨୫।୯ (ଡି.ଏନ.ଏ): ଝାରବନ୍ଧ ଅଗ୍ନିଶମ କର୍ମଚାରୀମାନଙ୍କ ବିଭିନ୍ନ ଦାବି ନେଇ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି । ଝାରବନ୍ଧ ଅଗ୍ନିଶମ ବିଭାଗର ସତ୍ୟ ଶିବାଜୀ ସାମଲ ଓ କାର୍ତ୍ତିକେଶ୍ୱର ନାଗଙ୍କ ନେତୃତ୍ୱରେ ବିଶ୍ୱମ୍ଭର ବିଶ୍ୱାଳ, ବିକାଶ ଟପ୍ପୋ, ମହତୋ ବାର୍‌ଲା, ପୁସ୍ତମ ପୂଝାରୀ, ଅଶୋକ ଖମାରୀ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଛନ୍ତି । ଏମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଥିବାରୁ ଝାରବନ୍ଧ ଥାନା ହୋମଗାର୍ଡମାନଙ୍କୁ ଦାୟିତ୍ୱ ଦିଆଯାଇଥିବା ଝାରବନ୍ଧ ଥାନା ଅଧିକାରୀ ତରୁଣ କୁମାର କେରକେଟା କହିଛନ୍ତି ।

### ଦିନଦ୍‌ୟାଲ ଜୟନ୍ତୀ ପାଳିତ

ପାଇକମାଳ, ୨୫।୯ (ଡି.ଏନ.ଏ): ନୃସିଂହନାଥ କଲ୍ୟାଣମଣ୍ଡପରେ ଦିନଦୟାଲ ଉପାଧ୍ୟୟଙ୍କ ୧୦୩ ତମ ଜୟନ୍ତୀ ବିଧାୟକ ପ୍ରଦୀପ ପୁରୋହିତଙ୍କ ଅଧକ୍ଷତାରେ ମଙ୍ଗଳବାର ପାଳିତ ହୋଇଯାଇଛି। ବରଗଡ ଜିଲା ଭାଜପା ସାଧାରଣ ସମ୍ପାଦକ ଗୋବର୍ଦ୍ଧନ ଅଗ୍ରୱାଲ, ଶ୍ରୀକାନ୍ତ ପାଣିଗ୍ରାହୀ, ହରିହର ସାହୁ, ଲିଙ୍ଗରାଜ ପ୍ରଧାନ, ବୋଡାସମ୍ବର ବ୍ଲକ ଅଧକ୍ଷ କୁମରମଣି ନାୟକ, ପ୍ରମୁଖ ଯୋଗ ଦେଇଥିଲେ । ବୈଠକରେ ସମସ୍ତ ମଣ୍ଡଳ ସଭାପତି ଓ ବିଧାୟକଙ୍କ ବ୍ଲକ ପ୍ରତିନିଧି ଯୋଗଦାନ କରିଥିଲେ ।

### ଅଏଁଲାପାଲିରେ ଅନନ୍ତ ପୂଜା

ଭେଡ଼େନ,୨୫।୯(ଡ଼ି.ଏନ.ଏ): ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଅଏଁଲାପାଲି ତଳିପଡ଼ା ଆଜାଦ ହିନ୍ଦ କ୍ଲବ ନିକଟରେ ଅନନ୍ତ ପୂଜା ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବାବୁଲାଲ ବିଶ୍ୱାଳ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ଧନେଶ୍ୱର ପୂଜାରୀ ପୂଜାର୍ଚ୍ଚନା କରୁଛନ୍ତି। ସୋମବାର ବାଦପାଲି ଓ ତୁଲଣ୍ଡିର ସଂକୀର୍ତ୍ତନ ହୋଇଥିବା ବେଳେ ମଙ୍ଗଳବାର ରେମଣ୍ଡାର କୃଷ୍ଣଗୁରୁ ପରିବେଷିତ ହୋଇଥିଲା। ମଙ୍ଗଳବାର ହସ୍ତତନ୍ତ ଓ ବୟନଶକ୍ତ ମନ୍ତ୍ରୀ ସ୍ନେହାଙ୍ଗୀନି ଛୁରିଆ ମୁଖ୍ୟଅତିଥି, ହରିଶଙ୍କର ବେହେରା, ଭୂଷବନ୍ତ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

### ଜାତୀୟ କୃମିନାଶକ ତାଲିମ ଶିବିର

ପାଇକମାଳ, ୨୫।୯ (ଡି.ଏନ.ଏ): ଜାତୀୟ କୃମିନାଶ ଦିବସ ଉପଲକ୍ଷେ ପାଇକମାଳ ବ୍ଲକ ସଭାଗୃହଠାରେ ଏକ ତାଲିମ ଶିବିର ଏବିଇଓ ଜନକଲାଲ ମେହେରଙ୍କ ଅଧକ୍ଷତାରେ ମଙ୍ଗଳବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ଅଧୀନ ୯ଟି କ୍ଲଷ୍ଟରର ୧୨୨ଜଣ ପ୍ରଧାନ ଶିକ୍ଷକ ଯୋଗଦାନ କରି ତାଲିମ ନେଇଥିଲେ । ଡ. ବିଭୂତି ଭୂଷଣ ମହନ୍ତ ଓ ଜିଲାସ୍ତରୀୟ ଅଧିକାରୀ ଅଶୋକ କୁମାର ସାହୁ ତାଲିମ ପ୍ରଦାନ କରିଥିଲେ । ମହାଦେବ ବେହେରା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ବୁଧବାର ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରମାନଙ୍କୁ କୃମି ନାଶକ ବଟିକା ବିତରଣ ପାଇଁ ତାମିଲ ପ୍ରଦାନ କରାଯାଇଥିଲା । ଭରତ ଭୂଷଣ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅପରାହ୍ନରେ ବୁକୁରାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହଠାରେ ଅନ୍ୟ ୬ କ୍ଲଷ୍ଟରର ସମସ୍ତ ପ୍ରଧାନ ଶିକ୍ଷକମାନଙ୍କୁ କୃମିନାଶକ ଔଷଧ ସେବନ ବିଧି ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା ।

# ଚାଷୀଙ୍କୁ ଘାରିଲା ଚକଡ଼ା ଭୟ

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ୍,୨୫।୯

ଖରିଫ ଧାନ ବର୍ତ୍ତମାନ ଗର୍ଭଣୀ ଅବସ୍ଥାରେ ରହିଛି । ଆଉ କିଛିଦିନ ପରେ ତାହା ଅମଳକ୍ଷମ ହେବ । ଚାଷୀ ଧାନ ଅମଳ କରି କିଛି ରୋଜଗାର କରିବ ବୋଲି ଆଶା ରଖିଛି । ମାତ୍ର ଗତ କିଛିଦିନ ହେଲା ପାଗ ପରିବର୍ତ୍ତନ ଚାଷୀଙ୍କୁ ଚିନ୍ତାରେ ପକାଇ ଦେଇଛି । ବିଗତବର୍ଷର ଖରିଫ ଫସଲର ଠିକ୍ ଏହି ସମୟରେ ପାଗ ପରିବର୍ତ୍ତନ ହୋଇଥିଲା ଏବଂ ଚକଡ଼ା ରୋଗପୋକ ପ୍ରାଦୁର୍ଭାବରେ ଧାନ ଫସଲ ଉଜୁଡ଼ି ଯାଇଥିଲା । ସେତେବେଳେ ଭାଙ୍ଗି ପଡ଼ି ଚାଷୀ ଫସଲରେ ନିଆଁ ଲଗାଇ ଆତ୍ମହତ୍ୟା କରିବା ଭଳି ଅଭାବନୀୟ ଘଟଣା ଘଟିଥିଲା । ଏଥର ମଧ୍ୟ ସେଭଳି ପାଗ ପରିବର୍ତ୍ତନ ହୋଇଛି ଏବଂ କାଁ ଭାଁ କିଛି ସ୍ଥାନରେ ରୋଗପୋକ ପ୍ରାଦୁର୍ଭାବ ଦେଖାଦେଇଥିବାରୁ ଚାଷୀଙ୍କୁ ପୁଣି ଚକଡ଼ା ଭୟ ଘାରିଛି ।

ଚଳିତ ଖରିଫ ଫସଲ ଆରମ୍ଭରୁ ଆଶାନୁରୂପ ବର୍ଷା ହୋଇ ନ ଥିଲା । ସାଧାରଣତଃ ଜୁନ ମାସରେ ଖରିଫ ଋତୁ ଆରମ୍ଭ ହେଉଛି । ଏହି ମାସରେ ଜିଲାର ସ୍ୱାଭାବିକ ବୃଷ୍ଟିପାତ ୨୦୫.୬ ମିମି ରହିଥିବାବେଳେ ୧୪୫.୫୩ ମିମି ବୃଷ୍ଟିପାତ ହୋଇଥିଲା । ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଖରିଫ ଚାଷ ବିଳମ୍ବିତ ହୋଇଥିଲା। ଜୁଲାଇ ମାସରେ ଅଧିକ ବର୍ଷା ହେବା ପରେ ଚାଷକାମ ସ୍ୱାଭାବିକ ହୋଇଥିଲା। ବର୍ଷା ଛାଡ଼ିଯିବା ପରେ ଗରମ ଅନୁଭୂତ ହୋଇଛି। ଏପରିକି ବେଳେବେଳେ ମେଘୁଆ ପାଗ ସାଙ୍ଗକୁ କାଁ ଭାଁ ବର୍ଷା ଲାଗି ରହିଛି । ଚକଡ଼ା ରୋଗପୋକ ପାଇଁ ଏଭଳି ପାଗ ଅନୁକୂଳ ବୋଲି କୁହାଯାଉଛି । ଅପରପକ୍ଷେ ବର୍ଷା ପରିମାଣ ସେତେ କମ୍ ନ ଥିବା ଯୋଗୁ ଚାଷୀଙ୍କ ଫସଲ ଭଲ ହୋଇଛି । ଅମଳ ପର୍ଯ୍ୟନ୍ତ ଫସଲ ବଞ୍ଚାଇ ରଖିବା ପାଇଁ ଚାଷୀ ତୁହାକୁ ତୁହା କୀଟନାଶକ ସିଞ୍ଚନ କରୁଛି । କିନ୍ତୁ ବିଗତ ବର୍ଷରେ ଖରିଫ ଚାଷବେଳେ ସେଭଳି କୀଟନାଶକ ସିଞ୍ଚନ କରିଥିଲେ ମଧ ଠିକ୍ ଅମଳ ବେଳକୁ ଚକଡ଼ା ରୋଗପୋକରେ ଫସଲ ନଷ୍ଟ ହୋଇ ଯାଇଥିଲା ଏବଂ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିଲା। ରୋଗପୋକ ଦାଉରୁ ଏତେଦିନ ଧରି ଫସଲକୁ ରକ୍ଷା କରିଥିବା ଚାଷୀ ଏଥର ବିଗତବର୍ଷର କିଛି କ୍ଷତିଭରଣା କରିବ ବୋଲି ଆଶା ରଖିଛି। କିନ୍ତୁ ଚକଡ଼ା ରୋଗପୋକ ପ୍ରାଦୁର୍ଭାବ ଆରମ୍ଭ ହୋଇଥିବାରୁ ଚାଷୀମାନେ ଚିନ୍ତିତ ହୋଇପଡିଛନ୍ତି ।

**ଏମାନେ କୁହନ୍ତି..**



"ପ୍ରାକୃତିକ ବିପର୍ଯ୍ୟୟ କଥା କହି ହେବ ନାହିଁ । କିନ୍ତୁ ଗତ ଖରିଫରେ ଠିକ୍ ଧାନ ଅମଳ ସମୟରେ ଜିଲାର ସବୁଆଡ଼େ ଚକଡ଼ା ରୋଗପୋକ ଦେଖାଯାଇଥିଲା । ସେଥିପାଇଁ ଧାନ ଫସଲ ସବୁ ନଷ୍ଟ ହୋଇଥିଲା । ଏପର୍ଯ୍ୟନ୍ତ ଅନେକ ଚାଷୀ ତାର କ୍ଷତିପୂରଣ ମଧ୍ୟ ପାଇ ପାରି ନାହାନ୍ତି । ଆଉ ଯେଭଳି ପାଗ ଦେଖାଯାଉଛି, ଏଥର ମଧ୍ୟ ଫସଲରେ ଚକଡ଼ା ରୋଗପୋକ ପ୍ରାଦୁର୍ଭାବ ଯେ ନ ହେବ, ତାହା କିଏ କହି ପାରିବ ।

-ଲକ୍ଷ୍ମଣ ପ୍ରଧାନ, ଚାଷୀନେତା



"ଜିଲାର ଅଳ୍ପ କିଛି ଫସଲରେ ସାମାନ୍ୟ ପରିମାଣରେ ଚକଡ଼ା ରୋଗପୋକ ଦେଖାଯାଇଛି । କିନ୍ତୁ ବ୍ୟାପକ ହୋଇନାହିଁ । ବର୍ତ୍ତମାନ ସୁଦ୍ଧା ଫସଲ ଭଲ ରହିଛି । ତଥାପି ଚକଡ଼ା ରୋଗପୋକ ଦମନ ପାଇଁ ପ୍ରତି ପଞ୍ଚାୟତରେ ବ୍ୟାନର, ଲିଫଲେଟ ମାଧ୍ୟମରେ ସଚେତନା ସୃଷ୍ଟି କରାଯାଉଛି । ଅଧାଦାମରେ କୀଟନାଶକ ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ବୁଧବାର ସୁଦ୍ଧା ପ୍ରତି ବ୍ଲକକୁ ସେହି କୀଟନାଶକ ପହଞ୍ଚିଯିବ ।

-ଦିନବନ୍ଧୁ ଗାନ୍ଧୀ, ଜିଲା କୃଷି ଉପନିର୍ଦ୍ଦେଶକ

# ପ୍ରଧାନମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ




ବରପାଲି ଗାନ୍ଧୀଛକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶ ପୁତ୍ତଳିକା ଦାହ କରାଯାଉଛି ।

ବରପାଲି, ୨୫।୯ (ଡି.ଏନ.ଏ)

ରାଫେଲ ଯୁଦ୍ଧ ବିମାନ କ୍ରୟ ପ୍ରସଙ୍ଗରେ ଦୁର୍ନୀତି ହୋଇଥିବା ଅଭିଯୋଗ କରି ମୋଦି ସରକାର ଏବଂ କଂଗ୍ରେସ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ହୋଇଛି । ଏହାକୁ ନେଇ କଂଗ୍ରେସର ଆହ୍ୱାନ କ୍ରମେ ମଙ୍ଗଳବାର ବରପାଲି ଯୁବ କଂଗ୍ରେସ ପକ୍ଷରୁ ଏକ ପ୍ରତିବାଦ ଶୋଭାଯାତ୍ରା ବାହାରିଥିଲା ଏବଂ ସ୍ଥାନୀୟ ଗାନ୍ଧୀ ଛକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପତ୍ତଳିକା ଦାହ କରାଯାଇଥିଲା । ଏହି ଅବସରରେ ପୂର୍ବତନ ମନ୍ତ୍ରୀ ରିପୁନାଥ ସେଠଙ୍କ ନେତୃତ୍ୱରେ ଯୁବ କଂଗ୍ରେସ ସଭାପତି ମିନକେତନ ମେହେର, ପୂର୍ବତନ ଏନଏସି ଅଧକ୍ଷ ଗଜରାଜ ଗହୀର, ସରୋଜ ଭୋଇ ପ୍ରମୁଖ କଂଗ୍ରେସ କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

# ଦିବ୍ୟାଙ୍ଗ ଶିକ୍ଷୟିତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

ବରଗଡ଼ ଅଫିସ୍,୨୫।୯

ବରଗଡ଼ ବ୍ଲକ କଲୋନୀ ପ୍ରାଥମିକ ସ୍କୁଲରେ କାର୍ଯ୍ୟରତ ଜଣେ ଶିକ୍ଷୟିତ୍ରୀ କେ. ଶାରଦା ପାତ୍ର(୪୮)ଙ୍କ ମଙ୍ଗଳବାର ସନ୍ଦେହଜନକ ମୃତ୍ୟୁ ହୋଇଛି । ସେ ଆତ୍ମହତ୍ୟା କରିଛନ୍ତି ନା ଏହା ପଛରେ ଅନ୍ୟ କୌଣସି କାରଣ ରହିଛି, ତାହା ସ୍ପଷ୍ଟ ହୋଇ ନାହିଁ । ସ୍ୱର୍ଗତା ପାତ୍ରଙ୍କ ସ୍ୱାମୀ ଲଡ୍ଡୁ କିଶୋର ବେହେରା ସ୍ଥାନୀୟ ଭିନ୍ନକ୍ଷମ ସ୍କୁଲରେ ଶିକ୍ଷକତା କରୁଛନ୍ତି । ଉଭୟେ ଦୃଷ୍ଟିହୀନ । ଏହି ଦିବ୍ୟାଙ୍ଗ ଦମ୍ପତି ଦୀର୍ଘବର୍ଷ ହେଲା ଏଠାରେ ରହି ଶିକ୍ଷକତା କରୁଥିଲେ । ଗତ ୨୦୧୩ ଜାନୁୟାରୀ ୨୪ତାରିଖରେ ତାଙ୍କ ଝିଅ ଆତ୍ମହତ୍ୟା କରିଥିଲେ । ସେହିଦିନଠାରୁ ଉଭୟେ ପ୍ରାୟତଃ ଚିନ୍ତିତ ରହୁଥିଲେ। ତେବେ ମଙ୍ଗଳବାର ସ୍ୱାମୀଙ୍କୁ ଏକ ଅଟୋରେ ସ୍କୁଲକୁ ପଠାଇ ଦେଇ ଶାରଦା ଘରେ ଥିଲେ । ସ୍କୁଲକୁ ଟିକିଏ ବିଳମ୍ବରେ ଯିବି ବୋଲି ସେ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଫୋନରେ ମଧ୍ୟ ଜଣାଇଥିଲେ । ମାତ୍ର ଦୀର୍ଘ ସମୟ ଧରି ସ୍କୁଲକୁ ନ ଆସିବାରୁ ସ୍କୁଲର ରାନ୍ଧୁଣିଆ ତାଙ୍କ କ୍ୱାର୍ଟରକୁ ଆସିଥିଲେ । ତାଙ୍କୁ ଡାକିବା ସତ୍ତ୍ୱେ ଘର ନ ଖୋଲିବାରୁ ସେ ଲଡ୍ଡୁ କିଶୋରଙ୍କୁ ଫୋନ କରିଥିଲେ । ଲଡ୍ଡୁକିଶୋର ଘରକୁ ପହଞ୍ଚି ତାଲା ଖୋଲିବା ପରେ ଶାରଦାଙ୍କ ମୃତଦେହ ଝୁଲୁଥିବା ଏବଂ ତାଙ୍କ ଭୋଜନ ଏକ ଟେବୁଲରେ ରହିଥିବା ଦେଖିବାକୁ ମିଳିଥିଲା । ସ୍ଥାନୀୟ ଟାଉନ ଥାନା ପୋଲିସ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ପ୍ରକାଶଥାଉକି, ଏହି ଦମ୍ପତି ଗଞ୍ଜାମ ଜିଲା ଛତ୍ରପୁରର ମୂଳ ବାସିନ୍ଦା ଅଟନ୍ତି ।

■ ବ୍ଲକସ୍ତରୀୟ ଏମ୍‌ଜିଏନଆର୍‌ଇଜିଏସ୍ ଜନଶୁଣାଣି

# ୪୦ ପରିବାରକୁ ମିଳିଛି ଶହେ ଦିନର କାମ

ଝାରବନ୍ଧ, ୨୫।୯ (ଡି.ଏନ.ଏ)

ଝାରବନ୍ଧ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ବ୍ଲକ ଶିକ୍ଷାଧିକାରୀଙ୍କ ସଭାଗୃହଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି । ଏଥିରେ ପଦ୍ମପୁର ଉପଜିଲାପାଳ ଦୌଲତ ଚନ୍ଦ୍ରକାର ସଭାପତିତ୍ୱ କରିଥିଲେ । ବ୍ଲକରେ କରାଯାଇଥିବା ଏମ୍‌ଜିଏନଆର୍‌ଇଜିଏସ୍ କାର୍ଯ୍ୟର ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ କେତନ ପ୍ରଧାନ ପଞ୍ଚାୟତ ୱାରି ତଥ୍ୟ ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୮୫୪ଟି ପ୍ରକଳ୍ପ ହାତକୁ ନିଆଯାଇଥିବା ବେଳେ ୧୫୫ଟି ସମ୍ପୂର୍ଣ୍ଣ ହୋଇଛି । ୧୫୪୪୬ଟି ପରିବାର ଏଥିରେ ପଞ୍ଜୀକୃତ ହୋଇଥିବା ବେଳେ ସମସ୍ତଙ୍କୁ ଜବକାର୍ଡ ପ୍ରଦାନ କରାଯାଇଥିଲା । ସେଥିମଧ୍ୟରୁ ୪୦୯୦ ପରିବାର କାମ ପାଇଁ ଆବେଦନ କରିଥିଲେ । ଏଥିରେ ୪୦ଟି ପରିବାର ୧୦୦ ଦିନର କାମ ସମ୍ପୂର୍ଣ୍ଣ କରିଥିଲେ । ମୋଟ ୮୮୦୫୩ କାର୍ଯ୍ୟଦିବସ ସୃଷ୍ଟି ହୋଇଥିଲା । ସାମାଜିକ ସମୀକ୍ଷାରେ ୩୪ଟି ଅଭିଯୋଗ ହୋଇଥିବା ବେଳେ ସମସ୍ତ ଅଭିଯୋଗର ସମାଧାନ କରାଯାଇଥିଲା । ଲଉଡିହିର୍ହା ଗ୍ରାମପଞ୍ଚାୟତର ଜିଆର୍‌ଏସ୍ ସୁରେନ୍ଦ୍ର ପ୍ରଧାନଙ୍କ କାର୍ଯ୍ୟକଳାପ ଠିକ୍ ନ ଥିବାରୁ ଉପଜିଲାପାଳ ତାଙ୍କୁ ତାଗିଦ କରିଥିଲେ । ଉଲ୍ଲେଖନୀୟ କାର୍ଯ୍ୟ ଚଣ୍ଡିଭଟା ସରପଞ୍ଚ ଜବାହାରଲାଲ ସିଂ ବରିହାଙ୍କୁ ସମ୍ମାନୀତ କରାଯାଇଥିଲା । ବିଡିଓ ସନ୍ତୋଷ କାଲେତ ମଞ୍ଚାସୀନ ଥିଲେ । ଆକାଉଣ୍ଟ ଅଫିସର ନିଲମ କୁମାର ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ସମସ୍ତ ସରପଞ୍ଚଙ୍କ ସମେତ କନିଷ୍ଠ ଯନ୍ତ୍ରୀ ପ୍ରଦୀପ ପ୍ରଧାନ, କରମ ଚାନ୍ଦ ସିଂ, ସନ୍ତୋଷ ଭୋଇ ପ୍ରମୁଖ ଯୋଗଦାନ କରିଥିଲେ ।

■ ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବି ପ୍ରସଙ୍ଗ

# କୋର୍ଟ ସମ୍ମୁଖରେ ଧାରଣା ଦେଲେ ଓକିଲ

ବରଗଡ଼ ଅଫିସ୍,୨୫।୯

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ଦାବି ଜୋର ଧରିଛି। ଏହି କ୍ରମରେ ଗତ ୧୮ତାରିଖରୁ ବରଗଡ଼ ଜିଲା ଓକିଲ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଥିବା ବେଳେ ମଙ୍ଗଳବାରଠାରୁ ସଂଘ ପକ୍ଷରୁ ସ୍ଥାନୀୟ କୋର୍ଟ ସମ୍ମୁଖରେ ଧାରଣା ଦିଆଯାଇଛି। ଆସନ୍ତା ଅକ୍ଟୋବର ୨ତାରିଖ ପର୍ଯ୍ୟନ୍ତ ଓକିଲଙ୍କ କାର୍ଯ୍ୟବନ୍ଦ ଏବଂ ଏହି ଧାରଣା ଜାରି ରହିବ । ସେହିପରି ଗତ ୨୦ତାରିଖରେ ସଂଘ କର୍ମକର୍ତ୍ତା, ସଭ୍ୟମାନେ ନୀରବ ଶୋଭାଯାତ୍ରାରେ ଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଜିଲା ଓକିଲ ସଂଘ ସଭାପତି ଅଶୋକ କୁମାର ଯୋଶୀ, ସମ୍ପାଦକ ଲିପ୍‌ସିତ ମିଶ୍ର, ଉପ ସଭାପତି କିରଣ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ ଆଦିତ୍ୟ ପାଢ଼ୀ, କାର୍ଯ୍ୟକାରୀ କମିଟି ସଭ୍ୟ ଅନନ୍ତ ମଜୁମଦାର ପ୍ରମୁଖଙ୍କ ସମେତ ସମସ୍ତ ସଭ୍ୟାସଭ୍ୟ ଧାରଣାରେ ସାମିଲ ହୋଇଛନ୍ତି । ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ଫୌଜଦାରୀ, ଦେୱାନୀ, ଖାଉଟି, ରାଜସ୍ୱ ସମସ୍ତ ପ୍ରକାର କୋର୍ଟକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଆସନ୍ତା ୨ତାରିଖରେ ଜିଲା ଓକିଲ ସଂଘ ପକ୍ଷରୁ ସ୍ଥାନୀୟ ଗାନ୍ଧୀଛକର ଗାନ୍ଧୀମୂର୍ତ୍ତି ତଳେ ଧାରଣା ଦେବା କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି ।




କୋର୍ଟ ସମ୍ମୁଖରେ ଓକିଲମାନେ ଧାରଣା ଦେଇଛନ୍ତି ।

■ ସୁପ୍ରିୟା ସ୍ମାରକୀ ଫୁଟବଲ

# ଅଇଁଠାପାଲି, ବରପାଲି ବିଜୟୀ

ବରଗଡ଼ ଅଫିସ୍,୨୫।୯

ବରଗଡ଼ ଲେଙ୍ଗୁ ମିଶ୍ର ମିନି ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ନକ୍ ଆଉଟ୍ ଫୁଟବଲ ପ୍ରତିଯୋଗିତାର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଅଇଁଠାପାଲି ଏବଂ ବରପାଲି ଆଥଲେଟିକ ଆସୋସିଏଶନ ପ୍ରତିପକ୍ଷ ଦଳକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଅଇଁଠାପାଲି ଓ ନିଲେଇପାଲି ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା । ଏଥିରେ ଅଇଁଠାପାଲି ପ୍ରତିପକ୍ଷ ନିଲେଇପାଲିକୁ କ୍ରମାଗତ ଭାବେ ୬ଟି ଗୋଲ ସ୍କୋର କରିଥିଲା । ଅନ୍ୟପଟେ ବାରମ୍ବାର ସୁଯୋଗ ସତ୍ତ୍ୱେ ନିଲେଇପାଲି ମ୍ୟାଚର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଗୋଲ ସ୍କୋର କରି ପାରି ନ ଥିଲା। ଅଇଁଠାପାଲିର ବୁଲୁ ଭୋଇ, ଶଙ୍କର ଭୋଇ, ହେମନ୍ତ ଭୋଇ, ସୁରେନ୍ଦ୍ର ଭୋଇ, ଜୀବର୍ଦ୍ଧନ ଭୋଇ ଏବଂ କୈଳାଶ ଖମାରୀ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ । ସେହିପରି ବରପାଲି ଆଥଲେଟିକ ଆସୋସିଏଶନ ଏବଂ ହାଟପଦା କଳିଙ୍ଗ କ୍ଲବ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ହୋଇଥିଲା । ମ୍ୟାଚ୍ ଶେଷ ସୁଦ୍ଧା ଉଭୟ ଦଳ ପରସ୍ପରକୁ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ମ୍ୟାଚ୍ ବରାବର ସ୍ଥିତିରେ ରହିବରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା ଏବଂ ଏଥିରେ ବରପାଲି ୫-୩ ଗୋଲରେ ବିଜୟୀ ହୋଇଥିଲା । ଜିଲା କ୍ରୀଡ଼ା ସଂସଦର ସମ୍ପାଦକ ଯୁଗଳ ପ୍ରସାଦ ସିଂ, ହରଦୀପ ସିଂ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ମନୋଜ ଭୂୟାଁ, ଉମେଶ ଭୋଇ, ନିରଞ୍ଜନ ମହାକୁର, ରଞ୍ଜୁ ଛତ୍ରିଆ, ସନ୍ତୋଷ ପ୍ରଧାନ, ପଞ୍ଚାନନ ପାତ୍ର, ଶ୍ରୀନିବାସ ରାଓ ମ୍ୟାଚ୍ ପରିଚାଳନା କରିଥିଲେ ।

## ଭାଗବତ ଜନ୍ମ ପାଳିତ

ବରଗଡ଼ ଅଫିସ୍,୨୫।୯

ବରଗଡ଼ ଜିଲା ବୁଦେଲପାଲି ନିକଟସ୍ଥ ବିଶାଳଟିକ୍ରାର ଗୀତ୍‌ଘରେ ଭାଦ୍ରବ ପୂର୍ଣ୍ଣମା ଅବସରରେ ମଙ୍ଗଳବାର ଭାଗବତ ଜନ୍ମ ପାଳିତ ହୋଇଯାଇଛି । ସକାଳୁ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଗୀତ୍‌ଘରକୁ ଆସି ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ପୁରାଣ ପାଠ ଏବଂ ହୋମ ଆଦି ହୋଇଥିଲା । ବିଶାଳ ବଖରି ପକ୍ଷରୁ ମିତ୍ରଭାନୁ ବିଶ୍ୱାଳ, ଆର୍ତ୍ତ ବିଶ୍ୱାଳ, ମଧୁ ବିଶ୍ୱାଳ, ରମେଶ ସାହୁ, ରାଜେଶ ସାହୁ ପ୍ରମୁଖ ସହଯୋଗ କରିଥିଲେ । ସେହିପରି ଗାଇସିଲେଟ ଜଗନ୍ନାଥ ମନ୍ଦିରରେ ଭାଗବତ ଜନ୍ମ ଅବସରରେ ଅନନ୍ତମୁଖୀ କାର୍ଯ୍ୟକ୍ରମ ହୋଇଥିଲା । ଗାଇସିଲେଟ ସମେତ ବୁରୋମୁଣ୍ଡା, କନ୍ଦୁମୁଣ୍ଡା, ତୁର୍ଲା ଆଦି ଗ୍ରାମର ବ୍ରାହ୍ମଣମାନେ ସାମିଲ ହୋଇ ଭାଗବତ ପାଠ କରିଥିଲେ । ଡଃ ସାଧୁଚରଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂଜକ ଲଳିତ କୁମାର ପଣ୍ଡା, ନବିନ ଚନ୍ଦ୍ର ତ୍ରିପାଠୀ ସସ୍ତ୍ରୀକ କର୍ତ୍ତାକାର୍ଯ୍ୟ ନିର୍ବାହ କରିଥିଲେ । ସନ୍ଧ୍ୟାରେ ପଣ୍ଡିତ ଦଧିବାମନ ତ୍ରିପାଠୀ ଭାଗବତ ଜନ୍ମ ଉପରେ ପ୍ରବଚନ ଦେଇଥିଲେ ।

# ମୋ ବୁଥ୍ ମୋ ଗୌରବ ପ୍ରଶିକ୍ଷଣ ଶିବିର




ମୋ ବୁଥ୍ ମୋ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥବୃନ୍ଦ ।

ପଦ୍ମପୁର, ୨୫।୯ (ଡି.ଏନ.ଏ)

କଂଗ୍ରେସ ପକ୍ଷରୁ ମଙ୍ଗଳବାର ପଦ୍ମପୁର ନିର୍ବାଚନ ମଣ୍ଡଳୀର ମୋ ବୁଥ୍ ମୋ ଗୌରବ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି । ପଦ୍ମପୁର ଟାଉନ କଂଗ୍ରେସ ସଭାପତି ସନ୍ତୋଷ କୁମାର ଶତପଥିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ ଜିଲା କଂଗ୍ରେସ ସଭାପତି ସତ୍ୟଭୂଷଣ ସାହୁ, ଉପସଭାପତି ବିଜୟ କୁମାର ସ୍ୱାଇଁ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଉକ୍ତ ଶିବିରରେ ବରିଷ୍ଠ କଂଗ୍ରେସ ନେତା ଗୌନ୍ତିଆ ସାହୁ, ଜିତେଶ୍ୱରୀ ଦାଶ, ଯୁବ କଂଗ୍ରେସ ସଭାପତି ଅଭିଷେକ ରଥ, ନରେନ୍ଦ୍ର ପ୍ରଧାନ, ପ୍ରବୀଣ ଦାଶ, ପ୍ରଦୀପ ବେହେରା, ରାଧାରମଣ ପାଣିଗ୍ରାହୀ, କୁହୁରୁ ସାହୁ, ଚମ୍ପକେଶ୍ୱର ପୁରୋହିତ, ସୁନୀଲ ଅଗ୍ରୱାଲ, ବିନୋଦ କାଳିଆଙ୍କ ସମେତ ପଦ୍ମପୁର ପାଇକମାଳ ଓ ଝାରବନ୍ଧ ବ୍ଲକର ଅନେକ କର୍ମୀ ଓ ନେତା ଯୋଗଦାନ କରିଥିଲେ ।

■ ବୀମା ବିଭ୍ରାଟ ସମାଧାନ ନୋହିଲା

# ଆଜିଠୁ ତାଲାବନ୍ଦ ଆନ୍ଦୋଳନ

ଭେଡ଼େନ,୨୫।୯(ଡ଼ି.ଏନ.ଏ)

ବରଗଡ଼ ଜିଲା ଭେଡ଼େନ ବ୍ଲକର ଚାଷୀମାନଙ୍କୁ ସଂଶୋଧିତ ଫସଲବୀମା ରାଶି ମିଳିନାହିଁ । ଏ ନେଇ ଗତ ମାସରେ ଚାଷୀମାନଙ୍କ ଦ୍ୱାରା ହୋଇଥିବା ୧୩ ଦିନିଆ ତାଲାବନ୍ଦ ଆନ୍ଦୋଳନ ସତ୍ତ୍ୱେ କୌଣସି ସୁଫଳ ମିଳିପାରିନାହିଁ। ଭେଡ଼େନ ବ୍ଲକ ଅନ୍ତର୍ଗତ ୮ଟିଇ ଗ୍ରାମପଞ୍ଚାୟତର ଚାଷୀମାନଙ୍କୁ ନିର୍ଦ୍ଧାରିତ ଫସଲବୀମା ରାଶିଠାରୁ କମ୍ ପରିମାଣର ଅର୍ଥ ମଞ୍ଜୁର ହୋଇଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି। ଏ ନେଇ ମଙ୍ଗଳବାର ଭେଡ଼େନ ସ୍ଥିତ ବାବା ସିଦ୍ଧେଶ୍ୱର ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ବୀମା ସମସ୍ୟା ନେଇ ଆଲୋଚନା ହୋଇଥିଲା । ଭେଡ଼େନ ବ୍ୟାଙ୍କ ଅଧୀନ ଭେଡ଼େନ, ରେଶମ, ଅଏଁଲାପାଲି, ଅରେଇଗୁଡ଼ି, ଲୁହାଖଣ୍ଡି, ତାଲମେଣ୍ଡା, ଅର୍ଜୁଣ୍ଡା ଓ ସଂକ୍ରୀଡ଼ା ଆଦି ଗ୍ରାମପଞ୍ଚାୟତର ଚାଷୀମାନଙ୍କ ପାଇଁ ନିର୍ଦ୍ଧାରିତ ବୀମା ରାଶିଠାରୁ କମ୍ ପରିମାଣର ଅର୍ଥ ଆସିଥିବା ଜଣାପଡ଼ିଥିଲା । ଏହାର ପ୍ରତିବାଦରେ ଆଗାମୀ ୧ ତାରିଖରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ସ୍ଥିର କରାଯାଇଥିଲା । ଏ ନେଇ ଚାଷୀମାନେ ଭେଡ଼େନ ସ୍ଥିତ ସମ୍ବଲପୁର କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକଙ୍କ ସହ ଆଲୋଚନା କରିଥିଲେ । ଏହି ସମୟରେ ବ୍ୟାଙ୍କ ମ୍ୟାନେଜର ଜଣାଇଥିଲେ ଯେ ତାଙ୍କ ପାଖକୁ ଗତ ୧୯ ତାରିଖରେ ଏକ ପତ୍ର ଆସିଛି । ଯେଉଁଥିରେ ଏକ ସପ୍ତାହ ଭିତରେ ଅର୍ଥାତ ୨୬ ତାରିଖ ସୁଦ୍ଧା ସମସ୍ତ ଚାଷୀମାନଙ୍କ ଆକାଉଣ୍ଟରେ ଏହି ବୀମା ରାଶି ପୁରୁଣା ହାରରେ ଜମା କରିବାକୁ ନିର୍ଦ୍ଦେଶ ରହିଛି । ତେବେ ସଂଶୋଧିତ ହାରରେ ବୀମା ରାଶି ଜମା ନ ହେଲେ ଚାଷୀମାନେ ତାହା ଗ୍ରହଣ କରିବାକୁ ମନା କରିବା ସହ ୧ ତାରିଖ ପରିବର୍ତ୍ତେ ୨୬ ତାରିଖ ଅର୍ଥାତ ବୁଧବାରଠାରୁ ପୁଣି ବ୍ୟାଙ୍କରେ ତାଲାବନ୍ଦ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରି ବ୍ୟାଙ୍କ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏହି ଆଲୋଚନା ସମୟରେ ଚାଷୀ ଉତ୍ପନ୍ନ ଭୋଇ, ନରେନ୍ଦ୍ର ଭୋଇ, ରାଜ ବେହେରା, ରାମାରାଓଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ ।



ଭେଡ଼େନ ସମବାୟ ବ୍ୟାଙ୍କ ପରିଚାଳକଙ୍କ ସହ ଆଲୋଚନା ସାରି ଚାଷୀମାନେ ଫେରୁଛନ୍ତି ।



କ୍ଷମତାର ମୁକୁଟ ଭିତରେ କଣ୍ଟା ମଧ ଥାଏ, ଠିକ୍ ଭାବରେ ତାକୁ ପିନ୍ଧି ନ ଜାଣିଲେ ମୁଣ୍ଡ ଖଣ୍ଡିଆ ହୋଇଯାଏ।
- ଜେମ୍ସ କୁକ୍



## ସଂକ୍ଷେପରେ

### ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ

**ବୌଦ୍ଧ,୨୫।୯ (ସ୍ୱ.ପ୍ର):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଛତରଙ୍ଗଠାରେ ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ ମଙ୍ଗଳବାର ମଧ୍ୟଇଂରାଜୀ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଛି । ଏହି ସମ୍ମିଳନୀରେ ଛତରଙ୍ଗ ସରପଞ୍ଚ ସୁଶୀଲ କୁମାର ପ୍ରଧାନ ମୁଖ୍ୟଅତିଥି, ଏବିଇଓ ବିକାଶ କାନୁନଗୋ, ଏଡିଇଓ ବିରଞ୍ଚି ନାରାୟଣ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବୈଠକରେ ବିଦ୍ୟାଳୟର ପରିଚାଳନା, ନିରାପତ୍ତା ଓ ଶିକ୍ଷା ଆଇନ ସମ୍ବନ୍ଧରେ ସୂଚନା ପ୍ରଦାନ କରାଯିବା ସହ ଗୁଣାତ୍ମକ ଶିକ୍ଷା ଉପରେ ଆଲୋକପାତ କରାଯାଇଥିଲା । ଏଥିରେ ବ୍ଲକ ଅଧୀନ ୫ଟି କ୍ଲଷ୍ଟର ଛତରଙ୍ଗ, ହରଭଙ୍ଗା, କୁଶଙ୍ଗ, ଶଙ୍କୁଲୋଇ ଓତଳଗାଁର ୭୦ ଜଣ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ । ସିଆରସିସି ବେଦବର ପ୍ରଧାନ, ଦେବେନ୍ଦ୍ର ହୋତା, ସନ୍ତୋଷ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଜିଆର୍‌ଏସ୍‌ଙ୍କୁ କାର୍ଯ୍ୟରୁ ଅନ୍ତର କଲେ ଜିଲାପାଳ

**ସୋନପୁର,୨୫।୯(ନି.ପ୍ର.):** ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ବଲାଙ୍ଗୀର ଜେଲରେ ଥିବା ବିନିକା ବ୍ଲକ ସିଂଘିଯୁବା ପଞ୍ଚାୟତର ଜିଆର୍‌ଏସ୍(ଗ୍ରାମ ରୋଜଗାର ସେବକ) ଅମିତ କୁମାର ଅଗ୍ରୱାଲାଙ୍କୁ ସୁବର୍ଣ୍ଣପୁର ଜିଲାପାଳ ମଧୁସୂଦନ ମିଶ୍ର କାର୍ଯ୍ୟରୁ ଅନ୍ତର କରିଛନ୍ତି । ବିନିକା ବିଡିଓ ବିଶ୍ୱରଞ୍ଜନ ମଲ୍ଲିକ ଓ ଡିଆର୍‌ଡିଏ ପିଡି ସୂର୍ଯ୍ୟନାରାୟଣ ଦାଶଙ୍କ ସୁପାରିଶ କ୍ରମେ ଜିଲାପାଳ ମିଶ୍ର ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଅମିତ ଗତ ମଙ୍ଗଳବାର ଭିଜିଲାନ୍ସ ହାତରେ ଧରା ପଡିଥିଲେ । ପିଏମ୍‌ଏୱାଇଜି(ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ)ର ଚୂଡାନ୍ତ ବିଲ୍ ପାଇଁ ଜିଓ ଟ୍ୟାଗିଂ ସକାଶେ ସେ ସ୍ଥାନୀୟ ସର୍ଗୁଣା ଗ୍ରାମର ସତ୍ୟାନନ୍ଦ ଭୋଇଙ୍କ ଠାରୁ ପଞ୍ଚାୟତ କାର୍ଯ୍ୟାଳୟରେ ୫ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରିଥିବା ଅଭିଯୋଗ ହୋଇଛି ।

### ଜିଲାସ୍ତରୀୟ ଶାରଦୀୟ କ୍ରୀଡ଼ା ପ୍ରତିଯୋଗିତା

ବୌଦ୍ଧ/ବାଉଁଶୁଣୀ,୨୫।୯ (ଡି.ଏନ୍.ଏ) ବାଉଁଶୁଣୀ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଖେଳପଡିଆଠାରେ ମଙ୍ଗଳବାର ପ୍ରଧାନ ଶିକ୍ଷକ ଧନେଶ୍ୱର ମଣ୍ଡଳଙ୍କ ସଭାପତିତ୍ୱରେ ବୌଦ୍ଧ ଜିଲାସ୍ତରୀୟ ଶାରଦୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ମୁଖ୍ୟଅତିଥି, ନିରନ ବେହେରା, ମୋହିତ ଭେଙ୍ଗେରା, ଧନେଶ୍ୱର ମଣ୍ଡଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ବୌଦ୍ଧ ଜିଲା ୩ ବ୍ଲକର ୫୦ଟି ସ୍କୁଲରୁ ୩୦୦ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ । ଖୋ ଖୋ, କବାଡି, ବ୍ୟାଡ୍ ମିଣ୍ଟନ, ସନ୍ତରଣ ଆଦି ଖେଳ ହୋଇଥିଲା । ଧିରେନ୍ ପ୍ରଧାନ, ମନୋଜ ଗାଇଗୌରିଆ, ସୁରେନ୍ଦ୍ର ସାହୁ, ଅରୁଣ ଖଟୁଆ, ଆଦିନାଥ ଦାସ, ବୈଜୟନ୍ତୀ ରଥ ଖେଳ ପରିଚାଳନା କରିଥିଲେ। ସୁରେନ୍ଦ୍ର ଦାସ, ସଚଳା ଗୁରୁ, ପଞ୍ଚାନନ ମିଶ୍ର ମଞ୍ଚ ପରିଚାଳାନା କରିଥିଲେ । ସୁରେନ୍ଦ୍ର ଦାସ ଅତିଥି ପରିଚୟ ଓ କୃଷ୍ଣଚନ୍ଦ୍ର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

■ ଖୁଚୁରା ବ୍ୟବସାୟରେ ବିଦେଶୀ ପୁଞ୍ଜି ବିନିଯୋଗ, ପ୍ରବେଶକୁ ବିରୋଧ

# ୨୮ରେ ସୁବର୍ଣ୍ଣପୁର ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ

**ସୋନପୁର,୨୫।୯ (ନି.ପ୍ର.)**

ଭାରତରେ ବହୁଦେଶୀୟ କମ୍ପାନୀମାନଙ୍କର ଖୁଚୁରା ବ୍ୟବସାୟରେ ପ୍ରବେଶ ଓ ବିଦେଶୀ ପୁଞ୍ଜି ନିବେଶକୁ ବିରୋଧ କରି ସର୍ବଭାରତୀୟ ବ୍ୟବସାୟୀ ମହାସଂଘ ଦେଶରେ ଜାଗରଣ ସୃଷ୍ଟି କରିବ। ଏଥି ସକାଶେ ଆସନ୍ତା ୨୮ ତାରିଖରେ ଭାରତ ଟ୍ରେଡ ବନ୍ଦ ଆହ୍ୱାନ ଦିଆଯାଇଛି। ଏହି ପରିପ୍ରେକ୍ଷିରେ ଓଡ଼ିଶା ବ୍ୟବସାୟୀ ମହାସଂଘର ଆହ୍ୱାନ କ୍ରମେ ସୁବର୍ଣ୍ଣପୁର ଜିଲା ବ୍ୟବସାୟୀ ସଂଘ ବନ୍ଦରେ ସାମିଲ ହେବ। ସୁବର୍ଣ୍ଣପୁର ଜିଲାରେ ୨୪ ଘଣ୍ଟା ପାଇଁ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିବ ବୋଲି ସଂଘ ପକ୍ଷରୁ ଜିଲା ସଭାପତି ଧିରେନ କୁମାର ପଟ୍ଟନାୟକ ମଙ୍ଗଳବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ଖୁଚୁରା ବ୍ୟବସାୟରେ ଏଫ୍‌ଡିଆଇର ପ୍ରବେଶ ଯୋଗୁ କ୍ଷୁଦ୍ର ବ୍ୟବସାୟୀ ପ୍ରଭାବିତ ହେବେ । କାରଣ ୱାଲମାର୍ଟ ବ୍ୟବସାୟିକ ପ୍ଲାଟଫର୍ମ ଜରିଆରେ ଖୁଚୁରା ବ୍ୟବସାୟ କେନ୍ଦ୍ର ସ୍ଥାପନ କରିବାକୁ ଯାଉଛି । ଫଳରେ କେବଳ ବ୍ୟବସାୟୀ ନୁହଁନ୍ତି ଘରୋଇ ଉତ୍ପାଦନକାରୀ ମଧ ବହୁ ସଂଖ୍ୟାରେ ପ୍ରଭାବିତ ହେବେ ବୋଲି ପଟ୍ଟନାୟକ ଅଭିଯୋଗ କରିଛନ୍ତି। ୱାଲମାର୍ଟ ପରେ ଆମାଜାନ ଓ ଆଲିବାବା ଭଳି ଅନେକ କମ୍ପାନୀଙ୍କ ସହ ସେହି ପ୍ରକାରର ଡିଲ କରିବାକୁ କେନ୍ଦ୍ର ସରକାର ସ୍ଥିର କରିଛନ୍ତି। ଯାହାକି ଖୁଚୁରା ବ୍ୟବସାୟକୁ ସମ୍ପୂର୍ଣ୍ଣ ନଷ୍ଟଭ୍ରଷ୍ଟ କରି ଅଳ୍ପ ସଂଖ୍ୟକ ବ୍ୟକ୍ତିଙ୍କ ହାତରେ ନିୟନ୍ତ୍ରଣ ରହିବ ଓ ସେମାନଙ୍କୁ ସ୍ୱେଚ୍ଛାଚାରୀ ବ୍ୟବସାୟ କରିବାକୁ ପଥ ପରିଷ୍କାର ହେବ ବୋଲି ଜିଲା ବ୍ୟବସାୟୀ ସଂଘର ସମ୍ପାଦକ ଗୁଣନିଧି ମେହେର ସୂଚନା ଦେଇଥିଲେ । ଓଡ଼ିଶାରେ ବ୍ୟବସାୟୀଙ୍କର ମୁଖ୍ୟ ସମସ୍ୟା ଟ୍ରେଡ ଲାଇସେନ୍ସ ଓ ଆର୍‌ଏମ୍‌ସିର ସ୍ୱେଚ୍ଛାଚାରିତାକୁ ସଂଘ ଦୃଢ ବିରୋଧ କରୁଛି ବୋଲି ମେହେର କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ଉପସଭାପତି ଅଶ୍ୱିନୀ କୁମାର ତ୍ରିପାଠୀ, ଭି ସତ୍ୟନାରାୟଣ ରାଓ, ସଞ୍ଜୟ କୁମାର ନାୟକ, ଆନନ୍ଦ ଭୁତ ଓ ଗଣେଷ ମହାଲିକ ପ୍ରମୁଖ ଉପସ୍ଥିତ ଥିଲେ ।




ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ବ୍ୟବସାୟୀ ସଂଘର କର୍ମକର୍ତ୍ତା ।



ଶ୍ରଦ୍ଧାଳୁମାନେ ରାଧାକୃଷ୍ଣଙ୍କୁ ମହାନଦୀରେ ଚାପଖେଳାଉଛନ୍ତି।

### ଚାପ ଖେଳିଲେ ରାଧାକୃଷ୍ଣ

**ବୌଦ୍ଧ,୨୫।୯ (ସ୍ୱ.ପ୍ର)**

ବୌଦ୍ଧ ଜିଲାର ପୁରପଲ୍ଲୀ ସମେତ ସହରରେ ଭାଗବତ ଜନ୍ମ ପାଳିତ ହୋଇଛି। ଏହି ଅବସରରେ ରାଧାକୃଷ୍ଣଙ୍କ ଚାପଖେଳ ମହାନଦୀର ଜଳରାଶିରେ କରାଯାଇଥିଲା। ସମସ୍ତ ପ୍ରକାର ନୀତିକାନ୍ତି ପରେ ପ୍ରଭୁମାନଙ୍କୁ ସୁସଜ୍ଜିତ ବିମାନରେ ବସାଇ ନାମ ସଂକୀର୍ତ୍ତନ କରି ବୌଦ୍ଧ ସହରର କେଉଟସାହି, ରାଜନପାଲି, ନୂଆସାହି, ପୋଡାପଡା ପରିକ୍ରମା ପରେ ମହାନଦୀର ହନୁମାନ ଘାଟରେ ଚାପ ଖେଳାଯାଇଥିଲା। ପରେ ବିରାଟ ଶୋଭାଯାତ୍ରାରେ ନଗର ପରିକ୍ରମା କରି ଠାକୁରଙ୍କୁ ମନ୍ଦିର ପ୍ରତ୍ୟାବର୍ତ୍ତନ କରାଯାଇଥିଲା ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବ୍ଲକସ୍ତରୀୟ ଜନଶୁଣାଣି

**ଡୁଙ୍ଗୁରିପାଲି,୨୫।୯(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସଭା ଗୃହରେ ୨୦୧୭-୧୮ ଆର୍ଥିକ ବର୍ଷର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ବ୍ଲକସ୍ତରୀୟ ଜନଶୁଣାଣି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ସହଦେବ ସମାଧିଆ ସଭାପତିତ୍ୱ କରିଥିବା ବେଳେ ଏବିଡିଓ ଶଶିଭୂଷଣ ପଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅମୂଲ୍ୟ ରତନ ସାମିନୀ, ଓକିଲ ବାବୁଲାଲ ଦାଶ, ମହାକୁର ବାବୁ ପ୍ରମୁଖ ଉପସ୍ଥିତ ରହି ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ପ୍ରଦାନ କରିଥିଲେ। ଏପିଓ ସୋନାଲି ଦାଶ ସ୍ୱାଗତ ଭାଷଣ ପ୍ରଦାନ କରି ୨୦୧୭-୧୮ ଆର୍ଥିକ ବର୍ଷର କାର୍ଯ୍ୟ ଖସଡ଼ା ବିବରଣି ପାଠ କରିଥିଲେ। ବିଡିଓ ଜନ ଶୁଣାଣିର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ୨୦୧୭-୧୮ ଆର୍ଥିକ ବର୍ଷରେ ଡୁଙ୍ଗୁରିପାଲି ବ୍ଲକର ୨୬ ପଞ୍ଚାୟତରେ ୨୨ହଜାର ୪ଶହ ୨୧ ପରିବାରକୁ ଯୋଜନାରେ ସାମିଲ କରାଯାଇ ଜବ୍‌କାର୍ଡ ପ୍ରଦାନ କରାଯାଇଛି। ବ୍ଲକର ୫୨୯୦ ଶ୍ରମିକ କାମ କରିବା ପାଇଁ ଆବେଦନ କରିଥିବା ବେଳେ ୫୧୩୧ଜଣ କାମରେ ଯୋଗଦେଇ ୧୨,୩୮୦୪ ଶ୍ରମ ଦିବସ ସୃଷ୍ଟି ହୋଇଥିଲା। ଏପରି କି ୨୯ ଜଣଙ୍କୁ ୧୦୦ ଦିନର କାର୍ଯ୍ୟ ଯୋଗାଇ ଦିଆଯାଇଥିବା ଅଧିକାରୀମାନେ ସୂଚନା ଦେଇଥିଲେ। ଶୁଖା ପଞ୍ଚାୟତରେ ସବୁଠାରୁ ଅଧିକ ୮୧ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଗଜବନ୍ଧ ପଞ୍ଚାୟତରେ ମାତ୍ର ୨ଟି ପ୍ରକଳ୍ପ ଶେଷ ହୋଇଥିବା ଜଣାପଡିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଘର ଯୋଜନାରେ ୨୬୮୮ଟି ଘର ମଧ୍ୟରୁ ୫୬୯ଟି ଘର ସମ୍ପୂର୍ଣ୍ଣ ହୋଇଥିବା ବେଳେ ବ୍ଲକର ସମୁଦାୟ ୨୯୨୪ଟି ପ୍ରକଳ୍ପରେ ଶ୍ରମିକ ଖର୍ଚ୍ଚ ବାବଦକୁ ବ୍ଲକରୁ ୨କୋଟି ୭୬ ଲକ୍ଷ ୪୩ ହଜାର ଟଙ୍କା ଏବଂ ପଞ୍ଚାୟତରୁ ୩୯ ଲକ୍ଷ ୨୧ ହଜାର ଟଙ୍କା ପ୍ରଦାନ କରାଯାଇଛି। ଡୁଙ୍ଗୁରିପାଲି ଉଦ୍ୟାନ ବିଭାଗ ପକ୍ଷରୁ ମହାତ୍ମାଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନାରେ ଶ୍ରମିକମାନଙ୍କ ପାଉଣା ବାବଦରେ ୧୦ଲକ୍ଷ ୫୩ ହଜାର ୮ଶହ ୮୮ଟଙ୍କା ପ୍ରଦାନ କରାଯାଇଛି। ସେହିଭଳି ଭାବରେ ଜଙ୍ଗଲ ବିଭାଗ ପକ୍ଷରୁ ଉକ୍ତ ଯୋଜନାରେ ୫ଲକ୍ଷ ୪୯ ହଜାର ୮ଶହ ୨୪ ଟଙ୍କା ଶ୍ରମିକଙ୍କୁ ଦିଆଯାଇଛି। ଶେଷରେ ସୋନାଲି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବ୍ଲକସ୍ତରୀୟ ଜନଶୁଣାଣିରେ ମଞ୍ଚାସୀନ ଅଧିକାରୀମାନେ।

### ମହିଳା ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

**ବୌଦ୍ଧ,୨୫।୯ (ସ୍ୱ.ପ୍ର)**

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ପରିସରରେ ମହିଳା ଆତ୍ମସୁରକ୍ଷା ତାଲିମ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ମ୍ବରୁଧର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଉପଜିଲାପାଳ ଏନ୍.ସି. ଜ୍ୟୋତିରଞ୍ଜନ ନାଏକ ମୁଖ୍ୟଅତିଥି, ପ୍ରଧ୍ୟାପକ ପ୍ରଶାନ୍ତ କୁମାର ମହାପାତ୍ର, ଜିଲା ସଂଯୋଜକ ଡଃ. ସୁବର୍ଣ୍ଣା ମିଶ୍ର, ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ଜୟନ୍ତୀ ନାୟକ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ଆତ୍ମସୁରକ୍ଷା ପାଇଁ ବିଭିନ୍ନ କୌଶଳ ଉପରେ ତାଲିମ ନେବାକୁ ପରାମର୍ଶ ଦେଇଥିଲେ । ୧୨ ଦିନ ଧରି ହେବାକୁ ଥିବା ତାଲିମ ଶିବିରରେ ୧୮୦ ଜଣ ଛାତ୍ରୀ ଭାଗ ନେଇଥିବା ବେଳେ ମାଷ୍ଟର ଟ୍ରେନର ଭାବେ ସ୍ୱାଗତିକା ମହାକୁଡ଼ ଓ ସନ୍ଧ୍ୟାରାଣୀ ସାହୁ ତାଲିମ ପ୍ରଦାନ କରିଥିଲେ । ଲାଇବ୍ରେରିଆନ ଶଙ୍କର ପ୍ରସାଦ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଓଡ଼ିଆ ପ୍ରାଧ୍ୟାପିକା ଶ୍ରଦ୍ଧାମୟୀ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ଜମି, ଘରଡିହ ପାଇଁ ପଦଯାତ୍ରା, ଗଣଧାରଣା




ଶୋଭାଯାତ୍ରାରେ ସାମିଲ ହୋଇଥିବା ଓଡିଶା ଦଳିତ ଅଧିକାର ମଞ୍ଚ କର୍ମକର୍ତ୍ତା ଓ ଅନ୍ୟମାନେ।

**ସିଂଘିଯୁବା,୨୫।୯(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ରାମପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଓଡିଶା ଦଳିତ ଅଧିକାର ମଞ୍ଚ ପକ୍ଷରୁ ମଙ୍ଗଳବାର ଜମିହିନ ଏବଂ ବାସହୀନ ଦଳିତ ଆଦିବାସୀମାନେ ଏକାଠି ହୋଇଛନ୍ତି। ତୁରନ୍ତ ଜମି ଏବଂ ଘର ଡିହ ପାଇବାକୁ ଦାବି କରି ସେମାନେ ପଦଯାତ୍ରା କରି ପଣ୍ଡକିଟାଲ ଆର୍‌ଏମ୍‌ସି ସାମ୍ନାରେ ଗଣଧାରଣା ଦେଇଛନ୍ତି। ଏହି ଅବସରରେ ରାମପୁର ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

ରାମପୁର ତହସିଲ ଅଧୀନ ବିଭିନ୍ନ ମୌଜାରେ ଥିବା ପତିତ ଜମି, ଭୂଦାନ ଜମି, ସିଲିଙ୍ଗ ବହର୍ଭୁତ ଜମି, ଜଙ୍ଗଲ ଜମି ଏବଂ ଆବାଦ ଯୋଗ୍ୟ ଅନାବାଦି ଜମି ଗୁଡିକୁ ସରକାରଙ୍କ ତରଫରୁ ଚିହ୍ନଟ କରି ଦଳିତ, ଆଦିବାସୀ ଓ ଅନ୍ୟାନ୍ୟ ବର୍ଗର ଗରିବ ପରିବାର ମାନଙ୍କୁ ଦିଆଯାଉ ବୋଲି ଦାବି କରାଯାଇଛି। ଗରିବଙ୍କୁ ସରକାର ଘର ଡିହ ଏବଂ ଚାଷ ଜମି ଯୋଗାଇଦେବାର ଆଇନରେ ବ୍ୟବସ୍ଥା ରହିଛି। ଯେଉଁଠାରେ ସରକାରୀ ଜମି ନାହିଁ ସେଠାରେ ସରକାର ଘରୋଇ ଜମି କ୍ରୟ କରି ଯୋଗାଇଦେବାର ନିୟମ ବି ରହିଛି । କିନ୍ତୁ ଏସବୁ ଆଇନ ଏବଂ ବ୍ୟବସ୍ଥା ସତ୍ତ୍ୱେ ମଧ ତହିସଲରେ କାର୍ଯ୍ୟକାରୀ କରାଯାଉ ନାହିଁ । ବହୁ ସିଲିଙ୍ଗ ସରଫସ୍ ଜମି, ପତିତ ଜମି ଥିଲେ ସୁଦ୍ଧା ସରକାର ଏହାକୁ ବଣ୍ଟନ କରୁନାହାନ୍ତି ବୋଲି ଅଭିଯୋଗ କରାଯାଇଛି। ଓଡିଶା ଦଳିତ ଅଧିକାର ମଞ୍ଚର ରାଜ୍ୟ ଉପଦେଷ୍ଟା ମଧୁସୂଦନ ଯାଦବ, ରାଜ୍ୟ ସଭାପତି ମାନସ ଜେନା, ରାଜ୍ୟ ସଂଯୋଜକ ପ୍ରଶାନ୍ତ କୁମାର ମଲ୍ଲିକ ପ୍ରମୁଖ ଗଣଧାରଣାରେ ସାମିଲ ହୋଇଥିଲେ। ଓଡିଶା ଦଳିତ ଅଧିକାର ମଞ୍ଚ, ବିଜୟ ହରିପାଲ, ଜେହେରୁ ବାଗ, ଅରୁଣ ବାଗ, ଅଶୋକ ନାଏକ, ବିଶ୍ୱଜିତ ମହାନନ୍ଦ, ରବୀନ୍ଦ୍ର କୁମାର ଦ୍ୱୀପ, ଅଚ୍ୟୁତ ବିଭାର, ଗଙ୍ଗାଧର ହଂସ, ସୁରେଶ ରାଜ ହଂସ ଏବଂ ପୀତାମ୍ବର ବାରିକ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

# ଫୁଟବଲ ଟୁର୍ନାମେଣ୍ଟ: ବାଙ୍କିଘିର୍ଡି ଚାମ୍ପିୟନ

**ସିଂଘିଯୁବା,୨୫।୯(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ୍ ବାବୁପାଲି ନିଆଁଖାଇ ନାଳି ଖେଳପଡିଆରେ ମଙ୍ଗଳବାର ବୀର ବଜରଙ୍ଗୀ ଫୁଟବଲ ଆସୋସିଏଶନ ତରଫରୁ ୧୯ତମ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଆୟୋଜିତ ହୋଇଯାଇଛି। ଏଥିରେ ୮ଟି ଗାଁର ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ। ଖଲିଆପାଲି ଓ ବାଙ୍କିଘିର୍ଡି ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ବାଙ୍କିଘିର୍ଡି ଦଳ ଖଲିଆପାଲିକୁ ୧-୦ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ବିଶ୍ୱଦେବ ବଡପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ସହିତ ଅର୍ଥରାଶି ପ୍ରଦାନ କରିଥିଲେ। ରାଜୀବ ଡାଙ୍ଗ, ଆନନ୍ଦ ରାଉତ, ନବୀନ ପଧାନ, ଜୟରାମ ନାଇକ, ହିମାଂଶୁ ଭୁଏ, ଜୟନ୍ତ ରାଉତ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ସହ ଖେଳାଳି।

ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

# ବୁଥ୍‌ସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ

**ସୋନପୁର,୨୫।୯(ନି.ପ୍ର.)**

ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସର କାର୍ଯ୍ୟକାରିଣୀ କମିଟି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଯୁବ କଂଗ୍ରେସ ସଭାପତି ସୁମିତ କୁମାର ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅଖିଳ ଭାରତୀୟ କଂଗ୍ରେସ କମିଟି ସମ୍ପାଦକ ତଥା ରାଜ୍ୟ ଯୁବ କଂଗ୍ରେସର ପ୍ରଭାରୀ ରିଆଜୁଲ ଅନ୍‌ସାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବୁଥ୍ ଓ ପଞ୍ଚାୟତସ୍ତରରୁ ସଂଗଠନକୁ ସୁଦୃଢ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିପାଇଁ ସମ୍ପୂର୍ଣ୍ଣ କମିଟି ଗଠନ କରିବାକୁ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସୁମିତ ପୂଜାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି କେନ୍ଦ୍ର ସରକାରଙ୍କ ରାଫେଲ ଦୁର୍ନୀତି, ନୋଟବନ୍ଦୀ ଓ ତୈଳଦର ବୃଦ୍ଧି ସହିତ ନିଯୁକ୍ତି ଯୋଗାଇବାରେ ବିଫଳ ନବୀନ ସରକାର ବିରୋଧରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ କହିଥିଲେ। ଜିଲା କଂଗ୍ରେସ କମିଟି ସଭାପତି ଶଙ୍କର ଦାଶ ଯୋଗଦେଇ ଯୁବ ସଂଗଠନକୁ ସୁଦୃଢ କରିବାକୁ କହିଥିଲେ। ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଜିତେନ୍ଦ୍ର କୁମାର ପଟ୍ଟନାୟକ କହିଥିଲେ, ଯୁବ କଂଗ୍ରେସ ହେଉଛି ଭାରତୀୟ ଜାତୀୟ କଂଗ୍ରେସର ମେରୁଦଣ୍ଡ। ଆସନ୍ତା ସାଧାରଣ ନିର୍ବାଚନରେ ଯୁବ କଂଗ୍ରେସ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ । ବଲାଙ୍ଗୀର ଲୋକସଭା ଯୁବ କଂଗ୍ରେସ କମିଟି ସଭାପତି ରୁପେଶ ବେହେରା, ସାଧାରଣ ସମ୍ପାଦକ ଅମିତ ନାୟକ ଓ ଏଆଇସିସି ମତ୍ସ୍ୟଜୀବୀ ସେଲ୍ ସମ୍ପାଦକ ସୁରଜ ବାଗ ପ୍ରମୁଖ ମଞ୍ଚାସିନ ଥିଲେ। ଯୁବ କଂଗ୍ରେସର ଜ୍ୟୋତିମୁନ ମିଶ୍ର, ଚନ୍ଦନ ଦେହୁରୀ, ସତ୍ୟଜିତ ସାହୁ, ଆଶିଷ ନାୟକ, ରୋହିତ ବଗର୍ତ୍ତୀ, ବରୁଣ ସୁନା, ଶେଷଦେବ ମେହେର ଓ ନିମାଇଁ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ରାଫେଲ ଦୁର୍ନୀତି ଅଭିଯୋଗରେ କଂଗ୍ରେସ କର୍ମୀମାନେ ବ୍ଲକ ଛକ ସମ୍ମୁଖରେ ପ୍ରଧାନମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ।

■ ସ୍ଥାୟୀ ଡାକ୍ତର, ନର୍ସ ନିଯୁକ୍ତି ଦାବି

# ଜହ୍ନାପଙ୍କରେ ରାସ୍ତାରୋକୋ ଆନ୍ଦୋଳନ

**ଜହ୍ନାପଙ୍କ, ୨୫।୯(ଡି.ଏନ.ଏ.)**

ବୌଦ୍ଧ ଜିଲା ସଦରବ୍ଲକ ଜହ୍ନାପଙ୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର, ନର୍ସ ଓ ସୁଇପର ନିଯୁକ୍ତି ଦାବିରେ ମଙ୍ଗଳବାର ଅଞ୍ଚଳର ଲୋକେ ଆନ୍ଦୋଳନକୁ ଓହ୍ଲାଇଥିଲେ। ସକାଳ ୮ଟାରୁ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥର ଜହ୍ନାପଙ୍କଠାରେ ରାସ୍ତାରୋକୋ କରିଥିଲେ। ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ି ଅଟକି ରହିଥିଲା। ଜିଲାମୁଖ୍ୟ ଚିକିତ୍ସାଧୀକାରୀ (ସିଡ଼ିଏମଓ), ଅତିରିକ୍ତ ଜିଲାମୁଖ୍ୟ ଚିକିତ୍ସାଧୀକାରୀ (ଏଡ଼ିଏମଓ) ପହଞ୍ଚି ଲୋକଙ୍କ ସହିତ ଆଲୋଚନା କରିଥିଲେ। ତୁରନ୍ତ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ଦିନ ୧୧ଟାରେ ହଟିଥିଲା। ସାମାଜିକ କର୍ମୀ ବିଶିକେଶନ ପ୍ରଧାନ, ସରପଞ୍ଚ ସଂଘ ସଭାପତି ବିଦ୍ୟାଧର ସ୍ୱାଇଁ, ଲକ୍ଷ୍ମୀପ୍ରସାଦ ସରପଞ୍ଚ ରାଜେନ୍ଦ୍ର ମେହେରଙ୍କ ନେତୃତ୍ୱରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଏହି ରାସ୍ତାରୋକୋ ହୋଇଥିଲା। ୬ଟି ପଞ୍ଚାୟତର ଲୋକପ୍ରତିନିଧି, ଜନସାଧାରଣ, ଯୁବକ ସଂଘର କର୍ମକର୍ତ୍ତା ମଧ୍ୟ ଆନ୍ଦୋଳନରେ ସାମିଲ ଥିଲେ। ଏହି ଦାବିନେଇ ବାରମ୍ବାର ଜିଲାପାଳ, ଜିଲା ଚିକିତ୍ସାଧିକାରୀ ଓ ସ୍ଥାନୀୟ ବିଧାୟକଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପ୍ରତିକାର କରୁ ନାହାନ୍ତି। ପୁନଶ୍ଚ ଗତ ୧୭।୯।୨୦୧୮ ରିଖରେ ଜିଲାପାଳଙ୍କୁ ଅଭିଯୋଗ କରିବାର ୭ ଦିନ ବିତିଯାଇଥିଲେ ମଧ୍ୟ ଜିଲାପାଳ ଏହାର ସମାଧାନ ନ କରିବାରୁ ଅଞ୍ଚଳବାସୀ ଜହ୍ନାପଙ୍କଠାରେ ରାସ୍ତା ଅବରୋଧ କରିବା ପାଇଁ ନିଷ୍ପତ୍ତି ନେଇଥିଲେ।



ଜହ୍ନାପଙ୍କଠାରେ ଲୋକେ ରାସ୍ତାରୋକୋ କରିଛନ୍ତି।

### ହୃଦ୍‌ଘାତରେ ବିଜେଡି ନେତାଙ୍କ ମୃତ୍ୟୁ

**ସୋନପୁର,୨୫।୯(ନି.ପ୍ର.)**

ସୋନପୁର ବ୍ଲକ କଳାପଥର ପଞ୍ଚାୟତ ବିଜେଡି ନେତା ଉମାକାନ୍ତ ପ୍ରଧାନଙ୍କ ମଙ୍ଗଳବାର ସନ୍ଧ୍ୟାରେ ହୃଦ୍‌ଘାତ ଜନିତ ମୃତ୍ୟୁ ହୋଇଛି । ପ୍ରଧାନ ଦଳୀୟ ବୈଠକରୁ ଫେରି ନନ୍ଦନମାଳସ୍ଥିତ ନିଜ ଘରେ ବିଶ୍ରାମ ନେଉଥିବା ବେଳେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବୃତ୍ତିରେ ବ୍ୟବସାୟୀ ଥିବା ଉମାକାନ୍ତ ନିଜ ପଞ୍ଚାୟତରେ ବେଶ୍ ଲୋକପ୍ରିୟ ଥିଲେ। ତାଙ୍କ ସହଧର୍ମିଣୀ ସନ୍ଧ୍ୟାରାଣୀ ପ୍ରଧାନ କଳାପଥର ପଞ୍ଚାୟତର ସରପଞ୍ଚ ଅଛନ୍ତି। ମୃତ୍ୟୁ ଖବର ପାଇଁ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଜଳସମ୍ପଦ ଓ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ପ୍ରଧାନଙ୍କ ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ ।

# ଫାର୍ମାସିଷ୍ଟଙ୍କ ଭରସାରେ ରୋଗୀ ସେବା

**ଭବାନୀପାଟଣା,୨୫ା୯ (ଡି.ଏନ୍.ଏ.)**

**ବିଶ୍ୱ ଫାର୍ମାସିଷ୍ଟ ଦିବସ**

- ଫାର୍ମାସିଷ୍ଟଙ୍କ ଦ୍ୱାରା ଚାଲିଛି ୧୧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର
- ଜିଲାରେ ସ୍ୱାସ୍ଥ୍ୟସେବା ବେହାଲ

ମଙ୍ଗଳବାର ବିଶ୍ୱ ଫାର୍ମାସିଷ୍ଟ ଦିବସ। କଳାହାଣ୍ଡି ଜିଲାରେ ଫାର୍ମାସିଷ୍ଟଙ୍କ ଭରସାରେ ସ୍ୱାସ୍ଥ୍ୟସେବା ଚାଲିଛି । ତାଙ୍କ ଉପରେ ଜିଲାର ଅନେକ ଡାକ୍ତରଖାନା ନିର୍ଭର କରୁଥିବା ଜଣାପଡିଛି । ଏପରିକି ଜିଲାର ଗୁରୁତ୍ୱପୂର୍ଣ୍ଣ ୧୧ଟି ସ୍ୱାସ୍ଥ୍ୟକେନ୍ଦ୍ର କେବଳ ଫାର୍ମାସିଷ୍ଟମାନଙ୍କ ଭରସାରେ ଚାଲିଛି । ହେଲେ ଆଜିଯାଏଁ ସେମାନଙ୍କ ସମସ୍ୟା ଓ ଦାବି ସମ୍ପର୍କରେ ରାଜ୍ୟ ସରକାର ଗୁରୁତ୍ୱ ଦେଉନାହାନ୍ତି । ସେମାନଙ୍କ ଦାବିଗୁଡିକ ମଧ୍ୟରେ ଫାର୍ମାସିଷ୍ଟମାନଙ୍କ ଦରମାରେ ଅସଙ୍ଗତି ଦୂର କରିବା, ଗ୍ରେଡ୍ ପେ ବୃଦ୍ଧି କରିବା ଓ ଠିକାରେ ନିଯୁକ୍ତ ଫାର୍ମାସିଷ୍ଟମାନଙ୍କ ଚାକିରି ନିୟମିତ କରିବା ଆଦି ଦାବି ନେଇ ରାଜ୍ୟ ଫାର୍ମାସିଷ୍ଟ ସଂଘ ବାରମ୍ବାର ରାଜରାସ୍ତାକୁ ଓହ୍ଲାଉଥିଲେ ମଧ୍ୟ ତାଙ୍କ ଦାବି ପ୍ରତି ସରକାର ଅଣଦେଖା କରି ଚାଲିଛନ୍ତି । ସୂଚନା ଯୋଗ୍ୟ ଯେ, କଳାହାଣ୍ଡି ଭଳି ଅନୁନ୍ନତ ଜିଲାରେ ସ୍ୱାସ୍ଥ୍ୟ ସମସ୍ୟା ଉତ୍କଟ ରୂପ ଧାରଣ କରିଛି । ଜିଲାରେ ଡାକ୍ତରଖାନା ଅଛି, ଡାକ୍ତର ନାହାନ୍ତି । ନିଯୁକ୍ତ ପାଇଥିବା ଡାକ୍ତର ଉଚ୍ଚଶିକ୍ଷା ବାହାନା କରି ଚାଲିଯାଉଛନ୍ତି । ଏପରି ସ୍ଥଳେ ସାମସ୍ତଙ୍କୁ ସୁଲଭ ସ୍ୱାସ୍ଥ୍ୟସେବାର ସରକାରୀ ଯୋଜନା କଳାହାଣ୍ଡି ଜିଲାରେ ବିଫଳ ହେଉଛି । ଜିଲାର ସଦର ମହକୁମା ଭବାନୀପାଟଣାରେ ଜିଲା ମୁଖ୍ୟ ଚିକିତ୍ସାଳୟ ଥିବାବେଳେ ଧର୍ମଗଡଠାରେ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି । ଏଥିସହ ଜିଲାର ବିଭିନ୍ନ ବ୍ଲକରେ ୧୩ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଥିବାବେଳେ ବିଭିନ୍ନ ଗ୍ରାମପଞ୍ଚାୟତରେ ୩୯ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି । ଆଜି ବି ଜିଲାର ବିଭିନ୍ନ ଡାକ୍ତରଖାନାରେ ୭୫ରୁ ଅଧିକ ଡାକ୍ତର ପଦବୀ ଖାଲି ପଡିଛି । ଫଳରେ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟସେବା ଫାର୍ମାସିଷ୍ଟଙ୍କ ଉପରେ ନିର୍ଭର ରହିଛି । ସେହିପରି ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ ଡାକ୍ତରମାନେ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ଦେଖିବା ବଦଳରେ ବିଭିନ୍ନ କ୍ଲିନିକ୍ ଓ ନିଜ ଘରେ ଫି ନେଇ ରୋଗୀ ଦେଖୁଛନ୍ତି । ଡାକ୍ତରମାନଙ୍କ ଅବହେଳା ଓ ଅନୁପସ୍ଥିତିରେ ଜିଲାର ବିଭିନ୍ନ ଡାକ୍ତରଖାନରେ ନିଯୁକ୍ତି ଫାର୍ମାସିଷ୍ଟିମାନେ ହିଁ ଜିଲାବାସୀଙ୍କ ପାଇଁ ସାହଯ୍ୟ କରୁଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ଦେଖିବାଠାରୁ ଆରମ୍ଭ କରି ଅନ୍ୟ ସମସ୍ତ ରୋଗୀସେବା କ୍ଷେତ୍ରରେ ଫାର୍ମାସିଷ୍ଟାମାନେ ହିଁ ତୁଲାଉଛନ୍ତି । ଜିଲାରେ ବିଭିନ୍ନ ଡାକ୍ତରଖାନାରେ ଓ ଆମ୍ବୁଲାନ୍ସରେ ୧୦୫ ଜଣ ଫାର୍ମାସିଷ୍ଟ କାର୍ଯ୍ୟରତ ଥିବାବେଳେ ଜିଲାର ସ୍ୱାସ୍ଥ୍ୟସେବା ତାଙ୍କ ଉପରେ ନିର୍ଭର କରୁଛି । ଫାର୍ମାସିଷ୍ଟମାନଙ୍କ ସମସ୍ୟା ଓ ଦାବି ସମ୍ପର୍କରେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଜିଲାରେ ନିଯୁକ୍ତି ଫାର୍ମାସିଷ୍ଟ ସମୂହ ଦବି କରିଛନ୍ତି ।



ଜୁନାଗଡ ବିଧାୟକ ବଜାର ବୁଲି ଦେଖୁଛନ୍ତି।

# ନୂତନ ସାପ୍ତାହିକ ବଜାର ଉଦ୍‌ଘାଟିତ

**ଜୁନାଗଡ,୨୫ା୯ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଙ୍ଗୁଡିସର ପଞ୍ଚାୟତ ଝାରବନ୍ଧଠାରେ ମଙ୍ଗଳବାର ନୂତନ ସାପ୍ତାହିକ ବଜାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଧାୟକ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଏହି ବଜାର ଦ୍ୱାରା ଅଞ୍ଚଳର ଅନେକ ବ୍ୟବସାୟୀ ଓ ଗ୍ରାହକ ଉପକୃତ ହୋଇ ପାଇପାରିବେ ବୋଲି ବିଧାୟକ ମିଶ୍ର କହିଥିଲେ। ପରେ ବିଧାୟକ ମିଶ୍ର ବଜାରରେ ବସିଥିବା ସାମଗ୍ରୀଗୁଡିକୁ ବୁଲି ଦେଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜୁନାଗଡ ଏନଏସି ଅଧ୍ୟକ୍ଷ ମହେଶ ସାହୁ, ସ୍ଥାନୀୟ ଜିଲା ପରିଷଦ ସଭ୍ୟା କାଞ୍ଚନ ବେମାଲ, ଚିଙ୍ଗୁଡିସର ସରପଞ୍ଚ ତିଲକର ମାଝି, ଭଇଁରୀଗୁଡା ସରପଞ୍ଚ ଲକ୍ଷ୍ମୀ ପାତ୍ର, ପୂର୍ବତନ ସରପଞ୍ଚ ଅରୁଣ ବିଶ୍ୱାଲ, ଦିନେଶ ବଗର୍ତ୍ତୀ, ବିଶ୍ୱରଞ୍ଜନ ନାଏକ, ଶରତ ଗଡତିଆ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବେଦାନ୍ତ ଗାଡ଼ି ଓଲଟି ଡ୍ରାଇଭର, ହେଲ୍‌ପର ଆହତ

**କେସିଙ୍ଗା,୨୫ା୯ (ଡି.ଏନ୍.ଏ.)-** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଉକ୍ଳେଲା ଗ୍ରାମ ନିକଟସ୍ଥ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର କିଛି ଦୂରରେ ଏକ ବେଦାନ୍ତ ଗାଡି ଓଲଟି ପଡିଛି । ଏଥିରେ ଡ୍ରାଇଭର ଓ ହେଲପର ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ଉଦ୍ଧାର କରାଯାଇ ଭବାନୀପାଟଣା ଡାକ୍ତରଖାନକୁ ନିଆଯାଇଛି । ବେଦାନ୍ତ ଗାଡି ନଂ. (ଓଡି୧୫ ଜେ-୨୧୨୮) ଆନ୍ଧ୍ରପ୍ରଦେଶର କାକିନାଡାରୁ ଝାରସୁଗୁଡା ବେଦାନ୍ତ ଅଭିମୁଖେ ଯାଉଥିଲା । ଡ୍ରାଇଭର ଭାରସାମ୍ୟ ହରାଇବାରୁ ଜାତୀୟ ରାଜପଥ ୨୬ ଉପରୁ ପ୍ରାୟ ୨୦ ଫୁଟ ତଳକୁ ଓଲଟି ପଡିଯାଇଛି ।

### ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା ଅଭିଯାନ

**ଭବାନୀପାଟଣା,୨୫ା୯(ଡି.ଏନ୍.ଏ.)-** ସଦର ବ୍ଲକ ଭବାନୀପାଟଣା ଅନ୍ତର୍ଗତ କାମଠଣା ଗ୍ରାମପଞ୍ଚାୟତ ଡୁମାଳ ଗ୍ରାମରେ ମଙ୍ଗଳବାର ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଓଡିଶା ସୁସ୍ଥ ଓଡିଶା ଅଭିଯାନ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲାପାଳ ଗାଭାଲି ପରାଗ ହର୍ଷଦ, ଅତିରିକ୍ତ ଜିଲାପାଳ, ଉପଜିଲ୍ଲାପାଳ, ପି.ଡି.ଡିଆରଡିଏ, ସଦର ବ୍ଲକ ଭବାନୀପାଟଣା ବିଡିଓ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଜୁନାଗଡ ବିଡିଓ, ଜୟପାଟଣା ବିଡିଓ, ଧର୍ମଗଡ ବିଡିଓ, ନର୍ଲା ବିଡିଓ, କେସିଙ୍ଗା ଏବିଡିଓ, ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ, ଡିଆରଡିଏ ନିର୍ବାହୀ ଯନ୍ତ୍ରୀ, ସହାୟକ ନିର୍ବାହୀ ଯନ୍ତ୍ରୀ, ଆରଡବ୍ଲୁଏସଏସ ଏବଂ ଫିଡ୍‌ବେକ୍ ଟିମ ପ୍ରମୁଖ ଉପସ୍ଥିତ ହୋଇ ଡୁମାଳ ଗ୍ରାମାବାସୀଙ୍କୁ ସଚେତନ କରିଥିଲେ। ଗ୍ରାମାବାସୀଙ୍କୁ ଶୌଚାଗାର ନିର୍ମାଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହା ଦ୍ୱାରା ଗ୍ରାମବାସୀ ଉତ୍ସାହିତ ହୋଇ କାର୍ଯ୍ୟ ନିର୍ମାଣ ନିମନ୍ତେ ଭୂମି ପୂଜନ କରି କାର୍ଯ୍ୟ ତ୍ୱରାନିତ କରିଥିଲେ ।

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

**ଭବାନୀପାଟଣା,୨୫ା୯(ଡି.ଏନ୍.ଏ.)-** କଳାହାଣ୍ଡି ଜିଲା ଗୋଲାମୁଣ୍ଡ ବ୍ଲକରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦ ଏବଂ ଏସ୍‌ପି ବି. ଗଙ୍ଗାଧର ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ । ଦଶପୁର ଫାଣ୍ଡି ଅଧିକାରୀ ଅକ୍ଷୟ ପଟ୍ଟନାୟକଙ୍କୁ ବଦଳି କରିବାକୁ ଅଞ୍ଜନ ମାଝି, ଲବଣି ବାଗ, ସଦାନନ୍ଦ ସେନାପତି, ମଦନ ସେନାପତି, ଚରଣ ମଙ୍ଗରାଜ, ନୀଲକଣ୍ଠ ମଙ୍ଗରାଜ, ଭୈରବ ମାଝି, ରୂପଧର ମଙ୍ଗରାଜ, ଗୋପବନ୍ଧୁ ବେହେରା, ବୀରେନ ମାଝି ପ୍ରମୁଖ ଜିଲାପାଳ ଓ ଏସ୍‌ପିଙ୍କୁ ଜଣାଇଥିଲେ । ଏସପି ତୁରନ୍ତ ତଦନ୍ତ କରି ପଦକ୍ଷେପ ନେବା ପାଇଁ ଏସ୍‌ଡିପିଓ ସୁରେନ୍ଦ୍ରନାଥ ଶତପଥୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମଖିଲା ଗ୍ରାମରେ ମଦ କୋଠିକୁ ତ୍ରିଶକ୍ତି ମହିଳା ମଣ୍ଡଳର ସଭାନେତ୍ରୀ ଶରାବାନୀ ନାଏକ, ଚମ୍ପା ହରାପାଲ ଓ ବହୁ ମହିଳା ବନ୍ଦ କରିବା ପାଇଁ ଦାବି କରିଥିଲେ । ଅଭିଯୋଗ ଶୁଣାଣି ଶିବିରରେ ଅନେକ ବ୍ୟକ୍ତି ନିଜର ଅସୁବିଧା ସମ୍ପର୍କରେ ଜଣାଇବା ସହ ନିଜ ଅଞ୍ଚଳର ସମସ୍ୟା ସମ୍ପର୍କରେ ଜଣାଇଥିଲେ । ଅନେକଗୁଡିଏ ସମସ୍ୟାର ତୁରନ୍ତ ସମାଧାନ କରାଯାଇଥିବା ଜଣାପଡିଛି ।

# ସିଡିଏମ୍‌ଓଙ୍କୁ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘର ଦାବିପତ୍ର

**ଭବାନୀପାଟଣା,୨୫ା୯(ଡି.ଏନ୍.ଏ.)**

ଏନ୍‌ଏଚ୍‌ଏମ୍ ଅଧୀନରେ ଅସ୍ଥାୟୀ ଭାବେ କାମ କରୁଥିବା ସ୍ୱାସ୍ଥ୍ୟ କର୍ମୀଙ୍କୁ ସ୍ଥାୟୀ ଚାକିରି, ପେନସନ, ସମସ୍ତ ସରକାରୀ ସୁବିଧା ଦାବିରେ କଳାହାଣ୍ଡି ଜିଲା ଏନଏଚଏମ ମହିଳା ସ୍ୱାସ୍ଥ୍ୟ କର୍ମୀ ସଂଘ ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସିଡିଏମଓ ଡାକ୍ତର ସରୋଜ ତିହାଡିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।

ମହିଳା ସ୍ୱାସ୍ଥ୍ୟକର୍ମୀମାନେ ଚାକିରିରେ ଯୋଗଦେବାର ୧୩ ବର୍ଷ ପରେ ମଧ୍ୟ କୌଣସି ସୁବିଧା ପାଇପାରି ନାହାନ୍ତି । ଏମାନେ ଅସ୍ଥାୟୀ ଭାବେ କାମ କରୁଛନ୍ତି । କମ୍ ଦରମା ପାଉ ଥିବାରୁ ପରିବାର ଚଳାଇବାରେ କଷ୍ଟ ହେଉଛି। ପିଲାଛୁଆଙ୍କ ଭବିଷ୍ୟତ ଗଢିବାରେ ସମସ୍ୟା ସୃଷ୍ଟି ହେଉଛି ବୋଲି ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ପ୍ରତିନିଧି ଦଳରେ ସଂଘ ସଭାନେତ୍ରୀ ମିନାକ୍ଷୀ ଚିନ୍ଦା, ଉପସଭାନେତ୍ରୀ ପ୍ରଭାସିନୀ ବଗର୍ତ୍ତି, ସାଧାରଣ ସମ୍ପାଦକ ଲକ୍ଷ୍ମୀ ଦଳେଇ, ସହ ସମ୍ପାଦକ ଜୟଶ୍ରୀ ରାୟ, କୋଷାଧ୍ୟକ୍ଷ ପ୍ରେମଶିଳା ଚଲାନ, ପୁଷ୍ପା ଖୁରାମ, ଅର୍ଣ୍ଣ ମାଝି, ଯଶୋଦା ପ୍ରେମଶିଳା ଚଲାନ, ପୁଷ୍ପା ଖୁରା, ଅର୍ଣ୍ଣ ମାଝି, ଯଶୋଦା ମାଝି, ଜୟନ୍ତୀ ସାହୁ, ରଶ୍ମିତା ପଟ୍ଟନାୟକ, ଲକ୍ଷ୍ମୀପ୍ରିୟା ବିଶ୍ୱାଳ, ମିନାକ୍ଷୀ ନାଏକ, ପ୍ରମିଳା ବେହେରା, ରାଜଲକ୍ଷ୍ମୀ ରାୟ, ନିଲୁ ବେହେରା, ପୁଷ୍ପାଞ୍ଜଳି ସାହୁ, ପ୍ରଭାତୀ ବେହେରା, ମୀରା ନାଏକ, ହେମଲତା ପୂଜାରୀ ପ୍ରମୁଖ ସାମିଲ ଥିଲେ ।



ସିଡିଏମ୍‌ଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଡିଜିଟାଲ୍ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ଭବାନୀପାଟଣା,୨୫ା୯ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଖଇରପଦରଠାରେ ଡିଜିଟାଲ୍ ଆର୍ଥିକ ସାକ୍ଷରତା ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ଜୀବନ ଜ୍ୟୋତି ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କୁ ମଧ୍ୟରେ ଡିଡିଏମ୍ ନାବାର୍ଡ କଳାହାଣ୍ଡି ମଳୟ ମେହେର, ଲିଡ ବ୍ୟାଙ୍କ ମେନେଜର କଳାହାଣ୍ଡି ଦେବଦ ଦାସ, ୟୁଜିବି ପରାମର୍ଶଦାତା ଗୌରାଙ୍ଗ ସାହାଣି, ଖଇରପାଦର ସରପଞ୍ଚ ଝୁମ୍ପି ହିଂସ, ଅଙ୍କିତା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ମହାଶକ୍ତି ଫାଉଣ୍ଡେସନ୍ ସମ୍ପାଦକ ଯୋଗାନନ୍ଦ ବେହେରା ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିବା । ଏହି ଅବସରରେ ସାଧନ କର୍ମୀ ଭାବରେ ହୃଷୀକେଶ ସାହୁ ଯୋଗଦେଇ ଉପସ୍ଥିତ କାଠଶିଳ୍ପି ସମୂହଙ୍କୁ କାରବାର ବିଷୟରେ ସଚେତନ କରିଥିଲେ । କାର୍ଯ୍ୟକ୍ରମରେ ଖଇରପାଦରର ଓଡିଶା ପ୍ରସିଦ୍ଧ କାଠ ଶିଳ୍ପୀ ମୁରଲୀଧର ମହାରଣା, ବନମାଳୀ ମହାରଣା, କାର୍ତ୍ତିକ ହିଂସ, ବୀରକିଶୋର ଲହଜାଲ, ନକୁଳ ମହାରଣା, କୁଣ୍ଡଳ ହିଂସ ଯୋଗଦେଇଥିଲେ । ରୋଜାଲିନ୍ ଭୁୟାଁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସରିତା ପ୍ରଧାନ, ଦିନେଶ ଚାଲାନ, ଭୋଲାମଣି ବାଗ ପ୍ରମୁଖ ସହଯୋଗ କରିଥିଲେ ।

# ବ୍ରଏଲ ଫାର୍ମ ସ୍କୁଲ ତାଲିମ ଶିବିର

**ଭବାନୀପାଟଣା,୨୫ା୯ (ଡି.ଏନ୍.ଏ.)**

ଭବାନୀପାଟଣା ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ କୃଷି ବୈଷୟିକ ସହାୟତା କମିଟି ସହାୟତାରେ ଗତ ୨୪ ତାରିଖଠାରୁ ଭବାନୀପାଟଣା ସଦର ବ୍ଲକ ମାଲଗାଁ ପଞ୍ଚାୟତର ସାହୁ ବ୍ରଏଲଫାର୍ମଠାରେ ବ୍ରଏଲର ଫାମ ସ୍କୁଲର ତାଲିମ ଶିବିର ଆୟୋଜନ କରାଯାଇଛି । ୨୪ ରୁ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ତାଲିମ ଶିବିରରେ ଭବାନୀପାଟଣା ସଦର ବ୍ଲକ ୩୦ ଜଣ ଆଗ୍ରହୀ କୁକୁଡା ଚାଷୀ ତାଲିମ ଗ୍ରହଣ କରୁଛନ୍ତି । ଭବାନୀପାଟଣା ପ୍ରାଣୀ ଚିକିତ୍ସା ବିଭାଗ ଭି.ଏ.ଏସ୍ ଡା. କେଦାରନାଥ ଖମାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରକୁ ଭବାନୀପାଟଣା ଉପଖଣ୍ଡ ପ୍ରାଣୀଚିକିତ୍ସା ଅଧିକାରୀ ଡା. ପି.କେ. ଦାସ ଉଦ୍‌ଘାଟନ କରିଥିଲେ । ପ୍ରଥମ ଦିବସ ତାଲିମ କାର୍ଯ୍ୟକ୍ରମରେ ଭବାନୀପାଟଣା କୃଷି ବୈଷୟିକ ସହାୟତା କମିଟି ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ପ୍ରଧାନ, ସଦସ୍ୟ ଶାନ୍ତନୁ କୁମାର ବେହେରା, ରିଷିଗାଁ ପ୍ରାଣୀସମ୍ପଦ ବିଭାଗର ପ୍ରାଣୀଧନ ନୀରିକ୍ଷକ ଦେବରାଜ ପାଣ୍ଡେ ଓ ମାଲଗାଁ ସାହୁ ବ୍ରଏଲର ଫାର୍ମର ପ୍ରତାପ କିଶୋର ସାହୁ ପ୍ରମୁଖ ଉପସ୍ଥିତ ରହି କୁକୁଡା ଚାଷୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ ।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ବୃନ୍ଦ।

# ଜୈବିକ କୃଷି ପ୍ରଶିକ୍ଷଣ, କ୍ଷେତ ପ୍ରଦର୍ଶନ କାର୍ଯ୍ୟକ୍ରମ

**କର୍ଲାମୁଣ୍ଡା,୨୫ା୯ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବୋରପଦର ପଞ୍ଚାୟତ ସଦରସ୍ଥିତ ଇସକନ୍ ମନ୍ଦିର ନିକଟରେ ଏକ ଦିବସୀୟ ଜୈବିକ କୃଷି ପ୍ରଶିକ୍ଷଣ ଓ କ୍ଷେତ ପ୍ରଦର୍ଶନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଆଞ୍ଚଳିକ ଜୈବିକ କୃଷି ପରିଚାଳନା କେନ୍ଦ୍ର ଭୁବନେଶ୍ୱରଙ୍କ ଆୟୋଜନ କ୍ରମେ ସାଂସଦ ଆଦର୍ଶ ଗ୍ରାମ ଯୋଜନାରେ ୫୦ ଜଣ ଚାଷୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଅମ୍ରିତା ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ଆଲୋଚକ ଭାବେ କଳାହାଣ୍ଡି ପ୍ଲାଣ୍ଟ ପ୍ରୋଟେକସନ ଅଫିସର (ପିପିଓ) ସୋମନାଥ ରଣା, କଳାହାଣ୍ଡି ସିତୟ କୃଷି ବୈଜ୍ଞାନିକ ଅମିତାଭ ପଣ୍ଡା, ଭୁବନେଶ୍ୱରରୁ ଆସିଥିବା ବୈଜ୍ଞାନିକ ମଞ୍ଜୁ ଜରିୱାଲ, କର୍ଲାମୁଣ୍ଡା ଏଏଓ ଧିରେନ୍ଦ୍ର ବଗର୍ତ୍ତୀ ଯୋଗଦେଇ ଦେଶୀ କିସମ ବିହନ, ଅଧିକ ଅମଳକ୍ଷମ ବିହନ, ପାରମ୍ପାରିକ ବିହନ ଓ ଜୈବିକ ଖତ ବ୍ୟବହାର ସହିତ ତାହାର ଉପାଦେୟତା ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୋରପଦର ସମିତି ସଭ୍ୟା ନୀରବତୀ ସାହୁ ଅତିଥି ଭାବେ ଯୋଗଦେଇଥିଲେ।

ଚାଷୀ ପ୍ରତିନିଧି ଭାବେ ପ୍ରଫୁଲ୍ଲ ସାହୁ ଓ ଦୟାନିଧି ମାଝି ଚାଷୀମାନଙ୍କ ଚାଷ ସମ୍ପର୍କିତ ବିଭିନ୍ନ ସମସ୍ୟା ଉପରେ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ଗ୍ରାମ୍ୟ କୃଷି କର୍ମୀ ଘନଶ୍ୟାମ ଜାନି ଆୟୋଜନ କରିଥିବା ବେଳେ ଗ୍ରାମ୍ୟ କୃଷି କର୍ମୀ ଧର୍ମେନ୍ଦ୍ର ଶବର, ସନ୍ତୋଷିନୀ ବରାହ, ସୁଶାନ୍ତ କୁମାର ମହାରଣା, ସୁରଜ ଶେଖର ସାହୁ ପିତାମ୍ବର ମାଝି, କୃଷି ଓଭରସିଅର ଅରୁଣ କୁମାର ପାଢୀ ଓ କୃଷକ ସାଥି ବେଦବର ସାହୁ, ରୁଦ୍ରମଣୀ ସାହୁ, କିଶୋର ଚନ୍ଦ୍ର ସାହୁ, ଜତିନ୍ଦ୍ରନାଥ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ଡମ ଗଣା ସମାଜ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ

# ଆମ୍ବେଡକରଙ୍କ ପଥାଙ୍କ ଅନୁସରଣରେ ଭାଇଚାରା ଆସିବ

**ନୂଆପଡା ଅଫିସ/ତରବୋଡ, ୨୫ା୯ (ଡି.ଏନ୍.ଏ.)**

କୁଳ ଶ୍ରେଷ୍ଠ ବାବାସାହେବ ଭୀମରାଓ ଆମ୍ବେଡକର ଦେଶ ପାଇଁ ଏକ ମାଇଲଖୁଣ୍ଟ ଥିଲେ । ସେ ଆମ ସମାଜକୁ ମାର୍ଗଦର୍ଶନ କରି ଯାଇଛନ୍ତି । ଆମକୁ ନୈତିକ ମୂଲ୍ୟବୋଧ ଶିଖାଇଯାଇଛନ୍ତି । ତାଙ୍କ ପଥାଙ୍କ ଅନୁସରଣ କରି କାମ କଲେ ଆମରି ଭିତରେ ଭାଇଚାରା ସ୍ୱତଃ ବୃଦ୍ଧି ପାଇବ ବୋଲି ସ୍ଥାନୀୟ ତରବୋଡଠାରେ ଅନୁଷ୍ଠିତ ଡମ୍ ଗଣା ସମାଜ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଯୋଗଦେଇ ବକ୍ତାମାନେ ଏହି ମତ ରଖିଛନ୍ତି । ଡ.ଆମ୍ବେଦକର ଯୁବୋଦୟ କ୍ଲବ ଦ୍ୱାରା ଆୟୋଜିତ ୩ୟ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ପ୍ରଥମେ କଳସ ଯାତ୍ରା ପରେ ପିଦର ପୂଜା ପରେ ଏକାଠି ସମସ୍ତେ ବସି ନୂଆଁ ଅନ୍ନ ଭୋଜନ କରିଥିଲେ । କାର୍ଯ୍ୟକ୍ରମରେ କ୍ଲବ ସଭାପତି ରାଜେଶ ଜଗତ ସଭାପତିତ୍ୱ କରିଥିବା ବେଳେ ପଡୋଶୀ ଛତିଶଗଡ ରାଜ୍ୟ ସଭାପତି ଭଗବାନ ନାଏକ ମୁଖ୍ୟଅତିଥି, ମୂରଲୀ ସୁନା, ରୂପଧର କୁଳଦୀପ, ବ୍ରହ୍ମା ସୁନାନୀ, ବନମାଳୀ ଜଗତ, ମହେନ୍ଦ୍ର ତାଣ୍ଡି, କମଳ ତାଣ୍ଡି ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଆବାହକ ରବୀନ୍ଦ୍ର ମଙ୍ଗରାଜ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ କୃଷ୍ଣ ଚନ୍ଦ୍ର ସଗରିଆ ମୁଖ୍ୟଅତିଥି, ବିଶେଷ ଅତିଥି ଭାବେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ଜିତେନ୍ଦ୍ର ସୁନା ମୁଖ୍ୟବକ୍ତା, କମଳ ଚରଣ ତାଣ୍ଡି, ସୁନିତା ବାଗ, ରୂପକ ଡୁରୁକ, ରାଜେଶ ଜଗତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଜାତି ତଥା ସମାଜକୁ ଏକଜୁଟ କରି ଦେଶରେ ଭାଇଚାରା ସୃଷ୍ଟି କରିବା ଆମର ଲକ୍ଷ୍ୟ । ଏଥିପାଇଁ ସମସ୍ତଙ୍କୁ ଆଗକୁ ଆସି କାମ କରିବାକୁ ପଡିବ ବୋଲି ବକ୍ତାମାନେ କହିଥିଲେ । ଏଥିପାଇଁ ଆମ୍ବେଦକରଙ୍କୁ ଅନୁସରଣ କରିବାକୁ ହେବ ବୋଲି କହିଥିଲେ । ଶେଷରେ କଣ୍ଠଶିଳ୍ପି ଦୁଷନ୍ତ ସୁନା, ମହେନ୍ତ ତାଣ୍ଡି, ସନ୍ତୋଗ ବାଗ ଏବଂ ଟିମ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ ହୋଇଥିଲା । କାର୍ଯ୍ୟକ୍ରମକୁ ପରିଚାଳନାରେ କ୍ଲବ ସମ୍ପାଦକ ଲବ ଜଗତ, ଜିତେନ ବାଗ, ଖୁସିରାମ ଜଗତ, ଭମର ତାଣ୍ଡି, ମୀନା କୁଳଦୀପ, ଅର୍ଜ୍ଜୁନ ଜଗତ, ମହେନ୍ଦ୍ର ସୁନାନୀ, ପ୍ରେମ ତାଣ୍ଡି, ଅର୍ଜ୍ଜୁନ ସୁନାନୀ, ଜଗା ବାଗ, ବିନୋଦ ତାଣ୍ଡି, ଲୋକନାଥ ଜଗତ, ସୁରେଶ ତାଣ୍ଡି, ଧନମତ ଜାଲ, ଗୋବିନ୍ଦ ତାଣ୍ଡି, ରୋହିତ ଦୀପ, ଦୁକାଲ ଜଗତ, କୁଶ ଜଗତ, ଅମ୍ରିତ ଜଗତ, ସୁଖଦେବ ଜଗତ, ଘୋଲୁ ଦୀପ, ଦୀପକ ତାଣ୍ଡି, ଛୋଟୁ ଦୀପ ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମକୁ ତରବୋଡ ସମେତ ଆଖପାଖ ଗାଁର ହଜାର ହଜାର ଲୋକ ରୁଣ୍ଡ ହୋଇ ଉପଭୋଗ କରିଥିଲେ ।



ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

## ବ୍ୟାଙ୍କ ମ୍ୟାନେଜରଙ୍କୁ ଘେରିଲେ ଗ୍ରାହକ

**ଭବାନୀପାଟଣା, ୨୫ା୯ (ଡି.ଏନ୍.ଏ.)**

ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ବ୍ୟାଙ୍କ ଅଫ୍ ଇଣ୍ଡିଆର ବୋର୍ଡା ଶାଖାରେ ବ୍ୟାଙ୍କ ସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ ହେଉଛି । ବିଭିନ୍ନ ଯୋଜନାର ହିତାଧିକାରୀ, ଚାଷୀ, ଜମାକାରୀଙ୍କୁ ହଇରାଣ କରାଯାଉଥିବା ଦର୍ଶାଇ ଗ୍ରାହକମାନେ ସୋମବାର ମ୍ୟାନେଜରଙ୍କୁ ଦୀର୍ଘ ସମୟ ଧରି ଘେରାଉ କରିଥିଲେ । ଏ ସମ୍ପର୍କରେ ବୋର୍ଡା ଶାଖା ପରିଚାଳକ ଅଶୋକ ମେହେରଙ୍କୁ ପଚାରିବାରୁ ଭୁବନେଶ୍ୱର ଜୋନାଲ ଅଫିସର ପକ୍ଷରୁ ବୋର୍ଡା ବ୍ରାଞ୍ଚକୁ ଅବହେଳା କରାଯାଉଥିବାରୁ ପରିଚାଳନାରେ ଅସୁବିଧା ହେଉଥିବା ସେ କହିଥିଲେ ।

# ସିଆର୍‌ପିଏଫ୍ ପକ୍ଷରୁ ସ୍ୱଚ୍ଛତା ଅଭିଯାନ

**ଭବାନୀପାଟଣା,୨୫ା୯(ଡି.ଏନ୍.ଏ.)**

୬୪ ବାଟାଲିୟନ୍ ସିଆର୍‌ପିଏଫ୍ କମାଣ୍ଡେଣ୍ଟ ଏ.ଏନ୍. ପାଣ୍ଡେଙ୍କ ନେତୃତ୍ୱରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସିଆର୍‌ପିଏଫ୍ ଯବାନ ଏବଂ ମେଡିକାଲ କର୍ମଚାରୀଙ୍କ ଦ୍ୱାରା ମୁଖ୍ୟ ଡାକ୍ତରଖାନା ପରିସର ସଫେଇ କରାଯାଇଛି । କଳାହାଣ୍ଡିରେ ସିଆର୍‌ପିଏଫ୍ ୬୪ ବାଟାଲିୟନ୍ ଆଣ୍ଟି ମାଓବାଦୀ ଅପରେସନରେ ନିୟୋଜିତ ଅଛନ୍ତି । ମଝିରେ ମଝିରେ ଜିଲାର ବିଭିନ୍ନ ଜାଗାରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ କରିବା ସହ ଗରିବ ଜନସାଧାରଣଙ୍କୁ ଲୁଗା, ବିଭିନ୍ନ ପ୍ରକାର ଔଷଧ, ଚାଷୀମାନଙ୍କ ପାଇଁ ପନିପରିବା ବିହନ ଆଦି ଯୋଗାଇ ଦିଆଯାଉଛି । ଏଥିରେ ସିଆରପିଏଫ୍‌ର ଡ. ବିଜୟ କୁମାର ବସୁମନ୍ତରାୟ, ସିଏମ୍‌ଓ (ଏସ୍‌ଜି), ସୁରେଶ କୁମାର ଓ ଶିଭମ୍ କୁମାର, ଦ୍ୱିତୀୟ କମାଣ୍ଡେଣ୍ଟ, ନିସାନ୍ତ ବୈଷ୍ଣବ, ରାଜୁଲାଲ ମୀନା, ଡେପୁଟି କମାଣ୍ଡେଣ୍ଟଙ୍କ ସମେତ ଭବାନୀପାଟଣା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସରୋଜ କୁମାର ତିଆଡି, ଡା. କବିରାଜ ଚୌଧୁରୀ, ଡା. ଏସ୍.କେ ମହାନ୍ତି ମ୍ୟାନେଜର ଜିଲା ମୁଖ୍ୟ ଚିକସ୍ଥାଳୟ ପ୍ରମୁଖ ଉପସ୍ଥିତ ଥିଲେ ।




ଜିଲା ମୁଖ୍ୟ ଚିକିତ୍ସାଳୟରେ ସଫେଇ ଅଭିଯାନରେ ସାମିଲ୍ ସିଆରପିଏଫ୍ ଯବାନ ଓ ମେଡିକାଲ କର୍ମଚାରୀମାନେ।

# ବେସରକାରୀ କ୍ଲିନିକ୍‌ରେ ଡେଙ୍ଗୁ ପ୍ରତିଷେଧକ ବଟିକା ମିଳୁଛି

**ଜୁନାଗଡ,୨୫ା୯ (ଡି.ଏନ୍.ଏ.)**

ଗତ କିଛିଦିନ ତଳେ ଡେଙ୍ଗୁକୁ ନେଇ କଳାହାଣ୍ଡି ଜିଲାରେ ହଇଚଇ ସୃଷ୍ଟି ହୋଇଥିଲା। ସେତେବେଳେ ଏହି ରୋଗ ପାଇଁ ଲୋକମାନଙ୍କ ମଧ୍ୟରେ ଭୟ ବାତାବରଣ ସୃଷ୍ଟି ହୋଇଥିଲା । ଏହାପରେ ଡେଙ୍ଗୁର ପ୍ରତିଷେଦକ ନାଁରେ ବିଭିନ୍ନ ସ୍ଥାନରେ ବେସରକାରୀ ଭାବେ ବଟିକା ବିକ୍ରି ହୋଇଥିଲା। ଯାହାକି ସାଧାରଣ ଲୋକେ ତରବରିଆ ଭାବେ ଏହାକୁ ଜାଣି ନ ପାରି ଟଙ୍କା ଦେଇ କିଣି ଖାଇଥିଲେ। କିଛି ଲୋକ ଏହାକୁ କିଣି ପୁଣି ଅଧିକ ମୂଲ୍ୟରେ ଗ୍ରାମାଞ୍ଚଳରେ ମଧ୍ୟ ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି ଜୁନାଗଡ ସହରର ଏକ ବେସରକାରୀ କ୍ଲିନିକରେ। ଏହି କ୍ଲିନିକରେ ଡେଙ୍ଗୁ ପ୍ରତିଷେଦକ ନାମରେ ୨୦ ଟଙ୍କା ମୂଲ୍ୟରେ ଏକ ଛୋଟ ବୋତଲରେ ବଟିକା ବିକ୍ରି ହେଉଥିବା ଜଣାପଡିଛି। ଜିଲା ବିଭିନ୍ନ ଅଞ୍ଚଳର ଲୋକ ଡେଙ୍ଗୁ ଭୟରେ ଏଠାକୁ ଆସି ୨୦ ଟଙ୍କା ଦେଇ ଡେଙ୍ଗୁ ପ୍ରତିଷେଧକ ବଟିକା ମଧ୍ୟ ନେଉଥିବା ଜଣାପଡିଛି। ଗତ କିଛି ଦିନ ତଳେ ଏହି ବଟିକା ନେବା ପାଇଁ ସେତେବେଳେ ଲୋକଙ୍କ ମଧ୍ୟରେ ଲମ୍ବା ଲାଇନ ମଧ୍ୟ ଲାଗିଥିଲା ବୋଲି ସ୍ଥାନୀୟ ଲୋକଙ୍କଠୁ ଜଣାପଡିଛି। ଏହି କ୍ଲିନିକରେ ଥିବା ହୋମିଓପାଥି ଡାକ୍ତରଙ୍କୁ ଏ ସମ୍ପର୍କରେ ପଚାରିବାରୁ ଡେଙ୍ଗୁର ପ୍ରତିଷେଧକ ପାଇଁ ଏହି ବଟିକା ବିକ୍ରି କରାଯାଉଛି ବୋଲି କହିଥିଲେ। ଏ ନେଇ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସରୋଜ କୁମାର ତିଆଡିଙ୍କୁ ପଚାରିବାରୁ ଡେଙ୍ଗୁର ସେମିତି କିଛି ପ୍ରତିଷେଧକ ବଟିକା ନାହିଁ ବୋଲି କହିଥିଲେ। ଯିଏ ଏହା ବିକ୍ରି କରୁଛନ୍ତି ତାହା ତଦନ୍ତ କରାଯିବ ବୋଲି କହିଥିଲେ। ସେହିପରି ଜିଲା ହୋମିଓପାଥି ଡ୍ରଗ୍ସ ଇନସ୍ପେକ୍ଟର ରାଜଲକ୍ଷ୍ମୀ ବେହେରାଙ୍କୁ ପଚାରିବାରୁ ଲୋକେ ମାଗୁଥିଲେ ବୋଲି ସେ ଦେଉଥିଲେ। ଏଥର ଆଉ ସେ ଔଷଧ ଦେବେ ନାହିଁ ବୋଲି ସଫେଇ ଦେଇଥିଲେ। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡେଙ୍ଗୁର ପ୍ରତିଷେଧକ ନାମରେ କୌଣସି ବଟିକା ମିଳୁ ନ ଥିବା ଜଣାପଡିଥିବା ବେଳେ ଏ ବିଷୟରେ କୌଣସି ବିଜ୍ଞାପନ ମଧ୍ୟ ବାହାରି ନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳବାସୀ ଉକ୍ତ କ୍ଲିନିକରେ ମିଳୁଥିବା ବଟିକାର ମାନକୁ ନେଇ ଏବେ ପ୍ରଶ୍ନ ଉଠାଇଛନ୍ତି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଏହି କ୍ଲିନିକର ଅନେକ ଗୋପନୀୟ ତଥ୍ୟ ପଦାକୁ ବାହାରନ୍ତା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।



ବେସରକାରୀ କ୍ଲିନିକରେ ମିଳୁଥିବା ଡେଙ୍ଗୁ ପ୍ରତିଷେଧକ ବଟିକା ।



ହଜାର ଥର ଅକୃତକାର୍ଯ୍ୟ ହେଲେ ମଧ ଚେଷ୍ଟା ଛାଡ଼ିବାର ନୁହେଁ, ଉଦ୍ୟମ ହରାଇବାର ନୁହେଁ, ତା'ହେଲେ ସଫଳତା ଆସିବ ହିଁ ଆସିବ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ପ୍ରାଥମିକ ବିଦ୍ୟାଳୟ କାନ୍ଥରେ ଅଶ୍ଳୀଳ ଲେଖା, ଚିତ୍ର : ଛାଏଁଚାପର ଗାଁରେ ଉତ୍ତେଜନା

**ଲୋଇସିଂହା,୨୫।୯(ଡି.ଏନ୍.ଏ.):** ଲୋଇସିଂହା ଥାନା ଅଧୀନ ବଡଟୀକା ପଞ୍ଚାୟତ ଛାଏଁଚାପର ଗାଁର ପ୍ରାଥମିକ ବିଦ୍ୟାଳୟ କାନ୍ଥରେ ଅଶ୍ଳୀଳ ଲେଖା ଓ ଚିତ୍ରକୁ ନେଇ ଗାଁରେ ଉତ୍ତେଜନା ଦେଖାଯାଇଥିଲା। ଏହି ଘଟଣାକୁ କେନ୍ଦ୍ର କରି ୩ ଜଣ ଅନୁସୂଚିତ ଜାତି ଯୁବକଙ୍କୁ ଗାଁରେ ମାଡ଼ ମରାଯିବା ଏବଂ ଭୟରେ ସେମାନଙ୍କ ପରିବାର ଗାଁ ଛାଡି ଥାନାର ଦ୍ୱାରସ୍ଥ ହୋଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଘଟଣାକୁ ନେଇ ୩ଜଣ ଯୁବକ ଥାନାରେ କ୍ଷମା ମାଗିବା ପରେ ଘଟଣାର ଆପୋଷ ସମାଧାନ ହୋଇଥିବା ସୂଚନା ମିଳିଛି। ପ୍ରାଥମିକ ବିଦ୍ୟାଳୟ କାନ୍ଥରେ କିଛି ଛାତ୍ରୀଙ୍କ ନାଁରେ ଅଶ୍ଳୀଳ ଲେଖା ଏବଂ ଚିତ୍ର ଅଙ୍କନ କରାଯାଇଥିବା ଦେଖାଯିବା ପରେ ସୋମବାର ଗାଁରେ ଉତ୍ତେଜନା ଦେଖାଯାଇଥିଲା। ଏହି ଘଟଣାକୁ କେନ୍ଦ୍ର କରି ସ୍କୁଲ ପରିଚାଳନା କମିଟି ଓ ଗାଁ ଲୋକେ ସୋମବାର ସ୍କୁଲରେ ବୈଠକ କରିଥିଲେ। ସେହି ଗାଁର ୩ ଜଣ ଯୁବକ ଏଭଳି କାମ କରିଥିବା ଜଣାପଡିଥିଲା। ଏହାପରେ ସୋମବାର ସନ୍ଧ୍ୟାରେ ଗାଁ ଲୋକେ ଉକ୍ତ ତିନିଜଣ ଯୁବକଙ୍କୁ ଡାକି ପଚରାଉଚରା କରିଥିଲେ। ଏନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା ଓ କିଛି ଲୋକ ଉକ୍ତ ୩ ଜଣ ଯୁବକଙ୍କୁ ମାଡ ମାରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଭୟରେ ସମ୍ପୃକ୍ତ ୩ ଯୁବକଙ୍କ ପରିବାର ଲୋକେ ସୋମବାର ଗାଁ ଛାଡି ପଳାୟନ କରିଥିଲେ। ମଙ୍ଗଳବାର ଏହି ଘଟଣା ନେଇ ଅଭିଯୋଗ କରିଥିଲେ। ପରେ ଗାଁ ଲୋକେ ଥାନାରେ ପହଞ୍ଚି ଉକ୍ତ ୩ ଜଣ ଯୁବକଙ୍କ ବିରୋଧରେ ଅଭିଯୋଗ କରିଥିଲେ। ତେବେ ସମ୍ପୃକ୍ତ ୩ ଜଣ ଯୁବକ ଦୋଷ ସ୍ୱୀକାର କରିବା ସହ ଭୁଲ ମାଗିବାରୁ ଘଟଣାର ଆପାତତଃ ସମାଧାନ ହୋଇ ଯାଇଛି। ଘଟଣାଟି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# କର୍ତ୍ତବ୍ୟରତ ଆଶାକର୍ମୀଙ୍କୁ ଚାପୁଡ଼ା ମାରିଲେ ନର୍ସ

**ବଲାଙ୍ଗୀର ଅଫିସ,୨୫।୯**

କର୍ତ୍ତବ୍ୟରତ ଜଣେ ଆଶାକର୍ମୀଙ୍କୁ ହସ୍ପିଟାଲ ଭିତରେ ଜଣେ ନର୍ସ ଚାପୁଡ଼ା ମାରି ଗାଳିଗୁଲଜ କରିବା ଘଟଣାକୁ ନେଇ ଆଶାକର୍ମୀମାନେ ମଙ୍ଗଳବାର ସିଡିଏମ୍‌ଓଙ୍କୁ ଭେଟି ଅଭିଯୋଗ କରିବା ସହ ସମ୍ପୃକ୍ତ ନର୍ସଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଶାକର୍ମୀମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।

ଜାମଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବାହାଲବୁକା ଗ୍ରାମର ଆଶାକର୍ମୀ ଲକ୍ଷ୍ମୀଶାନ୍ତି ନାଏକ ଟିମାପାଲି ଗ୍ରାମର ଜଣେ ପ୍ରସୂତି ମହିଳାଙ୍କୁ ନେଇ ସୋମବାର ବଲାଙ୍ଗୀର ସନ୍ଥ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ପହଞ୍ଚି ଥିଲେ। ଗର୍ଭ ଯନ୍ତ୍ରଣା ଭୋଗୁଥିବା ସମ୍ପୃକ୍ତ ମହିଳାଙ୍କୁ ହସ୍ପିଟାଲର ଏମ୍‌ସିଏଚ୍ ୱାର୍ଡର ପ୍ରସବ ଗୃହରେ ଭର୍ତ୍ତି କରିଥିଲେ। ତେବେ ଦୀର୍ଘ ସମୟ ଧରି କୌଣସି ଡାକ୍ତର ନ ଆସିବାରୁ ଏବଂ ଗର୍ଭଯନ୍ତ୍ରଣା ଭୋଗୁଥିବା ମହିଳା ଜଣକ ଛଟପଟ ହେବାରୁ ବ୍ୟତିବ୍ୟସ୍ତ ହୋଇ ଆଶାକର୍ମୀ ନାଏକ ଡାକ୍ତରଙ୍କୁ ଡାକିବା ପାଇଁ ପ୍ରସୂତି ବିଭାଗ ୱାର୍ଡ ଭିତରକୁ ଯାଇଥିଲେ। ତେବେ ସେଠାରେ ଥିବା ଜଣେ ଷ୍ଟାଫ୍ ନର୍ସ ସମ୍ପୃକ୍ତ ଆଶାକର୍ମୀଙ୍କୁ ଗାଳିଗୁଲଜ କରିବା ସହ ଚାପୁଡ଼ା ମାରିଥିବା ଅଭିଯୋଗ ହୋଇଛି। ଆଶାକର୍ମୀ ନାଏକ ଘଟଣା ସଂକ୍ରାନ୍ତରେ ଆଶାକର୍ମୀ ସଂଘକୁ ଜଣାଇଥିଲେ। ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ ନିଷ୍ପତ୍ତି କ୍ରମେ ଶତାଧିକ ଆଶାକର୍ମୀ ମଙ୍ଗଳବାର ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଧାରଣାରେ ବସିଥିଲେ। ଚାପୁଡ଼ା ମାରିଥିବା ନର୍ସଙ୍କୁ ତୁରନ୍ତ ବଦଳି କରାଯିବା, ଆଶାକର୍ମୀଙ୍କୁ କ୍ଷମା ମାଗିବା ଏବଂ ଆଶାକର୍ମୀଙ୍କୁ ଉଚିତ ବ୍ୟବହାର ଦାବି କରିଥିଲେ। ସିଡିଏମ୍‌ଓ ଡା. ସୁଜ୍ଞାନେନ୍ଦ୍ର ମିଶ୍ର ଧାରଣାସ୍ଥଳକୁ ଆସିବା ପରେ ଆଶାକର୍ମୀ ସଂଘ ପକ୍ଷରୁ ଚାପୁଡ଼ା ମାରିଥିବା ନର୍ସଙ୍କ ବିରୋଧରେ ଏକ ଦାବିପତ୍ର ଦିଆଯାଇଥିଲା। ସିଡିଏମ୍‌ଓ ଡା. ମିଶ୍ର ଦାବିପତ୍ର ଗ୍ରହଣ କରିବା ସହ ଆଶାକର୍ମୀଙ୍କୁ ଚାପୁଡ଼ା ମାରିବା ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଥିଲେ। ଏହି ଘଟଣା ସନ୍ଥ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଘଟିଥିବାରୁ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଜଣାଇ ଉଚିତ ପଦକ୍ଷେପ ନେବା ଦିଗରେ ସେ ଆଲୋଚନା କରିବେ ବୋଲି ଆଶାକର୍ମୀଙ୍କୁ ଜଣାଇଥିଲେ। ସମ୍ପୃକ୍ତ ନର୍ସଙ୍କ ବିରୋଧରେ ପୂର୍ବରୁ ମଧ୍ୟ ବିଭିନ୍ନ ଅଭିଯୋଗ ରହିଥିବା ଅଭିଯୋଗ କରାଯାଇଥିଲା। ତୁରନ୍ତ ତାଙ୍କୁ ମେଡିକାଲ କଲେଜ ହସ୍ପିଟାଲରୁ ଅନ୍ୟତ୍ର ବଦଳି କରିବାକୁ ଆଶାକର୍ମୀ ସଂଘ ଦାବି କରିଥିଲେ।

**ସିଡିଏମ୍‌ଓଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କଲେ ଆଶାକର୍ମୀ**



ଆଶାକର୍ମୀମାନେ ବଲାଙ୍ଗୀର ସିଡିଏମ୍‌ଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

### ଟ୍ରେନ୍ ଆଗକୁ ଡେ଼ଇଁ ଯୁବକଙ୍କ ଆତ୍ମହତ୍ୟା

**ସଇଁତଲା,୨୫।୯(ଡି.ଏନ୍.ଏ.)**

ମଙ୍ଗଳବାର ପୂର୍ବାହ୍ନରେ ସଇଁତଲା ବଡ଼ମାଳ ରେଳଷ୍ଟେଶନ ମଧ୍ୟରେ ଥିବା କଳାହାଣ୍ଡି ଛକ ଓଭରବ୍ରିଜ ପାଖରେ ଟ୍ରେନ ଆଗକୁ ଡେ଼ଇଁ ଯୁବକ ଜଣକ ଆତ୍ମହତ୍ୟା କରିଥିବା ଜଣାପଡିଛି। ସେ ହେଲେ ସଇଁତଲା ବ୍ଲକ ଆମ୍ବପାଲି ପଞ୍ଚାୟତ କୁସମାଲ ଗ୍ରାମର ତାରାଚନ୍ଦ ଭୋଇ (୩୭)। ମିଳିଥିବା ସୂଚନା ମୁତାବକ, ତାରାଚାନ୍ଦ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ଏକ ବାଇକ୍(ନଂ.ଓଆର୦୩ଇ-୪୭୨୩)ରେ ଆସି କଳାହାଣ୍ଡି ଛକ ରେଲୱେ ଓଭରବ୍ରିଜ ନିକଟରେ ଅଟକ ଥିଲେ। ସେତିକିବେଳେ ଏକ ମାଲବାହୀ ଟ୍ରେନ ଆସୁଥିବା ଦେଖି ସେ ଆଗକୁ ଡେଇଁ ପଡିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ରେଲୱେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅନ୍ୟପକ୍ଷେ ଆତ୍ମହତ୍ୟାର କାରଣ ଜଣାପଡି ନାହିଁ। ଏ ନେଇ ଜିଆର୍‌ପି ପୋଲିସ ଏକ ମାମଲା ରୁଜୁ କରିଛି।



କମଲେଶ ଚନ୍ଦ୍ର କମିଟି ରିପୋର୍ଟ ଅନୁଯାୟୀ ନିର୍ଦ୍ଧାରିତ ସମୟରୁ ଦରମା ଓ ଅନ୍ୟାନ୍ୟ ସୁବିଧା ଲାଗୁହେବା ଦାବିରେ ଗ୍ରାମୀଣ ଡାକ ସେବକମାନେ ବଲାଙ୍ଗୀର ପ୍ରଧାନ ଡାକଘର ସମ୍ମୁଖରେ ଦିନିକିଆ ଧର୍ମଘଟରେ ବସିଛନ୍ତି। (ଫଟୋ-ସୁନୀଲ)

କୃମି ଔଷଧ ଖାଇ ଛାତ୍ରୀଛାତ୍ର ଅସୁସ୍ଥ ହେବା ଘଟଣା

# ସ୍କୁଲରେ ତାଲା ପକାଇଲେ ଅଭିଭାବକ

**ସଇଁତଲା,୨୫।୯(ଡି.ଏନ୍.ଏ.)**

ସଇଁତଲା ବ୍ଲକ ଘୁନସରସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର କୃମି ଔଷଧ ଖାଇ ଅସୁସ୍ଥ ହେବା ଘଟଣାରେ ମଙ୍ଗଳବାର ଘୁନସର ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ଅଭିଭାବକମାନେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଅନ୍ୟତ୍ର ବଦଳୀ ଦାବି କରି ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଏପରି କି ଘଟଣାରେ ସମ୍ପୃକ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଅନ୍ୟପକ୍ଷେ ସମସ୍ୟାର ସମାଧାନ ପାଇଁ ଆସିଥିବା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ(ଏବିଇଓ) ନାରାୟଣ ଭୋଇଙ୍କ ସହ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗ୍ରାମବାସୀ ଅଟକ ରଖିଥିଲେ । ଖବର ପାଇ ସଇଁତଲା ଥାନାର ଏସ୍ଆଇ. ସୁନୀଲ ସୋରେନ ପୋଲିସ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଏବିଇଓ ଭୋଇ ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଉଦ୍ଧାର କରି ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ଏବିଇଓ ଭୋଇ ଘଟଣାରେ ସମ୍ପୃକ୍ତ ଦୋଷୀ ଶିକ୍ଷକଙ୍କୁ ତୁରନ୍ତ ବଦଳି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଆନ୍ଦୋଳନରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନବୀନ ସାହୁ, ଦେବ ସାହୁ, ପପୁ ମହାନ୍ତି, ସନ୍ତୋଷ ବେହେରା, ଶାନ୍ତନୁ ସାହୁ, ଶେଷଦେବ ସାହୁ, ରାଜୁ ସାହୁ, ଗୌତମ ଗହୀର, ଗୁରୁବାରୁ ସାହୁ, ବାସୁଦେବ ସାହୁଙ୍କ ସମେତ ଶତାଧିକ ଅଭିଭାବକ ଉପସ୍ଥିତ ଥିଲେ। ଆନ୍ଦୋଳନକୁ ସମର୍ଥନ କରି ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେନ୍ଦ୍ର ଠାକୁର ମଧ ଉପସ୍ଥିତ ରହିଥିଲେ।



ସ୍କୁଲ ସମ୍ମୁଖରେ ଧାରଣାରେ ବସିଥିବା ଗ୍ରାମବାସୀ।

**ଅତିରିକ୍ତ ଶିକ୍ଷା ଅଧିକାରୀଙ୍କୁ ୬ ଘଣ୍ଟା ଅଟକ ରଖିଲେ ଗ୍ରାମବାସୀ**

ସବ୍ ଡିଭିଜିନାଲ ହସ୍ପିଟାଲର ମାନ୍ୟତା ଦାବି

# କଣ୍ଟାବାଞ୍ଜି ସାମ୍ବାଦିକ ସଂଘର ଆନ୍ଦୋଳନ

**କଣ୍ଟାବାଞ୍ଜି,୨୫।୯(ଡି.ଏନ୍.ଏ.)**

କଣ୍ଟାବାଞ୍ଜି ସାମ୍ବାଦିକ ସଂଘ ପକ୍ଷରୁ କଣ୍ଟାବାଞ୍ଜି ଡାକ୍ତରଖାନାକୁ ସବ୍ ଡିଭିଜିନାଲ ହସ୍ପିଟାଲର ମାନ୍ୟତା ଦାବି ସହ ଅନ୍ୟ ୬ ଦଫା ଦାବି ନେଇ ସେପ୍ଟେମ୍ବର ୮ ତାରିଖରେ ଲିଖିତ ଭାବେ ଜିଲା ପ୍ରଶାସନକୁ ଜଣାଇଥିଲେ। ସେପ୍ଟେମ୍ବର ୨୪ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ୨୫ତାରିଖରୁ ହସ୍ପିଟାଲ ସମ୍ମୁଖରେ ଆମରଣ ଅନଶନ କରିବାକୁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଦାବି ପୂରଣ ନ ହେବାରୁ ମଙ୍ଗଳବାର ସଂଘ ପକ୍ଷରୁ ଆନ୍ଦୋଳନ କରାଯାଇଛି। ଆନ୍ଦୋଳନକୁ ସହରର କେଭି କଲେଜ ଛାତ୍ର ସଂଗଠନର ଛାତ୍ରୀଛାତ୍ର, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ସମର୍ଥନ କରାଯାଇଛି। ସଂଘ ସଭାପତି ସୁବାସ ବେହେରାଙ୍କ ନେତୃତ୍ୱରେ ସଭ୍ୟ ସରୁଦାସ ବାଗ, ରଶ୍ମିରଞ୍ଜନ ପୁଟେଲ, ପରବଜିତ ସିଂ ସାଲୁଜା, ଆଶିଷ ଖାଇତାନ, ମନୋଜ ଶର୍ମା, ଆନନ୍ଦ ମୋଟେ, ଶାନ୍ତନୁ ବିଭାର, ଜଗମୋହନ ତାଣ୍ଡି, କୃତିକର ବାଗ, ଜୀବନାନନ୍ଦ ମହାନ୍ତି, କମଲଜିତ ସିଂ ମାଖିଜା, ଗୁରୁଦୟାଲ ହଂସ, ଅଶୋକ ନାରାୟଣ ଭୋଇ, ଦୀପକ ରଞ୍ଜନ ଦାସ ଯାଦବଙ୍କ ସହିତ ସହରର ବୁଦ୍ଧିଜୀବୀ ପ୍ରମୁଖ ସାମିଲ ହୋଇଛନ୍ତି।

ବାଙ୍ଗାଲୋରରେ ନୂଆଁଖାଇ ଭେଟ୍‌ଘାଟ୍

# ପଞ୍ଚମ କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟ ମନ ମୋହିଲା

**ବଲାଙ୍ଗୀର ଅଫିସ, ୨୫।୯**

ବାଙ୍ଗାଲୋରର ହଲ୍ କନ୍‌ଭେନ୍‌ସନ ସେଣ୍ଟରଠାରେ ପ୍ରବାସୀ ପଶ୍ଚିମ ଓଡ଼ିଶାବାସୀଙ୍କ ଡାଲ୍‌ଖାଇ ଫାଉଣ୍ଡେଶନ୍ ପକ୍ଷରୁ ଆୟୋଜିତ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ବଲାଙ୍ଗୀରର ସାଂସ୍କୃତିକ ଅନୁଷ୍ଠାନ ପଞ୍ଚମ୍‌ର କଳାକାରମାନେ ନୃତ୍ୟ ଓ ସଙ୍ଗୀତର ଯାଦୁ ଦେଖାଇଥିଲେ। ପଶ୍ଚିମ ଓଡ଼ିଶାର ଲୋକନୃତ୍ୟ ଓ ଲୋକଗୀତ ପରିବେଷଣ କରି ଦର୍ଶକଙ୍କୁ ବିଭୋର କରି ଦେଇଥିଲେ। ପ୍ରତ୍ୟେକ ବର୍ଷ ଡାଲ୍‌ଖାଇ ଫାଉଣ୍ଡେଶନ ପକ୍ଷରୁ ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଚଳିତବର୍ଷ ଏହି ଉତ୍ସବରେ ପଦ୍ମଶ୍ରୀ ଚତୁର୍ଭୁଜ ମେହେର, ଭାରତୀୟ ରକ୍ଷା ବିଭାଗ ପ୍ରଶାସନିକ ଅଧିକାରୀ ସୁବ୍ରତ ପାଲ, ଦୁବାଇର ବିଶିଷ୍ଟ ଶିଳ୍ପପତି ରାଜେନ୍ଦ୍ର ଓଝା, କେନ୍ ଫାଇନାନ୍ସ ହୋମ୍ସ ଲିମିଟେଡ୍ ବାଙ୍ଗାଲୋରର ପରିଚାଳନା ନିର୍ଦ୍ଦେଶକ ଏସ୍.କେ. ହୋତା, ଉଇପ୍ରୋ କମ୍ପାନୀ ମୁଖ୍ୟ ସୂର୍ଯ୍ୟ ମହାପାତ୍ର, ହେଲ୍ପିଂ ହାର୍ଟ ସାମାଜିକ ପ୍ରତିଷ୍ଠାନ ବରପାଲିର ପ୍ରତିଷ୍ଠାତା ସତ୍ୟାନନ୍ଦ ପାଣ୍ଡେ, ଡୁଙ୍ଗୁରିପାଲିର ସାମାଜିକ କର୍ମୀ ବିଭୁଦତ୍ତ ବିଶ୍ୱାଳ, ହାସ୍ୟ ଅଭିନେତା ବିନ୍ଦୁ ମଲ୍ଲିକ, ସ୍ୱାଗ ସିଷ୍ଟରସ୍ ଓ ଅନ୍ୟମାନେ ଏଥିରେ ଯୋଗଦାନ କରିଥିଲେ। ବାଙ୍ଗାଲୋରରେ ବସବାସ କାରୁଥିବା ପଶ୍ଚିମ ଓଡ଼ିଶାର ଅଧିବାସୀମାନଙ୍କ ଦ୍ୱାରା ଗଠିତ ଡାଲ୍‌ଖାଇ ଫାଉଣ୍ଡେଶନର ସଭାପତି ଯତୀନ୍ଦ୍ର ମିଶ୍ର, ସମ୍ପାଦକ ପାର୍ଥସାରଥି ଦାଶଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ, ବୃଦ୍ଧାଶ୍ରମ ସେବା, ଅନାଥ ପିଲାମାନଙ୍କ ଭରଣପୋଷଣ ଭଳି ସାମାଜିକ କାର୍ଯ୍ୟକ୍ରମ କରାଯାଉଥିବା ଜଣାପଡିଛି।



ପଞ୍ଚମର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

# ଦେଓଗାଁ ବ୍ଲକ କଂଗ୍ରେସ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

**ଦେଓଗାଁ,୨୫।୯(ଡି.ଏନ.ଏ)**

ଦେଓଗାଁ ବ୍ଲକ ଗୌରଗୋଠ ହାଇସ୍କୁଲ ନିକଟରେ ବ୍ଲକ କଂଗ୍ରେସ ପକ୍ଷରୁ ମଙ୍ଗଳବାର ୧୩ ନମ୍ବର ଜୋନସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ଜୋନ ସଭାପତି ନୀଳମଣି ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୋନର ୬ଟି ପଞ୍ଚାୟତର କର୍ମକର୍ତ୍ତା ମୁଣ୍ଡପଲାଛକରୁ ଏକ ବାଇକ୍ ଶୋଭାଯାତ୍ରାରେ ଆସି ସଭା ସ୍ଥଳରେ ପହଞ୍ଚି ଥିଲେ। ବୈଠକରେ ମୁଖ୍ୟଅତିଥି ଭାବେ ଅଖିଳ ଭାରତୀୟ କଂଗ୍ରେସ କମିଟି ସଦସ୍ୟ ତଥା ଯୁବନେତା ସମରେନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଲକ୍ଷ୍ମଣ କୁମାର ମେହେର, ପଞ୍ଚାୟତ ସମିତି ଅଧକ୍ଷା ରୀନା ମେହେର, ଉପାଧକ୍ଷ ରାଜୁ ବାଗ, ବିଧାୟକଙ୍କ ପ୍ରତିନିଧି କାନ୍ତେଶ୍ୱର ପଧାନ, ଆଦିବାସୀ ନେତା ମୟ ପ୍ରଧାନୀ, ଜିଲା ଉପସଭାପତି ମନିଷ ମିଶ୍ର ପ୍ରମୁଖ ଯୋଗ ଦେଇ ଦଳର ଆଦର୍ଶ ଉପରେ ମତ ରଖିଥିଲେ। ନିର୍ବାଚନ ନିକଟତର ହୋଇ ଆସୁଥିବାରୁ ସମସ୍ତ କାର୍ଯ୍ୟକର୍ତ୍ତା ଶୃଙ୍ଖଳିତ ଭାବେ ଦଳ ପାଇଁ କାମ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଅର୍ଜନପୁର ପ୍ୟାକ୍ସ ସଭାପତି ଗୋପିନାଥ ନାଗ, ସେବାଦଳ ମୁଖ୍ୟ ଅସିତ ମିଶ୍ର, ସ୍ଥାନୀୟ ସରପଞ୍ଚ ପ୍ରତିମା ନନ୍ଦ, ସମିତି ସଭ୍ୟା ଦେବକୀ ମଲ୍ଲୀକ, ମୁକୁନ୍ଦପୁର ସରପଞ୍ଚ ବାଳକ ପଧାନ, ଗୁଣନିଧି ସାହୁଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।



ଗୌରଗୋଠରେ ବ୍ଲକ କଂଗ୍ରେସ ପକ୍ଷରୁ ନୂଆଁଖାଇ ଭେଟଘାଟ ଅବସରରେ ମୁଖ୍ୟ ଅତିଥି ସମରେନ୍ଦ୍ର ମିଶ୍ର ବକ୍ତବ୍ୟ ଦେଉଛନ୍ତି।

### ଗଣେଶ ବିସର୍ଜନ ବେଳେ ଗଣ୍ଡଗୋଳ

**ବଲାଙ୍ଗୀର ଅଫିସ,୨୫।୯**

ବଲାଙ୍ଗୀର ସହରରେ ଗଣେଶ ବିସର୍ଜନ ବେଳେ ଦୁଇଗୋଷ୍ଠୀ ଭିତରେ ଗଣ୍ଡଗୋଳ ଘଟି ଉତ୍ତେଜନା ପ୍ରକାଶ ପାଇଥିଲା। ମଙ୍ଗଳବାର ଠିକାଦାରପଡାର ଗଣେଶ ବିସର୍ଜନ ଶୋଭାଯାତ୍ରା ଚାଲିଥିବା ବେଳେ ଠିକାଦାରପଡ଼ା ଓ ହାତୀଶାଳପଡ଼ାର କିଛି ଯୁବକଙ୍କ ଭିତରେ ମାଡପିଟ୍ ହୋଇଥିଲା। ଏହାପରେ ଗୋଷ୍ଠୀ ବିବାଦର ରୂପ ନେଇଥିଲା। ଏହି ଘଟଣାକୁ ନେଇ ଉଭୟ ଗୋଷ୍ଠୀ ଟାଉନ୍ ଥାନାକୁ ଆସି ଭିଡ ଜମାଇଥିଲେ। ଏହି ଘଟଣାରେ ଦୁଇଜଣ ଯୁବକ ଆହତ ହୋଇଥିବା ଜଣାପଡିଛି।

# ଶିକ୍ଷକ ବଦଳିକୁ ନେଇ ତେଜୁଛି ଆନ୍ଦୋଳନ

**ଦେଓଗାଁ,୨୫।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ କିଛି ଦିନ ହେଲା ଶିକ୍ଷକ ବଦଳିକୁ ନେଇ ଶିକ୍ଷା ବ୍ୟବସ୍ଥା ଭୁଶୁଡି ପଡିଛି। ସମସ୍ୟାର କୌଣସି ସ୍ଥାୟୀ ସମାଧାନ ହୋଇପାରୁ ନ ଥିବାରୁ ବିଭାଗୀୟ ଅପାରଗତ ପଦାରେ ପଡିଛି। ଉପରଝର ପଞ୍ଚାୟତ ନୂଆଁପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କ ବଦଳିକୁ ନେଇ ଗ୍ରାମବାସୀ ସୋମବାର ବିଦ୍ୟାଳୟରେ ତାଲା ପକାଇ ଦେଇଥିବା ବେଳେ ଛାତ୍ରୀଛାତ୍ର ରାସ୍ତାପାର୍ଶ୍ୱ ଗଛମୂଳେ ଅସୁରକ୍ଷିତ ଭାବେ ପାଠ ପଢୁଥିବା ନଜରକୁ ଆସିଛି। ସେହିପରି ଉପରଝର ନୂତନ ସରକାରୀ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ ଡେପୁଟେଶନ ଶିକ୍ଷକଙ୍କ ବଦଳି ପରେ ଶିକ୍ଷକ ଦେବା ପାଇଁ ପ୍ରତିଶ୍ରୁତି ପାଳନ ନ ହେବାରୁ ପୁଣି ଅଭିଭାବକ ତଥା ଛାତ୍ରୀଛାତ୍ର ସୋମବାରଠାରୁ ତାଲାବନ୍ଦ ଆନ୍ଦୋଳନ କରିଛନ୍ତି। ହେଲେ ଶିକ୍ଷା ବିଭାଗର କୌଣସି ଅଧିକାରୀ ଆନ୍ଦୋଳନ ସ୍ଥଳକୁ ନ ଆସିବାରୁ ଅଭିଭାବକ ତଥା ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଆନ୍ଦୋଳନକୁ ତୀବ୍ରତର କରାଯିବା ସହ ଉପରଝର ଅଞ୍ଚଳର ସମସ୍ତ ସରକାରୀ ଅନୁଷ୍ଠାନମାନଙ୍କୁ ଅଚଳ କରିଦେବା ପାଇଁ ଗ୍ରାମବାସୀ ନିଷ୍ପତ୍ତି ନେଇଥିବା ଜଣାପଡିଛି। ପ୍ରକାଶ ଯେ, କିଛିଦିନ ତଳେ କୁହିମୁଣ୍ଡା ପ୍ରାଥମିକ ବିଦ୍ୟାଳୟରୁ ଡେପୁଟେଶନରେ ଆସିଥିବା ଜଣେ ଶିକ୍ଷକଙ୍କୁ ବିଭାଗ ପୁଣି କୁହିମୁଣ୍ଡା ସ୍କୁଲକୁ ଫେରାଇ ନେବା ପରେ ଅଭିଭାବକ ତଥା ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସେ ସମୟରେ ବିଭାଗୀୟ ଅଧିକାରୀ ସ୍କୁଲକୁ ପ୍ରତିବଦଳରେ ଶିକ୍ଷକ ଦେବାର ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାହା ପାଳନ ନ ହେବାରୁ ଶନିବାର ସମସ୍ତ ଅଭିଭାବକ ଓ ଗ୍ରାମବାସୀ ସ୍କୁଲ ଗେଟରେ ତାଲାଦେବା ସହ ଧାରଣାରେ ବସିଥିଲେ। ବିଭାଗୀୟ ଅଧିକାରୀମାନେ ପୁଣି ସୋମବାର ସୁଦ୍ଧା ଦାବି ପୂରଣ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସୋମବାର ସ୍କୁଲରେ ଶିକ୍ଷକ ଯୋଗ ନ ଦେବାରୁ ଗ୍ରାମରେ ଉତ୍ତେଜନା ଦେଖାଦେବା ସହ ମଙ୍ଗଳବାର ପୁଣି ଆନ୍ଦୋଳନ ଆରମ୍ଭ ହୋଇଛି। ଅନ୍ୟପଟେ ଜରାସିଂହାରେ ପୂର୍ବରୁ ଥିବା କ୍ଲଷ୍ଟରକୁ ବିଭାଗ ଉଠାଇ ଦେଇଥିବାରୁ କ୍ଲଷ୍ଟର ସ୍ଥାପନ ଦାବି ନେଇ ଗ୍ରାମ୍ୟ ଉନ୍ନୟନ କମିଟି ପକ୍ଷରୁ ଦେଓଗାଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ବୁଧବାର ଘେରାଉ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଗ୍ରାମ୍ୟ କମିଟି ସଭାପତି ସୁନ୍ଦରମଣି ଦଣ୍ଡସେନା ସୂଚନା ଦେଇଛନ୍ତି। ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ ଭାଗ୍ୟବତୀ ଦାଶଙ୍କୁ ପଚାରିବାରୁ ସମସ୍ତ ସମସ୍ୟାର ସମାଧାନ ପାଇଁ ଚେଷ୍ଟା ଚାଲିଛି ବୋଲି କହିଥିଲେ।



ନୂଆଁପାଲିରେ ତାଲାବନ୍ଦ ଆନ୍ଦୋଳନ ଯୋଗୁଁ ଗଛତଳେ ଛାତ୍ରୀଛାତ୍ର ପଢୁଛନ୍ତି।

**ଦେଓଗାଁ ବ୍ଲକ**

- ଉପରଝରରେ ଆନ୍ଦୋଳନ ଜାରି
- ନୂଆଁପାଲିରେ ଗଛ ତଳେ ପଢ଼ିଲେ ଛାତ୍ରୀଛାତ୍ର
- ବିଇଓ କାର୍ଯ୍ୟାଳୟ ଘେରିବ ଗ୍ରାମ୍ୟ କମିଟି



ଅହଂଭାବଟି ତୁମକୁ ଟିକିଏ ଫୁଲେଇ ଦେଇପାରେ, କିନ୍ତୁ ତାହା ବୋଲି ତୁମକୁ ଉପରକୁ ଉଠାଇ ପାରିବ ନାହିଁ।
- ଜନ୍ ରସ୍କିନ୍



## ସଂକ୍ଷେପରେ

### ଟ୍ରକ୍-ବାଇକ୍ ଧକ୍କା, ବାଇକ୍ ଆରୋହୀ ଗୁରୁତର

**ଲହୁଣୀପଡା, ୨୫।୯(ଡି.ଏନ.ଏ.)-** ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥ କୁଚେଇତା ନିକଟରେ ମଙ୍ଗଳବାର ଅପରାହ୍ନ ପ୍ରାୟ ଚାରିଟାବେଳେ ଟ୍ରକ ଧକ୍କାରେ ବାଇକ ଆରୋହୀ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଚାନ୍ଦିପୋଷ ଥାନା ଅନ୍ତର୍ଗତ ଛିଡିଗ୍ରାମର ଜୈନେକ ଯୁବକ ଓଡି୧୪ଏଲ୦୩୨୮ ନମ୍ବର ବାଇକ ଯୋଗେ ରାଉରକେଲା ପଟେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଓଡି୧୪କେ ୧୨୩୭ ବାରଚକିଆ ଟ୍ରକ ସହିତ ଧକ୍କା ହୋଇଥିଲା ଏବଂ ବାଇକଟି ଟ୍ରକ ଭିତରେ ପଶି ଯାଇଥିଲା । ବାଇକ ଚାଳକ ଗୁରୁତର ଆହତ ହୋଇଥିଲେ। ବାଇକ ଆରୋହୀ ପରିଚୟ ମିଳିପାରି ନଥିଲେ ମଧ୍ୟ ବାଇକରେ ମହେଶ୍ୱର ଦେହୁରୀ ଲେଖା ହୋଇଛି। ପୋଲିସ ତଦନ୍ତ ଚଳାଇଛି। କିନ୍ତୁ ବାଇକରେ ଦୁଇଜଣ ବସିଥିଲେ ବୋଲି ସ୍ଥାନୀୟ ଲୋକମାନେ ପ୍ରକାଶ କରୁଥିଲେ ମଧ୍ୟ ଅନ୍ୟ ଜଣଙ୍କର ପତ୍ତା ମିଳିପାରିନାହିଁ। ସ୍ଥାନୀୟ ଲୋକଙ୍କ ସହାୟତାରେ ବାଇକ ଆରୋହୀ ରାଉରକେଲା ସରକାରୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇ ଦିଆଯାଇଥିବା ଜଣାଯାଇଛି। ଖବରପାଇ ଚାନ୍ଦିପୋଷ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ ଓ ଟ୍ରକକୁ ଜବତ କରିବା ସହିତ ଘଟଣାର ତଦନ୍ତ ଚଳାଇଥିବାବେଳେ ଟ୍ରକ ଚାଳକ ଫେରାର ହୋଇଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ ।

### ଯୁବକଙ୍କ ହାତ କଟିଲା

**ଲହୁଣୀପଡା, ୨୫।୯(ଡି.ଏନ.ଏ.)-** ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ଚମ୍ପାଝରଣ ରେଳଷ୍ଟେସନରେ ଜନୈକ ଯୁବକଙ୍କ ହାତ କଟି ଯାଇଥିବା କୁହାଯାଉଛି। ଯୁବକ ଜଣକ ବନ୍ଧମୁଣ୍ଡା ଅଞ୍ଚଳର। ସେ ଟ୍ରେନରେ ଉଠିଲା ବେଳେ କୌଣସି ସ୍ଥାନରେ ଧକ୍କା ହେବା ଯୋଗୁ ହାତଟି କଟିଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ରାଉରକେଲା ଡାକ୍ତରଖାନା ପଠାଇଥିବା ଜଣାଯାଇଛି।

### ଗଣେଶ ବିସର୍ଜନ ବେଳେ ଗଣ୍ଡଗୋଳ

**ବଲାଙ୍ଗୀର ଅଫିସ,୨୫।୯-** ବଲାଙ୍ଗୀର ସହରରେ ଗଣେଶ ବିସର୍ଜନ ବେଳେ ଦୁଇଗୋଷ୍ଠୀ ଭିତରେ ଗଣ୍ଡଗୋଳ ଘଟି ଉତ୍ତେଜନା ପ୍ରକାଶ ପାଇଥିଲା। ମଙ୍ଗଳବାର ଠିକାଦାରପଡାର ଗଣେଶ ବିସର୍ଜନ ଶୋଭାଯାତ୍ରା ଚାଲିଥିବା ବେଳେ ଠିକାଦାରପଡ଼ା ଓ ହାତୀଶାଳପଡ଼ାର କିଛି ଯୁବକଙ୍କ ଭିତରେ ମାଡପିଟ୍ ହୋଇଥିଲା । ଏହାପରେ ଗୋଷ୍ଠୀ ବିବାଦର ରୂପ ନେଇଥିଲା । ଏହି ଘଟଣାକୁ ନେଇ ଉଭୟ ଗୋଷ୍ଠୀ ଟାଉନ୍ ଥାନାକୁ ଆସି ଭିଡ ଜମାଇଥିଲେ । ଏହି ଘଟଣାରେ ଦୁଇଜଣ ଯୁବକ ଆହତ ହୋଇଥିବା ଜଣାପଡିଛି।

### ଛାତ୍ରୀଙ୍କୁ ଗଣବଳାତ୍କାର ମାମଲା
### ୪ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

**ବନ୍ତଳା/ଅନୁଗୋଳ ଅଫିସ,୨୫।୯(ଡି.ଏନ.ଏ.):** ଅନୁଗୋଳ ଥାନା ପଞ୍ଚମହଲା ନିକଟରେ ଜଣେ ଛାତ୍ରୀଙ୍କୁ ଗଣ ବଳାତ୍କାର କରାଯାଇଥିବା ମାମଲାର ଶୁଣାଣି କରି ମଙ୍ଗଳବାର ଜିଲା ଦୌରାଜଜ୍ ସଞ୍ଜୟ କେଶରୀ ସ୍ୱାଇଁ ୪ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସେମାନେ ହେଲେ ଅନୁଗୋଳ ଥାନା ପଞ୍ଚମହଲା ଗ୍ରାମର କୃଷ୍ଣଚନ୍ଦ୍ର ନାଏକ, ବିଶ୍ୱମ୍ଭର ଭୋଇ, ଲିଙ୍ଗରାଯୋଡି ଗ୍ରାମର ଦୁଷ୍ମନ୍ତ ବେହେରା, ନିଶା ଶିଳ୍ପାଞ୍ଚଳ ଥାନା ରାଇଝରଣ ଗ୍ରାମର ସିଦ୍ଧାନ୍ତ ପଲେଇ। ଏଥିସହିତ ୨୫ ହଜାର ଟଙ୍କାର ଜୋରିମାନା ଓ ଅନାଦାୟ ସ୍ଥଳେ ଅଧିକ ୬ ମାସ କାରାଦଣ୍ଡାଦେଶ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୧୭ ମାର୍ଚ୍ଚ ୩୧ ଅପରାହ୍ନ ୧ଟା ବେଳେ ସମ୍ପୃକ୍ତ ଛାତ୍ରୀ ମାଉସୀ ପୁଅ ଭାଇଙ୍କ ସହ ଯାଉଥିବା ବେଳେ ୬ ଅଭିଯୁକ୍ତ ସେମାନଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇ ଟଙ୍କା ମାଗିଥିଲେ। ଟଙ୍କା ନ ଦେବାରୁ ଉଭୟଙ୍କୁ ମାଡ଼ ମାରି ମୋବାଇଲ, କାନଫୁଲ, ଲକେଟ ସହିତ ୭ ଶହ ଟଙ୍କା ଲୁଟି ନେଇଥିଲେ। ଏହାପରେ ଅଭିଯୁକ୍ତମାନେ ଛାତ୍ରୀଙ୍କୁ ବଳାତ୍କାର କରିବା ସହିତ ମୋବାଇଲରେ ଭିଡିଓ ରେକର୍ଡ଼ିଂ କରିଥିଲେ। ଏହାପରେ ୨୦ ହଜାର ଟଙ୍କା ନ ଦେଲେ ଇଣ୍ଟରନେଟରେ ଭିଡିଓ ଭାଇରାଲ କରିଦେବାକୁ ଧମକ ଦେଇ ଉଭୟଙ୍କୁ ଛାଡି ଦେଇଥିଲେ। ଘଟଣା ସମ୍ପର୍କରେ ଛାତ୍ରୀଙ୍କ ପରିବାର ପକ୍ଷରୁ ୨୦୧୭ ଏପ୍ରିଲ ୧ରେ ଅନୁଗୋଳ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ନଂ.୧୮୧/୨୦୧୭ରେ ମାମଲା ରୁଜୁ କରି ଅତି ଗୋପନର ସହ ତଦନ୍ତ ଚଳାଇ ସେହି ମାସ ୧୪ରେ ୫ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଜଣେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଗିରଫ ୫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ନାବାଳକ ଥିଲେ।

# କଲେଜ ଛାତ୍ରୀଙ୍କୁ ଭୁଜାଲିରେ ଆକ୍ରମଣ

- ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ, ଉତ୍ତେଜନା
- ଏକତରଫା ପ୍ରେମ ଆକ୍ରମଣର କାରଣ

**କଣ୍ଟାପଡା, ୨୫।୯(ଡି.ଏନ୍.ଏ.)**

ଓଲଟପୁର ଥାନା ଅନ୍ତର୍ଗତ ଅଡଶପୁରସ୍ଥିତ ଏକ କଲେଜର ଜଣେ ଛାତ୍ରୀଙ୍କୁ ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଭୁଜାଲିରେ ଆକ୍ରମଣ କରାଯାଇଛି। ଏଥିରେ ଛାତ୍ରୀଙ୍କ ପିଠି, ଡାହାଣ ଗୋଡ ଓ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଅଡଶପୁର ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏକତରଫା ପ୍ରେମ କରି ବିଫଳ ହେବାରୁ ଜଣେ ଯୁବକ ଏଭଳି କାଣ୍ଡ ଘଟାଇଥିବା ଜଣାପଡିଛି। ଛାତ୍ରୀଙ୍କ ବାପା ଓଲଟପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ବାଲିଅନ୍ତା ଥାନା ଅଞ୍ଚଳର ଛାତ୍ରୀ ଜଣଙ୍କ ଅଡଶପୁର କଲେଜରେ ଯୁକ୍ତ ୩ ପ୍ରଥମ ବର୍ଷ କଳା ଶ୍ରେଣୀରେ ଅଧ୍ୟୟନ କରନ୍ତି। ସେହି ଥାନା ଅନ୍ତର୍ଗତ ଦେଉଳି ଉପରସାହି ଗ୍ରାମର ଜଣେ ଯୁବକ ଛାତ୍ରୀଙ୍କୁ ଏକତରଫା ପ୍ରେମ କରୁଥିଲେ। ଯୁବକ ଜଣଙ୍କ ପ୍ରେମ ନିବେଦନ କରିବାରୁ ଛାତ୍ରୀ ଅରାଜି ହୋଇଥିଲେ। ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଛାତ୍ରୀ ଓ ତାଙ୍କର ୨ଜଣ ସାଙ୍ଗ କ୍ଲାସ୍ ସାରି ଚାଲିଚାଲି ଘରକୁ ଫେରୁଥିଲେ। ଅଡଶପୁର ଶିଶୁ ବିଦ୍ୟାମନ୍ଦିର ନିକଟରେ ଅଭିଯୁକ୍ତ ଓ ତାଙ୍କର ୨ଜଣ ସହଯୋଗୀ ଏକ ବାଇକ୍‌ରେ ଆସି ଘଟଣାସ୍ଥଳରେ ପହଞ୍ଚିଥିଲେ। ହଠାତ୍ ଅଭିଯୁକ୍ତ ଜଣଙ୍କ ଏକ ଭୁଜାଲିରେ ସମ୍ପୃକ୍ତ ଛାତ୍ରୀଙ୍କୁ ପଛପଟୁ ଆକ୍ରମଣ କରିବା ପରେ ସେମାନେ ଫେରାର ହୋଇଯାଇଥିଲେ। ଛାତ୍ରୀ ଜଣଙ୍କ ଚିତ୍କାର କରିବାରୁ ସେଠାରେ କେତେଜଣ ଲୋକ ପହଞ୍ଚି ଚିକିତ୍ସାଲାଗି ତାଙ୍କୁ ଅଡଶପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଯାଇଥିଲେ। ଏହି ଘଟଣା ଜଣାପଡିବା ପରେ ଛାତ୍ରୀଙ୍କ ଗ୍ରାମର ଲୋକମାନେ ଉତ୍ତ୍ୟକ୍ତ ହୋଇପଡିଥିଲେ। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ସେମାନେ ବରାହିପୁର ନିକଟରେ ଫୁଲନଖରା-ନିଆଳି ରାସ୍ତାକୁ ଅବରୋଧ କରିଥିଲେ। ଖବରପାଇ କଟକ ସଦର ଏସ୍‌ଡିପିଓ ଜିତେନ୍ଦ୍ର ଦଳାଇ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା। ପରେ ପୋଲିସ ଅଭିଯୁକ୍ତ ଯୁବକଙ୍କ ବାପାଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।



ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଲୋକମାନେ ରାସ୍ତାରୋକୋ କରିଛନ୍ତି।

■ କର୍ଲା ଗ୍ରାମରେ ଅବାଧ ନିଶା କାରବାର ବନ୍ଦ ଦାବି

# କର୍ଲା ଗ୍ରାମବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ

**ସୁନ୍ଦରଗଡ, ୨୫।୯ (ଡି.ଏନ୍.ଏ)**

ଗ୍ରାମାଞ୍ଚଳ ବିକାଶ ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ହେଲେ ଆଦିବାସୀ ବହୁଳ ସୁନ୍ଦରଗଡ ଜିଲାର ଅଧିକାଂଶ ଗ୍ରାମାଞ୍ଚଳରେ ଅବାଧ ନିଶା କାରବାର ଜନସାଧାରଣଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶରେ ବାଧକ ସାଜିଛି। ସୁନ୍ଦରଗଡ଼ ସଦର ବ୍ଲକ ଅନ୍ତର୍ଗତ କର୍ଲା ଗ୍ରାମପଞ୍ଚାୟତରେ ଅବାଧରେ ମଦ, ଗଞ୍ଜେଇ ତଥା ଅନ୍ୟାନ୍ୟ ନିଶା କାରବାର ବୃଦ୍ଧି ପାଉଛି। ଏହାକୁ ରୋକିବା ଦିଗରେ ପୋଲିସ ଓ ଅବକାରୀ ବିଭାଗର ନିଷ୍କ୍ରିୟତା ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ସ୍ଥାନୀୟ ଧରୁଆଡିହି ଥାନା ପୋଲିସ ଓ ଅବକାରୀ ବିଭାଗ ଚୁପ୍ ରହିବା ପରେ ସୋମବାର କର୍ଲା ଗ୍ରାମର ଶତାଧିକ ମହିଳା ପୁରୁଷ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଡା. ହିମାଂଶୁ ଶେଖର ଷଡଙ୍ଗୀଙ୍କ ନେତୃତ୍ୱରେ ଗ୍ରାମବାସୀ ଜିଲାପାଳ ଓ ଉପଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ଏବଂ ଅତିରିକ୍ତ ଏସପି ରବିନାରାୟଣ ବାରିକଙ୍କୁ ସାକ୍ଷତ କରି ଜିଲାପାଳ ଓ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ଗ୍ରାମବାସୀ ଦର୍ଶାଇଛନ୍ତି ଯେ, କର୍ଲା ଗ୍ରାମରେ ପ୍ରାୟ ୪ଶହ ପରିବାର ବସବାସ କରନ୍ତି। ଏଥିମଧ୍ୟରୁ ୫/୬ଟି ପରିବାରକୁ ଛାଡିଦେଲେ ଅନ୍ୟ ସମସ୍ତ ପରିବାର ଚାଷୀ ଓ ଦିନମଜୁରିଆ ଭାବେ ଜୀବିକା ନିର୍ବାହ କରନ୍ତି। ହେଲେ ଗତ କିଛିମାସ ହେବ ଗ୍ରାମରେ ଅବାଧରେ ମଦ, ଗଞ୍ଜେଇ ଓ ଅଫିମ ଆଦି ନିଶା ଦ୍ରବ୍ୟ ବିକ୍ରୀ ହେଉଛି। ଫଳରେ ଛୁଆରୁ ବୁଢା ପର୍ଯ୍ୟନ୍ତ ଏବେ ଏହି ନିଶା କବଳରେ ପଡି ଅନେକ ପରିବାରରେ ପାରିବାରିକ ଅଶାନ୍ତି ସହ ଗ୍ରାମରେ ନିତିଦିନ ନାନା ଗଣ୍ଡଗୋଳ ଘଟୁଛି। ନିଶା ବ୍ୟବହାରକରି ଅନେକ ଲୋକ ନାନା ଦୁରାରୋଗ୍ୟରେ ପୀଡିତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି।

# ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

**ପୁରୀ ଅଫିସ, ୨୫।୯**

ଶ୍ରୀମନ୍ଦିର ଗର୍ଭଗୃହରେ ପଡିଛି ରକ୍ତଛିଟା। ଜଣେ ସେବକଙ୍କ ଗୋଡ଼ ଖସିଯିବାରୁ ସେ ପଡିଯାଇଥିଲେ। ତାଙ୍କ ମୁହଁରେ ଗଭୀର ଆଘାତ ଲାଗିଥିବା ବେଳେ ଗର୍ଭଗୃହରେ ରକ୍ତ ପଡିଥିଲା। ଫଳରେ ମହାପ୍ରଭୁଙ୍କର ବଡ଼ ମହାସ୍ନାନ ହୋଇଛି। ମଙ୍ଗଳବାର ସକାଳ ଧୂପ ସରି ଭୋଗମଣ୍ଡପ ବସିଥିବା ବେଳେ ଏହି ଘଟଣା ଘଟିଥିଲା। ବଡ଼ ମହାସ୍ନାନ ପାଇଁ ନୀତିରେ ପ୍ରାୟ ୧ ଘଣ୍ଟା ବିଳମ୍ବ ହୋଇଥିବା ଜଣାପଡିଛି।

ଶ୍ରୀମନ୍ଦିର ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡାଙ୍କ ସୂଚନା ମୁତାବକ, ପୂର୍ବାହ୍ନ ୧୧ଟା ୧୫ ସୁଦ୍ଧା ସକାଳ ଧୂପ ସରିଥିଲା। ଭୋଗମଣ୍ଡପ ବସିଥିବା ବେଳେ ପ୍ରାୟ ୧୧ଟା ୪୦ରେ ଦଇତା ସେବକ ଗଙ୍ଗାଧର ଦାସମହାପାତ୍ର ଦର୍ଶନ ପାଇଁ ଯାଇଥିଲେ। ଗର୍ଭଗୃହରେ ତାଙ୍କ ଗୋଡ଼ ଖସିଯିବାରୁ ସେ ତଳେ ପଡିଯାଇଥିଲେ। ତାଙ୍କ ମୁହଁରେ ଆଘାତ ଲାଗି ରକ୍ତଛିଟା ପଡିଥିଲା। ତୁରନ୍ତ ତାଙ୍କୁ ଚିକିତ୍ସା ପାଇଁ ନିଆଯାଇଥିବା ବେଳେ ସେହିଠାରେ ନୀତି ଅଟକିଥିଲା। ଏହାପରେ ବଡ଼ ମହାସ୍ନାନ କରାଯାଇଥିଲା।

ସୂଚନାଥାଉ କି, ପାଳିଆ ସେବକଙ୍କ ଛଡା ଅନ୍ୟ କେହି ଠାକୁରଙ୍କୁ ଛୁଇଁଦେଲେ କିମ୍ବା ଠାକୁରଙ୍କ ଲାଗି ଜିନିଷ ଛୁଆଁ ହୋଇଗଲେ ଛୁଆଁ ଦୋଷ ହୋଇଥାଏ। ଏ କ୍ଷେତ୍ରରେ ମହାପ୍ରଭୁଙ୍କର ମହାସ୍ନାନ ହୋଇଥାଏ। ଛୁଆଁ ହେତୁ ମହାସ୍ନାନ ହେଲେ ମନ୍ଦିର ଧୁଆଯାଏ ନାହିଁ। କେବଳ ପୂଜାପଣ୍ଡା ଆସି ମନ୍ତ୍ର ପଢି ପଞ୍ଚାମୃତରେ ମହାସ୍ନାନ ପୂଜା କରିଥାନ୍ତି। ସୋମବାର ମଧ ଏହିପରି ଭାବେ ମହାପ୍ରଭୁଙ୍କ ମହାସ୍ନାନ ହୋଇଥିଲା। ସନ୍ଧ୍ୟା ଆଳତି ପରେ ଠାକୁରଙ୍କ ମଇଲମ ହୋଇ ବେଶ ସମୟରେ ଶ୍ରୀମନ୍ଦିରର ଜଣେ କର୍ମଚାରୀ (ଟର୍ଚ୍ଚା)ଙ୍କ ହାତ ଫୁଲମାଳରେ ବାଜି ଯାଇଥିଲା। ସେହିଠାରେ ନୀତି ଅଟକିଥିଲା। ମହାପ୍ରଭୁଙ୍କ ମହାସ୍ନାନ ପରେ ଅଟକିଥିବା ନୀତି ପୁଣି ଆରମ୍ଭ ହୋଇଥିଲା।

### ଗର୍ଭଗୃହରେ ରକ୍ତଛିଟା



### କାହିଁକି ହୁଏ ବଡ଼ ମହାସ୍ନାନ

ସ୍ୱତ୍ୱଲିପି ମୁତାବକ, ଶ୍ରୀମନ୍ଦିରରେ ଅକସ୍ମାତ୍ ଦୁର୍ଘଟଣା ଘଟିଲେ ଅର୍ଥାତ୍ କୁକୁର ପ୍ରବେଶ କଲେ କିମ୍ବା ଶ୍ରୀମନ୍ଦିର ହତାରେ ମୃତଦେହ ଓ ଅସ୍ଥି ଦେଖାଗଲେ ଠାକୁରଙ୍କ ନୀତି ବନ୍ଦ ରୁହେ। ନୀତିର ଉପକରଣମାନ ବାହାରକୁ ବାହାର କରାଯାଇ ଠାକୁରଙ୍କ ବଡ଼ ମହାସ୍ନାନ ହୋଇଥାଏ। ଜୟ ବିଜୟ ଦ୍ୱାରଠାରୁ ଭିତର ପୋଖରିଆ ପର୍ଯ୍ୟନ୍ତ ଧୁଆଯାଇ ଚୂନପାଣି ପଡେ। ରତ୍ନସିଂହାସନରେ ପୋଛା ମରାଯିବା ପରେ ସିଂହାସନ ତଳେ ମହାସ୍ନାନ ପୂଜା ବଢିଥାଏ। ଏହି ମହାସ୍ନାନ ପୂର୍ବରୁ ସମସ୍ତ ରୋଷ ଧୁଆଯାଏ। ରୋଷଘରେ ଥିବା ସମସ୍ତ ଜିନିଷ ବାହାର କରାଯାଏ। ପୁନର୍ବାର ରୋଷରେ ହୋମ ହୁଏ। ସୂର୍ଯ୍ୟପୂଜା ଓ ଦ୍ୱାରପାଳ ପୂଜା ହୋଇଥାଏ। ସେହିପରି ଭିତରକାଠ ପାଖରୁ ସିଂହାସନ ପର୍ଯ୍ୟନ୍ତ କୌଣସି ସ୍ଥାନରେ ଯଦି ଝାଡ଼ା, ପରିସ୍ରା ଓ ଛେପ ଆଦି ପଡେ ତେବେ ମହାପ୍ରଭୁଙ୍କ ବଡ଼ ମହାସ୍ନାନ ହୁଏ। କୌଣସି କାରଣବଶତଃ ରକ୍ତଛିଟା ପଡିଲେ ବି ବଡ଼ ମହାସ୍ନାନ ହୋଇଥାଏ। ଏଥିରେ ରତ୍ନ ସିଂହାସନଠାରୁ ଜୟ ବିଜୟ ଦ୍ୱାର ପର୍ଯ୍ୟନ୍ତ ଧୁଆ ହୋଇ ଚୂନପାଣି ପଡେ। ପୂଜାପଣ୍ଡା ବଡ଼ ମହାସ୍ନାନ ପୂଜା କରିବା ପରେ ପୁଣି ନୀତି ଆରମ୍ଭ ହୁଏ।

### ଘର ମାଲିକଙ୍କ ଟାଙ୍ଗିଆ ଆକ୍ରମଣରେ ଭଡାଟିଆ ଗୁରୁତର

**ସୁନ୍ଦରଗଡ଼, ୨୫।୯(ଡି.ଏନ୍.ଏ)**

ସୁନ୍ଦରଗଡ଼ ଟାଉନଥାନା ଅନ୍ତର୍ଗତ ନୂଆପଡାରେ ସୋମବାର ଘର ମାଲିକଙ୍କ ଟାଙ୍ଗିଆ ଆକ୍ରମଣରେ ଜଣେ ଭଡାଟିଆ ଗୁରୁତର ଆହତ ହୋଇଛନ୍ତି। ସେ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ଆହତ ହୋଇଥିବା ଭଡାଟିଆଙ୍କ ଅଭିଯୋଗ କ୍ରମେ ଟାଉନ ଥାନା ପୋଲିସ ଘର ମାଲିକ ଝୁନୁ ପ୍ରଧାନଙ୍କ ବିରୋଧରେ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତ ଘରମାଲିକ ଫେରାର ଥିବା ପୋଲିସ ପ୍ରକାଶ କରିଛି।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ବର୍ଷା ହେବା ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | |
|---|---|---|
| ବାଲେଶ୍ୱର | ୩୪.୮ | ୨୨.୭ |
| ଚାନ୍ଦବାଲି | ୩୫.୨ | ୨୬.୦ |
| କଟକ | ୩୪.୮ | ୨୪.୨ |
| ପାରାଦ୍ୱୀପ | ୩୨.୪ | ୨୭.୭ |
| ଭୁବନେଶ୍ୱର | ୩୪.୨ | ୨୫.୨ |
| ଗୋପାଳପୁର | ୩୩.୭ | ୨୬.୨ |
| ପୁରୀ | ୩୪.୦ | ୨୭.୦ |
| ଅନୁଗୋଳ | ୩୪.୧ | --- |
| ବାରିପଦା | ୩୫.୦ | ୨୫.୦ |
| ଝାରସୁଗୁଡ଼ା | ୩୪.୨ | ୨୬.୧ |
| କେନ୍ଦୁଝର | ୩୧.୮ | ୨୩.୨ |
| ସମ୍ବଲପୁର | ୩୪.୩ | ୨୬.୦ |
| ସୁନ୍ଦରଗଡ଼ | --- | ୨୨.୫ |
| ହୀରାକୁଦ | ୩୪.୧ | ୨୬.୨ |
| ତାଳଚେର | ୩୩.୬ | ୨୪.୯ |
| ଭବାନୀପାଟଣା | --- | ୨୪.୦ |
| ବଲାଙ୍ଗୀର | ୩୫.୦ | ୨୪.୫ |
| କୋରାପୁଟ | ୨୯.୬ | ୧୯.୦ |
| ଫୁଲବାଣୀ | ୩୨.୦ | ୧୯.୨ |
| ଟିଟିଲାଗଡ଼ | ୩୪.୦ | ୨୧.୫ |
| ମାଲକାନଗିରି | ୩୪.୦ | --- |
| ସୋନପୁର | ୩୪.୮ | ୨୪.୦ |
| ଦାରିଙ୍ଗବାଡ଼ି | ୨୫.୦ | ୧୯.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ଗୁଳି ମାଡ଼ରେ ପୁଅ ଗୁରୁତର, ବାପା ଆହତ

### ଯୁବନେତାଙ୍କୁ ଆକ୍ରମଣର ପ୍ରତିଶୋଧ

**ଜୟପୁର,୨୫।୯(ନି.ପ୍ର./ଡି.ଏନ୍.ଏ.)**

ଜୟପୁର ସହରର ଜନଗହଳିପୂର୍ଣ୍ଣ ସ୍ଥାନ ରଜାନହର ଛକରେ ମଙ୍ଗଳବାର ସ୍ପଷ୍ଟ ଦିବାଲୋକରେ ଗୁଳି ଫୁଟିଛି । ପଥର ମାଡ଼ ବି ହୋଇଛି। ଏଥିରେ ବାପା-ପୁଅ ନରେନ୍ଦ୍ର ନାୟକ ଓ ସନ୍ତୋଷ ନାୟକ ଗୁରୁତର ହୋଇଛନ୍ତି। ସୋମବାର ଜୟପୁର ଟାଉନ ଯୁବ ବିଜେଡି ସଭାପତି ବିକାଶ ପାତ୍ରଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏହାପଛରେ ବାପା-ପୁଅଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରି ପ୍ରତିଶୋଧ ନେବା ପାଇଁ ଯୁବନେତା ଏଭଳି କରିଥିବା ଅଭିଯୋଗ ହୋଇଛି। ତେବେ ସହରରେ ଦିନ ଦିପହରେ ଗୁଳି ଫୁଟିବା ପରେ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଥିବା ବେଳେ ଦୋକାନ ବଜାର ବନ୍ଦ ରହିଛି।

ସୂଚନା ଅନୁଯାୟୀ, ନରେନ୍ଦ୍ର ଓ ତାଙ୍କ ପୁଅ ସନ୍ତୋଷ ମଙ୍ଗଳବାର ଅପରାହ୍ନ ଗୋଟାଏ ପରେ ବାଇକରେ ଯାଉଥିବା ବେଳେ ରଜାନହରଠାରେ ୮ ଜଣ ଦୁର୍ବୃତ୍ତ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଏଥିରେ ସନ୍ତୋଷଙ୍କ ପିଠିରେ ଗୁଳି ବାଜିଥିବା ବେଳେ ନରେନ୍ଦ ପଥର ମାଡ଼ରେ ଗୁରୁତର ହୋଇଥିଲେ। ହଠାତ୍ ଗୁଳି ଶବ୍ଦ ଶୁଣି ହତଚକିତ ହୋଇଯାଇଥିଲେ ଶତାଧିକ ଜନତା। ଗୁଳିମାଡ଼ କରି ଦୁର୍ବୃତ୍ତମାନେ ସେଠାରୁ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକେ ବାପ-ପୁଅଙ୍କୁ ଜୟପୁର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ କୋରାପୁଟ ମେଡିକାଲ କଲେଜ ଓ ହସ୍‌ପିଟାଲ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରୁ ପୋଲିସ ୨ଟି ଜୀବନ୍ତ ଗୁଳି, ପିସ୍ତଲର ଭଙ୍ଗାଅଂଶ ଓ ବାଇକ ଜବତ କରିଛି।

# ଓସିଏଲ ପକ୍ଷରୁ ରାଜଗାଙ୍ଗପୁର ସହରରେ ସଫେଇ କାର୍ଯ୍ୟକ୍ରମ ଆରମ୍ଭ

**ରାଜଗାଙ୍ଗପୁର, ୨୫।୯(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରରେ ଓସିଏଲ ଇଣ୍ଡିଆ ତରଫରୁ ସ୍ୱଚ୍ଛ ଭାରତ ମିଶନରେ ସାମିଲ ହୋଇ ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ୯ ଦିନିଆ ସଫେଇ କାର୍ଯ୍ୟକ୍ରମ ହାତକୁ ନିଆଯାଇ ସୋମବାର ରାଜଗାଙ୍ଗପୁର ରେଳଷ୍ଟେସନକୁ ସଫା କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ସୋମବାର ଓସିଏଲ ଦୁଇଶହ କର୍ମଚାରୀ, ଅଧିକାରୀ ଓ ଟ୍ରକ ୟୁନିୟନର କର୍ମକର୍ତ୍ତାମାନେ ମିଳିତ ଭାବେ ରାଜଗାଙ୍ଗପୁର ଷ୍ଟେସନର ସମସ୍ତ ପ୍ଲାଟଫର୍ମ, ଟିକେଟ ବୁକିଂ କାଉଣ୍ଟର ପାଖରେ ପଡିଥିବା ଅଳିଆ ଆବର୍ଜନା, ଗୁଟଖା ଖୋଳ, ପ୍ଲାଷ୍ଟିକ ବୋତଲ ଆଦିକୁ ସଫା କରିଥିଲେ। ଆଗକୁ ସହର ଡେଲି ମାର୍କେଟ, ସରକାରୀ ଡାକ୍ତରଖାନା, ସୁବାଷ ଛକ, ବସଷ୍ଟାଣ୍ଡ ଭଳି ବିଭିନ୍ନ ଜନଗହଳି ସ୍ଥାନରେ ସଫେଇ କାର୍ଯ୍ୟକ୍ରମ ଚାଲୁରହିବ ବୋଲି ଓସିଏଲ ପକ୍ଷରୁ ପ୍ରକାଶ କରାଯାଇଛି। ଓସିଏଲର ଏହି ଜନହିତକର କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି। ଏହି କାର୍ଯ୍ୟକ୍ରମକୁ କେବଳ ଲୋକଦେଖାଣିଆ ଭାବେ ନ କରି ବର୍ଷସାରା ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନେବାକୁ ମତ ଦେଇଛନ୍ତି।

■ ଦିବ୍ୟାଙ୍ଗ ଭୋଟରଙ୍କ ସୁଗମ ମତଦାନ ଲାଗି କର୍ମଶାଳା

# ଅଧିକ ଦିବ୍ୟାଙ୍ଗ ବୁଥରେ ହେବ ସ୍ୱତନ୍ତ୍ର ର୍‍ୟାମ୍ପ

**ଭୁବନେଶ୍ୱର,୨୫।୯(ବ୍ୟୁରୋ)**

ରାଜ୍ୟରେ ଥିବା ଦିବ୍ୟାଙ୍ଗମାନଙ୍କ ମତଦାନ ଅଧିକାରକୁ ସାକାର କରିବା ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଜିଲାସ୍ତରର ସମସ୍ତ ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ଦିବ୍ୟାଙ୍ଗଙ୍କ ଲାଗି କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସିଭିଲ୍ ସୋସାଇଟିର କର୍ମକର୍ତ୍ତାମାନଙ୍କୁ ନେଇ ରାଜ୍ୟସ୍ତରୀୟ ଦିନିକିଆ କର୍ମଶାଳା ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାର ଶୁଭାରମ୍ଭ କରିଛନ୍ତି। ଜାତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ମୁତାବକ ରାଜ୍ୟର ଦିବ୍ୟାଙ୍ଗ ଭୋଟରମାନଙ୍କ ନାମ ପଞ୍ଜୀକରଣ କରିବା ସହ ଆଗାମୀ ନିର୍ବାଚନରେ ସେମାନଙ୍କ ସୁଗମ ମତଦାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ଚଳିତ ମାସ ଶେଷ ସୁଦ୍ଧା ପ୍ରତ୍ୟେକ ଜିଲାରେ ଜିଲାପାଳଙ୍କ ଅଧକ୍ଷତାରେ ଏକ ଜିଲାସ୍ତରୀୟ ଷ୍ଟିୟରିଂ କମିଟି ଗଠନ କରିବା ସହ ଦିବ୍ୟାଙ୍ଗ ଭୋଟରଙ୍କୁ ଚିହ୍ନଟ କରାଯିବ। ଆସନ୍ତା ଅକ୍ଟୋବର ୫ରେ ଗ୍ରାମପଞ୍ଚାୟତସ୍ତରରେ ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ପଞ୍ଜୀକରଣ କ୍ୟାମ୍ପ କରିବା ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ ସବୁ ଜିଲାପାଳମାନଙ୍କୁ ଚିଠି ଦ୍ୱାରା ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ବୁଥରେ ଅଧିକ ଦିବ୍ୟାଙ୍ଗ ଭୋଟର ଥିବେ ସେଠାରେ ସ୍ୱତନ୍ତ୍ର ର୍‍ୟାମ୍ପ ନିର୍ମାଣ ସହ ଗୋଟିଏ ଲେଖା ହ୍ୱିଲ୍ ଚେୟାରର ବ୍ୟବସ୍ଥା କରାଯିବ। ଏହି କର୍ମଶାଳାରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସଚିନ ଆର୍ ଯାଦବ ଯୋଗଦେଇ ଦିବ୍ୟାଙ୍ଗ ଭୋଟରଙ୍କ ନାମ ପଞ୍ଜୀକରଣ ଉପରେ ଗୁରୁତ୍ୱ ଦେଇଛନ୍ତି।

# ଜିଲାସ୍ତରୀୟ ଖୋଖୋ ପ୍ରତିଯୋଗିତା ଉଦ୍‌ଯାପିତ

**ଲେଫ୍ରିପଡା,୨୫।୯(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ଗିରିଙ୍ଗକେଲା କେଶବଚନ୍ଦ୍ର ପୃଷେଠ୍ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଖୋଖୋ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସୁନ୍ଦରଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ସୌମ୍ୟା ମିଶ୍ର ଯୋଗଦାନ କରିଥିଲେ। ଖୋଖୋ ଖେଳ ଛାତ୍ରୀଛାତ୍ରମାନଙ୍କ ସବୁଠାରୁ ଉତ୍ତମ ଖେଳ ବୋଲି ମତାମତ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଢୁଲିଙ୍ଗା ଏନଟିପିସିର ଏଜିଏମ୍ ଏସ.ସି. ଦାଶ, ସୁରଜିତ ସିଂ, ଲେଫ୍ରିପଡା ବିଇଓ ହରେକୃଷ୍ଣ ପୁରୋହିତ, ସୁନ୍ଦରଗଡ ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ବିଦ୍ୟାଧର ପ୍ରଧାନ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶତୃଘ୍ନ ମିଶ୍ର ଅତିଥି ପରିଚୟ ସମେତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କ୍ରୀଡା ପ୍ରତିଯୋଗିତାରେ ୧୭ବର୍ଷରୁ କମ୍ ବାଳକମାନଙ୍କ ମଧ୍ୟରେ ହେମଗିର ବ୍ଲକ୍ ଏବଂ ବାଳିକାମାନଙ୍କ ମଧ୍ୟରେ କୁଆଁରମୁଣ୍ଡା ବ୍ଲକ୍ ବିଜୟୀ ହୋଇଥିଲେ। ସେହିପରି ଭାବେ ୧୪ବର୍ଷରୁ କମ୍ ବାଳକମାନଙ୍କ ମଧ୍ୟରେ ଲେଫ୍ରିପଡା ବ୍ଲକ୍ ଏବଂ ବାଳିକାମାନଙ୍କ ମଧ୍ୟରେ କୁଆଁରମୁଣ୍ଡା ବ୍ଲକ୍ ବିଜୟୀ ହୋଇଥିଲେ। ବିଜୟୀ ବ୍ଲକର ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ଜିଲା ଆରକ୍ଷୀ ଅଧୀକ୍ଷକ ଟ୍ରଫି ପ୍ରଦାନ କରିଥିଲେ। ପରେ ଆୟୋଜିତ କାର୍ଯ୍ୟକ୍ରମ ପକ୍ଷରୁ ବଲାଙ୍ଗୀର ଜିଲା ଟିଟିଲାଗଡ ଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ଖୋଖୋ ପ୍ରତିଯୋଗିତାରେ ବିଜୟୀ ବ୍ଲକ୍‌ର ଛାତ୍ରୀଛାତ୍ର ଭାଗନେଇ ଖେଳିପାରିବେ ବୋଲି ସୂଚନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିରେ ବିଦ୍ୟାଳୟର ଶିକ୍ଷକ ଅନିଲ କୁମାର ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଅତିରିକ୍ତ ଜିଲାଶିକ୍ଷା ଅଧିକାରୀ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା ଦିଗରେ କେଶବଚନ୍ଦ୍ର ପୃଷେଠ୍ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ପରିଚାଳନା କମିଟି ସଭାପତି ଏବଂ ସଭ୍ୟାସଭ୍ୟ ସକ୍ରିୟ ସହଯୋଗ କରିଥିଲେ।



ଖାଖୋ ପ୍ରତିଯୋଗିତାର ବିଜୟୀ ଖେଳାଳିଙ୍କୁ ମୁଖ୍ୟଅତିଥି ଆରକ୍ଷୀ ଅଧୀକ୍ଷକ ସୌମ୍ୟା ମିଶ୍ର ପୁରସ୍କୃତ କରୁଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ସେପ୍ଟେମ୍ବର ୨୬/୨୦୧୮



ଜନସାଧାରଣଙ୍କର ନେତୃତ୍ୱ ଓ ଦାୟିତ୍ୱ ନେଉଥିବା ଲୋକ ସଦାଚାରୀ ଓ ସଚ୍ଚୋଟ ହେବା ଉଚିତ୍।
- ଚରଣ ସିଂ



## ସଂକ୍ଷେପରେ

### ଝାରସୁଗୁଡ଼ା ସହରରେ ଚୋର ଉପଦ୍ରବ: ମନ୍ଦିର ହୁଣ୍ଡି ବି ବାଦ୍ ପଡିଲାନି

**ଝାରସୁଗୁଡା ଅଫିସ,୨୫।୯**-ଝାରସୁଗୁଡା ସହରରେ ଚୋରଙ୍କ ଉପଦ୍ରବ ବଢ଼ିଯାଇଛି। ପୋଲିସ ଚୋରଙ୍କୁ ଧରିବାରେ ବିଫଳ ହେଉଛି। ସେଥିପାଇଁ ଲଗାତାର ଭାବେ ସହରରେ ଚୋରି ବଢ଼ିବାରେ ଲାଗିଛି। ରବିବାର ରାତିରେ ଏକ ମେଡିସିନ୍ ଦୋକାନରୁ ଟଙ୍କା ଏବଂ ସୁନା ଚେନ୍ ଚୋରି ହୋଇଥିବା ବେଳେ ସୋମବାର ରାତିରେ ଦୁଇଟି ସ୍ଥାନରୁ ଚୋରି ହୋଇଛି। ପାହାଡିମନ୍ଦିର ଦାନବକ୍ସର ତାଲାଭାଙ୍ଗି ଚୋରମାନେ ଟଙ୍କା ନେଇ ଯାଇଛନ୍ତି। ସେହିପରି ସରବାହାଲର ଦିବ୍ୟରଞ୍ଜନ ପ୍ରଧାନଙ୍କ ଘରୁ ଚୋରି ହୋଇଥିବା ମଧ ଟାଉନ ଥାନାରେ ଏତଲା ହୋଇଛି। ଦିବ୍ୟ ରଞ୍ଜନ ଘରର ଝରକା ଖୋଲି ଶୋଇଥିବା ବେଳେ ଝରକାବାଟେ ମୋବାଇଲ, ଲାପଟପ୍ ଏବଂ ପର୍ସ ଚୋରି ହୋଇଛି। ପର୍ସରେ ୯୬୦୦ ଟଙ୍କା ସହ କିଛି କାର୍ଡ ଏବଂ କାଗଜପତ୍ର ରହିଥିବା ଏତଲାରେ ଦର୍ଶାଯାଇଛି।

### ୨୮ରେ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ

**ଝାରସୁଗୁଡା ଅଫିସ,୨୫।୯**-ଖୁଚୁରା ବ୍ୟବସାୟ କ୍ଷେତ୍ରରେ ବିଦେଶୀ ପୁଞ୍ଜିନିବେଶ ଏବଂ ଦ୍ରବ୍ୟ ଓ ସେବା କର(ଜିଏସ୍‌ଟି) ଖୁଚୁରା ବ୍ୟବସାୟୀଙ୍କ ଉପରେ ନକରାତ୍ମକ ପ୍ରଭାବ ପକାଉଛି। ଏହାକୁ ବିରୋଧ କରି କନଫେଡେରେସନ ଅଫ ଅଲଇଣ୍ଡିଆ ଟ୍ରେଡର୍ସ(ସିଏଆଇଟି) ସେପ୍ଟେମ୍ବର ୨୮ ତାରିଖରେ ଦେଶବ୍ୟାପି ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରଖିବାକୁ ଆହ୍ୱାନ ଦେଇଛି। ଏହି ଆହ୍ୱାନକୁ ଗ୍ରହଣ କରି ଝାରସୁଗୁଡା ଚାମ୍ବର ଅଫ କମର୍ସ ୨୮ ତାରିଖରେ ସମସ୍ତ ପ୍ରକାର ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରଖିବାକୁ ସହମତି ଜଣାଇଛି। ଏହି ଅବସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଚାମ୍ବର ଅଫ କମର୍ସର ହୀରାଲାଲ ଲୋକଚନ୍ଦାନୀ, ରମେଶ ଗାନ୍ଧୀ, ଯୁଗଳ କିଶୋର ସୁଲତାନିଆ, ଶୈଳେଶ ଗିଦୱାନୀ, ପୱନ ସୁଲତାନିଆଁ ପ୍ରମୁଖ ସୂଚନା ଦେଇଛନ୍ତି।

### ପରୀ-୨: ଦୁଇ ଶିଶୁ ଶ୍ରମିକ ଉଦ୍ଧାର

**ଝାରସୁଗୁଡାଅଫିସ,୫।୯**-ଅପରେସନ 'ପରୀ-୨' ଅଧୀନରେ ମଙ୍ଗଳବାର ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ବନ୍ଧବାହାଲ ଅଞ୍ଚଳରୁ ୨ ଜଣ ଶିଶୁ ଶ୍ରମିକ ଉଦ୍ଧାର କରାଯାଇଛି। ମାଂସ ଦୋକାନରେ କାମ କରୁଥିବା ଜଣେ ଶିଶୁ ଏବଂ ସାଇକଲ ଦୋକାନରେ କାମ କରୁଥିବା ଅନ୍ୟ ଜଣେ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ଶିଶୁ ଶ୍ରମିକଙ୍କୁ ଶିଶୁ ମଙ୍ଗଳ କମିଟିରେ ହାଜର କରାଯାଇଥିଲା। କମିଟିର ନିର୍ଦ୍ଦେଶକ୍ରମେ ଜଣକୁ ପଚରାଉଚରା ଲାଗି ହସ୍ତାନ୍ତର କରାଯାଇଥିବା ବେଳେ ଅନ୍ୟଜଣଙ୍କୁ ଓପନ ସେଲଟରକୁ ପଠାଯାଇଛି। ଶିଶୁ ଶ୍ରମିକ ନିୟୋଜିତ କରିଥିବା ବ୍ୟବସାୟୀଙ୍କ ବିରୋଧରେ ଶ୍ରମ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଉଦ୍ଧାରକରୀ ଦଳରେ ପୋଲିସ, ଚାଇଲ୍ଡଲାଇନ, ଶିଶୁ ସୁରକ୍ଷା ୟୁନିଟ୍, ଶିଶୁ କଲ୍ୟାଣ କମିଟି, ଶ୍ରମ ବିଭାଗ ଅଧିକାରୀ ସାମିଲ ହୋଇଥିଲେ।



ବିକ୍ଷୋଭ କରୁଛନ୍ତି କେନ୍ଦୁପତ୍ର କର୍ମଚାରୀ।

■ ଘରୋଇକରଣକୁ ବିରୋଧ

# କେନ୍ଦୁପତ୍ର କର୍ମଚାରୀଙ୍କ ବିଶାଳ ଶୋଭାଯାତ୍ରା

**ଝାରସୁଗୁଡା ଅଫିସ,୨୫।୯**

ଝାରସୁଗୁଡା କେନ୍ଦୁପତ୍ର ଡିଭିଜନର ହଜାର ହଜାର କର୍ମଚାରୀ ମଙ୍ଗଳବାର ବିକ୍ଷୋଭ ଶୋଭାଯାତ୍ରା କରିଛନ୍ତି। ୯ ଦଫା ଦାବି ପୂରଣ ନେଇ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର କର୍ମକର୍ତ୍ତା ଏବଂ ସଦସ୍ୟମାନେ ମନମୋହନ ସ୍କୁଲ ପଡିଆରୁ ଶୋଭାଯାତ୍ରାରେ ବାହାରି ଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କେନ୍ଦୁପତ୍ର ନିଗମର ଘରୋଇକରଣ ଷଡଯନ୍ତ୍ରକୁ ରୋକିବା, କେନ୍ଦ୍ର ସରକାର କେନ୍ଦୁପତ୍ର ଓ ବିଡି ଉପରୁ ଜିଏସ୍‌ଟି ପ୍ରତ୍ୟାହାର କରିବା, କାର୍ଯ୍ୟରତ ତୋଳାଳି ଏବଂ ଋତୁକାଳୀନ କର୍ମଚାରୀଙ୍କୁ ପେନ୍‌ସନ୍ ଓ ଭବିଷ୍ୟନିଧି ପାଣ୍ଠି ଅନ୍ତର୍ଭୁକ୍ତ କରିବା, ବନ ଉନ୍ନୟନ ନିଗମ ବଜାରିକରଣ କାମ ପାଇଁ ଲାଭାଂଶ ପ୍ରତିଶତ ସୀମିତ ରଖିବା, କାମ ଶେଷ ସୁଦ୍ଧା ମଜୁରୀ ପ୍ରଦାନ କରିବା, ନୂତନ ସର୍ବନିମ୍ନ ମଜୁରୀ ଲାଗୁକରିବା, କାର୍ଯ୍ୟ ପର୍ଯ୍ୟବେକ୍ଷଣ କରୁଥିବା ଚେକର, ସର୍କଲ ଚେକର, ହେଡ ଚେକରଙ୍କ ପେଟ୍ରୋଲ ଭତ୍ତା ବୃଦ୍ଧି କରିବା, ୧୦୦୦ କେରି ପରିବର୍ତ୍ତେ ୫୦୦ କେରୀ ତୋଳିଥିବା ତୋଳାଳିଙ୍କୁ ସାମାଜିକ ସୁରକ୍ଷାରେ ଅନ୍ତର୍ଭୁକ୍ତ କରିବାକୁ ଦାବି କରାଯାଇଛି। ଏହାସହ ଝାରସୁଗୁଡା କେନ୍ଦୁପତ୍ର ଡିଭିଜନ ଅଧୀନରେ ଥିବା ୨୪୪୯୬ କର୍ମଚାରୀଙ୍କ ଦସ୍ତଖତ ସଂଗ୍ରହ କରି ମୁଖ୍ୟମନ୍ତ୍ରୀଙ୍କୁ ପଠା ଯାଇଛି। ଜିଲା କାର୍ଯ୍ୟାଳୟ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ସମାବେଶରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସଭାପତି ବିଜୟ କୁମାର ମହାନ୍ତି, ସମ୍ପାଦକ ଯୋଗେନ୍ଦ୍ର ତ୍ରିପାଠି, ଗୋକୁଳ ମେହେର, ସଞ୍ଜିତ ମହାନ୍ତି, ତ୍ରିନାଥ ଗୁଆଲ, ପ୍ରଦୀପ ସାହୁ, ମହମ୍ମଦ ମୁର୍ତ୍ତୁଜା, କ୍ଷେତ୍ରଚନ୍ଦ୍ର ବାରିକ, ତୋଷ ବିହାରୀ ପରିଡା ପ୍ରମୁଖ ଯୋଗଦେଇ ଦାବି ଉପସ୍ଥାପନ କରିଥିଲେ।

## ଦକ୍ଷିଣ ଓଡିଶାରେ ବର୍ଷା ସମ୍ଭାବନା

### ୨୩ ବ୍ଲକରେ ମରୁଡି ପରିସ୍ଥିତି

**ଭୁବନେଶ୍ୱର, ୨୫।୯ (ବ୍ୟୁରୋ)**

ରାଜ୍ୟରେ ବର୍ଷା ପରିମାଣ ହ୍ରାସ ପାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଓଡିଶାର ଅଧିକାଂଶ ସ୍ଥାନରେ ଏବଂ ଉତ୍ତର ଗୋଟିଏ ଦୁଇଟି ସ୍ଥାନରେ ସ୍ୱଳ୍ପରୁ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର ଅଳ୍ପ କେତେକ ସ୍ଥାନରେ ବର୍ଷା ହୋଇଛି। ଭୁବନେଶ୍ୱରରେ ୨୮.୬ ମିଲିମିଟର ବର୍ଷା ରେକର୍ଡ କରାଯାଇ ଥିବାବେଳେ ବାଲେଶ୍ୱରରେ ୪, କେନ୍ଦୁଝରରେ ୬, ସମ୍ବଲପୁରରେ ୭, ଟିଟିଲାଗଡରେ ୩୯, ଦାରିଙ୍ଗିବାଡିରେ ୨୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ରାଜ୍ୟରେ ସ୍ୱାଭାବିକ ଠାରୁ ୧୬ ପ୍ରତିଶତ ଅଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ତେବେ ୮ ଜିଲାର ୧୯ ବ୍ଲକରେ ସ୍ୱଳ୍ପ ବୃଷ୍ଟି ହୋଇଥିବା ବେଳେ ୪ ଜିଲାରେ ମରୁଡି ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଅନୁଗୋଳ ଜିଲାର ଛେଣ୍ଡିପଦା ବ୍ଲକରେ ୧୯.୭ ପ୍ରତିଶତ କମ ବର୍ଷା ହୋଇଥିବା ବେଳେ ପାଲଲହଡାରେ ୨୫.୫, ଅନୁଗୋଳରେ ୩୧.୭, ବଲାଙ୍ଗୀରରେ ୨୧.୩, ପଦ୍ମପୁରରେ ୨୧.୧, ସୋହେଲାରେ ୨୪.୬, ଚମ୍ପୁଆରେ ୨୨.୧, ବନ୍ଧୁଗାଁରେ ୨୯.୧, ନାରାୟଣ ପାଟଣାରେ ୩୫.୧, ରାସଗୋବିନ୍ଦପୁରରେ ୨୨.୧, ବିଶୋଇରେ ୧୯.୬ ପ୍ରତିଶତ ବର୍ଷା ହୋଇଛି।

■ ବନ୍ଧବାହାଲ କଲୋନୀ କୁଲତା ସମାଜର ନୂଆଁଖାଇ ଭେଟଘାଟ୍

# ଢୋଲ୍, ନିଶାଣରେ କମ୍ପିଲା ଜୁଗାର ଯାତ୍ରା

**ଲଖନପୁର,୨୫।୯(ଡି.ଏନ୍.ଏ)**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ବନ୍ଧବାହାଲ କଲୋନୀ କୁଲତା ସମାଜ ତରଫରୁ ସ୍ଥାନୀୟ ଇନ୍ଦ୍ରଧନୁଷ୍ କ୍ଲବ୍‌ରେ ୧୫ତମ ନୂଆଁଖାଇ ଭେଟଘାଟ୍ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ କୁଲତା ସମାଜର ଇଷ୍ଟଦେବୀ ମା' ରାମଚଣ୍ଡୀଙ୍କୁ ପୂଜକ ବାବାଜୀ ପ୍ରଧାନ ପୂଜା ଅର୍ଚ୍ଚନା କରିଥିଲେ। ପରେ ମା'ଙ୍କ ଏକ ଜୁଗାର ଯାତ୍ରା ହୋଇଥିଲା। ଏହି ଶୋଭାଯାତ୍ରା କ୍ଲବ୍‌ରୁ ବାହାରି କଲୋନୀ ପରିକ୍ରମା କରି ପୁଣି କ୍ଲବ୍‌ରେ ପହଞ୍ଚି ଥିଲା। କଲୋନୀ ପରିସରର ବିଭିନ୍ନ ସ୍ଥାନରେ ଲୋକେ ମା'ଙ୍କୁ ପୂଜା ଅର୍ଚ୍ଚନା କରିଥିଲେ। କୁଲତା ସମାଜର ସଭାପତି ଭାଗୀରଥି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସମାଜର ଜିଲା ସଭାପତି ସନ୍ତୋଷ ସାହୁ, ମହାସଭା ସଭାପତି ସନ୍ତୋଷ ବଢେଇ, କଦଳୀପୀଠ ସଭାପତି ନରେନ୍ଦ୍ର ପ୍ରଧାନ, ପୂର୍ବତନ ଜିଲା ସମ୍ପାଦକ ଗୌତମ ପ୍ରଧାନ, କ୍ଷୀରୋଧ ପ୍ରଧାନ, ଡିଲେଶ୍ୱର ପ୍ରଧାନ, ଉପେନ୍ଦ୍ର ଭୋଇ, ସଞ୍ଜୀବ ସାହୁ, କୃଷ୍ଣଚନ୍ଦ୍ର ପ୍ରଧାନ, ବେଦବ୍ୟାସ ପ୍ରଧାନ, ଗଜପତି ପ୍ରଧାନ, ସମ୍ପାଦକ ପ୍ରଫୁଲ୍ଲ ବାରିକ, କୋଷାଧ୍ୟକ୍ଷ ପରମେଶ୍ୱର ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉପସଭାପତି ସୁରେଶଚନ୍ଦ୍ର ପ୍ରଧାନ, କୃପାସିନ୍ଧୁ ପ୍ରଧାନ ଓ ମୃତ୍ୟୁଞ୍ଜୟ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ବୁଦ୍ଧଦେବ ପ୍ରଧାନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ନଳିନୀ କୁମାର ଖମାରୀ ଶାନ୍ତିପାଠ କରିଥିଲେ। ଏହି ଅବସରରେ ସମାଜର ମହିଳା, ଯୁବତୀ, ଯୁବକମାନଙ୍କ ମଧ୍ୟରେ ରଙ୍ଗୋଲି, ସୁସ୍ୱାଦୁ ପିଠା, ନାଚ, ଗୀତ, କୁଇଜ୍ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ମଞ୍ଚରେ ଅତିଥିମାନେ ପୁରସ୍କୃତ କରିଥିଲେ। ସମାଜର ବିକାଶ ପାଇଁ କଳା, ସଂସ୍କୃତି, ଐତିହ୍ୟକୁ ବଞ୍ଚାଇ ରଖିବା ସହିତ ଶିକ୍ଷାର ଅଭିବୃଦ୍ଧି କରିବା ଜରୁରୀ ବୋଲି ଅତିଥିମାନେ ମତ ରଖିଥିଲେ। ଏଥିରେ ସୌକି ପ୍ରଧାନ, ବେଦବ୍ୟାସ ପ୍ରଧାନ, ବାବୁଲାଲ୍ ବିଶ୍ୱାଳ, ସୁଶୀଲ ବାରିକ,ଝସକେତନ ପ୍ରଧାନ, ନରେନ୍ଦ୍ର ଖମାରୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଟଙ୍କଧର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ମଞ୍ଚରେ ଉପସ୍ଥିତ ଥିବା ଅତିଥିଗଣ।

# ୪୦ ଟଙ୍କା ପାଇଁ ଯୁବକଙ୍କୁ ହତ୍ୟା

**କପ୍ତିପଦା,୨୫।୯(ଡି.ଏନ.ଏ)**

ଜୁଆ ଖେଳ ବେଳେ ମାତ୍ର ୪୦ ଟଙ୍କା ପାଇଁ ଜଣଙ୍କୁ ତଣ୍ଟି ଚିପି ହତ୍ୟା କରିବା ଭଳି ଘଟଣା ପଦାକୁ ଆସିଛି। ମୃତକ ହେଲେ ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧିନ ଶାଳଚୁଆ ପଞ୍ଚାୟତ ପଠାଣପକା ଗ୍ରାମର ଚାମା ସିଜୟି(୩୫)। ଗତ ୧୭ ତାରିଖରେ ଗାଁଠାରୁ ୨ କି.ମି. ଦୂର ଗଣ୍ଡିହୁଡି ଜଙ୍ଗଲରେ ତାଙ୍କୁ ହତ୍ୟା କରି ଏକ ନିର୍ଜନ ସ୍ଥାନରେ ମୃତଦେହକୁ ପୋତି ଦେଇଥିଲେ। ଦୀର୍ଘ ୮ ଦିନ ପରେ ପୋଲିସ ଘଟଣାର ପର୍ଦ୍ଦାଫାସ କରି ମଙ୍ଗଳବାର ଜଙ୍ଗଲରୁ ଗଳିତ ମୃତଦେହ ଉଦ୍ଧାର କରିଛି। ଘଟଣାର ମୁଖ୍ୟ ଅଭିଯୁକ୍ତ ଅଲକୁନ୍ଦର ଗ୍ରାମର ସୁରେନ୍ଦ୍ର ପାତ୍ର ଓ ସହଯୋଗୀ ସିରକା ହେମ୍ବ୍ରମ୍ଙ୍କୁ ଗିରଫ କରାଯାଇଛି। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଅଛନ୍ତି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ଏକ ହତ୍ୟା ମାମଲା (ନଂ ୧୧୦/୧୮) ରୁଜୁ କରିଛି।

କପ୍ତିପଦା ଥାନାଠାରୁ ୯ କି.ମି. ଦୂର ପଠାଣପକା ଗ୍ରାମର ଚାମା ସିଜୟି ଗତ ୧୭ ତାରିଖରେ ନିକଟସ୍ଥ ଉପିସାହି ହାଟକୁ ଯାଇଥିଲେ। ରାତି ସୁଦ୍ଧା ସେ ଘରକୁ ଫେରି ନ ଥିଲେ। ପରଦିନ ପରିବାର ଲୋକେ ଖୋଜାଖୋଜି କରି କୌଣସି ସନ୍ଧାନ ପାଇ ନ ଥିଲେ। ସେମାନେ ସନ୍ଦେହରେ ଗାଁ ପାଖ ଜଙ୍ଗଲକୁ ଯାଇ ଖୋଜିବା ବେଳେ ଏକ ସ୍ଥାନରେ ତାଙ୍କ ସାଇକେଲ ଓ ଜୋତା ପଡିଥିବା ଦେଖିଥିଲେ। ଏଥିରେ ସନ୍ଦେହ ପ୍ରକାଶ କରି ଚାମାଙ୍କ ଦାଦା କପ୍ତିପଦା ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। କେତେକ ସୂତ୍ରକୁ ଆଧାର କରି ମଙ୍ଗଳବାର ସକାଳେ ପୋଲିସ ପଠାଣପକା ଗ୍ରାମର ସୁରେନ୍ଦ୍ରଙ୍କୁ ଧରି ପଚରାଉଚରା କରିବାରୁ ଘଟଣାର ରହସ୍ୟ ଫିଟିଥିଲା। ସୁରେନ୍ଦ୍ର ସବୁ କଥା ମାନି ଯାଇ ଅନ୍ୟ ଦୁଇ ସହଯୋଗୀଙ୍କ ସହିତ ମିଶି ଚାମାଙ୍କୁ ତଣ୍ଟି ଚିପି ହତ୍ୟା କରିଥିବା ସ୍ୱୀକାର କରିଥିଲେ। ଜଙ୍ଗଲରେ ଜୁଆ ଖେଳିବା ବେଳେ ଚାମା ୪୦ ଟଙ୍କା ଜିତିଥିଲେ। ଏହି ଟଙ୍କା ଫେରାଇ ଦେବା ଲାଗି ଅନ୍ୟ ୩ ଜଣ କହିବାରୁ ପାଟିତୁଣ୍ଡ ହୋଇ ଗଣ୍ଡଗୋଳ ଘଟିଥିଲା। ପରେ ୩ ଜଣ ମିଶି ତାଙ୍କ ତଣ୍ଟିକୁ ଚିପି ଧରିଥିଲେ। ସେଠାରେ ଚାମାଙ୍କର ମୃତ୍ୟୁ ହୋଇଯାଇଥିଲା। ଘଟଣା ଲୁଚାଇବାକୁ ଏହି ୩ ଅଭିଯୁକ୍ତ ମିଶି ମୃତଦେହକୁ କିଛି ଦୂର ନେଇ ଗୁଣ୍ଡିହୁଡି ଜଙ୍ଗଲର ଏକ ନିର୍ଜନ ସ୍ଥାନରେ ପୋତି ଦେଇଥିଲେ। ଅଭିଯୁକ୍ତ ସୁରେନ୍ଦ୍ରଙ୍କ ବୟାନକୁ ଭିତ୍ତି କରି ପୋଲିସ ଅନ୍ୟତମ ସହଯୋଗୀ ସିରକାଙ୍କୁ ଧରିଥିଲା। ପରେ ଅଭିଯୁକ୍ତଙ୍କୁ ନେଇ ପୋଲିସ ଜଙ୍ଗଲକୁ ଯାଇ ପୋତାଯାଇଥିବା ସ୍ଥାନକୁ ଖୋଳି ମୃତଦେହ ଉଦ୍ଧାର କରିଥିଲା। ଏ ସଂକ୍ରାନ୍ତରେ ମୃତକ ଚାମାଙ୍କ ସ୍ତ୍ରୀ ମାଳତୀ ସିଜୟି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ତଦନୁଯାୟୀ ମାମଲା ରୁଜୁ କରି ଫେରାର ଥିବା ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିବା ସୂଚନା ଦେଇଛି।





ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଥିବା ମଞ୍ଚାସୀନ ଅତିଥି।

# ବନ୍ଧବାହାଲରେ ସିଲେଇ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

**ଲଖନପୁର,୨୫।୯(ଡି.ଏନ୍.ଏ.)**

ଲଖନପୁର ବ୍ଲକ୍ ବନ୍ଧବାହାଲ ଗ୍ରାମ କଲ୍ୟାଣ ମଣ୍ଡପରେ ଦିଶା ମହିଳା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସମଲେଶ୍ୱରୀ ମା' ଘର ଚାରିଟେବୁଲ୍ ଟ୍ରଷ୍ଟ ତରଫରୁ ଏକ ମାଗଣା ସିଲେଇ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଅନୁଷ୍ଠାନର ମୁଖ୍ୟ ପଦ୍ମିନୀ ସିଂହ ଫିତା କାଟି ଉଦଘାଟନ କରିଥିଲେ। ଏଥିରେ ନାଏବ ସରପଞ୍ଚ ଅନ୍ନପୂର୍ଣ୍ଣା ସାହୁ, ପ୍ରମିଳା ମଲ୍ଲିକ, ରେଣୁ ଠାକୁର, ବିଜୟଲକ୍ଷ୍ମୀ ଷଡଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସିଲେଇ ପ୍ରଶିକ୍ଷଣ କେନ୍ଦ୍ରରେ ବନ୍ଧବାହାଲ, ମାଝିପଡା, ସାପଡା, ଗୌଡପଡା, ଗଣେଶନଗର, ଖଡାମ ଆଦି ଗ୍ରାମର ଶତାଧିକ ମହିଳା ପ୍ରଶିକ୍ଷଣ ନେବା ପାଇଁ ନାମ ପଞ୍ଜୀକୃତ କରିଛନ୍ତି। ଏହି ପ୍ରଶିକ୍ଷଣ ଆସନ୍ତା ୬ ମାସ ଧରି ଚାଲିବ। ଏହାର ଉଦ୍ଦେଶ୍ୟ ମହିଳାମାନେ ସ୍ୱାବଲମ୍ବୀ ହୋଇ ରୋଜଗାରକ୍ଷମ ହୋଇପାରିବେ। ଏଥିରେ ପରିବାରର ଆର୍ଥିକ ଅଭିବୃଦ୍ଧି ହୋଇପାରିବ। ଏହା ଅନୁଷ୍ଠାନର ମୂଳ ଲକ୍ଷ୍ୟ ବୋଲି ସଭାପତି ପଦ୍ମିନୀ ସିଂହ କହିଛନ୍ତି।

■ ୨୭ରୁ ସିଆଇଏସ୍‌ସିଇ ଜାତୀୟ ଭଲିବଲ ପ୍ରତିଯୋଗିତା

# ତାମିଲନାଡୁ ଯାତ୍ରା କଲେ ଓଡ଼ିଶା ଦଳ ଛାତ୍ର

**ବେଲପାହାଡ଼,୨୫।୯(ଡି.ଏନ୍.ଏ.)**

୨୭ ତାରିଖରୁ ଶନିବାର ୨୯ ତାରିଖ ପର୍ଯ୍ୟନ୍ତ ତାମିଲନାଡୁ ରାଜ୍ୟର କୋଟାଗିରିଠାରେ ଦି କାଉନସିଲ ଫର ଦି ଇଣ୍ଡିୟାନ ସ୍କୁଲ ସାର୍ଟିଫିକେଟ ଏକ୍‌ଜାମିନେସନ (ସିଆଇଏସ୍‌ସିଇ)ର ଜାତୀୟ ସ୍ତରୀୟ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଯୋଗ ଦେବା ପାଇଁ ଓଡ଼ିଶା ଛତିଶଗଡ଼ ରିଜନର ପ୍ରତିଯୋଗି ଦଳ ମଙ୍ଗଳବାର ତାମିଲନାଡୁ ଅଭିମୁଖେ ଯାତ୍ରା କରିଛନ୍ତି। ଉକ୍ତ ପ୍ରତିଯୋଗି ଦଳରେ ଝାରସୁଗୁଡ଼ା ଜିଲା ବେଲପାହାଡ଼ ଇଂଲିଶ ମିଡ଼ିୟମ ବିଦ୍ୟାଳୟର ୧୫ ଜଣ ଛାତ୍ର ରହିଛନ୍ତି। ଏମାନଙ୍କ ସହ ରାଉରକେଲା ସେଣ୍ଟପଲ ବିଦ୍ୟାଳୟର ୪ ଜଣ ଛାତ୍ର ଓ ଅରବିନ୍ଦ ବିଦ୍ୟାଳୟର ୩ ଜଣ ଛାତ୍ର ରହିଛନ୍ତି। ଏହପରି ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ୨୨ ଜଣ ଛାତ୍ରଙ୍କ ମଧ୍ୟରୁ ବେଲପାହାଡ଼ ଇଂଲିଶ ମିଡ଼ିୟମ ବିଦ୍ୟାଳୟର ନିଖିଳ ତିୱାରୀ, ସ୍ୱୟମ ସାହୁ, ସଂଜସମିର ସାହୁ, ଅଙ୍କିତ ସିଂ, ଅଂଶୁମାନ ପ୍ରଧାନ, ପଙ୍କଜ ମହନ୍ତ, ଜିଜ୍ଞାସୁ ମହାନ୍ତି, ଶେଖର ପଟେଲ, ରାଜବୀର ସିଂ, ତୁଷାର ଶର୍ମା, କେଶବ ଡାଲମିଆ, ପ୍ରତୀକ ପାରିୟଲ, ଲୋକେନ୍ଦ୍ର ସୋଲାଙ୍କି, ମେଘନାଦ ପ୍ରଧାନ ଓ ବିଶାଳ ଶତପଥୀ ରହିଛନ୍ତି। ରାଉରକେଲା ସେଣ୍ଟପଲ ବିଦ୍ୟାଳୟର ଛାତ୍ର ରିତିଶ ରଥ, ସୁଶାନ୍ତ ମୈତି, ଅବିନାଶ ଖଣ୍ଡୱାଲ ଓ ରୋହନ କୁମାର ବଡାଇକ ରହିଛନ୍ତି। ରାଉରକେଲା ଅରବିନ୍ଦ ବିଦ୍ୟାଳୟର ଛାତ୍ର ଦେବକାନ୍ତ ସାହାଣି, ବିକାଶ ଚୌଧୁରୀ ଓ ଅଜୟ ପ୍ରଧାନ ରହିଛନ୍ତି। ଏମାନେ ସମସ୍ତେ ୧୭ ବର୍ଷ ଓ ୧୯ ବର୍ଷରୁ କମ ବିଭାଗରେ ଓଡ଼ିଶା ଛତିଶଗଡ଼ ରିଜନ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଓଡ଼ିଶା ଦଳ ସହିତ କୋଚ୍ ଭାବରେ କ୍ରୀଡ଼ା ଶିକ୍ଷକ ହମିଦ ମହାପାତ୍ର ଓ ମହମ୍ମଦ ସାହିଦ ତାମିଲନାଡୁ ଯାତ୍ରା କରିନ୍ତି।



ସିଆଇଏସ୍‌ସିଇ ଜାତୀୟ ଭଲିବଲ ପ୍ରତିଯୋଗିତାରେ ଯୋଗ ଦେବା ପାଇଁ ତାମିଲନାଡୁ ଯାତ୍ରା କରିଥିବା ୨ ଜଣ କୋଚ୍‌ଙ୍କ ସହିତ ଓଡ଼ିଶା ଦଳର ଛାତ୍ର ପ୍ରତିଯୋଗୀ।

## ସଂକ୍ଷେପରେ

### ଟ୍ରକ୍-ବାଇକ୍ ଧକ୍କା, ବାଇକ୍ ଆରୋହୀ ଗୁରୁତର

**ଲହୁଣୀପଡା, ୨୫ା୯(ଡି.ଏନ.ଏ.)-** ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥ କୁଚେଇତା ନିକଟରେ ମଙ୍ଗଳବାର ଅପରାହ୍ନ ପ୍ରାୟ ଚାରିଟାବେଳେ ଟ୍ରକ ଧକ୍କାରେ ବାଇକ ଆରୋହୀ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଚାନ୍ଦିପୋଷ ଥାନା ଅନ୍ତର୍ଗତ ଛିଡିଗ୍ରାମର ଜୈନେକ ଯୁବକ ଓଡି୧୪ଏଲ୦୩୨୮ ନମ୍ବର ବାଇକ ଯୋଗେ ରାଉରକେଲା ପଟେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଓଡି୧୪କେ ୧୨୩୭ ବାରଚକିଆ ଟ୍ରକ ସହିତ ଧକ୍କା ହୋଇଥିଲା ଏବଂ ବାଇକଟି ଟ୍ରକ ଭିତରେ ପଶି ଯାଇଥିଲା । ବାଇକ ଚାଳକ ଗୁରୁତର ଆହତ ହୋଇଥିଲେ। ବାଇକ ଆରୋହୀ ପରିଚୟ ମିଳିପାରି ନଥିଲେ ମଧ୍ୟ ବାଇକରେ ମହେଶ୍ୱର ଦେହୁରୀ ଲେଖା ହୋଇଛି। ପୋଲିସ ତଦନ୍ତ ଚଳାଇଛି। କିନ୍ତୁ ବାଇକରେ ଦୁଇଜଣ ବସିଥିଲେ ବୋଲି ସ୍ଥାନୀୟ ଲୋକମାନେ ପ୍ରକାଶ କରୁଥିଲେ ମଧ୍ୟ ଅନ୍ୟ ଜଣଙ୍କର ପତ୍ତା ମିଳିପାରିନାହିଁ। ସ୍ଥାନୀୟ ଲୋକଙ୍କ ସହାୟତାରେ ବାଇକ ଆରୋହୀ ରାଉରକେଲା ସରକାରୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇ ଦିଆଯାଇଥିବା ଜଣାଯାଇଛି। ଖବରପାଇ ଚାନ୍ଦିପୋଷ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ ଓ ଟ୍ରକକୁ ଜବତ କରିବା ସହିତ ଘଟଣାର ତଦନ୍ତ ଚଳାଇଥିବାବେଳେ ଟ୍ରକ ଚାଳକ ଫେରାର ହୋଇଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ ।

### ଯୁବକଙ୍କ ହାତ କଟିଲା

**ଲହୁଣୀପଡା, ୨୫ା୯(ଡି.ଏନ.ଏ.)-** ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ଚମ୍ପାଝରଣ ରେଳଷ୍ଟେସନରେ ଜନୈକ ଯୁବକଙ୍କ ହାତ କଟି ଯାଇଥିବା କୁହାଯାଉଛି। ଯୁବକ ଜଣକ ବନ୍ଧମୁଣ୍ଡା ଅଞ୍ଚଳର। ସେ ଟ୍ରେନରେ ଉଠିଲା ବେଳେ କୌଣସି ସ୍ଥାନରେ ଧକ୍କା ହେବା ଯୋଗୁ ହାତଟି କଟିଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ରାଉରକେଲା ଡାକ୍ତରଖାନା ପଠାଇଥିବା ଜଣାଯାଇଛି।

### ଗଣେଶ ବିସର୍ଜନ ବେଳେ ଗଣ୍ଡଗୋଳ

**ବଲାଙ୍ଗୀର ଅଫିସ,୨୫ା୯-** ବଲାଙ୍ଗୀର ସହରରେ ଗଣେଶ ବିସର୍ଜନ ବେଳେ ଦୁଇଗୋଷ୍ଠୀ ଭିତରେ ଗଣ୍ଡଗୋଳ ଘଟି ଉତ୍ତେଜନା ପ୍ରକାଶ ପାଇଥିଲା। ମଙ୍ଗଳବାର ଠିକାଦାରପଡାର ଗଣେଶ ବିସର୍ଜନ ଶୋଭାଯାତ୍ରା ଚାଲିଥିବା ବେଳେ ଠିକାଦାରପଡ଼ା ଓ ହାତୀଶାଳପଡ଼ାର କିଛି ଯୁବକଙ୍କ ଭିତରେ ମାଡପିଟ୍ ହୋଇଥିଲା । ଏହାପରେ ଗୋଷ୍ଠୀ ବିବାଦର ରୂପ ନେଇଥିଲା । ଏହି ଘଟଣାକୁ ନେଇ ଉଭୟ ଗୋଷ୍ଠୀ ଟାଉନ୍ ଥାନାକୁ ଆସି ଭିଡ ଜମାଇଥିଲେ । ଏହି ଘଟଣାରେ ଦୁଇଜଣ ଯୁବକ ଆହତ ହୋଇଥିବା ଜଣାପଡିଛି ।

■ ପୁରୁଣାପାଣିଠାରେ ବିଜେଡି ପକ୍ଷରୁ ନୂଆଁଖାଇ ଭେଟଘାଟ୍

# ଭାଇଚାରାକୁ ଉଜ୍ଜୀବିତ ରଖିଛି ନୂଆଁଖାଇ

**ନୂଆଗାଁ, ୨୫ା୯(ଡି.ଏନ.ଏ.)**

ପଶ୍ଚିମ ଓଡିଶାର ମହାନ କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ। ନୂଆଁଧାନକୁ ନୂଆଁସପନ ନେଇ ପ୍ରତିବର୍ଷ ଭାଦ୍ରବ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ପାଳନ ହୁଏ ଏହି ପର୍ବ। ପଶ୍ଚିମଓଡିଶାର ଏହି ମହାନ କୃଷି ଭିତ୍ତିକ ବର୍ଷ ଆମ୍ଭ ସଂସ୍କୃତି, ପରମ୍ପରା ଓ ଭାଇଚାରାକୁ ଉଜ୍ଜୀବିତ କରି ରଖିବା ସହ ପରସ୍ପର ମଧ୍ୟରେ ଆପଣାର ଭାବାବେଗ ସୃଷ୍ଟି କରିଥାଏ। ଏହାକୁ ଦୃଷ୍ଟିରେ ରଖି ନୂଆଁଖାଇ ପରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ନୂଆଁଖାଇ ଭେଟଘାଟ୍ର କାର୍ଯ୍ୟକ୍ରମମାନ ମଧ୍ୟ ଆୟୋଜିତ କରାଯାଇଥାଏ। ନୂଆଁଖାଇ ଭେଟଘାଟ ଉପଲକ୍ଷେ ସୋମବାର ନୂଆଗାଁ ବ୍ଲକର ପୁରୁଣାପାଣିଠାରେ ବିଜୁ ଜନତା ଦଳ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ନୂଆଗାଁ ବ୍ଲକ ବିଜେଡି



ବିଜୁ ଜନତାଦଳ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଦଳୀୟ ନେତା, ଅତିଥି।

ସଭାପତି ଦିଗାମ୍ବର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନର ଆୟୋଜିତ ଏହି ଭେଟଘାଟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହକି ତାରକା ତଥା ଓଟିଡିସିର ଅଧ୍ୟକ୍ଷ ଦିଲୀପ ତିର୍କୀ ଯୋଗଦେଇ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନ୍ୟତମ ହକିତାରକା ପ୍ରବୋଧ ତିର୍କୀ, ଧାମନଗର ପୂର୍ବତନ ବିଧାୟକ ତଥା ବୀରମିତ୍ରପୁର ବିଜେଡିର ପର୍ଯ୍ୟବେକ୍ଷକ ରାଜେନ୍ଦ୍ର ଦାସ, ଜିଲା ପରିଷଦ ଅଧ୍ୟକ୍ଷ ଏମ୍ମା ଏକ୍କା, ନୂଆଗାଁ ବ୍ଲକ ଅଧ୍ୟକ୍ଷ ମଖଲୁ ଏକ୍କା, ଯୁବ ବିଜେଡି ନେତା ରୋହିତ ତାଣ୍ଡି, ନୀହାର ମଲ୍ଲିକ, ପ୍ରଦୀପ ସାହୁ, ସୁଦୀପ୍ତ ପଣ୍ଡା, ଶଙ୍କର ତିର୍କୀ, କୁନାଦେ, ପ୍ରେମଦାସ, ପରଭେଜ ଖାନ, ନୂଆଗାଁ ସମିତି ସଭ୍ୟ ତଥା ବରିଷ୍ଠ ବିଜେଡି ନେତା ଗଜେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ପଶ୍ଚିମଓଡିଶାରେ ଥିବା ଏହି ମହାନପର୍ବର ମହନୀୟତାକୁ ନେଇ ଲୋକଙ୍କ ମଧ୍ୟରେ ଭାଇଚାରାର ବାର୍ତ୍ତା ଦେଇଥିଲେ। ବିଶେଷ କରି ନୂଆଗାଁ ବ୍ଲକ ଏକ କୃଷି ବହୁଳ ବ୍ଲକ ହୋଇଥିବାରୁ ନୂଆଁଖାଇ ପର୍ବ ଏହି ବ୍ଲକର ନିଜର ସ୍ୱତନ୍ତ୍ର ପରିଚୟ ବଜାୟ ରଖିଛି। ଆଦିବାସୀ ସମ୍ପ୍ରଦାୟର ଲୋକେ ମଧ୍ୟ ନୂଆଁଖାଇ ପର୍ବକୁ ନିଜ ପାରମ୍ପାରିକ ନୃତ୍ୟଗୀତ ସହ ପାଳନ କରିଥାଆନ୍ତି। ନିଜ ପରିବାର ସହ ପାଖ ପଡୋଶୀଙ୍କୁ ବନ୍ଧୁ ପରିଜନଙ୍କ ମଧ୍ୟରେ ଭାତୃତ୍ୱର ସମ୍ପର୍କ ବଜାୟ ରଖି ଏହି ପର୍ବ ପାଳନ କରାଯାଇଥାଏ ବୋଲି ନୂଆଖାଇ ଭେଟଘାଟରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଉପଲକ୍ଷେ ଅବସରପ୍ରାପ୍ତ ଶିକ୍ଷକ ଚମରା ସାହୁ, ବଳରାମ ପଣ୍ଡା, ଯଦୁମଣି ସାହୁ,ନଟାଇ ଚରଣ ଦାସପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ସେହିଭଳି ସମାଜସେବୀ ବିଦ୍ୟାଧର ଦେବଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସମ୍ବଲପୁରୀ ଅର୍କେଷ୍ଟ୍ରା ଓ ନୃତ୍ୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଶହ ଶହ କୃଷକ, ବୁଦ୍ଧିଜୀବୀ, ଶିକ୍ଷାବିତ୍ ପ୍ରମୁଖ ଯୋଗ ଦେଇ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଭାଇଚାରାର ବାର୍ତ୍ତା ଦେଇଥିଲେ ।

■ କର୍ଲା ଗ୍ରାମରେ ଅବାଧ ନିଶା କାରବାର ବନ୍ଦ ଦାବି

# କର୍ଲା ଗ୍ରାମବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ

**ସୁନ୍ଦରଗଡ, ୨୫ା୯ (ଡି.ଏନ୍.ଏ)**

ଗ୍ରାମାଞ୍ଚଳ ବିକାଶ ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ହେଲେ ଆଦିବାସୀ ବହୁଳ ସୁନ୍ଦରଗଡ ଜିଲାର ଅଧିକାଂଶ ଗ୍ରାମାଞ୍ଚଳରେ ଅବାଧ ନିଶା କାରବାର ଜନସାଧାରଣଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶରେ ବାଧକ ସାଜିଛି। ସୁନ୍ଦରଗଡ଼ ସଦର ବ୍ଲକ ଅନ୍ତର୍ଗତ କର୍ଲା ଗ୍ରାମପଞ୍ଚାୟତରେ ଅବାଧରେ ମଦ, ଗଞ୍ଜେଇ ତଥା ଅନ୍ୟାନ୍ୟ ନିଶା କାରବାର ବୃଦ୍ଧି ପାଉଛି। ଏହାକୁ ରୋକିବା ଦିଗରେ ପୋଲିସ ଓ ଅବକାରୀ ବିଭାଗର ନିଷ୍କ୍ରିୟତା ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ସ୍ଥାନୀୟ ଧରୁଆଡିହି ଥାନା ପୋଲିସ ଓ ଅବକାରୀ ବିଭାଗ ଚୁପ୍ ରହିବା ପରେ ସୋମବାର କର୍ଲା ଗ୍ରାମର ଶତାଧିକ ମହିଳା ପୁରୁଷ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଡା. ହିମାଂଶୁ ଶେଖର ଷଡଙ୍ଗୀଙ୍କ ନେତୃତ୍ୱରେ ଗ୍ରାମବାସୀ ଜିଲାପାଳ ଓ ଉପଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ଏବଂ ଅତିରିକ୍ତ ଏସପି ରବିନାରାୟଣ ବାରିକଙ୍କୁ ସାକ୍ଷତ କରି ଜିଲାପାଳ ଓ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ଗ୍ରାମବାସୀ ଦର୍ଶାଇଛନ୍ତି ଯେ, କର୍ଲା ଗ୍ରାମରେ ପ୍ରାୟ ୪ଶହ ପରିବାର ବସବାସ କରନ୍ତି। ଏଥିମଧ୍ୟରୁ ୫/୬ଟି ପରିବାରକୁ ଛାଡିଦେଲେ ଅନ୍ୟ ସମସ୍ତ ପରିବାର ଚାଷୀ ଓ ଦିନମଜୁରିଆ ଭାବେ ଜୀବିକା ନିର୍ବାହ କରନ୍ତି। ହେଲେ ଗତ କିଛିମାସ ହେବ ଗ୍ରାମରେ ଅବାଧରେ ମଦ, ଗଞ୍ଜେଇ ଓ ଅଫିମ ଆଦି ନିଶା ଦ୍ରବ୍ୟ ବିକ୍ରୀ ହେଉଛି। ଫଳରେ ଛୁଆରୁ ବୁଢା ପର୍ଯ୍ୟନ୍ତ ଏବେ ଏହି ନିଶା କବଳରେ ପଡି ଅନେକ ପରିବାରରେ ପାରିବାରିକ ଅଶାନ୍ତି ସହ ଗ୍ରାମରେ ନିତିଦିନ ନାନା ଗଣ୍ଡଗୋଳ ଘଟୁଛି। ନିଶା ବ୍ୟବହାରକରି ଅନେକ ଲୋକ ନାନା ଦୁରାରୋଗ୍ୟରେ ପୀଡିତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି।


ହକି ଖେଳାଳିଙ୍କୁ ସମ୍ବର୍ଦ୍ଧନା ଜଣାଇବା ଅବସରରେ ସଭାରେ ମଞ୍ଚାସୀନ ଅତିଥି।

ବିଜୁ ପଟ୍ଟନାୟକ ହକି ଚାମ୍ପିୟନଶିପ୍

# ରନର୍ସ ଟିମ୍‌କୁ ସ୍ୱାଗତ ଜଣାଇଲେ ଅଞ୍ଚଳବାସୀ

**ଲେଫ୍ରିପଡା,୨୫ା୯(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ରାଉରକେଲାଠାରେ ୨୩ତାରିଖ ଆୟୋଜିତ ବିଜୁ ପଟ୍ଟନାୟକ ହକି ଚାମ୍ପିୟନଶିପ୍ ୨୦୧୮ରେ ରନର୍ସ ଅପ ଦଳ ଭାବେ ବିଜୟୀ ହୋଇ ତିନିଲକ୍ଷ ରାଶିର ଚେକ୍ ଗ୍ରହଣ କରିଥିବା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ଅଲାପକା ପଞ୍ଚାୟତର ଲକ୍ରାଯୋର ନିଉଷ୍ଟାର କ୍ଲବ୍‌ର ହକି ଖେଳାଳିଙ୍କୁ ଅଞ୍ଚଳର ଜନସାଧାରଣ ବିପୁଳ ସମ୍ବର୍ଦ୍ଧନା ଜଣାଇଛନ୍ତି। ଖେଳାଳିମାନେ ଗ୍ରାମକୁ ପହଞ୍ଚିବା ପରେ ଲକ୍ରାଯୋରଠାରେ ଏକ ସମ୍ବର୍ଦ୍ଧନା ସଭା କରାଯାଇଥିଲା। ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଲେଫ୍ରିପଡା ବ୍ଲକ୍ ଅଧ୍ୟକ୍ଷା କାମିନୀ କାଲୋ ଏବଂ ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମେନ୍ଦ୍ର କୁମାର ଦାସ, ଅଲପକା ସରପଞ୍ଚ ପୂର୍ଣ୍ଣମୀ କିଷାନ, ସମିତି ସଭ୍ୟ ମାଙ୍ଗରା ଭଗତ, ନାଏବ ସରପଞ୍ଚ ରାଜେଶ ବାରିକ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ପରେ ଅତିଥିଗଣ ଏହା ଅଞ୍ଚଳ ପାଇଁ ଗୌରବମୟ ହୋଇଥିବା ବେଳେ ଆଗାମୀ ଦିନରେ ଖେଳାଳିଗଣ ଆହୁରି ଆଗକୁ ଯିବା ପାଇଁ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଅନ୍ୟପକ୍ଷରେ ଏହି ହକି ଚାମ୍ପିୟନଶିପ୍‌ରେ ବେଷ୍ଟ ଖେଳାଳି ଭାବେ ଅମିତ ଏକ୍କା ଏବଂ ବେଷ୍ଟ ଡିଫେଣ୍ଡର ଭାବେ ସୁରଜ ଖାଲଖୋଙ୍କୁ ଯଥାକ୍ରମେ ହକି ଷ୍ଟିକ୍ ଏବଂ ଦଶ ହଜାର ଟଙ୍କାର ଅର୍ଥରାଶି ପାଇଥିବା ଜଣାପଡିଛି। ଖେଳାଳିମାନଙ୍କୁ ଖରଲଛାପଲ ଛକ ଠାରୁ ଲକ୍ରାଯୋର ପର୍ଯ୍ୟନ୍ତ ତିନି କିଲୋମିଟର ପର୍ଯ୍ୟନ୍ତ ସମ୍ବର୍ଦ୍ଧନା ଜଣାଇ ପାଛୋଟି ନିଆଯାଇଥିଲା। ଏଥିରେ ଅଞ୍ଚଳର ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦାନ କରିଥିଲେ।

### କାଠ ସାମଗ୍ରୀ ଯୋଗାଇବା ନାଁରେ ୩ଲକ୍ଷ ଧରି ଚମ୍ପଟ

**ସୁନ୍ଦରଗଡ଼, ୨୫ା୯ (ଡି.ଏନ୍.ଏ)**

ଘର ନିର୍ମାଣ କାଠ ସାମଗ୍ରୀ ଯୋଗାଇ ଦେବାକୁ କହି ଶଙ୍କରା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କଠାରୁ ୩ଲକ୍ଷ ଟଙ୍କା ଠକେଇ ହୋଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ବାଳକ୍ରୀଷ୍ଣ ମିଞ୍ଜ ନାମକ ବ୍ୟକ୍ତି ଟାଉନ୍ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ସତ୍ୟବାନ ବେହେରା ନାମକ ଅଭିଯୁକ୍ତ ଜଣକ ତାଙ୍କଠାରୁ ଘର ତିଆରି କାଠ ସାମଗ୍ରୀ ଯୋଗାଇ ଦେବା ପାଇଁ ୩ଲକ୍ଷ ୩୨ ହଜାର ଟଙ୍କା ଅଗ୍ରିମ ନେଇଥିଲେ। ହେଲେ କାଠ ନ ଯୋଗାଇ ଫେରାର ହୋଇ ଯାଇଛନ୍ତି। ପୋଲିସ ଏତଲା ଆଧାରରେ ମାମଲା ରୁଜୁ କରି ବର୍ତ୍ତମାନ ତଦନ୍ତ କରୁଛି।

### ଘର ମାଲିକଙ୍କ ଟାଙ୍ଗିଆ ଆକ୍ରମଣରେ ଭଡାଟିଆ ଗୁରୁତର

**ସୁନ୍ଦରଗଡ଼, ୨୫ା୯(ଡି.ଏନ୍.ଏ)**

ସୁନ୍ଦରଗଡ଼ ଟାଉନଥାନା ଅନ୍ତର୍ଗତ ନୂଆପଡାରେ ସୋମବାର ଘର ମାଲିକଙ୍କ ଟାଙ୍ଗିଆ ଆକ୍ରମଣରେ ଜଣେ ଭଡାଟିଆ ଗୁରୁତର ଆହତ ହୋଇଛନ୍ତି। ସେ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ଆହତ ହୋଇଥିବା ଭଡାଟିଆଙ୍କ ଅଭିଯୋଗ କ୍ରମେ ଟାଉନ ଥାନା ପୋଲିସ ଘର ମାଲିକ ଝୁନୁ ପ୍ରଧାନଙ୍କ ବିରୋଧରେ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତ ଘରମାଲିକ ଫେରାର ଥିବା ପୋଲିସ ପ୍ରକାଶ କରିଛି।


ରାଜଗାଙ୍ଗପୁର ସହରରେ ସଫେଇ କରାଯାଉଛି।

# ଓସିଏଲ ପକ୍ଷରୁ ରାଜଗାଙ୍ଗପୁର ସହରରେ ସଫେଇ କାର୍ଯ୍ୟକ୍ରମ ଆରମ୍ଭ

**ରାଜଗାଙ୍ଗପୁର, ୨୫ା୯(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରରେ ଓସିଏଲ ଇଣ୍ଡିଆ ତରଫରୁ ସ୍ୱଚ୍ଛ ଭାରତ ମିଶନରେ ସାମିଲ ହୋଇ ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ୯ ଦିନିଆ ସଫେଇ କାର୍ଯ୍ୟକ୍ରମ ହାତକୁ ନିଆଯାଇ ସୋମବାର ରାଜଗାଙ୍ଗପୁର ରେଳଷ୍ଟେସନକୁ ସଫା କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ସୋମବାର ଓସିଏଲ ଦୁଇଶହ କର୍ମଚାରୀ, ଅଧିକାରୀ ଓ ଟ୍ରକ ୟୁନିୟନର କର୍ମକର୍ତ୍ତାମାନେ ମିଳିତ ଭାବେ ରାଜଗାଙ୍ଗପୁର ଷ୍ଟେସନର ସମସ୍ତ ପ୍ଲାଟଫର୍ମ, ଟିକେଟ ବୁକିଂ କାଉଣ୍ଟର ପାଖରେ ପଡିଥିବା ଅଳିଆ ଆବର୍ଜନା, ଗୁଟଖା ଖୋଳ, ପ୍ଲାଷ୍ଟିକ ବୋତଲ ଆଦିକୁ ସଫା କରିଥିଲେ। ଆଗକୁ ସହର ଡେଲି ମାର୍କେଟ, ସରକାରୀ ଡାକ୍ତରଖାନା, ସୁବାଷ ଛକ, ବସଷ୍ଟାଣ୍ଡ ଭଳି ବିଭିନ୍ନ ଜନଗହଳି ସ୍ଥାନରେ ସଫେଇ କାର୍ଯ୍ୟକ୍ରମ ଚାଲୁରହିବ ବୋଲି ଓସିଏଲ ପକ୍ଷରୁ ପ୍ରକାଶ କରାଯାଇଛି। ଓସିଏଲର ଏହି ଜନହିତକର କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି। ଏହି କାର୍ଯ୍ୟକ୍ରମକୁ କେବଳ ଲୋକଦେଖାଣିଆ ଭାବେ ନ କରି ବର୍ଷସାରା ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନେବାକୁ ମତ ଦେଇଛନ୍ତି।

# ବଡ଼ଗାଁ ବ୍ଲକ ବିଜେଡି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

**ବଡ଼ଗାଁ, ୨୫ା୯(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ସାହାଜବାହାଲ ଗ୍ରାମରେ ସୋମବାର ବଡ଼ଗାଁ ଓ ତଳସରା ବିଜେଡି ପକ୍ଷରୁ ନୂଆଁଖାଇ ଭେଟଘାଟ୍ ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡି ସଭାପତି ବିଧାୟକ ମଙ୍ଗଳା କିଷାନ ମୁଖ୍ୟ ଅତିଥି ଓ ସାଧାରଣ ସମ୍ପାଦକ ବିନୟ ପଣ୍ଡା, ବ୍ଲକ ପର୍ଯ୍ୟବେକ୍ଷକ ଷ୍ଟିଫେନ ସୋରେଙ୍ଗ, ଡବ୍ଲ୍ୟୁଓଡିସି ଏକ୍ସପର୍ଟ ମେମ୍ବର ବିନୟ ଟପ୍ପୋ, ବିଜେଡି ନେତ୍ରୀ କୁଞ୍ଜଲତା ଭିତ୍ରିଆ, ରୋଜାଲିନ ସଏ, ବରିଷ୍ଠ ନେତା ଲକ୍ଷ୍ମଣ ପୁରୋହିତ, କିଶୋର ସାହୁ, ଧରଣୀଧର ସା, ରାଜୁ ଦାସ, ରାଜୁ ସାହୁ, ମିତ୍ର ଲାକଡା, ଦୁବରାଜ ପ୍ରଧାନ, ସରପଞ୍ଚ ବିକ୍ରମ ଟପ୍ପୋ ଅତିଥି ଭାବେ ଯୋଗ ଦେଇଥିଲେ। ଆଡଭୋକେଟ ସୁଧୀର ରଞ୍ଜନ ପଟେଲ ମଞ୍ଚ ପରିଚାଳନା କରିଥିଲାବେଳେ ଗୋକୁଳାନନ୍ଦ ନାଏକ ସଭାପତିତ୍ୱ କରିଥିଲେ। ସ୍ଥାନୀୟ ପ୍ରେରଣା ଏସଏଚଜି ସଭ୍ୟମାନେ ସ୍ୱାଗତ ସଙ୍ଗୀତ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହା ସହିତ ସିଆଁମାଲ ଗ୍ରାମର ଆନନ୍ଦିନୀ ସାଂସ୍କୃତିକ ଦଳ, ଯାଜପୁରର କୃଷ୍ଣଗୁରୁ ଭଜନ, ବଡପଡା ଓ ସାହାଜବାହାଲ ବନ୍ଧୁପଡାର ମହିଳାମାନେ ଆଦିବାସୀ ନୃତ୍ୟ, ଖଡିଆ ନୃତ୍ୟ, ସଂକୀର୍ତ୍ତନ୍ୟ ପରିବେଷଣ କରିଥିଲେ । ନୂଆଖାଇ ପର୍ବ ଭାଇଚାର ଓ ଏକତା ବନ୍ଧନରେ ବାନ୍ଧିଥାଏ ବୋଲି ଅତିଥିମାନେ ତାଙ୍କ ବକ୍ତବ୍ୟରେ ମତ ରଖିଥିଲେ।


ବିଜେଡି ପକ୍ଷରୁ ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଦଳୀୟ ନେତା, ବିଧାୟକ।


ଖାଖୋ ପ୍ରତିଯୋଗିତାର ବିଜୟୀ ଖେଳାଳିଙ୍କୁ ମୁଖ୍ୟଅତିଥି ଆରକ୍ଷୀ ଅଧୀକ୍ଷକ ସୌମ୍ୟା ମିଶ୍ର ପୁରସ୍କୃତ କରୁଛନ୍ତି।

# ଜିଲାସ୍ତରୀୟ ଖୋଖୋ ପ୍ରତିଯୋଗିତା ଉଦ୍‌ଯାପିତ

**ଲେଫ୍ରିପଡା,୨୫ା୯(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ଗିରିଙ୍ଗକେଲା କେଶବଚନ୍ଦ୍ର ପୃଷ୍ଟେଠ୍ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଖୋଖୋ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସୁନ୍ଦରଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ସୌମ୍ୟା ମିଶ୍ର ଯୋଗଦାନ କରିଥିଲେ। ଖୋଖୋ ଖେଳ ଛାତ୍ରୀଛାତ୍ରମାନଙ୍କ ସବୁଠାରୁ ଉତ୍ତମ ଖେଳ ବୋଲି ମତାମତ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ତୁଲିଙ୍ଗା ଏନଟିପିସିର ଏଜିଏମ୍ ଏସ.ସି. ଦାଶ, ସୁରଜିତ ସିଂ, ଲେଫ୍ରିପଡା ବିଇଓ ହରେକୃଷ୍ଣ ପୁରୋହିତ, ସୁନ୍ଦରଗଡ ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ବିଦ୍ୟାଧର ପ୍ରଧାନ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶତୃଘ୍ନ ମିଶ୍ର ଅତିଥି ପରିଚୟ ସମେତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କ୍ରୀଡା ପ୍ରତିଯୋଗିତାରେ ୧୭ବର୍ଷରୁ କମ୍ ବାଳକମାନଙ୍କ ମଧ୍ୟରେ ହେମଗିର ବ୍ଲକ୍ ଏବଂ ବାଳିକାମାନଙ୍କ ମଧ୍ୟରେ କୁଆଁରମୁଣ୍ଡା ବ୍ଲକ୍ ବିଜୟୀ ହୋଇଥିଲେ। ସେହିପରି ଭାବେ ୧୪ବର୍ଷରୁ କମ୍ ବାଳକମାନଙ୍କ ମଧ୍ୟରେ ଲେଫ୍ରିପଡା ବ୍ଲକ୍ ଏବଂ ବାଳିକାମାନଙ୍କ ମଧ୍ୟରେ କୁଆଁରମୁଣ୍ଡା ବ୍ଲକ୍ ବିଜୟୀ ହୋଇଥିଲେ। ବିଜୟୀ ବ୍ଲକ୍‌ର ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ଜିଲା ଆରକ୍ଷୀ ଅଧୀକ୍ଷକ ଟ୍ରଫି ପ୍ରଦାନ କରିଥିଲେ। ପରେ ଆୟୋଜିତ କାର୍ଯ୍ୟକ୍ରମ ପକ୍ଷରୁ ବଲାଙ୍ଗୀର ଜିଲା ଟିଟିଲାଗଡ ଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ଖୋଖୋ ପ୍ରତିଯୋଗିତାରେ ବିଜୟୀ ବ୍ଲକ୍‌ର ଛାତ୍ରୀଛାତ୍ର ଭାଗନେଇ ଖେଳିପାରିବେ ବୋଲି ସୂଚନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିରେ ବିଦ୍ୟାଳୟର ଶିକ୍ଷକ ଅନିଲ କୁମାର ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଅତିରିକ୍ତ ଜିଲାଶିକ୍ଷା ଅଧିକାରୀ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା ଦିଗରେ କେଶବଚନ୍ଦ୍ର ପୃଷ୍ଟେଠ୍ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ପରିଚାଳନା କମିଟି ସଭାପତି ଏବଂ ସଭ୍ୟାସଭ୍ୟ ସକ୍ରିୟ ସହଯୋଗ କରିଥିଲେ।



ଶରୀରଟି କାମନା ଦ୍ୱାରା ନିଜ କଥା କହିଲା ଭଳି,
ଆତ୍ମା ତା' କଥା କହେ ବିବେକ ଜରିଆରେ।
- ରଷୋ



## ସଂକ୍ଷେପରେ

### ପୂର୍ବତନ ସୈନିକଙ୍କ ବିକ୍ଷୋଭ ୨୨ ଦିନରେ

**ରାଉରକେଲା ଅଫିସ,୨୫।୯**-ବିଗତ ୨୦ ବର୍ଷରେ ରାଉରକେଲା ଇସ୍ପାତ କାରଖାନାରେ ମାତ୍ର ୩ଜଣ ପୂର୍ବତନ ସୈନିକଙ୍କୁ ନିଯୁକ୍ତି ଦିଆଯାଇଛି। ଏ କ୍ଷେତ୍ରରେ ସୈନିକଙ୍କ ବୈଷୟିକ ପ୍ରମାଣ ପତ୍ରକୁ ଗ୍ରହଣ କରାଯାଉନି। ନିଯୁକ୍ତି ନେଇ ରହିଥିବା ୧୪.୫ ପ୍ରତିଶତ କୋଟାକୁ ପାଳନ କରୁନି ଆରଏସ୍‌ପି। ଏପରକି ସ୍ୱତନ୍ତ୍ର ନିଯୁକ୍ତି ନେଇ ପ୍ରକ୍ରିୟା ଆରମ୍ଭ କରିବାକୁ ସଂଗଠନ ପକ୍ଷରୁ ବାରମ୍ବାର ଦାବି ସତ୍ତ୍ୱେ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନାହାନ୍ତି। ଏଣୁ ପୂର୍ବତନ ସୈନିକ ସଂଘ ପକ୍ଷରୁ ଗତ ୨୨ ଦିନ ହେବ ବିର୍ଶା ଛକରେ ନିୟମିତ କଳା ପତାକା ପ୍ରଦର୍ଶନ ସହ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି। ଏଥିରେ ପୂର୍ବତନ ମେଜର ଡାକ୍ତର ଅକ୍ଷୟ ସାମଲ, ନିର୍ମଳ ଦାସ, ଡିଏମ ପଣ୍ଡା, କେ.କେ. ମହାପାତ୍ର, ମୁରଲୀଧର ମହାନ୍ତ, ବିନୋଦ ପଢ଼ିହାରୀ, ଏସ.ମହନ୍ତ, ସରୋଜ ପରିଡା, ସୁବେଦାର ମେଜର ସାହିନୀ, ପି. ସାମଲ, ରାଫେଲ ଲାକ୍ରା, ଜୟନ୍ତ କୁମାର, ସୁରଥ ସେନାପତି, ବି. ବଳ ଓ ଚକ୍ରାନ୍ତ ଜେନା ପ୍ରମୁଖ ସାମିଲ ଥିଲେ।

### ସ୍କ୍ରାପ ଡିଲର ଆସୋସିଏଶନ ଗଠିତ

**ରାଉରକେଲା ଅଫିସ,୨୫।୯**-ସମସ୍ତ ନୀତି ନିୟମ ମାନି ସ୍କ୍ରାପ କାରବାର କରୁଥିବା ବ୍ୟବସାୟୀଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନକୁ ନାପସନ୍ଦ କରି ମଙ୍ଗଳବାର ଏକ ନୂଆ ସଂଗଠନ ଗଢାଯାଇଛି। ଡିଲର ଆସୋସିଏସନ ନାମରେ ଗଠନ କରାଯାଇଥିବା ସଂଗଠନର ସଭାପତି ଭାବେ ରାଜକାପୁର ବାହାଦୁର ନିର୍ବାଚିତ ହୋଇଛନ୍ତି। ଉପସଭାପତି ଅଛନ୍ତି ମୁନା ସାହୁ। ସଂପାଦକ ଭାବେ ରାମ ବେହେରା ରହିଥିବା ବେଳେ ଯୁଗ୍ମ ସଂପାଦକ ରହିଛନ୍ତି ମନୁ ପାଶ୍ୱନ। ସଂଗଠନ କୋଷାଧ୍ୟକ୍ଷ ଦାୟିତ୍ୱ ପ୍ରଦାନ କରାଯାଇଛି ରଞ୍ଜିତ ସାହୁଙ୍କୁ। ଏହାର ଆଇନ ପରାମର୍ଶଦାତା ରୂପେ ରମେଶ ବଳଙ୍କୁ ଚୟନ କରାଯାଇଛି। ରୋଜଗାର ଅଭାବରୁ ସହରର ଶତାଧିକ ଲୋକ ସାଇକେଲରେ ଫେରି କରି ସ୍କ୍ରାପ ସଂଗ୍ରହ ପରେ ଏହାକୁ ବିକି ପରିବାର ଚଳାଇ ଆସୁଛନ୍ତି। ଏମାନେ ଗଳି କନ୍ଦିରେ ବୁଲି ବର୍ଜ୍ୟ ଲୁହା, ଟିଣ, ପ୍ଲାଷ୍ଟିକ, ଭଙ୍ଗା ବୋତଲ, ପୁରୁଣା ବହି ଖାତା ଓ ଅବ୍ୟବହୃତ କାର୍ଟୁନ ଆଦି ସଂଗ୍ରହ କରିଥାନ୍ତି। ସେହିଭଳି ବିଭିନ୍ନ ମୋଟର ଗ୍ୟାରେଜରୁ ଭଙ୍ଗାରୁଜା ଗାଡି ପାର୍ଟସ ସଂଗ୍ରହ ପରେ ଏହାକୁ ବ୍ୟବସାୟୀଙ୍କୁ ଦେଇ ନିଜ ଗୁଜୁରାଣ ମେଣ୍ଟାନ୍ତି। ସହରର ଅର୍ଦ୍ଧେକ ଅଳିଆ ଆବର୍ଜନା ସଫା କରୁଥିବା ଲୋକଙ୍କୁ ବିଭିନ୍ନ ସମୟରେ ହଇରାଣ ହରକତ କରାଯାଉଥିବା ଘଟଣାକୁ ସଂଗଠନ ପକ୍ଷରୁ ନାପସନ୍ଦ କରାଯାଇଛି।

### ବିସ୍ଫୋରଣରେ ବାସହରାଙ୍କୁ ଅଧିକ ସାହାଯ୍ୟ ଆବଶ୍ୟକ

**ରାଉରକେଲା ଅଫିସ,୨୫।୯**-ମଧୁସୂଦନପାଲ୍ଲୀ ତେଲୁଗୁ ବସ୍ତିରେ ବାରୁଦ ବିସ୍ଫୋରଣ ଜନିତ କାରଣରୁ ବାସହରା ହୋଇଥିବା ୧୬ଟି ପରିବାରକୁ ଅଧିକ ସାହାଯ୍ୟ ଦାବି କରିଛି ଭାରତୀୟ ଜନତା ପାର୍ଟି। ଦଳ ପକ୍ଷରୁ ଏକ ବିବୃତିରେ କୁହାଯାଇଛି ଯେ ଉପରୋକ୍ତ ୧୬ ପରିବାରକୁ ୧୦ ହଜାର ଓ ୫୪ଟି ପରିବାରକୁ ୫ହଜାର ଟଙ୍କା ସହ କିଛି ଜିନିଷପତ୍ର ଯୋଗାଇ ଦିଆଯାଇଛି। ଏ ନେଇ ଖବର ଜଣା ପଡିବା ପରେ ପାନପୋଷ ସାଂଗଠନିକ ଜିଲା ସଭାପତି ଜଗବନ୍ଧୁ ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଅତିରିକ୍ତ ଜିଲାପାଳ ମୋନିଷା ବାଜାର୍ନୀଙ୍କ ସହ ଆଲୋଚନା କରିଛନ୍ତି। ଏହି ପ୍ରତିନିଧି ଦଳ କହିଥିଲେ ଯେ ଗୁରୁତର ପ୍ରଭାବିତ ପରିବାରଙ୍କ ପାଇଁ ଏହି କିଞ୍ଚିତ ସାହାଯ୍ୟ ସମୁଦ୍ରକୁ ଶଙ୍ଖେ ସଦୃଶ। ଏମାନଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୫ଲକ୍ଷ ପ୍ରଦାନ ପାଇଁ ଭାଜପା ଦାବି କରିଛି, ଯାହା ଆଜି ପର୍ଯ୍ୟନ୍ତ ପୂରଣ କରାଗଲା ନାହିଁ। ଏଣୁ ପ୍ରଭାବିତ ପରିବାରକୁ ସନ୍ତୋଷଜନକ ସହଯୋଗ ପାଇଁ ଏମାନେ ଦାବି କରିଛନ୍ତି। ଉତ୍ତରରେ ଏଡିଏମ ବାନାର୍ଜୀ କହିଥିଲେ ଯେ, ପ୍ରାଥମିକ ପର୍ଯ୍ୟାୟରେ ବାସହରା ପରିବାରକୁ ରେଡକ୍ରସ ପକ୍ଷରୁ ଏଭଳି ସହଯୋଗ କରାଯାଇଛି। କ୍ଷୟକ୍ଷତି ଆକଳନ ପରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି। ପରେ ଏ ନେଇ ଯାହା କିଛି ପଦକ୍ଷେପ ନିଆଯାଇ ପାରିବ। ଏହି ଅବସରରେ ପ୍ରତିନିଧି ମଣ୍ଡଳୀ କହିଥିଲେ ଯେ ନିର୍ଦ୍ଦିଷ୍ଟ ଜଣେ ବାସହରା ତାଲିକା ଭୁକ୍ତ ହୋଇ ନ ଥିବାରୁ ସେ ସାହାଯ୍ୟ ପାଇପାରି ନାହାନ୍ତି। ଏ ଦିଗରେ ପଦକ୍ଷେପ ନେବାକୁ ଏଡିଏମ ବାନାର୍ଜୀଙ୍କୁ ପ୍ରତିନିଧି ମଣ୍ଡଳୀ ଅନୁରୋଧ କରିଥିଲେ। ଏଥିରେ ପୂର୍ବତନ ନଗରପାଳ ନିହାର ରାୟ, ମୁଖପାତ୍ର ଭଗବାନ ରାଉତ, ପ୍ରଭାରୀ ତପନ ସ୍ୱାଇଁ, ବାସନ୍ତୀ ମଣ୍ଡଳ ସଭାପତି ନିକୁଞ୍ଜ ରାୟ ପ୍ରମୁଖ ସାମିଲ ଥିଲେ।

# ସମବାୟ ବ୍ୟାଙ୍କ କର୍ମଚାରୀ ମହାସଂଘର ସମାବେଶ

**ରାଉରକେଲା ଅଫିସ,୨୫।୯**



ରାଉରକେଲାର ଏକ ଘରୋଇ ହୋଟେଲରେ ନିଖିଳ ଭାରତ ସମବାୟ ବ୍ୟାଙ୍କ କର୍ମଚାରୀ ମହାସଂଘର ସମାବେଶରେ ଉପସ୍ଥିତ ବ୍ୟକ୍ତି।

ନିଖିଳ ଭାରତ ସମବାୟ ବ୍ୟାଙ୍କ କର୍ମଚାରୀ ମହାସଂଘ ପଦାଧିକାରୀଙ୍କୁ ନେଇ ରାଉରକେଲାଠାରେ ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧ୍ୟକ୍ଷ ଭବାନୀ ମାଝି ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ନିଜ ବକ୍ତବ୍ୟରେ ସମବାୟ ବ୍ୟାଙ୍କ ପରିଚାଳନାରେ ରହିଥିବା ଅଭାବ ଅସୁବିଧା ନେଇ ଆଲୋଚନା କରିଥିଲେ। ସେ କହିଥିଲେ କୃଷି ଋଣ ଲଗାଣ କ୍ଷେତ୍ରରେ ଜାତୀୟ ପରିସଂଖ୍ୟାନ ୧୬ପ୍ରତିଶତ ରହିଥିବା ବେଳେ ରାଜ୍ୟରେ ଏହା ୬୦ ଓ ସୁନ୍ଦରଗଡ ଜିଲ୍ଲାରେ ୮୦ ପ୍ରତିଶତ ରହିଛି। ଜିଲାର କୃଷକମାନେ ସମବାୟ ବ୍ୟାଙ୍କ ଉପରେ ମୁଖ୍ୟତଃ ନିର୍ଭରଶୀଳ ରହିଥିବା ବେଳେ ଏମାନଙ୍କୁ ସବୁମତେ ସାହାଯ୍ୟ ଯୋଗାଇ ଦିଆଯାଉଛି। ଏ କ୍ଷେତ୍ରରେ ସରକାର ଅଧିକ ତତ୍ପରତା ପ୍ରକାଶ କରିବା ଆବଶ୍ୟକ ବୋଲି ମାଝି କହିଥିଲେ। ପ୍ରାରମ୍ଭରେ ସର୍ବଭାରତୀୟ ସମବାୟ ବ୍ୟାଙ୍କ ସଂଗଠନ ସାଧାରଣ ସଂପାଦକ ବିଷ୍ଣୁ ମହାନ୍ତି ଅତିଥି ପରିଚୟ ପ୍ରଦାନ କରି ନିଜ ସଂକ୍ଷିପ୍ତ ବକ୍ତବ୍ୟରେ ବ୍ୟାଙ୍କ ପରିଚାଳନାଗତ ବିଭିନ୍ନ ନୀତି ନିୟମ ସଂପର୍କରେ ଆଲୋକପାତ କରିଥିଲେ। ସମାବେଶର ଦ୍ୱିତୀୟ ପର୍ଯ୍ୟାୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ସମବାୟ ନିମନ୍ତେ ଏକ ସ୍ୱତନ୍ତ୍ର ମନ୍ତ୍ରଣାଳୟ ଖୋଲାଯିବାକୁ ଦାବି କରାଯାଇଥିଲା। ଏଥିସହ ଦ୍ୱିତୀୟ ଟ୍ୟାକ୍ସଫୋର୍ସ ସୁପାରିଶ ଲାଗୁ କରିବା, ସମବାୟ ସଂସ୍ଥାର ଆମୂଳଚୂଳ ଢାଞ୍ଚାରେ ପରିବର୍ତ୍ତନ ଆଣିବା, ରୁଗ୍‌ଣ ବ୍ୟାଙ୍କ ଗୁଡିକର ପୁନରୁଦ୍ଧାର କରିବା ଓ ଧାରା ୮୦(ବି) ଆୟକର ନିୟମକୁ ସମବାୟ ବ୍ୟାଙ୍କ ପରିସରରୁ ଖାରଜ ଆଦି ଦାବି କରାଯାଇଥିଲା। ଏଥିସହ ସମବାୟ ବ୍ୟାଙ୍କ କର୍ମଚାରୀଙ୍କ ନିମନ୍ତେ ପେନସନ ଲାଗୁ କରିବା, ସରକାରଙ୍କ ବଳକା ପାଣ୍ଠି ସମବାୟ ବ୍ୟାଙ୍କରେ ଗଚ୍ଛିତ ରଖିବା ଓ ଏହି ବ୍ୟାଙ୍କକୁ ରାଜ୍ୟ ସରକାରଙ୍କ କର୍ତ୍ତୃତ୍ୱମୁକ୍ତ କରିବା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏଥିରେ ମେଘାଳୟ, ପଶ୍ଚିମବଙ୍ଗ, କେରଳ ତାମିଲନାଡୁ ସମେତ ଜମ୍ମୁକଶ୍ମୀର ଆଦି ରାଜ୍ୟ ପ୍ରତିନିଧି ଯୋଗ ଦେଇଥିଲେ। ସମାବେଶକୁ ବିମଳ ବୋଷ, ଯଶୋବନ୍ତ ଗୁରୁ, ଉମେଶ ବାବୁ, ସୁଧୀର ଦେବ, ଅଜୟ ମହାନ୍ତି, ଅଟଳ ଶତପଥୀ ଓ ପ୍ରବୋଧ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ସର୍ବଭାରତୀୟ ସଭାପତି ଜି ଭୈରପାନ୍ନା ଓ ସାଧାରଣ ସଂପାଦକ ତପନ ବୋଷ ଉପସ୍ଥିତ ଥିଲେ। ଶେଷରେ ପ୍ରଦ୍ୟୁମ୍ନ ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ।

## ଛାତ୍ର କଂଗ୍ରେସ ବୈଠକ

**ରାଉରକେଲା ଅଫିସ,୨୫।୯**

ଛାତ୍ର କଂଗ୍ରେସ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲା କାର୍ଯ୍ୟାଳୟଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ରବି ରାୟଙ୍କ ନିର୍ଦ୍ଦେଶକ୍ରମେ ଛାତ୍ର ନେତା ଶିବୁ ଦୀପ ବୈଠକ ପରିଚାଳନା କରିଥିଲେ। ଅଖିଳ ଭାରତୀୟ ଛାତ୍ର କଂଗ୍ରେସ ସାଧାରଣ ସଂପାଦକ ରୋଶନଲାଲ ବିଟୁ ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ କଲେଜର ଛାତ୍ର ନେତା ଯୋଗଦେଇ ବିଟୁଙ୍କ ସହ ସାଂଗଠନିକ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ। ଏଥିରେ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ସବିର ହୁସେନ, ପିସିସି ସଂପାଦକ ରଶ୍ମିରଂଜନ ପାଢ଼ି, ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଭାତୀ ମିଶ୍ର, ଅଜିତ ସାମଲ, ବରିୟମ ସିଂ, ଆରପି ସିଂ, ପ୍ରବୋଧ ଦାସ, ଶିବୁ ସାହୁ ଓ ରମେଶ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।


ପାନପୋଷ କ୍ରୀଡା ଛାତ୍ରାବାସରେ ଚାଲିଥିବା ହକି ଲିଗ ପ୍ରତିଯୋଗିତାର ୫ମ ଦିନରେ ଖେଳାଳିଙ୍କ ସହ ଅତିଥି କର ମର୍ଦ୍ଦନ କରୁଛନ୍ତି।

# ଆନ୍ତଃ ଏକାଡେମି ହକିର ୫ମ ଦିବସ

**ରାଉରକେଲା ଅଫିସ, ୨୫।୯**

ପାନପୋଷ କ୍ରୀଡା ଛାତ୍ରାବାସ ପରିସରରେ ଥିବା ହକି ପଡିଆରେ ଚାଲିଥିବା ଆନ୍ତଃ ଏକାଡେମି ହକି ଲିଗ ପ୍ରତିଯୋଗିତାର ୫ମ ଦିନରେ ୨ଟି ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଖେଳ ନୂଆଦିଲୀ ଜାତୀୟ ହକି ଏକାଡେମି ଓ ସେଲ ହକି ଏକାଡେମି ମଧ୍ୟରେ ସଂଘର୍ଷପୂର୍ଣ୍ଣ ଖେଳ ଖେଳା ଯାଇଥିଲା। ଏହି ଖେଳ ୨-୨ ଗୋଲରେ ଅମିମାଂସିତ ରହିଛି। ଦ୍ୱିତୀୟ ଖେଳ ଭୋପାଳ ହକି ଏକାଡେମି ଓ ଭାରତୀୟ କ୍ରୀଡା ପ୍ରାଧିକରଣ ପରିଚାଳିତ କ୍ରୀଡା ଛାତ୍ରାବାସ ସୁନ୍ଦରଗଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୋପାଳ ଦଳ ୩-୨ ଗୋଲରେ ସୁନ୍ଦରଗଡକୁ ହରାଇ ବିଜୟୀ ହୋଇଥିଲା।

# ବୋନସ, ପେନ୍‌ସନ ଦାବିରେ ବିକ୍ଷୋଭ

**ରାଉରକେଲା ଅଫିସ,୨୫।୯**

ଆରଏସପିରେ କାର୍ଯ୍ୟରତ ସ୍ଥାୟୀ ଓ ଠିକା ଶ୍ରମିକଙ୍କୁ ୨୦ ପ୍ରତିଶତ ବୋନସ ଦାବି କରିଛି ରାଉରକେଲା ୱର୍କର୍ସ ୟୁନିୟନ। ଏ ନେଇ ମଙ୍ଗଳବାର ବିର୍ଶା ଛକରେ ଆୟୋଜିତ ଗଣ ବିକ୍ଷୋଭରେ ୟୁନିୟନ ନେତା କହିଥିଲେ ଯେ କର୍ତ୍ତୃପକ୍ଷଙ୍କ ଟାଳଟୁଳ ନୀତିକୁ କେବେ ବରଦାସ୍ତ କରାଯିବ ନାହିଁ। କଠୋର ପରିଶ୍ରମ ଓ କାର୍ଯ୍ୟଦକ୍ଷତା ଯୋଗୁ ସେଲ କ୍ରମାଗତ ଲାଭାର୍ଜନ କରି ଚାଲିଥିବା ବେଳେ କର୍ମଚାରୀଙ୍କୁ ହେୟ ମନେ କରିବା ଅତ୍ୟନ୍ତ କ୍ଷୋଭର ବିଷୟ। ଏ ନେଇ ୟୁନିୟନ ନେତା ସତ୍ୟପ୍ରିୟ ମହାନ୍ତି ଓ ଅଜିତ ନାୟକ ସେଲ କର୍ତ୍ତୃପକ୍ଷଙ୍କ ଏଭଳି ମନୋଭାବକୁ କଠୋର ସମାଲୋଚନା କରିଥିଲେ। ଏଥିରେ ଜିଏନ ତ୍ରିପାଠୀ, ଶ୍ରୀନିବାସ ସେଠୀ, ଧୋବେଇ ବେହେରା, ସୁବାସ ଦଣ୍ଡପାଟ, ଗଣେଶ ବେହେରା, ବୀରେନ ନାୟକ, ଆଲୋକ ବେହେରା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଯଥା ଶିଘ୍ର ସେଲ କର୍ମଚାରୀଙ୍କ ମଜୁରି ଚୁକ୍ତିନାମା ସଂପନ୍ନ କରିବାକୁ ଦାବି କରିଥିଲେ। କର୍ମଚାରୀ ପେନସନ ଯୋଜନା ଲାଗୁ କରିବା, ଆଇଜିଏଚର ଉନ୍ନତିକରଣ କରିବା, ଷ୍ଟିଲ ଟାଉନସିପର ରାସ୍ତା ଘାଟର ଉନ୍ନତିକରଣ କରିବା ଦାବି କରାଯାଇଛି। ବିକ୍ଷୋଭରେ ଶଙ୍କର ପାତ୍ର, ସୂର୍ଯ୍ୟ ପଣ୍ଡା, ରମାକାନ୍ତ ଗୋଛାୟତ, ମାର୍କଣ୍ଡ ଦାସ, ଦେବରାଜ ଦାସ, ବାଇଧର ପ୍ରଧାନ ଓ କିଶୋର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।



ଆରଏସପିରେ କାର୍ଯ୍ୟରତ ସ୍ଥାୟୀ ଓ ଠିକା ଶ୍ରମିକଙ୍କୁ ବୋନସ ଦାବି କରି ରାଉରକେଲା ୱର୍କର୍ସ ୟୁନିୟନ ବିକ୍ଷୋଭ ପ୍ରଦର୍ଶନ କରୁଛି।



ମଧୁସୂଦନପାଲ୍ଲୀ ତେଲୁଗୁପଡାରେ ବିସ୍ଫୋରଣ ଜନିତ ପ୍ରଭାବିତ ପରିବାରକୁ ରେଡକ୍ରସ ପକ୍ଷରୁ ସହାୟତା ପ୍ରଦାନ କରାଯାଉଛି ।

■ ମଧୁସୂଦନପାଲ୍ଲୀ ବିସ୍ଫୋରଣ ଘଟଣା

# ପ୍ରଭାବିତ ପରିବାରଙ୍କୁ ରେଡ୍‌କ୍ରସ୍ ପକ୍ଷରୁ ସହାୟତା

**ରାଉରକେଲା ଅଫିସ,୨୫।୯**

ବିଶ୍ୱକର୍ମା ପୂଜା ମଧ୍ୟାହ୍ନରେ ମଧୁସୂଦନପାଲ୍ଲୀ ତେଲୁଗୁପଡାରେ ଘଟିଥିବା ଭୟାବହ ବିସ୍ଫୋରଣ ଜନିତ ପ୍ରଭାବିତ ପରିବାରକୁ ମଙ୍ଗଳବାର ଜିଲା ରେଡକ୍ରସ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ୧୬ଟି ପରିବାରକୁ ୧୦ହଜାର ଟଙ୍କା ଲେଖାଏ ଅନୁଦାନ ମିଳିଥିବା ବେଳେ ୫୪ଟି ପରିବାରକୁ ୫ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ଏଥିସହ ସମସ୍ତଙ୍କୁ ରିଲିଫ ସାମଗ୍ରୀର ଏକ କିଟ୍ ପ୍ରଦାନ କରାଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ମୋନିଷା ବାନାର୍ଜୀଙ୍କ ସମେତ ଯୁବ ରେଡକ୍ରସ ଶାଖା ସଂଯୋଜକ ବିପିନ ଚୌଧୁରୀ, ଲଳିତ ଷଡଙ୍ଗୀ, ଅକ୍ଷୟ ଦାସଙ୍କ ସମେତ ରେଡକ୍ରସ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବିକାଶ ବାରିକ, କିଶୋର ପାଇକରାୟ, ସତ୍ୟସ୍ୱରୂପ ଦାସ, ବିଜୟଲକ୍ଷ୍ମୀ ପରିଡା ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ।

# ମହିଳାଙ୍କୁ ନିର୍ଯାତନା, ମାରପିଟ୍

■ ଥାନାରେ ଅଭିଯୋଗ କଲେ ପୀଡ଼ିତା

**ରାଉରକେଲା ଅଫିସ,୨୫।୯**

ଟାଙ୍ଗରପାଲ୍ଲୀ ଥାନା ଅନ୍ତର୍ଗତ ଲୋକନାଥ ମାର୍କେଟ ଅଞ୍ଚଳର ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଓ ପରିବାର ଲୋକେ ମାରପିଟ ସହ ନିର୍ଯାତନା ଦେବା ନେଇ ଅଭିଯୋଗ ହୋଇଛି। ପୋଲିସ ଏ ନେଇ ଦଫା ୪୯୮(ଏ)/୩୪ ଆଇପିସିରେ ଏକ ମାମଲା (ନଂ ୧୦୯/୨୦୧୮) ରୁଜୁ କରି ଘଟଣାର ତଦନ୍ତ କରୁଛି।

୨୦୧୩ ଜୁଲାଇ ୧୩ରେ ଜଗତସିଂହପୁରର ସବିତା ମହାନ୍ତି (୨୬) ନାମ୍ନୀ ଏହି ଯୁବତୀ ଜଣକ ଟାଙ୍ଗରପାଲ୍ଲୀ ଥାନା ଅନ୍ତର୍ଗତ ଲୋକନାଥ ମାର୍କେଟ ବାସିନ୍ଦା ସ୍ୱର୍ଗତ ପ୍ରକାଶ ମହାନ୍ତିଙ୍କ ବଡ ପୁଅ ସ୍ମୃତିକାନ୍ତ ମହାନ୍ତିଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ସେତେବେଳେ ବରପକ୍ଷଙ୍କ ଦାବି ମୁତାବକ ଯୌତୁକ ସାମଗ୍ରୀ ସହ ନଗଦ ୫୦ ହଜାର ପ୍ରଦାନ କରାଯାଇଥିଲା। ତେବେ ବିବାହର ମାତ୍ର ୬ ମାସ ପରେ ଜଣା ପଡିଥିଲା ଯେ ସ୍ମୃତିକାନ୍ତ ଜଣେ ବେକାର ଯୁବକ। ଶାଶୁ ନିଜ ପୁଅଙ୍କ ଦୋଷ ବା ତ୍ରୁଟି ସୁଧାରିବା ପରିବର୍ତ୍ତେ ପ୍ରତି କଥାରେ ବୋହୂ ଉପରେ ଦାଉ ସାଧନ୍ତି। ସମୟ କ୍ରମେ ମା ପୁଅଙ୍କ ଗଞ୍ଜଣା ବୃଦ୍ଧି ପାଇବା ସହ ନିର୍ଯାତନା ମଧ୍ୟ ବଢିଲା। ଉଭୟ ମା ପୁଅ ଚୁଟି ଘୋଷାଡି ଅତି ନିର୍ଦ୍ଦୟ ଭାବେ ମାଡ ମାରୁଥିଲେ। ସେ ଆଣିଥିବା ସମସ୍ତ ସୁନା ଅଳଙ୍କାର ବିକି ମା ପୁଅ ଖର୍ଚ୍ଚ କରି ସାରିବା ପରେ ତାଙ୍କୁ ବାରମ୍ବାର ବାପ ଘରକୁ ଯାଇ ଆଉ କିଛି ଟଙ୍କା ଆଣିବାକୁ ଚାପ ପକାଉଥିଲେ। ସେ ଏଥିରେ ଅରାଜି ହେବାରୁ ଅମାନୁଷିକ ଭାବେ ମାଡ ଦିଆଯାଉଥିଲା। ତେବେ ଯନ୍ତ୍ରଣା ଅସହ୍ୟ ହେବାରୁ ବାପାଙ୍କୁ ଫୋନ୍ କରି ରାଉରକେଲା ଆସି ସ୍ୱାମୀଙ୍କୁ ବୁଝାଇବାକୁ ନିବେଦନ କରିଥିଲେ। ସବିତାଙ୍କ ବାପା ଆସିଥିଲେ ବି ନିର୍ଦ୍ଦୟ ସ୍ମୃତିକାନ୍ତ ତାଙ୍କୁ ମାଡ ମାରି ରାଉରକେଲାରୁ ତଡି ଦେଇଥିଲେ। ପରବର୍ତ୍ତୀ ସମୟରେ ସବିତା ଦୁଇଟି ସନ୍ତାନର ଜନନୀ ହୋଇଥିଲେ। ହେଲେ ଅପମାନିତ ହୋଇଥିବା ସବିତାଙ୍କ ବାପା ଆଉ କେବେ ରାଉରକେଲା ଆସି ନ ଥିଲେ। ଏପରି ଅବସ୍ଥାରେ ସ୍ୱାମୀ, ନଣନ୍ଦ, ଦିଅର ଓ ଶାଶୁଙ୍କ ନିର୍ଯାତନା ବଢି ଯାଇଥିଲା। ସ୍ୱାମୀଙ୍କ ଉପରେ ଭରସା ତୁଟାଇ ପିଲା ଦୁଇ ଜଣଙ୍କୁ ମଣିଷ କରିବା ଉଦ୍ଦେଶ୍ୟରେ ସବିତା ଭୁବନେଶ୍ୱର ଯାଇଥିଲେ। ସେଠି ପର ଘରେ ବାସନ ମାଜି ଗୁଜୁରାଣ ମେଣ୍ଟାଇବାକୁ ଚେଷ୍ଟା କରିଥିଲେ। ହେଲେ ସ୍ୱାମୀ ସ୍ମୃତିକାନ୍ତ ଭୁବନେଶ୍ୱର ଯାଇ ଜବରଦସ୍ତ ତାଙ୍କୁ ରାଉରକେଲା ଫେରାଇ ନେଇ ଆସିଥିଲେ। ଏଠି ଶାଶୁ, ନଣନ୍ଦ ଓ ଦିଅର ମିଶି ତାଙ୍କୁ ଅକଥନୀୟ ନିର୍ଯାତନା ଦେବା ଆରମ୍ଭ କରିଦେଲେ। ଏପରିକି ଦିଅର ଜବରଦସ୍ତ ଦୈହିକ ସଂପର୍କ ସ୍ଥାପନ କରିବାକୁ ଚାହିଁବାରୁ ସେ ପ୍ରତିବାଦ କରିଥିଲେ। ଏହାର ପରିଣତି ସ୍ୱରୂପ ତାଙ୍କୁ ଗୋଡହାତ ବାନ୍ଧି ସପରିବାର ମାଡ ମାରିଲେ। ଏବେ ସେ ଜଣେ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଛନ୍ତି ବୋଲି ସବିତା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ସବିତା।

## ଫଟୋରେ ଖବର


ରାଉରକେଲାରେ ମଙ୍ଗଳବାର ୨ୟ ଦିନରେ ମଧ୍ୟ ଅଗ୍ନିଶମ କର୍ମଚାରୀ ବିଭିନ୍ନ ଦାବିରେ କାର୍ଯ୍ୟ ବନ୍ଦ କରି ଧାରଣା ଦେଇଛନ୍ତି।


ଆରଏସ୍‌ପିରେ ନକଲି ବିସ୍ଥାପିତଙ୍କ ଚାକିରି ନେଇ ଅଭିଯୋଗ ପରେ ଏଡିଏମ୍‌ଙ୍କ ଅଫିସରେ ୨ୟ ଦିନରେ କାଗଜପତ୍ର ଯାଞ୍ଚ ଚାଲିଛି।

